# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୨/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, April 12/2024 | Page 14 | ₹ 7.00

୫୦ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 138 | ମୂଲ୍ୟ₹୭/-




**ସ୍ପେନରେ ତାଲିମ ନେବେ ଯ୍ୟାରାଜୀ**

ଅଲିମ୍ପିକ୍ସ ପାଇଁ ଭାରତୀୟ ସ୍ପ୍ରିଣ୍ଟର ଜ୍ୟୋତି ଯ୍ୟାରାଜୀ ୪୫ ଦିନ ଧରି ସ୍ପେନରେ ତାଲିମ ନେବେ।

୧୨ ୦୨

**ସଲମାନଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ସିକନ୍ଦର'**

ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ତାଙ୍କର ନୂଆ ଚଳଚ୍ଚିତ୍ର 'ସିକନ୍ଦର' ଆସନ୍ତାବର୍ଷ ଇଦ୍ ଉପଲକ୍ଷେ ରିଲିଜ୍ ହେବ ବୋଲି ଘୋଷଣା କରିଛନ୍ତି।





ଇଦ୍-ଉଲ୍-ଫିତର୍ ଅବସରରେ ଗୁରୁବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ମସ୍ଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ୨ ପିଲା ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି। **(ଫଟୋ- ବିକାଶ ନାୟକ)**

# ନାଭାଲ୍‌ନି ଦଶା

**ନୂଆଦିଲ୍ଲୀ,୧୧।୪**

ଗତ ଫେବୃଆରୀ ୧୬ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ତଥା ବିରୋଧୀ ନେତା ଆଲେକ୍ସି ନାଭାଲ୍‌ନିଙ୍କର ଆର୍କଟିକ୍ ଜେଲରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହାର ଠିକ୍ ମାସକ ପରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ପୁଟିନ୍ ପଞ୍ଚମ ଥର ଅନାୟାସରେ ବିଜୟୀ ହୋଇଥିଲେ। ଏହି ନିର୍ବାଚନରେ ନାଭାଲ୍‌ନି ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହୋଇପାରନ୍ତି ବୋଲି ପୁଟିନ୍ ସନ୍ଦେହକରି 'ମୂଳୁ ମାଇଲେ ଯିବ ସରି' ନ୍ୟାୟରେ ତାଙ୍କୁ ଜେଲ ଭିତରେ ବିଷଦେଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଭାରତରେ ଶାସକ ଭାଜପା ବିରୋଧରେ ବିମୁଦ୍ରୀକରଣ ଓ ଇଲେକ୍ଟୋରାଲ ବଣ୍ଡ ଦୁର୍ନୀତି ଅଭିଯୋଗ ଆଣୁଥିବା ବିରୋଧୀ ଦଳଗୁଡ଼ିକର ନେତାମାନଙ୍କ ସ୍ୱର ଚପାଇଦେବା ପାଇଁ ସେମାନଙ୍କ ବିପକ୍ଷରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଲୋକ ସଭା ନିର୍ବାଚନ ପୂର୍ବରୁ ହଠାତ୍ ତତ୍ପର ହୋଇ ଉଠିଛନ୍ତି। ଏହାକୁ ବିରୋଧୀ ନେତାମାନେ ନାଭାଲ୍‌ନିଙ୍କ ପ୍ରତି ପୁଟିନ୍‌ଙ୍କ ବର୍ବରତା ସହ ତୁଳନା କରିଛନ୍ତି। କିଛି ମାସ ହେଲା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର (ଆଇଟି) ବିଭାଗ ଅଣଭାଜପା ଶାସିତ



ଅରବିନ୍ଦ କେଜ୍‌ରିୱାଲ



ହେମନ୍ତ ସୋରେନ୍

ରାଜ୍ୟଗୁଡ଼ିକରେ କ୍ଷମତାସୀନ ଦଳର ବଡ଼ ନେତାମାନଙ୍କୁ ଯେପରି ଟାର୍ଗେଟ କରୁଛନ୍ତି, ତାକୁ ଦେଖିଲେ ଏଭଳି ତୁଳନାକୁ ଅମୂଳକ ମନେକରାଯାଇ ନ ପାରେ।

ବର୍ତ୍ତମାନ ଭାରତରେ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଥିବାବେଳେ ମାର୍ଚ୍ଚ ୨୮ରେ ଉତ୍ତର ପ୍ରଦେଶର ମଉ ନିର୍ବାଚନମଣ୍ଡଳୀରୁ ୫ ଥର ବିଧାୟକ ହୋଇଥିବା ମୁଖ୍‌ତାର ଅନ୍‌ସାରୀ ଜେଲରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବାଞ୍ଚଳ ସମେତ ୟୁପିର ଅନେକ ଆସନରେ ବାହୁବଳୀ ନେତା ମୁଖ୍‌ତାରଙ୍କ ରାଜନୈତିକ ପତିଆରା ରହିଥିଲା। ଏପରି କି ଜେଲରେ ଥାଇ ମଧ୍ୟ ଲୋକ ସଭା ନିର୍ବାଚନରେ ଭାଜପାର ୮୦ ଆସନ ଦଖଲ ଉଦ୍ୟମକୁ ଭଣ୍ଡୁର କରିବା ପାଇଁ ସେ ସକ୍ଷମ ଥିଲେ। ତେଣୁ ତାଙ୍କୁ ଜେଲରେ ସ୍ଲୋ ପଏଜନ ଦେଇ ହତ୍ୟା କରାଯାଇଥିବା ମୁଖ୍‌ତାରଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ମୁଖ୍‌ତାରଙ୍କ ପରିବାରକୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମରେ ମୁଖ୍‌ତାରଙ୍କ ଜେଜେ ଉମର ଅନ୍‌ସାରୀଙ୍କ ବଡ଼ ଭୂମିକା ରହିଥିଲା। ଗରିବଙ୍କ ଉନ୍ନତିରେ ଅନ୍‌ସାରୀ ପରିବାରର ଅବଦାନ ଉଲ୍ଲେଖନୀୟ। କିନ୍ତୁ ଯାହା ଘଟିଗଲା ତାକୁ ନେଇ ସମସ୍ତେ ଚକିତ। ଜେଲରେ ତାଙ୍କୁ ବିଷ ଦେଇ ହତ୍ୟା କରାଯାଇପାରେ ବୋଲି ମୁଖ୍‌ତାର ଜୀବିତାବସ୍ଥାରେ ସନ୍ଦେହ ବ୍ୟକ୍ତ କରିଥିଲେ। ରୁଷୀୟ ଜେଲରେ ବିରୋଧୀ ନେତା ନାଭାଲ୍‌ନିଙ୍କୁ ଯେପରି ବିଷ ଦେଇ ହତ୍ୟା କରାଯାଇଥିଲା, ମୁଖ୍‌ତାରଙ୍କୁ ସେଭଳି ମାରି ଦିଆଯାଇଥାଇପାରେ। ଏହାକୁ ସ୍ୱାଭାବିକ ମୃତ୍ୟୁ ଭଳି ଗ୍ରହଣ କରି ହେଉନାହିଁ ବୋଲି ଅଖିଳେଶ କହିବା ସହ ବର୍ତ୍ତମାନ ଦେଶରେ ବିରୋଧୀ ନେତାମାନେ 'ନାଭାଲ୍‌ନି ଦଶା' ଭୋଗୁଥିବା ପ୍ରକାଶ କରିଛନ୍ତି।

ଇଡି ପ୍ରଥମେ ୨୦୨୨ ମେ'ରେ ଦିଲ୍ଲୀର ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ଏହା ପରେ ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ଦୁର୍ନୀତି ମାମଲାରେ ୨୦୨୩ ଫେବୃଆରୀରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ ☞ପୃଷ୍ଠା-୪







## ସ୍କୁଲ ବସ୍ ଓଲଟି ୬ ଛାତ୍ରୀଛାତ୍ର ମୃତ

**ଚଣ୍ଡିଗଡ଼,୧୧।୪**

**ପ୍ରିନ୍ସିପାଲଙ୍କ ସମେତ ୩ ଗିରଫ**

ହରିୟାଣାର ମହେନ୍ଦ୍ରଗଡ଼ ଅଞ୍ଚଳରେ ଗୁରୁବାର ଏକ ସ୍କୁଲବସ୍ ଓଲଟିପଡ଼ିବାରୁ ୬ ଛାତ୍ରୀଛାତ୍ର ପ୍ରାଣ ହରାଇବା ସହ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଜିଏଲ୍ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ଦୀପ୍ତି, ସମ୍ପାଦକ ହୋଶିୟାର ସିଂ ଏବଂ ସମ୍ପୃକ୍ତ ଡ୍ରାଇଭର ଧର୍ମେନ୍ଦ୍ରଙ୍କୁ ଗିରଫ କରାଯାଇଛି। ଡ୍ରାଇଭର ବେପରୁଆ ଭାବେ ଅତି ଦ୍ରୁତ ବେଗରେ ଚଳାଉଥିବାରୁ ନିୟନ୍ତ୍ରଣ କରିପାରି ନ ଥିଲେ। ଫଳରେ ଏହା ଏକ ଗଛରେ ଧକ୍କା ହୋଇ ଓଲଟି ପଡ଼ିଥିଲା ବୋଲି ପୋଲିସ କହିଛି। ବସ୍ ଗଛରେ ଧକ୍କା ହେବା ପୂର୍ବରୁ ଡ୍ରାଇଭର ଡେଇଁପଡ଼ିଥିଲେ। ସେ ମଦ ନିଶାରେ ଥିଲେ ବୋଲି ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଛି। ବସ୍‌ର ଫିଟ୍‌ନେସ୍ ସାର୍ଟିଫିକେଟର ସମୟସୀମା ୬ ବର୍ଷ ପୂର୍ବରୁ ଶେଷ ହୋଇଥିଲା। ଏଥିପାଇଁ ରାଜ୍ୟ ସଡ଼କ ପରିବହନ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଉଦ୍ଦେଶ୍ୟବିହୀନ ହତ୍ୟା ଓ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ ହୋଇଥିବା ଡିଏସ୍‌ପି ମହେନ୍ଦ୍ର ରାଣା କହିଛନ୍ତି। ୩୦ ଜଣ ସ୍କୁଲ ପିଲାଙ୍କୁ ନେଇ ବସ୍‌ଟି ଯାଉଥିବାବେଳେ କନିନାର ଉନ୍‌ହାନି ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁବାର ଇଦ୍ ପର୍ବ ପାଇଁ ଛୁଟି ଥିବାବେଳେ ସ୍କୁଲ୍‌ବସ୍ କ'ଣ ପାଇଁ ପିଲାମାନଙ୍କୁ ନେଇ ଯାଉଥିଲା ବୋଲି ପ୍ରଶ୍ନ ଉଠିଛି। ଛୁଟିଦିନରେ ସ୍କୁଲ କାହିଁକି ଖୋଲା ଥିଲା, ତାହାର ଉତ୍ତର ଜିଲା ଓ ସ୍କୁଲ କର୍ତ୍ତୃପକ୍ଷ ଦେବେ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ କହିଛନ୍ତି। ଆହତ ଛାତ୍ରମାନଙ୍କ କହିବା ଅନୁଯାୟୀ ଡ୍ରାଇଭର ଖୁବ୍ ଜୋର୍‌ରେ ଚଳାଉଥିବାରୁ ବସ୍‌କୁ ନିୟନ୍ତ୍ରଣ କରିପାରିଲେ ନାହିଁ। ଏପରିକି ଡ୍ରାଇଭରଙ୍କର ଏଭଳି ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣାର କିଛି ସମୟ ପୂର୍ବରୁ ତାଙ୍କୁ କେତେଜଣ ଗ୍ରାମବାସୀ ଅଟକାଇ ତାଗିଦ କରିଥିଲେ ବୋଲି ୨ ଆହତ ଛାତ୍ରଙ୍କ ଜେଜେ ହନୁମାନ ସିଂ କହିଛନ୍ତି। ଦୁର୍ଘଟଣା ପାଇଁ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ସମାନ ଭାବେ ଦାୟୀ। ବସ୍ ଡ୍ରାଇଭର ମଦ ପିଉଥିବା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ୪ର୍ଥ ପର୍ଯ୍ୟାୟ ବିଜେଡି ଦେଲା ୯ ପ୍ରାର୍ଥୀ

### ପ୍ରସନ୍ନ ସମ୍ବଲପୁର ବିଧାନସଭା, ଲେଖାଶ୍ରୀ ବାଲେଶ୍ୱର ଲୋକ ସଭା



ପ୍ରସନ୍ନ ଆଚାର୍ଯ୍ୟ

| ଆସନ | ପ୍ରାର୍ଥୀ |
|---|---|
| ଭୁବନେଶ୍ୱର ମଧ୍ୟ | ଅନନ୍ତ ନାରାୟଣ ଜେନା |
| ବାଲିଗୁଡ଼ା | ଚକ୍ରପାଣି କହଁର |
| ଲକ୍ଷ୍ମୀପୁର | ପ୍ରଭୁ ଜାନି |
| ପାରାଦୀପ | ଗୀତାଞ୍ଜଳି ରାଉତରାୟ |
| ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ |
| ରେଢ଼ାଖୋଲ | ରୋହିତ ପୂଜାରୀ |
| ତେଲକୋଇ | ମାଧବ ସର୍ଦ୍ଦାର |
| ତାଳଚେର | ବ୍ରଜ କିଶୋର ପ୍ରଧାନ |
| ନର୍ଲା | ମନୋରମା ମହାନ୍ତି |



ଲେଖାଶ୍ରୀ ସାମନ୍ତସିଂହାର

**ଭୁବନେଶ୍ୱର,୧୧।୪(ଅନିଲ ଦାସ)**

ବିଜେଡି ଚତୁର୍ଥ ପର୍ଯ୍ୟାୟରେ ୯ଟି ବିଧାନସଭା ଆସନ ଏବଂ ବାଲେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ ବାର୍ତ୍ତାରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ୫ଜଣ ବିଧାୟକଙ୍କୁ ପୁଣିଥରେ ବିଜେଡି ଟିକେଟ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ୩ଜଣ ବିଧାୟକଙ୍କୁ ନିରାଶ ହେବାକୁ ପଡିଛି। ସେହିପରି ଦଳ ୨ଜଣ ନବାଗତ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଲକ୍ଷ୍ମୀପୁର ବିଧାନସଭା ଆସନରୁ ବର୍ତ୍ତମାନର ବିଧାୟକ ପ୍ରଭୁ ଜାନିଙ୍କୁ ପୁଣି ଥରେ ଟିକେଟ ମିଳିଥିବା ବେଳେ ପାରାଦୀପରୁ ଗୀତାଞ୍ଜଳି ରାଉତରାୟ, ସମ୍ବଲପୁରରୁ ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲରୁ ରୋହିତ ପୂଜାରୀ, ତେଲକୋଇରୁ ମାଧବ ସର୍ଦ୍ଦାର, ତାଳଚେରରୁ ବ୍ରଜ କିଶୋର ପ୍ରଧାନ, ନର୍ଲାରୁ ମନୋରମା ମହାନ୍ତି, ବାଲିଗୁଡ଼ାରୁ ଚକ୍ରମଣି କହଁର ଏବଂ ଭୁବନେଶ୍ୱର(ମଧ୍ୟ) ବିଧାନସଭା ଆସନରୁ ଅନନ୍ତ ନାରାୟଣ ଜେନାଙ୍କୁ ଟିକେଟ ଦିଆଯାଇଛି। ସେହିପରି ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଜେଡି ବାଲେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସେ ଦୀର୍ଘ ବର୍ଷ ଭାଜପାରେ କାର୍ଯ୍ୟ କରିବା ପରେ ଦଳ ତାଙ୍କୁ ପ୍ରାର୍ଥୀ ନ କରିବାକୁ ନିକଟରେ ଲେଖାଶ୍ରୀ ବିଜେଡିରେ ସାମିଲ ହୋଇଥିଲେ। ସେ ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ମୁକାବିଲା କରିବେ।

ଯେଉଁ ୫ ଜଣ ବିଧାୟକ ପୁଣିଥରେ ଟିକେଟ ପାଇବାରେ ସଫଳ ହୋଇଛନ୍ତି ସେମାନେ ହେଲେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ତାଳଚେରର ବ୍ରଜକିଶୋର ପ୍ରଧାନ, ବାଲିଗୁଡ଼ାର ଚକ୍ରମଣି କହଁର, ଲକ୍ଷ୍ମୀପୁରର ପ୍ରଭୁ ଜାନି ଏବଂ ଭୁବନେଶ୍ୱର(ମଧ୍ୟ)ର ଅନନ୍ତ ନାରାୟଣ ଜେନା। ଯେଉଁ ବିଧାୟକ ଟିକେଟ ପାଇନାହାନ୍ତି ସେମାନେ ହେଲେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ। ୨୦୧୪ ସାଧାରଣ ନିର୍ବାଚନବେଳେ ତତ୍କାଳୀନ କଂଗ୍ରେସ ବିଧାୟକ ତଥା ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ଅପ୍ରତ୍ୟାଶିତ ଭାବେ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ତାଙ୍କୁ ୨୦୧୪ ଏବଂ ୨୦୧୯ରେ ୨ଥର ଟିକେଟ ଦେବା ପରେ ଚଳିତ ଥର ସମ୍ପୂର୍ଣ୍ଣ ଅଲୋଡ଼ା କରିଦେଇଛି। ନର୍ଲାରେ ଭୂପିନ୍ଦରଙ୍କ ବଦଳରେ ଦଳ ଏଥର ନବାଗତା ମନୋରମା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ପାରାଦୀପ ବିଧାୟକ ସମ୍ବିତଙ୍କ ପତ୍ନୀ ନବାଗତା ଗୀତାଞ୍ଜଳି ରାଉତରାୟଙ୍କୁ ଦଳ ପାରାଦୀପରୁ ପ୍ରାର୍ଥୀ କରିଛି। ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକ ପୂର୍ବରୁ ଦଳରୁ ଇସ୍ତଫା ଦେଇ ସାରିଥିବାବେଳେ ସେଠାରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କୁ ଟିକେଟ ଦେଇଛି। ସମ୍ବଲପୁର ଆସନରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପରେ ବିଜେଡି ଭରସା କରିଛି। ପ୍ରସନ୍ନଙ୍କୁ ଟିକେଟ ମିଳିବା ପରେ ଟିକେଟ ଆଶାୟୀ ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ଏବଂ ସଞ୍ଜୟ ବାବୁ ନିରାଶ ହୋଇଛନ୍ତି। ୨୦୧୪ରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୃଜନାତ୍ମକ ବିନାଶ**

## ଟ୍ରକ ମାଡ଼ିଗଲା: ୩ ଶ୍ରମିକ ମୃତ

**ସୋହେଲା,୧୧।୪(ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟି ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଚାପାରେ ୩ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବରଗଡ଼ ଜିଲା ସୋହେଲାର ବିକାଶ ଷଣ୍ଢ(୩୫), ବନ୍ଦଲା ଗ୍ରାମର ପାର୍ଥିବ ସାହୁ(୩୦) ଏବଂ କଟକ ଜିଲା ନିଆଳି ଥାନା ଅମରପଡାର ସୁବ୍ରତ ମଲ୍ଲିକ(୩୫)। ସେମାନେ ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନର କର୍ମଚାରୀ ଥିଲେ। ଏହି ସଂସ୍ଥାର ହେଲ୍ପଲାଇନ ଗାଡିରେ ରାସ୍ତା କାମ ପାଇଁ ଆସି ନିୟୋଜିତ ଥିବାବେଳେ ଏକ ଟ୍ରକ ସେମାନଙ୍କ ଉପରେ ମାଡି ଯାଇଥିଲା। ଦୁର୍ଘଟଣା ପରେ ଟ୍ରକକୁ ନେଇ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ସୋହେଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତକ ବିକାଶ ଷଣ୍ଢ ଜଣେ ଫୁଟବଲ ଖେଳାଳି ଥିଲେ। ତାଙ୍କ ବିୟୋଗରେ ସୋହେଲା ଆଥ୍‌ଲେଟିକ ଆସୋସିଏଶନ ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ଆର୍‌ଟିଆଇରେ ବଣ୍ଡ ତଥ୍ୟ ଦେଲାନି ଏସ୍‌ବିଆଇ

**ନୂଆଦିଲ୍ଲୀ,୧୧।୪(ପି.ଟି.)**

ସୂଚନା ଅଧିକାର(ଆର୍‌ଟିଆଇ) ବଳରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ନିର୍ବାଚନ କମିଶନ (ଇସି)ଙ୍କୁ ଦେବା ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ମନା କରିଦେଇଛି। ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ପାଇଁ ପ୍ରକାଶ ପାଇଥିବାବେଳେ ଦାୟିତ୍ୱସମ୍ପନ୍ନ ସଂସ୍ଥାର କ୍ଷମତା ବଳରେ ବ୍ୟକ୍ତିଗତ ତଥ୍ୟଗୁଡ଼ିକୁ ସ୍ଥଗିତ ରଖାଯାଇଥିବା ଏସ୍‌ବିଆଇ କହିଛି। ସୂଚନାଯୋଗ୍ୟ, ଇଲେକ୍ଟୋରାଲ ବଣ୍ଡ ଅସାମ୍ବିଧାନିକ ଏବଂ ସ୍ପଷ୍ଟ ଭାବେ ମନମାନି ବୋଲି ଦର୍ଶାଇ ଗତ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିଦେଇଥିଲେ। ଏଥିସହିତ ୨୦୧୯ ଏପ୍ରିଲ ୧୨ରୁ କିଣାଯାଇଥିବା ବଣ୍ଡର ସବିଶେଷ ତଥ୍ୟ ଇସିଙ୍କୁ ପ୍ରଦାନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୧୩ରେ ଇସି ଉକ୍ତ ତଥ୍ୟକୁ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ଏସ୍‌ବିଆଇ ଇଲେକ୍ଟୋରାଲ ବଣ୍ଡ ତଥ୍ୟ ପ୍ରଦାନ କରିଥିଲା। ତେବେ ଆର୍‌ଟିଆଇ ଆଇନର ଦୁଇଟି ଧାରା ଅଧୀନରେ ଆସୁଥିବା ବ୍ୟକ୍ତିଗତ ତଥ୍ୟ ଦେବାକୁ ଏସ୍‌ବିଆଇ ମନା କରିଦେଇଛି। ଧାରା ୮(୧)(ଇ) ଅନୁଯାୟୀ ☞ପୃଷ୍ଠା-୪





## ଅରବିନ୍ଦ, ପ୍ରେମାନନ୍ଦଙ୍କ ସଦସ୍ୟତା ରଦ୍ଦ

**ଭୁବନେଶ୍ୱର,୧୧।୪(ସୁନିତ୍ ମିଶ୍ର)**

ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ନିଷ୍ପତ୍ତିକ୍ରମେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଏବଂ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ସଭ୍ୟପଦ ରଦ୍ଦ ହୋଇଛି। ଏହି ୨ ବିଧାୟକ କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ଉଭୟେ ବିଜେଡି ଟିକେଟରେ ବିଧାୟକ ହୋଇଥିଲେ। ତେଣୁ ଦଳ ବଦଳ କରିଥିବା ଯୋଗୁ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବା ଲାଗି ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନପତ୍ରକୁ ଗ୍ରହଣ କରି ବାଚସ୍ପତି ଉଭୟ ଅରବିନ୍ଦ ଏବଂ ପ୍ରେମାନନ୍ଦଙ୍କଠାରୁ ଉତ୍ତର ପାଇଁ ବୁଧବାର ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସମୟ ଦେଇଥିଲେ। ହେଲେ ଉଭୟ ନେତା ସମୟ ମଧ୍ୟରେ ଆସି ନିଜର ମତାମତ ରଖି ନ ଥିଲେ। ଢାଲି ବିଳମ୍ବରେ ଅର୍ଥାତ୍ ପ୍ରାୟ ଦିନ ୨ଟା ସମୟରେ ଆସି ପହଞ୍ଚିବା ବେଳକୁ ବାଚସ୍ପତି ଚାଲିଯାଇଥିଲେ। ଏହାପରେ ଉଭୟଙ୍କ ସଭ୍ୟ ପଦ ରଦ୍ଦ କରାଯାଇଥିଲା। ଅନ୍ୟପଟେ ନୀଳଗିରି ଭାଜପା ବିଧାୟକ ସୁକାନ୍ତ ନାଏକ, ଖଡ଼ିଆଳ କଂଗ୍ରେସ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦଳ ବଦଳ ☞ପୃଷ୍ଠା-୪



ଅରବିନ୍ଦ ଢାଲି



ପ୍ରେମାନନ୍ଦ ନାୟକ

**ଇସ୍ରାଏଲ ଯିବେ ୬ ହଜାର ଭାରତୀୟ ନିର୍ମାଣ ଶ୍ରମିକ**

ଜେରୁଜେଲମ, ୧୧।୪: ହମାସ ସହ ଚାଲିଥିବା ଯୁଦ୍ଧ ଯୋଗୁ ଇସ୍ରାଏଲରେ ନିର୍ମାଣ ଶ୍ରମିକଙ୍କ ଅଭାବ ଦେଖାଦେଇଛି। ଏହାକୁ ପୂରଣ କରିବାକୁ ୬ ହଜାରରୁ ଅଧିକ ଭାରତୀୟ ନିର୍ମାଣ ଶ୍ରମିକ ଏପ୍ରିଲରୁ ମେ ମାସ ମଧ୍ୟରେ ଇସ୍ରାଏଲ ପହଞ୍ଚିବେ। ଏନେଇ ଇସ୍ରାଏଲ ସରକାରଙ୍କ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

# ସୋସିଆଲ ମିଡିଆର ଦୁରୁପଯୋଗ ଚିନ୍ତାଜନକ

ନୂଆଦିଲ୍ଲୀ,୧୧।୪(ପି.ଟି.)

ବିଚାରାଧୀନ ମାମଲା ଉପରେ ବିଭିନ୍ନ ବାର୍ତ୍ତା, ମନ୍ତବ୍ୟ ଓ ନିବନ୍ଧ ପୋଷ୍ଟିଂ ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ବ୍ୟାପକ ଦୁରୁପଯୋଗ ଗମ୍ଭୀର ଚିନ୍ତାଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାୟ ସଂରକ୍ଷିତ ଥିବା ଏକ ମାମଲା ସମ୍ପର୍କରେ ଆସାମ ବିଧାୟକ କରିମ ଉଦ୍ଦିନ ବାରଭୁୟାଁ ଫେସ୍‌ବୁକ୍‌ରେ ବିଭ୍ରାନ୍ତିକର ପୋଷ୍ଟିଂ କରିଥିବାରୁ ତାଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ନେବା ଅବସରରେ ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ତ୍ରିବେଦୀଙ୍କ ଖଣ୍ଡପୀଠ ଏଭଳି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେକୌଣସି ଦୋଷାରୋପ ବା ସମାଲୋଚନାକୁ ସହ୍ୟ କରିବା ପାଇଁ ଯଦିଓ ଆମର କାନ୍ଧ ପ୍ରଶସ୍ତ, ତେବେ ମତବ୍ୟକ୍ତ କରିବାର ସ୍ୱାଧୀନତା ଅଧିକାର ଆଳରେ କୋର୍ଟରେ ବିଚାରାଧୀନ ମାମଲା ଉପରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ମନ୍ତବ୍ୟ ଦେବା ବା ପୋଷ୍ଟ କରିବା, କୋର୍ଟ କର୍ତ୍ତୃତ୍ୱକୁ ଅଣଦେଖା କରିବା ବା ବିଚାର ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଏକ ଧାରାରେ ପରିଣତ ହୋଇଗଲାଣି। ଏହା ଗମ୍ଭୀର ବିଚାରବିମର୍ଶର ବିଷୟ ବୋଲି ଖଣ୍ଡପୀଠ କହିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ଆଇନଜୀବୀମାନେ ଯୁକ୍ତି ଉପସ୍ଥାପନ କଲା ବେଳେ ବିଚାରପତି ପକ୍ଷଙ୍କ ସପକ୍ଷରେ ବା ବିପକ୍ଷରେ ପ୍ରତିକ୍ରିୟା ପ୍ରକାଶ କରିବା ସାଧାରଣ ଘଟଣା। ତେବେ ଏହା ଉପରେ ସୋସିଆଲ ମିଡିଆରେ ପୋଷ୍ଟ କରି ବା ମନ୍ତବ୍ୟ ଦେଇ ତଥ୍ୟକୁ ବିକୃତ କରିବା କିମ୍ବା ବିଚାର ପ୍ରକ୍ରିୟାର ଠିକ୍ ତଥ୍ୟକୁ ପ୍ରକାଶ ନ କରିବା ଅଧିକାର କୌଣସି ପକ୍ଷ କିମ୍ବା ସେମାନଙ୍କ ଓକିଲଙ୍କୁ ଦିଆଯାଇ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।



## ସଂକ୍ଷେପରେ

### ଭିଏତ୍‌ନାମ ବ୍ୟବସାୟୀଙ୍କୁ ମୃତ୍ୟୁଦଣ୍ଡ



ଟ୍ରୁଓଙ୍ଗ ମାଇ ଲାନ୍

ହାନୋଇ,୧୧।୪

ଭିଏତ୍‌ନାମର ବିଶିଷ୍ଟ ଧନୀ ବ୍ୟବସାୟୀ ଟ୍ରୁଓଙ୍ଗ ମାଇ ଲାନ୍‌ଙ୍କୁ ବହୁ ବିଲିୟନ ଡଲାର ଜାଲିଆତି ମାମଲାରେ ଗୁରୁବାର ମୃତ୍ୟୁ ଦଣ୍ଡାଦେଶ ମିଳିଛି। ବୃହତ୍ ରେଜେଲେପର ସଂସ୍ଥା ଭାନ୍‌ଥିନ୍‌ଫାଟ୍‌ର ସେ ଅଧକ୍ଷ ଅଛନ୍ତି। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜାଲିଆତି କରି ସେ ସାଇଗନ୍ କମର୍ସିଆଲ ବ୍ୟାଙ୍କରୁ ବିପୁଳ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ୧୨.୫ ବିଲିୟନ ଡଲାରର ଏହି ଜାଲିଆତି ମାମଲାରେ ଟ୍ରୁଓଙ୍ଗଙ୍କ ସମେତ ଅନ୍ୟ ୮୪ ସହଅଭିଯୁକ୍ତଙ୍କୁ ଦଣ୍ଡିତ କରାଯାଇଛି। ସେମାନଙ୍କ ମଧ୍ୟରେ ବ୍ୟାଙ୍କର କେତେଜଣ ପୂର୍ବତନ ଅଧିକାରୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ଏବଂ ଏସ୍‌ସିବି କାର୍ଯ୍ୟନିର୍ବାହୀ ରହିଛନ୍ତି।

### କର୍ଣ୍ଣାଟକରୁ ୪୫.୬୭ କୋଟି ଟଙ୍କା, ୧୪୬ କୋଟିର ମଦ ଜବତ

ବେଙ୍ଗାଲୁରୁ,୧୧।୪

ଲୋକ ସଭା ନିର୍ବାଚନ ଲାଗି ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ କର୍ଣ୍ଣାଟକରୁ ନଗଦ ୪୫.୬୭ କୋଟି ଟଙ୍କା ଏବଂ ୧୪୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) ଗୁରୁବାର ସୂଚନା ଦେଇଛନ୍ତି। ଏନେଇ ମାର୍ଚ୍ଚ ୧୬ରୁ ଇତିମଧ୍ୟରେ ୧,୫୪୪ ଏତଲା ଦାଏର ହେଲାଣି। ବର୍ତ୍ତମାନ ସୁଦ୍ଧା ନଗଦ ଅର୍ଥ ଓ ମଦକୁ ମିଶାଇ ଜବତ ପରିମାଣ ୨୯୨.୭୨ କୋଟିରେ ପହଞ୍ଚିଛି। କର୍ଣ୍ଣାଟକରେ ଏପ୍ରିଲ ୨୬ ଏବଂ ମେ’ ୭ରେ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଫିସରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଫ୍ଲାଇଂ ସ୍କ୍ୱାଡ୍, ପର୍ଯ୍ୟବେକ୍ଷକ ଟିମ୍ ଏବଂ ପୋଲିସ କର୍ତ୍ତୃପକ୍ଷ ବିଭିନ୍ନ ସ୍ଥାନରୁ ୪୫.୬୭ କୋଟି ଟଙ୍କା, ୧୪୬ କୋଟି ଟଙ୍କାର ମଦ ବୋତଲ, ୯.୭୦ କୋଟିର ନିଶାଦ୍ରବ୍ୟ, ୧୦.୮୧ କୋଟି ଟଙ୍କାର ସୁନା ଏବଂ ୭.୭୩ କୋଟି ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଏହିସବୁ ସାମଗ୍ରୀ ବଣ୍ଟାଯାଇଥାନ୍ତା।

### ଖାଇରେ ଖସିଲା ଟ୍ରକ୍, ୧୭ ତୀର୍ଥଯାତ୍ରୀ ମୃତ

କରାଚୀ, ୧୧।୪

ଦକ୍ଷିଣ ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଗୁରୁବାର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଇଦ୍ ପର୍ବ ଅବସରରେ ତୀର୍ଥଯାତ୍ରୀମାନେ ଏହି ଟ୍ରକ ଯୋଗେ ଏକ ସାମୂହିକ ପ୍ରାର୍ଥନା ସ୍ଥଳକୁ ଯାଉଥିବାବେଳେ, ଟ୍ରକଟି ଖାଇରେ ଖସି ପଡ଼ିବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୧ ଜଣ ଆହତ ହୋଇଛନ୍ତି। ଉକ୍ତ ଟ୍ରକଟି ଦ୍ରୁତଗତିରେ ଯାଉଥିବାରୁ ଏହା ରାସ୍ତାରେ ଭାରସାମ୍ୟ ହରାଇ ଏକ ଖାଇ ମଧ୍ୟରେ ଖସି ପଡ଼ିଥିଲା ବୋଲି ସ୍ଥାନୀୟ ଜିଲା ଡେପୁଟି କମିଶନର ମୁନିର ଅହମଦ ସୂଚନା ଦେଇଛନ୍ତି। ଅଧିକାଂଶ ଆହତଙ୍କୁ ଚିକିତ୍ସା ପାଇଁ କରାଚୀ ପଠାଯାଇଥିବା ସେ କହିଛନ୍ତି।



ଇଦ୍-ଉଲ୍-ଫିତର ଅବସରରେ ଗୁରୁବାର ହାଇଦ୍ରାବାଦର ମକ୍କା ମସ୍‌ଜିଦଠାରେ ଜଣେ ମୁସଲମାନ ଯୁବତୀ ନମାଜ ପାଠ କରୁଛନ୍ତି।

# ଗଣତନ୍ତ୍ର ପ୍ରତି ଭୋଟରଙ୍କ ଆସ୍ଥା ସଙ୍କଟ

## ଭାରତ ସମେତ ୧୯ ଦେଶରେ ହୋଇଥିଲା ସର୍ଭେ

ନୂଆଦିଲ୍ଲୀ,୧୧।୪

ଭାରତ ସମେତ ଅଧିକାଂଶ ଦେଶରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପ୍ରତି ଭୋଟରଙ୍କ ମଧ୍ୟରେ ଆସ୍ଥା ସଙ୍କଟ ସୃଷ୍ଟି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଭାରତ, ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ ସମେତ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ଥିବା ବିଭିନ୍ନ ଦେଶରେ ଚଳିତବର୍ଷ ନିର୍ବାଚନ ହେଉଥିବାବେଳେ ଗଣତନ୍ତ୍ରକୁ ନେଇ ଏଭଳି ଏକ ନୈରାଶ୍ୟଜନକ ଛବି ସାମ୍ନାକୁ ଆସିଛି। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାଣ୍ଟ (ଆଇଡିଇଏ) ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଭାରତ, ଆମେରିକା ସମେତ ୧୯ଟି ଦେଶକୁ ନେଇ ସର୍ଭେ କରାଯାଇଥିବାବେଳେ ସେଥିରୁ ୧୧ଟି ଦେଶର ଭୋଟର ଗଣତନ୍ତ୍ର ଉପରେ ଆସ୍ଥା କମୁଥିବା ମତ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ହେଉଥିବା ନିର୍ବାଚନ ମୁକ୍ତ ଓ ଅବାଧ ନୁହେଁ ବୋଲି ସେମାନଙ୍କର ବିଶ୍ୱାସ ହୋଇଛି। ଅଦାଲତଗୁଡ଼ିକ ସବୁବେଳେ ବା ଅଧିକାଂଶ ସମୟରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରୁଥିବା କେବଳ ଡେନ୍‌ମାର୍କର ଭୋଟର ବିଶ୍ୱାସ କରୁଥିବାବେଳେ ଶକ୍ତିଶାଳୀ ନେତା ପାର୍ଲାମେଣ୍ଟ ଓ ନିର୍ବାଚନକୁ ନେଇ ବିବ୍ରତ ନୁହନ୍ତି ବୋଲି ୮ ଦେଶର ଭୋଟର ମତ ଦେଇଛନ୍ତି।

ବିଶ୍ୱସନୀୟ ନିର୍ବାଚନ ବିରୋଧରେ ମିଥ୍ୟା ଅଭିଯୋଗ ନେଇ ଭୁଲ୍ ତଥ୍ୟର ସଂସ୍କୃତି ବଢ଼ୁଥିବାବେଳେ ଏହାର ମୁକାବିଲା ଏବଂ ଉନ୍ନତ ଶାସନ ଦିଗରେ ସରକାର ପଦକ୍ଷେପ ନେବା ଜରୁରୀ, ଯାହା ଦ୍ୱାରା ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ସନ୍ଦେହ ଦୂର କରାଯାଇପାରିବ। ସନ୍ଦେହବାଦର ଜବାବ ଦେବାକୁ ହେବ ବୋଲି ଆଇଡିଇଏ ମହାସଚିବ କେଭିନ୍ କାସାସ-ଜାମୋରା ଏକ ବିବୃତିରେ କହିଛନ୍ତି। ଆମେରିକାର ବିଶ୍ୱସନୀୟ ନିର୍ବାଚନୀ ପ୍ରକ୍ରିୟା ଉପରେ ଆସ୍ଥା ଥିବା ସେଠାର ୪୭ ପ୍ରତିଶତ ଭୋଟର ମତ ଦେଇଛନ୍ତି। ୨୦୨୩ ଜୁଲାଇରୁ ୨୦୨୪ ଜାନୁଆରୀ ମଧ୍ୟରେ ଏହି ସର୍ଭେ ହୋଇଥିଲା। ସର୍ଭେରେ ସାମିଲ ହୋଇଥିବା ଅନ୍ୟ ଦେଶ ମଧ୍ୟରେ ବ୍ରାଜିଲ, ଚିଲି, ରୋମାନିଆ, କଲମ୍ବିଆ, ଗାମ୍ବିଆ, ଇରାକ, ଇଟାଲୀ, ଲେବାନନ୍, ଲିଥୁଆନିଆ, ପାକିସ୍ତାନ, ସେନେଗାଲ, ସିଏରା ଲିଓନେ, ଦକ୍ଷିଣ କୋରିଆ ଏବଂ ତାଞ୍ଜାନିଆ ରହିଛି।



## ଦିଲ୍ଲୀ ମୁଖ୍ୟ ସଚିବଙ୍କ ବିରୋଧରେ ମାମଲା

ପିଥୋରାଗଡ଼(ଉତ୍ତରାଖଣ୍ଡ),୧୧।୪

ଉତ୍ତରାଖଣ୍ଡ ଆଲମୋରା ସହରର ଏକ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ମୁଖ୍ୟ ସଚିବ ନରେଶ କୁମାର ଓ ତାଙ୍କ ଅଧସ୍ତନ ଅଧିକାରୀ ୱାଇଭିଭିଜେ ରାଜଶେଖରଙ୍କ ନାଁରେ ମାମଲା ହୋଇଛି। ସେମାନଙ୍କ ବିରୋଧରେ ପ୍ଲିଜାଣ୍ଟ ଭ୍ୟାଲି ଫାଉଣ୍ଡେଶନ ନାମକ ଏନ୍‌ଜିଓ ପକ୍ଷରୁ ଦାଏର ଅଭିଯୋଗ ଅନୁଯାୟୀ ଗତ ଫେବୃଆରୀ ୧୪ରେ ଦାଦାକାଡ଼ା ଗ୍ରାମରେ ଏନ୍‌ଜିଓ ଚଳାଉଥିବା ଏକ ସ୍କୁଲ୍‌କୁ ସମ୍ପୃକ୍ତ ଅଧିକାରୀମାନେ ୪ ଜଣଙ୍କୁ ପଠାଇଥିଲେ। ସେମାନେ ଏନ୍‌ଜିଓର ଯୁଗ୍ମ ସଚିବଙ୍କ ଅଫିସରେ ପଶି ଭଙ୍ଗାରୁଜା କରିବା ସହ ଫାଇଲ, ଦସ୍ତାବିଜ ଏବଂ ଦୁର୍ନୀତି ସମ୍ପର୍କିତ ପ୍ରମାଣ ଥିବା ପେନ୍ ଡ୍ରାଇଭ୍ ନେଇ ପଳାଇଥିଲେ। ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ପ୍ରତ୍ୟାହାର କରା ନ ଗଲେ ଏନ୍‌ଜିଓ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା କରାଯିବ ବୋଲି ଆକ୍ରମଣକାରୀ ଧମକ ଦେଇଥିଲେ। ଏପରିକି ଟାଇପ୍ ଡକ୍ୟୁମେଣ୍ଟରେ ଏନ୍‌ଜିଓ ଅଧିକାରୀଙ୍କଠାରୁ ସ୍ୱାକ୍ଷର କରାଇନେବାକୁ ସେମାନେ ଉଦ୍ୟମ କରିଥିଲେ। ଯୁଗ୍ମ ସଚିବ ବିରୋଧ କରିବାରୁ ସେମାନେ ଡ୍ରୟାରରୁ ୬୩,୦୦୦ ଟଙ୍କା ନେଇଯାଇଥିଲେ। ଆଲମୋରା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭିନିତ ତୋମାରଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ମୁଖ୍ୟ ସଚିବ ଓ ତାଙ୍କ ଅଧସ୍ତନଙ୍କ ବିରୋଧରେ ଗୋବିନ୍ଦପୁରର ରାଜସ୍ୱ ପୋଲିସ ସବ୍‌ଇନ୍ସପେକ୍ଟର ମାମଲା ରୁଜୁ କରିଛନ୍ତି।

# ଜେଲରେ କବିତାଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୧୧।୪

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ସମ୍ପୃକ୍ତ ଅଭିଯୋଗରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ସିବିଆଇ ଗୁରୁବାର ଗିରଫ କରିଛି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତାଙ୍କୁ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିବା ପରେ ସେ ତିହାର ଜେଲରେ ରହିଥିଲେ। ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତିକ୍ରମେ ଶନିବାର ସିବିଆଇ ତାଙ୍କୁ ଜେଲରେ ଜେରା କରିଥିଲା। ଗିରଫ ପରେ କବିତାଙ୍କୁ ସିବିଆଇ ଏହାର



ମୁଖ୍ୟାଳୟ ହାଜତକୁ ନେଇ ଜେରା କରିବ। ଆପରାଧିକ ଷଡ଼ଯନ୍ତ୍ର ଏବଂ ଆକାଉଣ୍ଟ ଜାଲିଆତି ନେଇ ଆଇପିସି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ କବିତାଙ୍କୁ ଗିରଫ କରାଯାଇଛି। ସେ ମନିଲଣ୍ଡରିଂ, ପ୍ରମାଣ ନଷ୍ଟ କରିବା ଏବଂ ସାକ୍ଷୀଙ୍କୁ ପ୍ରଭାବିତ କରିବାରେ ସମ୍ପୃକ୍ତ ଥିବାର ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଥିବାରୁ ତାଙ୍କୁ ଜାମିନ ଦେବାକୁ ସୋମବାର ଅଦାଲତ ମନା କରିଦେଇଥିଲେ। ଦକ୍ଷିଣୀ ମଦ କମ୍ପାନୀଗୁଡ଼ିକ ସପକ୍ଷରେ ଅବକାରୀ ନୀତି ପ୍ରସ୍ତୁତି ଲାଗି ଦିଲ୍ଲୀରେ ସରକାରରେ ଥିବା ଆମ୍ ଆଦ୍‌ମୀ ପାର୍ଟିକୁ ୧୦୦ କୋଟି ଟଙ୍କା ଲାଞ୍ଚ ଦେବା ମାମଲାରେ କବିତା ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଗତ ମାସ ୧୫ରେ ଇଡି ତାଙ୍କୁ ଜେରା କରିବା ପରେ ଗିରଫ କରିଥିଲା।

# ବେକାରି ସମସ୍ୟା, ଦରଦାମ୍ ବୃଦ୍ଧି ଭୋଟରଙ୍କ ମୁଖ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୧।୪

ଲୋକ ସଭା ନିର୍ବାଚନରେ ବେକାରି ସମସ୍ୟା ଓ ଦରଦାମ୍ ବୃଦ୍ଧି ଭୋଟରଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ସେଣ୍ଟର ଫର୍ ଷ୍ଟଡି ଅଫ୍ ଡେଭେଲପ୍‌ମେଣ୍ଟ ସୋସାଇଟିସ (ସିଏସ୍‌ଡିଏସ୍) ପକ୍ଷରୁ କରାଯାଇଥିବା ସର୍ଭେରୁ ଏହି ବିଷୟ ଜଣାପଡ଼ିଛି। ସର୍ଭେରେ ୬୨% ବ୍ୟକ୍ତି ବେକାରୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ ଭାବେ ଚିହ୍ନଟ କରିଛନ୍ତି। ଏଥିମଧ୍ୟରୁ ୬୫% ପୁରୁଷ ଓ ୫୯ % ମହିଳା ବେକାରି ସମସ୍ୟା ସେମାନଙ୍କର ମୁଖ୍ୟ ପ୍ରସଙ୍ଗ ହୋଇଥିବା କହିଛନ୍ତି। ସେହିପରି ସର୍ଭେରେ ମାତ୍ର ୧୨% ଉତ୍ତରଦାତା ଭାରତରେ ନିଯୁକ୍ତିର ସୁଯୋଗ ବଢ଼ିଥିବା ନେଇ ମତ ରଖିଛନ୍ତି। ବିଭିନ୍ନ ବର୍ଗ ମଧ୍ୟରେ ୬୭% ମୁସଲମାନ, ୬୩% ଅନ୍ୟ ପଛୁଆ ବର୍ଗ (ଓବିସି), ୫୯% ଅନୁସୁଚିତ ଜନଜାତି(ଏସ୍‌ଟି)ର ଉତ୍ତରଦାତା ବେକାରି ସମସ୍ୟା ସେମାନଙ୍କର ମୁଖ୍ୟ ପ୍ରସଙ୍ଗ ହୋଇଥିବା କହିଛନ୍ତି। ସେହିପରି ଉଚ୍ଚ ବର୍ଗର ୫୭% ବ୍ୟକ୍ତି ବେକାରି ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କହିଛନ୍ତି। ତେବେ ଏହି ସର୍ଭେରେ ବେକାରି ସମସ୍ୟା ପାଇଁ ୨୧% ଉତ୍ତରଦାତା କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରିଥିବାବେଳେ ୧୭% ଉତ୍ତରଦାତା ରାଜ୍ୟ ସରକାରଙ୍କୁ ଏବଂ ୫୭% ଉତ୍ତରଦାତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି।

## ନିର୍ବାଚନ ଲଢ଼ିବେ ଇନ୍ଦିରା ହତ୍ୟାକାରୀଙ୍କ ପୁଅ



ସରବଜିତ ସିଂ ଖାଲ୍‌ସା

**ଅମୃତସର, ୧୧।୪:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ହତ୍ୟାକାରୀ ବିଅନ୍ତ ସିଂଙ୍କ ପୁଅ ସରବଜିତ ସିଂ ଖାଲ୍‌ସା (୪୫) ଚଳିତ ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି ସୂଚନା ଦେଇଛନ୍ତି। ଫରୀଦ୍‌କୋଟ ଆସନରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜ ନାମାଙ୍କନ ପତ୍ର ଦାଖଲ କରିବେ । ପୂର୍ବରୁ ସେ ୨୦୦୪ରେ ଭଟିଣ୍ଡା ଲୋକ ସଭା ଆସନରୁ ଓ ୨୦୧୪ରେ ଫତେଗଡ଼ ଲୋକ ସଭା ଆସନରୁ ଲଢ଼ି ପରାଜିତ ହୋଇଛନ୍ତି। ସୂଚନାଯୋଗ୍ୟ, ୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ୨ ଅଙ୍ଗରକ୍ଷୀ ବିଅନ୍ତ ସିଂ ଓ ସତୱନ୍ତ ସିଂ ହତ୍ୟା କରିଥିଲେ।

## ଏନ୍‌କାଉଣ୍ଟରରେ ଲସ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୧୧।୪

କଶ୍ମୀରର ପୁଲ୍‌ୱାମା ଜିଲାରେ ଗୁରୁବାର ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଜଣେ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ରାଜ୍‌ପୋରାରେ ଆତଙ୍କବାଦୀ ଲୁଚି ଥିବାନେଇ ଗୋଇନ୍ଦା ସୂଚନାକ୍ରମେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଆରମ୍ଭ ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଅନେକ ଅସ୍ତ୍ରଶସ୍ତ୍ର, ଗୁଳିବାରୁଦ ଜବତ ହୋଇଛି। ମୃତ ଆତଙ୍କବାଦୀ ଶ୍ରୀନଗରର ଦାନିଶ ଶେଖ୍ ବୋଲି ପୋଲିସ ସୂଚନା ଦେଇଛି।

# କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ସଚିବ ବହିଷ୍କୃତ

ନୂଆଦିଲ୍ଲୀ,୧୧।୪

ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ବହିଷ୍କାର କରାଯାଇଛି। କେନ୍ଦ୍ରୀୟ ସିଭିଲ୍ ସର୍ଭିସ ନିୟମାବଳୀର ଉଲ୍ଲଂଘନ କରାଯାଇ ବିଭବଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ତାଙ୍କୁ ବହିଷ୍କାର କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଫଳରେ କେଜ୍‌ରିୱାଲଙ୍କୁ ଶକ୍ତ ଝଟକା ଲାଗିଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏଥିପାଇଁ ଉପରାଜ୍ୟପାଳଙ୍କୁ ସମାଲୋଚନା କରିଛି। କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଦଳକୁ ଶେଷ କରିଦେବା ଲାଗି ଭାଜପା ଉଦ୍ୟମ କରୁଥିବା ଆପ୍ ଅଭିଯୋଗ କରିଛି। ଭିଜିଲାନ୍ସ ବିଭାଗ କହିବା ଅନୁଯାୟୀ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ନେଇ ବିଭବଙ୍କ ନାଁରେ ୨୦୦୭ରେ ମାମଲା ରୁଜୁ ହୋଇଥିଲା। ସେ ଘରୋଇ ସଚିବ ନିଯୁକ୍ତ ହେବା ସମୟରେ ଉକ୍ତ ମାମଲାକୁ ଲୁଚାଇ ରଖିଥିଲେ। ଏହା କେବଳ ଅନିୟମିତତା ନୁହେଁ, ପ୍ରଶାସନିକ ସମସ୍ୟା ସୃଷ୍ଟି କରିଛି। ଜଣକର ପୂର୍ବ ଚରିତ୍ରର ଯାଞ୍ଚ କରା ନ ଯାଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦିଆଯିବା ଠିକ୍ ନୁହେଁ ବୋଲି ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶନାମାରେ କୁହାଯାଇଛି।

# ପେଗାସସ୍: ଭୋଟ ପୂର୍ବରୁ ଗୁପ୍ତଚରଗିରି

**ଭାରତରେ ସ୍ପାଏୱେର୍ ଆକ୍ରମଣ ଆଶଙ୍କା: ସତର୍କ କରାଇଲା ଆପଲ୍**

ନୂଆଦିଲ୍ଲୀ,୧୧।୪

ପେଗାସସ୍ ମାଲ୍‌ୱେର ସମେତ ଅର୍ଥ ସଂଗ୍ରହ ଲାଗି ସ୍ପାଏୱେର୍‌ର ଦୁରୁପଯୋଗ ସମ୍ପର୍କରେ ଆଇଫୋନ୍ ନିର୍ମାତା ଆପଲ୍ ଭାରତ ସମେତ ୯୨ ଦେଶର ୟୁଜରମାନଙ୍କୁ ସାନି ବିଜ୍ଞପ୍ତି ଜରିଆରେ ଅବଗତ କରାଇଛି। ଭାରତରେ ଲୋକ ସଭା ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଚଳିତ ବର୍ଷ ବିଭିନ୍ନ ଦେଶରେ ନିର୍ବାଚନ ହେଉଥିବାରୁ ସ୍ପାଏୱେରଗୁଡ଼ିକ ସକ୍ରିୟ ହୋଇଉଠିଛନ୍ତି। ଏହା ୟୁଜରମାନଙ୍କ ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା ପ୍ରତି ସମ୍ଭାବ୍ୟ ବିପଦ ହୋଇଥିବାରୁ ସେମାନଙ୍କୁ ନୂଆ ଆଲର୍ଟ ଜରିଆରେ ସତର୍କ କରିଦିଆଯାଇଛି। ତେବେ ନିର୍ଦ୍ଦିଷ୍ଟ କେଉଁ ଗ୍ରୁପ୍ ପ୍ରତି ଏହି ଆକ୍ରମଣ ହୋଇପାରେ ତାହା ଆପଲ ସ୍ପଷ୍ଟ କରିନାହିଁ, କିମ୍ବା ଆକ୍ରମଣର ସମ୍ଭାବନା ଥିବା ଦେଶଗୁଡ଼ିକର ତାଲିକା ଦେଇନାହିଁ। ସତର୍କତା ବିଜ୍ଞପ୍ତି କିପରି କାମ କରୁଛି, ଆଇଫୋନ୍ ନିର୍ମାତା ଇତିମଧ୍ୟରେ ଏହାର ସବିଶେଷ ସମର୍ଥନ ଦସ୍ତାବିଜ୍‌ଗୁଡ଼ିକୁ ଅପ୍‌ଡେଟ୍ କରିବା ସହ ସ୍ପାଏୱେର ଆକ୍ରମଣ ଟାର୍ଗେଟରେ ଥିବା ୟୁଜରଙ୍କ ସୂଚନା ଦେଇଛି। ଇମେଲ୍‌ରେ ପଠାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ୟୁଜରମାନଙ୍କୁ ଗମ୍ଭୀର ଭାବରେ ସତର୍କ କରାଯାଇଛି। ଏଭଳି ଆକ୍ରମଣକୁ ଚିହ୍ନଟ କରିବାର କୌଣସି ନିଶ୍ଚୟତା ନାହିଁ ବୋଲି ଆପଲ୍ କହିଛି।

ଇତିମଧ୍ୟରେ ଆପଲ୍ ୧୫୦ ଦେଶକୁ ସ୍ପାଏୱେର ଆକ୍ରମଣ ସମ୍ପର୍କରେ ସତର୍କ କରାଇଲାଣି। ୨୦୨୩ ଅକ୍ଟୋବରରେ ଏହା ଭାରତ ସମେତ ବିଭିନ୍ନ ଦେଶର ରାଜନେତାମାନଙ୍କୁ ଅନୁରୂପ ନୋଟିସ ପଠାଇଥିଲା। କଂଗ୍ରେସ ନେତା ଶଶୀ ଥରୁର, ଆମ୍ ଆଦ୍‌ମୀ ପାର୍ଟି ନେତା ରାଘବ ଚଢ଼ା, ଟିଏମ୍‌ସିର ମହୁଆ ମୋଇତ୍ର ଭଳି ନେତାଙ୍କୁ ଏହି ନୋଟିସ ମିଳିଥିଲା। ସେମାନଙ୍କ ଆଇଫୋନ୍‌କୁ ଏକ ରାଷ୍ଟ୍ର ପ୍ରାୟୋଜିତ ସ୍ପାଏୱେର ଦ୍ୱାରା ଟାର୍ଗେଟ କରାଯିବା ସମ୍ଭାବନା ସମ୍ପର୍କରେ ସତର୍କ କରାଯାଇଥିଲ। ଇସ୍ରାଏଲୀ ସଂସ୍ଥା ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସଫ୍ଟୱେର ଦ୍ୱାରା ବିଭିନ୍ନ ନେତାଙ୍କ ଉପରେ ବେଆଇନ ଗୁପ୍ତଚର ଗିରି କରାଯାଉଥିବା ଅଭିଯୋଗକ୍ରମେ ଏହାର ଅନୁଧ୍ୟାନ ପାଇଁ ସୁପ୍ରିମକୋର୍ଟ ୨୦୨୧ରେ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ତେବେ ଉକ୍ତ କମିଟି ଦ୍ୱାରା ଯାଞ୍ଚ କରାଯାଇଥିବା ୨୯ଟି ମୋବାଇଲ ଫୋନ୍‌ରୁ ସ୍ପାଏୱେର ମିଳି ନ ଥିବା ବେଳେ ୫ଟିରୁ ମାଲୱେର ମିଳିଥିବା ୨୦୨୨ ଅଗଷ୍ଟରେ ରିପୋର୍ଟ ଦିଆଯାଇଥିଲା। ସ୍ପାଏୱେର ଦ୍ୱାରା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଉଥିବା ସାର୍ବଜନୀନ ରିପୋର୍ଟ ଓ ଗବେଷଣାରୁ ଜଣାପଡ଼ିଛି। ଉକ୍ତ ସ୍ପାଏୱେରକୁ ଘରୋଇ କମ୍ପାନୀ ପ୍ରସ୍ତୁତ କରିଥିବାବେଳେ ସେଥିରେ ବିଭିନ୍ନ ରାଷ୍ଟ୍ରର ସମ୍ପୃକ୍ତି ଥିବା ଆପଲ୍ କହିଛି।

## ଫୁରସତ



# ସଲମାନଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ ‘ସିକନ୍ଦର’

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍ ଗୁରୁବାର ଇଦ୍ ଅବସରରେ ନିଜ ପ୍ରଶଂସକଙ୍କୁ ଶୁଭେଚ୍ଛା ଜଣାଇବା ସହ ଏକ ବଡ଼ ଘୋଷଣା ମଧ୍ୟ କରିଛନ୍ତି। ଆସନ୍ତାବର୍ଷ ଇଦ୍ ଉପଲକ୍ଷେ ତାଙ୍କର ନୂଆ ଚଳଚ୍ଚିତ୍ର ‘ସିକନ୍ଦର’ ରିଲିଜ୍ ହେଉଥିବା ନେଇ ସେ ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି।

ଆସନ୍ତାବର୍ଷ ଇଦ୍ ଅବସରରେ ସଲମାନ୍‌ଙ୍କୁ ବକ୍ସ ଅଫିସରେ ଧମାଲ ମଚାଉଥିବା ଦେଖିବାକୁ ମିଳିବ। ପ୍ରସିଦ୍ଧ ଫିଲ୍ମ ନିର୍ମାତା ସାଜିଦ୍ ନାଦିଆଦ୍‌ୱାଲା ଏବଂ ନିର୍ଦ୍ଦେଶକ ଏ.ଆର. ମୁରୁଗାଦୋସଙ୍କ ସହଯୋଗରେ ଏହି ଫିଲ୍ମଟି ନିର୍ମାଣ ହେବ। ଗୁରୁବାର ଇଦ୍‌ର ବିଶେଷ ଅବସରରେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସଲମାନ ଏହି ଘୋଷଣା କରିଛନ୍ତି। ତେବେ ସଲମାନ ପୂର୍ବରୁ ସାଜିଦ ଓ ମୁରୁଗାଡୋସଙ୍କ ସହ ମିଶି ନିଜ ପରବର୍ତ୍ତୀ ପ୍ରୋଜେକ୍ଟ କରୁଥିବା ନେଇ ସୂଚନା ଦେଇଥିଲେ। ତେବେ ଗୁରୁବାର ଏହି ଚଳଚ୍ଚିତ୍ରର ନାମ ‘ସିକନ୍ଦର’ ହୋଇଥିବା ଜଣାପଡ଼ିଛି। ଏହି ଫିଲ୍ମକୁ ନେଇ ସଲମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ପୂର୍ବରୁ ସଲମାନ୍ ଓ ଫିଲ୍ମ ନିର୍ମାତା ସାଜିଦ ନାଦିଆଦ୍‌ୱାଲା ଉଭୟେ ‘ଜୁଡୱା’, ‘ମୁଝ୍‌ସେ ଶାଦୀ କରୋଗୀ’, ‘କିକ୍’ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ମିଶି କାମ କରିଥିଲେ। ତେବେ ‘କିକ୍’ ପରଠାରୁ ପ୍ରଶଂସକମାନେ ସଲମାନ ଏବଂ ସାଜିଦଙ୍କ ଯୋଡ଼ିକୁ ଅପେକ୍ଷା କରି ରହିଥିଲେ। ଏହି ଅପେକ୍ଷା ‘ସିକନ୍ଦର’ ଚଳଚ୍ଚିତ୍ରର ଘୋଷଣା ସହ ସମାପ୍ତ ହେଉଛି। ସେହିପରି ଏ. ଆର ମୁରୁଗାଡୋସ ପୂର୍ବରୁ ‘ଗଜିନି’, ‘ହଲି ଡେ, ଏ ସୋଲ୍‌ଜର ଇଜ୍ ନେଭର ଅଫ୍ ଡ୍ୟୁଟି’ ଆଦି ଅନେକ ହିଟ୍ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି।

# ରୋବୋ ପରି ଦେଖାଯାଉଥିବା ମହିଳା ୱେଟର

**ବେଜିଂ:** ଖାଦ୍ୟ ସେବା ଶିଳ୍ପରେ ରୋବୋଟିକ୍ସ ବ୍ୟାପକ ଲୋକପ୍ରିୟତା ହାସଲ କରିପାରିଛି। ବିଶ୍ୱର ଅନେକ ରେଷ୍ଟୁରାଣ୍ଟ ଏବଂ କାଫେଗୁଡ଼ିକ ଏବେ ଖାଦ୍ୟ ପରଷିବା, ଖାଦ୍ୟ ପ୍ରସ୍ତୁତି କରିବା ଆଦି କାର୍ଯ୍ୟରେ ରୋବୋଟିକ୍ସ ଟେକ୍ନୋଲୋଜିକୁ ବ୍ୟବହାର କରୁଛନ୍ତି। କିନ୍ତୁ ଏବେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଚାଇନାର ଗୋଟିଏ ରେଷ୍ଟୁରାଣ୍ଟରେ ଏକ ହ୍ୟୁମାନୋଏଡ୍ ରୋବୋ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରୁଛି। କିନ୍ତୁ ଯଦି କେହି ଏହି ଭିଡିଓକୁ ଭଲ ଭାବେ ଦେଖନ୍ତି, ତେବେ ଏହା ଏକ ରୋବୋ ନୁହେଁ ବରଂ ଅବିକଳ ରୋବୋ ପରି ଦେଖାଯାଉଥିବା ଜଣେ ମହିଳା ୱେଟର ଖାଦ୍ୟ ପରଷୁଥିବା ଜଣାପଡୁଛି।

ଚାଇନାର ଚୋଙ୍ଗ୍‌କିଙ୍ଗ୍ ହଟ୍‌ପଟ୍ ରେଷ୍ଟୁରାଣ୍ଟରୁ ଏହି ଭିଡିଓ ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳା ୱେଟର ଅବିକଳ ରୋବୋ ଭାବେ ନିଜକୁ ଦର୍ଶାଇ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି। ସେହିପରି ଉକ୍ତ ମହିଳା ଜଣକ ରୋବୋଟିକ୍ସ କଳାରେ ନିପୁଣ ଥିବା ସହ ରୋବୋ ଭଳି ଧ୍ୱନି ଦେବା ପାଇଁ ମଧ୍ୟ ନିଜ ସ୍ୱରକୁ ତାଲିମ ଦେଇଛନ୍ତି। ମହିଳା ଜଣକ ନିଜର ଚିତ୍ତାକର୍ଷକ





ରୋବୋଟିକ୍ କୌଶଳ ଦ୍ୱାରା ରେଷ୍ଟୁରାଣ୍ଟରେ ଉପସ୍ଥିତ ଗ୍ରାହକଙ୍କ ମନ ଜିଣିବାରେ ମଧ୍ୟ ସଫଳ ହୋଇଛନ୍ତି। ଏହି ମହିଳା ଜଣକ ଜଣେ ପେସାଦାର ନୃତ୍ୟଶିଳ୍ପୀ ମଧ୍ୟ ଅଟନ୍ତି। ଉକ୍ତ ଚାଇନିଜ୍ ରେଷ୍ଟୁରାଣ୍ଟରେ ସମ୍ପୃକ୍ତ ମହିଳା ୱେଟର ଜଣକ ରୋବୋଟିକ୍ସ ଡ୍ୟାନ୍ସ ମୁଭ୍ ସହ ଗ୍ରାହକଙ୍କୁ ସେବା ଯୋଗାଉଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓକୁ ନେଇ ଅନେକ ସୋସିଆଲ ମିଡିଆ ୟୁଜର୍ସ କୌତୂହଳ ପ୍ରକାଶ କରିବା ସହ ସକାରାତ୍ମକ କମେଣ୍ଟ ମଧ୍ୟ ଦେଇଛନ୍ତି। ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାରରେ ଅନ୍ୟ ଦେଶ ତୁଳନାରେ ଚାଇନା ଆଗରେ ରହିଛି। କରୋନା ମହାମାରୀ ସମୟରେ ଚାଇନା ପ୍ରଯୁକ୍ତିବିଦ୍ୟା ଉପରେ ଅଧିକ ନିର୍ଭର କରିବା ସହ ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳକୁ ହ୍ରାସ କରି ରୋବୋ ନିୟୋଜିତ କରିଥିଲା। ଅନ୍ୟପକ୍ଷରେ କିଛି ଦିନ ପୂର୍ବେ ଭାରତର ଅହମ୍ମଦାବାଦ ସ୍ଥିତ ଏକ ଷ୍ଟ୍ରିଟ୍ କାଫେରେ ଏକ ରୋବୋ ୱେଟର ଗ୍ରାହକଙ୍କୁ ଆଇସକ୍ରିମ ପରଷୁଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା।




# ୧୫ରୁ ଅସମ୍ଭାଳ ତାତି

## ୪୫ଡିଗ୍ରୀ ଛୁଇଁପାରେ ପାରଦ

ଭୁବନେଶ୍ୱର,୧୧।୪ (ଅନିଲ ଦାସ)

ଏବେ ନାହିଁ ପ୍ରଚଣ୍ଡ ଗ୍ରୀଷ୍ମର ତେଜ କି ଗୁଳୁଗୁଳିର ପ୍ରକୋପ । କୋହଲା ପାଗ ସାଙ୍ଗକୁ ହାଲୁକା ବର୍ଷା ପରିବେଶକୁ ଆରାମଦାୟକ କରିଛି। ଗତ ୨/୩ ଦିନ ହେବ ଉପକୂଳଠାରୁ ଉପାନ୍ତ ଏଭଳି ମନୋରମ ପାଗ ଅନୁଭୂତ ହେଉଛି। ପାରଦ ୩୫ ଡିଗ୍ରୀ ତଳକୁ ଖସିଆସିଛି। ଏପରିକି ବହୁ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ତଳେ ରହିଛି। କେତେକ ସ୍ଥାନରେ ବର୍ଷା ହେଉ ନ ଥିଲେ ମଧ୍ୟ ଆକାଶ ମେଘାଚ୍ଛନ୍ନ କରି ରଖିଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ସମୁଦ୍ରଆଡୁ ପ୍ରଚୁର ଜଳୀୟ ବାଷ୍ପ ସ୍ଥଳ ଭାଗକୁ ଆସୁଛି। ରାଜ୍ୟର ଅଧିକାଂଶ ଜିଲାରେ କୋହଲା ପାଗ ସାଙ୍ଗକୁ ହାଲୁକା ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ବଲାଙ୍ଗୀରରେ ୨୧.୪ ମିଲିମିଟର ବର୍ଷା ହୋଇଥିବା ବେଳେ ସୋନପୁର ୧୪, ଫୁଲବାଣୀ ୭.୮, ନୂଆପଡ଼ା ୧୨.୪, ବରଗଡ଼ ୬.୩, ଢେଙ୍କାନାଳ ୫.୫, ସମ୍ବଲପୁର ୫.୩, ଝାରସୁଗୁଡ଼ା ୩.୩, ପାରାଦୀପ ୪.୪, ଅନୁଗୋଳରେ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏଭଳି ପାଗ ଆସନ୍ତା ୧୩ ତାରିଖ ଯାଏ ରହିବ। ୧୫ରୁ ପାରଦ ପୁଣି ଉପରମୁହାଁ ହେବ। ୧୮ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୫ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୫ରୁ ୧୮ ତାରିଖ ମଧ୍ୟରେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ତାତି ବଢ଼ିବ। ୨୦ ତାରିଖରେ ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁବା ନେଇ ଆକଳନ କରାଯାଇଛି। ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ) ଜାରି ରହିବ।

# ଗଞ୍ଜେଇ ଧରିବାକୁ ଯାଇ ଆକ୍ରମଣର ଶିକାର ପୋଲିସ

ଝାରବନ୍ଧ, ୧୧।୪(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ନିତ୍ୟାନନ୍ଦପୁର ଗାଁକୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଧରିବାକୁ ଯାଇ ଆକ୍ରମଣର ଶିକାର ହୋଇଛି ପୋଲିସ। ବେପାରୀ ନାନୁ ସାହୁଙ୍କୁ ଧରି ଗାଡିରେ ଆଣୁଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ପୋଲିସ ଗାଡିକୁ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବୁଧବାର ସନ୍ଧ୍ୟାରେ ଝାରବନ୍ଧ ଥାନା ପୋଲିସ ନିତ୍ୟାନନ୍ଦପୁର ଗାଁର ଗଞ୍ଜେଇ ବ୍ୟବସାୟୀ ନାନୁ ସାହୁଙ୍କୁ ଧରିବାକୁ ଯାଇଥିଲା। ଡଭା-ବସନା ରାସ୍ତାରେ ନାନୁଙ୍କଠାରୁ ଏକ ବାଇକ୍‌ରେ ଗଞ୍ଜେଇ ନେଇ ଯାଉଥିବା ବସନା ଥାନା ଅନ୍ତର୍ଗତ କେଶରପୁର ଗାଁର ଯଦୁନାଥ ଶ୍ରୀବସ (୨୯) ଓ ଡିଲେଶ୍ୱର ଗହୀର (୨୫)ଙ୍କୁ ପୋଲିସ ଧରିଥିଲା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ନାନୁ ପୋଲିସକୁ ଦେଖି ବାଇକ୍‌ରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ବିଫଳ ହୋଇଥିଲା। ଏଥିପାଇଁ ଯୋଜନା ମୁତାବକ ଗୁରୁବାର ସକାଳେ ପୋଲିସ ଟିମ୍ ନିତ୍ୟାନନ୍ଦପୁରସ୍ଥିତ ନାନୁଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତିଙ୍କ ସହିତ ଏଏସଆଇ ସମାରୁ ନାଗ, କନଷ୍ଟେବଲ ଡାକ୍ତର ଷାଣ୍ଡ, ଆକାଶ ପ୍ରଧାନ ଏବଂ ଆଇଆରବି ଯବାନ ଯାଇଥିଲେ। ଅଭିଯୁକ୍ତଙ୍କୁ ପୋଲିସ ଧରି ଥାନା ଗାଡ଼ିରେ ବସାଇ ଆଣିବା ସମୟରେ ତାଙ୍କ ପରିବାର ଲୋକେ ଓ କେତେଜଣ ସହଯୋଗୀ ହଠାତ୍ ପୋଲିସ ଗାଡିକୁ ଘେରି ଯାଇଥିଲେ। ବଳପୂର୍ବକ ଅଭିଯୁକ୍ତଙ୍କୁ ଗାଡିରୁ ଭିଡି ନେଇ ଫେରାର କରାଇ ଦେଇଥିଲେ। ଏହାପରେ ଥାନା ଅଧିକାରୀ ମହାନ୍ତିଙ୍କୁ ଗୋଟିଏ ଘର ଭିତରେ ଭର୍ତ୍ତି କରି ତାଲା ପକାଇ ଦେଇଥିଲେ। ଏହାପରେ ପଥର ଫିଙ୍ଗାଫୋପଡା କରି ଅନ୍ୟ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଅଧିକ ଉତ୍ତ୍ୟକ୍ତ ହୋଇ ପୋଲିସ ଗାଡିକୁ ସେମାନେ ଭଙ୍ଗାରୁଜା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବିଲାସପୁର ସରପଞ୍ଚ ଚୈତରାମ ନାଏକ ଘଟଣାସ୍ଥଳରେ ପହଞ୍ଚି ଥାନା ଅଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଆକ୍ରମଣରେ ୩ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅବିଳମ୍ବେ ସେମାନଙ୍କୁ ପଡୋଶୀ ନୂଆପଡା ଜିଲା ବେଲଟୁକୁରୀ ଡାକ୍ତରଖାନାରେ ନେଇ ଚିକିତ୍ସା କରାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ପାଇକମାଲ ଓ ଜଗଦଲପୁର ଥାନା ଅଧିକାରୀ ପହଞ୍ଚିଥିଲେ। ଘଟଣାସ୍ଥଳରୁ ୮ଜଣଙ୍କୁ ଗିରଫ କରିବା ସହ ୬ଟି ବାଇକ, ଗୋଟିଏ କାର, ଗୋଟିଏ ଟ୍ରାକ୍ଟର ଜବତ କରିଥିଲା। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା(୭୨/୨୪)ରୁଜୁ କରାଯାଇଛି। ଅଭିଯୁକ୍ତ ନାନୁ ସାହୁଙ୍କ ସହିତ ତାଙ୍କ ସମ୍ପର୍କୀୟମାନେ ଫେରାର ହୋଇଯାଇଛନ୍ତି। ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ତପନ ମହାନ୍ତି ଝାରବନ୍ଧ ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି।




ଆକ୍ରମଣର ଶିକାର ଦୁଇ ପୋଲିସ କର୍ମଚାରୀ।

# ମଙ୍ଗଳାଙ୍କୁ ଦର୍ଶନ କଲେ ମଣିପୁର ରାଜ୍ୟପାଳ



ଅସ୍ତରଙ୍ଗ,୧୧।୪(ମମତା ଜେନା)

ମଣିପୁର ରାଜ୍ୟପାଳ ଅନୁସୂୟା ଉଇକେ ସପରିବାର ଗୁରୁବାର କାକଟପୁର ମା’ ମଙ୍ଗଳା ମନ୍ଦିରରେ ମା’ ମଙ୍ଗଳାଙ୍କୁ ଦର୍ଶନ କରି ଫେରିଛନ୍ତି। ରାଜ୍ୟପାଳ ଅନୁସୂୟା ପ୍ରଥମେ ପୁରୀରେ ପହଞ୍ଚି ଜଗନ୍ନାଥ ଦର୍ଶନ ସାରି ମଙ୍ଗଳା ମନ୍ଦିରଠାରେ ପହଞ୍ଚିଥିଲେ। କାକଟପୁରରେ ପହଞ୍ଚିବା ପରେ ସେଠାରେ ମଙ୍ଗଳା ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ରାଜ୍ୟପାଳଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷା କର୍ମୀମାନେ ମନ୍ଦିର ଗର୍ଭଗୃହକୁ ରାଜ୍ୟପାଳଙ୍କୁ ନେଇଯାଇଥିଲେ। ସେଠାରେ ସେ ମା’ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ମଣିପୁରରେ ଶାନ୍ତି ବଜାୟ ରହିବାକୁ ମା’ ମଙ୍ଗଳାଙ୍କ ସେବାୟତମାନେ ଆଶୀର୍ବାଦ କରିଥିଲେ। ଦର୍ଶନ ପରେ ସେ ଭୁବନେଶ୍ୱର ଫେରିଥିଲେ। କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା, ଏଏସ୍‌ଆଇ ପ୍ରମୋଦ ସେଠୀ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୨ ତମ ବାର୍ଷିକ ଯଜ୍ଞର ସୂର୍ଯ୍ୟ ପୂଜା, ସ୍ଥାନ: ବାଲିଅନ୍ତାସ୍ଥିତ ମା' ପଞ୍ଚବଟୀ ତାରିଣୀ ପୀଠ, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନର ଅଧିବାସ ଓ ଘଟସ୍ଥାପନ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଦୁଦୁରାବସ୍ତସ୍ଥିତ ମହାବୀର ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ବୈଦ୍ୟନାଥ ଓ ଗୁଡ କେୟାର ଆୟୁର୍ବେଦ ସମ୍ମିଳନୀ, ସ୍ଥାନ: ମେ ଫେୟାର କନଭେନଶନ, ସମୟ: ମଧ୍ୟାହ୍ନ ୧୨ଟା।
- ଡାଇକିନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ସମୟ: ମଧ୍ୟାହ୍ନ ୧୨ଟା।
- 'ଓପୋ' ଡିଲର ଷ୍ଟୋରର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାପୁଜୀ ନଗର, ସମୟ: ମଧ୍ୟାହ୍ନ ୧୨ଟା।
- ୧୧ ତମ ଜନ୍ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ମଣ୍ଡଳାଧିବାସ, ସ୍ଥାନ: ହଂସପାଳ ଗ୍ରାମର ବାଟ ମହାବୀରଙ୍କ ପୀଠସ୍ଥଳୀ, ସମୟ: ଅପରାହ୍ନ ୪ଟା।
- ଓଡିଏମ୍ ବିଜନେସ୍ ସ୍କୁଲର ୧୪ତମ କନଭେନଶନ ସେରେମନି, ସ୍ଥାନ: ଓଡିଏମ୍ କ୍ୟାମ୍ପସ୍, ପଟିଆ, ସମୟ: ଅପରାହ୍ନ ୪ଟା ୩୦।
- ଭାସ୍କର୍ଯ୍ୟକଳା ପ୍ରଦର୍ଶନୀ 'ଡାଇମେନସନ-୩'ର ଉଦ୍‌ଘାଟନୀ, ସ୍ଥାନ: ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ବିଦ୍ୟାମନ୍ଦରର ବାର୍ଷିକୋତ୍ସବ, ସ୍ଥାନ: ପାଣ୍ଡରା ପଡ଼ିଆ, ପାଣ୍ଡରା, ସମୟ: ଅପରାହ୍ନ ୫ଟା।
- ପଣ୍ଡିତ ନୀଳମଣି ମିଶ୍ରଙ୍କ ୯୫ତମ ଜୟନ୍ତୀ ସମାରୋହ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଇଦ ମିଳନ, ସ୍ଥାନ: ମଦ୍ରାସା ଗୁଲସନ ଏ ମଦିନା, ଦେଓପୁର, କଟକ ସଦର, ସମୟ: ଅପରାହ୍ନ ୪ଟା।

## ପୁରୀ

- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୪ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସତସଙ୍ଗ ଶ୍ରୀମନ୍ଦିର,ସର୍ବାପଡ଼ା, କୋଣାର୍କ ରୋଡ଼ ନିମାପଡ଼ା, ସମୟ: ପ୍ରାତଃ ୫ଟା ୨୪।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର (କାଦୁଆ), ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ୧୪ତମ ଅଧିବେଶନ, ସ୍ଥାନ: ପୁରୀ ପୌରସଦନ, ସମୟ: ସନ୍ଧ୍ୟା ୬ଟା।
- ପ୍ରଥମବାର୍ଷିକ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସଙ୍କଟମୋଚନ ହନୁମାନ ଦେବଙ୍କ ପୀଠରେ ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଜଳ ଯାତ୍ରା, ସ୍ଥାନ: ବିଶ୍ୱନାଥ କଲୋନୀ(ଗୋରୁହାଟ), ସମୟ: ସକାଳ ୮ଟା।
- ପୂର୍ବ ଓଡ଼ିଶା ଧନୁଯାତ୍ରା ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡିଆ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ମହୋତ୍ସବ ଅବସରରେ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ବେଗୁନିଆ ମା'ଦୁର୍ଗାଦେବୀଙ୍କ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- 'ମୁଁ ଘଣ୍ଟିଆଡ଼ି କହୁଛି' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଘଣ୍ଟିଆଡ଼ି ଲୋକନାଥ ମନ୍ଦିର ପ୍ରାଙ୍ଗଣ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସଙ୍କଟ ମୋଚନ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଆର୍ଡ୍ଡୁ, ବାସୁଦେବପୁର, ସମୟ: ସକାଳ ୭ଟା।
- ଭଗବତୀ ତାରିଣୀ ପୀଠରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭାଟପଡ଼ା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: କେନ୍ଦୁଆପଦା ଛକ, ବନ୍ତ, ସମୟ: ଅପରାହ୍ନ ୪ଟା।
- ପାର୍ବତୀ ପବ୍ଲିକ ସ୍କୁଲର ୩ୟ ବାର୍ଷିକୋତ୍ସବ, ସ୍ଥାନ: ଶିକ୍ଷାନୁଷ୍ଠାନ ସାମ୍ନା ପଡ଼ିଆ, ବ୍ଲକ୍‌ରୋଡ୍, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବିଦାୟ ସମ୍ବର୍ଦ୍ଧନା ସଭା, ସ୍ଥାନ: ସେଣ୍ଟ୍ରାଲ ହଷ୍ଟେଲ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ଭାଜପା ଲୋକ ସଭା ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ରାତି ୮ଟା।

## କେନ୍ଦୁଝର

- ମା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବୀରଗୋବିନ୍ଦପୁର, ଆନନ୍ଦପୁର, ସମୟ: ସକାଳ ୭ ଟା।
- ମା' ତାରିଣୀଙ୍କ ଚଇତି ପର୍ବ ପାଳନ, ସ୍ଥାନ: ମାଛଳ, ଘସିପୁରା, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ପଥରପଦା, ମଦନପୁର, ଘସିପୁରା, ସମୟ: ପୂର୍ବାହ୍ନ ୧୧ ଟା।
- ମୁସଲିମ ସମ୍ପ୍ରଦାୟଙ୍କ ଇଦ ପର୍ବ ପାଳନ, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ: ପୂର୍ବାହ୍ନ ୧୨ଟା।
- ମୁସଲିମ ସମ୍ପ୍ରଦାୟଙ୍କ ଇଦ ପର୍ବ ପାଳନ, ସ୍ଥାନ: ପଥରପଦା, ମଦନପୁର, ଘସିପୁରା, ସମୟ: ମଧ୍ୟାହ୍ନ ୧୨ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ନୟାଗଡ଼, ଜଳସୁଆଁ, ଆନନ୍ଦପୁର: ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ସିଆପଡ଼ା, ବେଲବାହଲି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟମପ୍ରହର ସଂକୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: କୁଆଗଡିଆ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବାରିଗାଁ, ବାଇଲୋ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଜଳସୁଆଁ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ସୁଗୁସୁଡ଼ିଆ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଉଦଳା ନିର୍ବାଚନ ମଣ୍ଡଳୀ ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଉଦଳା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭକ୍ତାମାନଙ୍କ ଦ୍ୱାରା ନିଆଁପାଟ, ସ୍ଥାନ: ପାରେଶ୍ୱର ମହାଦେବ ପୀଠ, ପାରିଆକୁଲି, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଦକ୍ଷତାଭିତ୍ତିକ ବକ୍ତୃତାମାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୨ଟା ୩୦।

## କନ୍ଧମାଳ

- ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଦାରିଙ୍ଗବାଡ଼ି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଟିକିରିସ୍ଥିତ ଉଷାପଡା ଉତ୍କଳ ଆଲୁମିନା ଟାଉନଶିପ୍, କାଶୀପୁର ବ୍ଲକ୍, ସମୟ: ସକାଳ ୯ଟା ।

## ନବରଙ୍ଗପୁର

- ଉମରକୋଟ ନଗର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଉମରକୋଟ ଭାଲୁଗୁଡ଼ା ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପ୍ରାର୍ଥୀ ଗୌରୀଶଙ୍କର ମାଝିଙ୍କ ପ୍ରଚାର, ସ୍ଥାନ: ତେନ୍ତୁଳିଖୁଣ୍ଟି ଯୋନ ୨ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ମା ଗ୍ରାମଦେବୀଙ୍କ ଠାକୁରାଣୀ ଯାତ୍ରା, ସ୍ଥାନ: ବାଲିମେଳା ଠାକୁରାଣୀ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର

- ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ନ ୩ଟା।
- ହୀରାଖଣ୍ଡ ସାମ୍ଖ୍ୟର ପ୍ରତିଷ୍ଠା ଦିବସ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର

- ଭାଜପା ହଲଦୀ ମଣ୍ଡଳର ବୁଥ୍‌ସ୍ତରୀୟ ସମାବେଶ ଓ ମିଶ୍ରଣ ପର୍ବ, ସ୍ଥାନ: ବିଟାବନ୍ଧ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କଣ୍ଟାବାଞ୍ଜି ଏନଏସି ଛକ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଜିଲା କଂଗ୍ରେସ କମିଟି ପକ୍ଷରୁ ବ୍ଲକ୍ ସଭାପତିଙ୍କ ବୈଠକ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ନବରାତ୍ରୀର ଚତୁର୍ଥ ଦିବସ, ସ୍ଥାନ: ଦୁର୍ଗାମନ୍ଦିର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଝାମୁଯାତ୍ରାରେ ଷୋଳ ସୁଆଙ୍ଗ ନୃତ୍ୟ ପରିବେଷଣ, ସ୍ଥାନ: ବଡମାଳ, ବୀରମହାରାଜପୁର, ସମୟ: ରାତି ୧୧ଟା।

## ରାଉରକେଲା

- ପୂର୍ବତନ ବିଧାୟକ ଜର୍ଜ ତିର୍କିଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୮, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୟ ହନୁମାନ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଚିଷ୍ଟ କ୍ରିକେଟ ମ୍ୟାଚ, ସ୍ଥାନ:ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା। .
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଶିକ୍ଷଣୀୟ କାର୍ଯ୍ୟକ୍ରମ, ସ୍ଥାନ : ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଇତମା ନିକଟ ସେମେଲବାହାଲ ଶିବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ବରଗଡ଼

- ନବଦିନାତ୍ମକ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶରୀ ମନ୍ଦିର, ବରଗଡ଼ ସମୟ:ସକାଳ ୭ଟା।
- ବାଟ ମଙ୍ଗଳାଙ୍କ ନବରାତ୍ର ପୂଜା, ସ୍ଥାନ:ବିଶାଳପାଲି, ସମୟ:ସକାଳ ୭ଟା।
- ମା' ଶ୍ୟାମାକାଳୀଙ୍କ ନବଦିନାତ୍ମକ ମହୋତ୍ସବ, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତଇଲପଥାଲଇ, ଜମୁର୍ଡା, ସମୟ:ସକାଳ ୭ଟା।
- ଉଚ୍ଛବ ନାଟକ ମହୋତ୍ସବ, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା୩୦।

## କଳାହାଣ୍ଡି

- ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କ ମାସିକ ବୈଠକ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ତିନିଦିନ ବ୍ୟାପୀ ମା' ତାରିଣୀ ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ମଶାଣିବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମ ତାରିଣୀ ଛକ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୯ଟା।
- ମା' ଧରଣୀ ଦେବୀଙ୍କ ଚଇତି ପର୍ବ, ସ୍ଥାନ: କୋମନା ବ୍ଲକ ଜଟଗଡଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା।
- ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଖଡ଼ିଆଳସ୍ଥିତ ଗଡ଼ାରାମୁଣ୍ଡାଠାରେ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ଅଷ୍ଟମ ଦିବସ, ସ୍ଥାନ: ଦୁର୍ଗାମଣ୍ଡପ,କଣ୍ଟାମାଳ ବ୍ଲକ, ସମୟ: ସକାଳ ୮ଟା।

## ଦେବଗଡ଼

- ନବରାତ୍ର, ବାସନ୍ତିକ ଦୁର୍ଗାପୂଜା ଚତୁର୍ଥ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣ କାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଶ୍ରୀ ହନୁମତ୍ ଜନ୍ମୋତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ହନୁମାନ ବଜାର କାମାକ୍ଷାନଗର, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ଦଧିବାମନଜୀଉ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ଆଳତୁମା, ସମୟ: ସକାଳ ୮ଟା।
- ଓଡିଶା ଆଦର୍ଶ ବିଦ୍ୟାଳୟ ଜନ୍ତାରିବୋଲ କାମାକ୍ଷାନଗରର ବାର୍ଷିକ ଉତ୍ସବ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ ସ୍ଥିତ ଅଡିଟୋରିଅମ, ସମୟ: ପୂର୍ବାହ୍ନ ୧୦ଟା।
- ଗଁଦିଆ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଗଁଦିଆ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ସମୀକ୍ଷା ଫେଜ୍-୨, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ, ସ୍ଥାନ: ଅନୁଗୋଳ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ, ସ୍ଥାନ: ତାଳଚେର, ସମୟ: ପୂର୍ବାହ୍ନ ୧୧ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ, ସ୍ଥାନ: ଆଠମଲ୍ଲିକ, ସମୟ: ଅପରାହ୍ନ ୨ ଟା।
- ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ, ସ୍ଥାନ: ପାଲଲହଡ଼ା, ସମୟ: ଅପରାହ୍ନ ୪ ଟା।

## କେନ୍ଦ୍ରାପଡ଼ା

- ଜଗବନ୍ଧୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଂସାର, କେନ୍ଦ୍ରାପଡା, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଖିଲାରୀ ସ୍କୁଲ ଖେଳପଡିଆ, କୋଇଲିପୁର, ରାଜକନିକା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପିସିଏଲ୍ (ପାରାଦୀପ କ୍ରିକେଟ ଲିଗ୍) ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ପାରାଦୀପ ନୂଆବଜାର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ, ସ୍ଥାନ: ଯାଜପୁର ଜିଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ମା' ସିଂହାରଶୁଣୀଙ୍କ ଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଚୋରମୁହାଁ ପଞ୍ଚାୟତର ସିଂହାରସାହି, ସମୟ: ସନ୍ଧ୍ୟା ୬ଟା୩୦।
- ଯାଜପୁର ପୌର ପରିଷଦର ୧୮ ନମ୍ବର ୱାର୍ଡର ବିଜେଡି କର୍ମୀ ସମ୍ମିଳନୀ,ସ୍ଥାନ : ବିରଜା କଲ୍ୟାଣ ମଣ୍ଡପ,ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ନିର୍ବାଚନର ପର୍ବ ଆମ ଦେଶର ଗର୍ବ ଉପରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ନାଗଡ ଆଦର୍ଶ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଶାଳଝରିଆ ଗାଁ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୂଚନା ରହିଛି। ଦ୍ୱିଜା ନକ୍ଷତ୍ରର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଭଲ ସମ୍ପର୍କ ଥିବା ସହକର୍ମୀଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଫ୍ଲଟିଂ କାରବାର ଓ ଆଇନ, ଅଦାଲତ କ୍ଷେତ୍ରରୁ ଆଶାଜନକ ଫଳ ପାଇବେ।

**ବୃଷ**
ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ ଏବଂ ଏକ ପ୍ରକାର ଆଶ୍ୱସ୍ତିଲାଭ କରିବେ। ଫାଇଲ୍ କାମରେ ସାହାଯ୍ୟ ପାଇଁ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ମୃଗଶିରା ନକ୍ଷତ୍ର ସକାଶେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତ ହେବ।

**ମିଥୁନ**
ଆଗପଛ ବିଚାର ନ କରି କାମ କରିଚାଲିଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଦିନର ପ୍ରଥାମାର୍ଦ୍ଧଟି ଭଲରେ କଟିବା ବେଳେ ଦ୍ୱିତୀୟାର୍ଦ୍ଧରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ନିଜର କିଛି ଫାଇଦା ହାସଲ ପାଇଁ ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ଆରର୍ଦ୍ରା ନକ୍ଷତ୍ରର ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କର୍କଟ**
ସମସ୍ୟାର ସରଳ ସମାଧାନ କରିବା ଦିଗରେ ନିକଟସ୍ଥ ବନ୍ଧୁ କିମ୍ବା ସାଙ୍ଗସାଥୀମାନଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିଜ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ଦିନ ଗୋଟାଏ ପରେ ଜଣେ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ।

**ସିଂହ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ଚିନ୍ତିତ ରହିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ପାଇଁ ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇଯିବେ। ଋଣଗ୍ରସ୍ତ ହୋଇଥିଲେ ମଧ୍ୟ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଖର୍ଚ୍ଚରୁ ଓହରି ପାରିବେ ନାହିଁ।

**କନ୍ୟା**
କୌଣସି ବ୍ୟକ୍ତି ଫୁସୁଲା ଫୁସୁଲି କରି ଫାଇଦା ହାସଲ ପାଇଁ ଚେଷ୍ଟା କରିପାରନ୍ତି। ଚିତ୍ରା ନକ୍ଷତ୍ରର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ଖର୍ଚ୍ଚାନ୍ତ ଓ ବିନୟପୂର୍ଣ୍ଣ କଥା ମାଧ୍ୟମରେ ବାଦବିବାଦର ଆପୋସ ସମାଧାନ ଘଟିବ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନ ସମସ୍ୟାବହୁଳ ହୋଇପାରେ।

**ତୁଳା**
ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଯାଇ ନିଜେ ହଇରାଣରେ ପଡ଼ିବାର ଆଶଙ୍କା ରହିଛି। ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେବେ ଓ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**
ସାମାଜିକ ସ୍ତରରେ ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ସୁଧାରି ନେବେ। କାମ ସୁବିଧାରେ ନ ହେବା କାରଣରୁ ସାମୟିକ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ର ସାହିତ୍ୟ, ସଙ୍ଗୀତରେ ଦ୍ୱନ୍ଦ୍ୱର ସମାଧାନ, ବନ୍ଧୁଙ୍କ ସନ୍ଦେହମୋଚନ କରିବେ। ମକଦ୍ଦମା, ପ୍ରତିଯୋଗିତାରେ ସଫଳତା ମିଳିବ।

**ଧନୁ**
ପୂର୍ବ ସମସ୍ୟା କେତେକାଂଶରେ ସୁଧୁରି ଯାଇଥିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ତଥାପି ଅସୁବିଧାଜନକ ପରିସ୍ଥିତିରେ ନିଜଲୋକଙ୍କଠାରୁ ଆସ୍ଥା ହରାଇ ମନସ୍ତାପ କରିପାରନ୍ତି। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ବ୍ୟସ୍ତତା ଅନୁଭବ କରିବେ। ମୂଳା ନକ୍ଷତ୍ର ବନ୍ଧୁ ଗହଣରେ ଛୋଟ କଥାକୁ କେନ୍ଦ୍ର କରି କଳହ କରିପାରନ୍ତି।

**ମକର**
ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମକୁ ବଢ଼ାଇ ନେବେ। ଦୀର୍ଘଦିନର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାର ସଦସ୍ୟଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଶ୍ରବଣା ନକ୍ଷତ୍ର ସକାଶେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହେବ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ଦେଖାଦେଇପାରେ। ସାଧାରଣ କଥାରେ ଉତ୍ତେଜିତ ହେଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶତଭିଷା ନକ୍ଷତ୍ର ସକାଶେ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ମୀନ**
ପୂର୍ବଭାଦ୍ରପଦ ନକ୍ଷତ୍ର ଆଜି ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ହାସଲ କରିପାରିବେ। ଆତ୍ମୀୟସ୍ୱଜନମାନଙ୍କର ଆନ୍ତରିକତା ବିହୀନ କଥା ଓ କାମରେ ଅସନ୍ତୁଷ୍ଟ ହେଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଆଜିର ଲକ୍ଷ୍ୟହୀନ ଯାତ୍ରାରୁ ଦୂରେଇ ରହିଲେ ଭଲ ହେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

ଆଜି ଏପ୍ରିଲ ୧୨ ତାରିଖ, ଚୈତ୍ର ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ଶୁକ୍ରବାର। ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୪ମି. ଗତେ ଘ.୦୬.୨୪ମି. ମଧ୍ୟେ, ଘ.୦୭.୧୪ମି. ଗତେ ଘ.୦୮.୪୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୪ ମି. ଗତେ ଘ.୧୧।୪୭ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ନାଭାଲ୍‌ନି ଦଶା...

କରିଥିଲା। ଗତ ଅକ୍ଟୋବରରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଗିରଫ କରାଗଲା। ସଞ୍ଜୟ ୬ ମାସ ତିହାର ଜେଲରେ ରହିବା ପରେ ଗତ ୩ ତାରିଖରେ ମୁକୁଳିଥିବାବେଳେ ସତ୍ୟେନ୍ଦ୍ର ଓ ମନୀଷ ଏବେ ମଧ୍ୟ ବନ୍ଦୀ ଜୀବନ ବିତାଉଛନ୍ତି। ଗତ ଜାନୁଆରୀ ୩୧ରେ ଝାଡ଼ଖଣ୍ଡର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଇଡି ଗିରଫ କରିଥିଲା। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମଧ୍ୟ ଇଡି ଗତ ୨୧ରେ ଗିରଫ କରିଥିଲା। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ସୋରେନ୍ ନିଜ ଗିରଫଦାରି ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବାବେଳେ କେଜ୍‌ରିୱାଲ ପଦ ନ ଛାଡ଼ି ଜେଲରୁ ସରକାର ଚଳାଉଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ଇଡି ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବାବେଳେ ଗୁରୁବାର ତାଙ୍କୁ ସିବିଆଇ ପକ୍ଷରୁ ଗିରଫ କରାଯାଇଛି।

ଅନୁରୂପ ଭାବେ ଇଡି ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଆଉ କେତେଜଣ ନେତାଙ୍କୁ ଏକାଧିକ ଥର ନିଜ ଅଫିସକୁ ଡକାଇ ଜେରା କରିଥିଲା। କେବଳ ଏତିକି ନୁହେଁ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ ଏମ୍‌ପି ଅଭିଷେକ ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପରିବାର ସଦସ୍ୟମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଲାଗିପଡ଼ିଛନ୍ତି। ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ଯେଉଁ ପ୍ରଭାବଶାଳୀ ନେତାମାନେ ଭାଜପା ବିରୋଧରେ ମନ୍ତବ୍ୟ ଦେଉଛନ୍ତି, ସେମାନଙ୍କୁ ଏଭଳି ଦଶା ଭୋଗିବାକୁ ପଡୁଛି। ଅନ୍ୟପକ୍ଷେ ଦୁର୍ନୀତି ଅଭିଯୁକ୍ତ ବିରୋଧୀ ନେତାମାନେ ଭାଜପାରେ ଯୋଗଦେବା ପରେ 'ଧୁଆମୂଳା' ପାଲଟିଯାଉଛନ୍ତି ବୋଲି ସମାଲୋଚନା ହେଉଛି। ବିରୋଧୀଙ୍କ ପକ୍ଷରୁ ଗତ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ଯଶୱନ୍ତ ସିହ୍ନା ଏନେଇ କହିଛନ୍ତି, ଇଲେକ୍ଟୋରାଲ ବଣ୍ଡ୍ ଭାଜପାର ସବୁଠୁ ବଡ଼ ଦୁର୍ନୀତି। ବିମୁଦ୍ରୀକରଣ ମାଧ୍ୟମରେ ଏହି ଦଳ କଳାଧନକୁ ଧଳା କରିଛି। ଭାଜପା ନିଜ ଦୁର୍ନୀତିକୁ ଏପରି ଘଣ୍ଟ ଘୋଡ଼ାଇଛି ଯେ, ଲୋକେ ତା'ର ଟେର୍ ବି ପାଇବେ ନାହିଁ। ଏହି ସରକାର କ୍ଷମତାରେ ଥିବା ପର୍ଯ୍ୟନ୍ତ ସଚ୍ଚୋଟ। ଥରେ କ୍ଷମତାରୁ ଯିବା ପରେ ଏହା ସବୁଠୁ ଦୁର୍ନୀତିଗ୍ରସ୍ତ ସରକାର ବୋଲି ଭାରତୀୟମାନେ ଜାଣିବାକୁ ପାଇବେ।

## ୪ର୍ଥ ପର୍ଯ୍ୟାୟ...

ରାସେଶ୍ୱରୀ ପାଣିଗ୍ରାହୀ ସମ୍ବଲପୁର ଆସନରୁ ବିଜୟୀ ହୋଇଥିବାବେଳେ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କଠାରୁ ହାରିଯାଇଥିଲେ। ଚଳିତ ଥର ଦଳ ତାଙ୍କୁ ଆଉ ସୁଯୋଗ ଦେଇନାହିଁ। ସେହିପରି ଦୀର୍ଘଦିନ ଧରି ଝୁଲି ରହିଥିବା ଭୁବନେଶ୍ୱର ମଧ୍ୟ ବିଧାନସଭା ଆସନ ପାଇଁ ବର୍ତ୍ତମାନର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଦଳ ପୁଣି ଟିକେଟ ଦେଇ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛି। କର୍ପୋରେଟର ଅମରେଶ ଜେନା ଓ ରୁଦ୍ର ସାମନ୍ତରାୟ ଗୋଷ୍ଠୀଙ୍କ ବିରୋଧର ପ୍ରଭାବ ଅନନ୍ତଙ୍କୁ ଟିକେଟରୁ ବଞ୍ଚିତ କରିପାରି ନାହିଁ। ବିଜେଡି ଏହି ପର୍ଯ୍ୟାୟକୁ ମିଶାଇ ମୋଟ ୧୧୭ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଆହୁରି ୩୦ଟି ଆସନରେ ପ୍ରାର୍ଥୀ ଘୋଷଣା ବାକି ରହିଛି। ସେହି ଆସନଗୁଡ଼ିକରେ ଆଶାୟୀମାନେ ବର୍ତ୍ତମାନର ବିଧାୟକଙ୍କୁ କଡ଼ା ଟକ୍କର ଦେଉଥିବାରୁ ବିଜେଡି ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଆଶାୟୀମାନଙ୍କୁ ବୁଝାଇଶୁଝାଇ ଦଳ ସତର୍କତାର ସହ ବିଧାନସଭା ପ୍ରାର୍ଥୀ ଘୋଷଣା କରୁଛି। କାଁ ଭାଁ କେତେକ ବିଧାନସଭା ସିଟ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଆସନରେ ବିଜେଡି ବର୍ତ୍ତମାନର ବିଧାୟକଙ୍କ ଉପରେ ଭରସା କରୁଥିବା ପ୍ରମାଣିତ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୧୮ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବାକୁ ଥିବାବେଳେ ଜୟପୁର ଓ ଚିତ୍ରକୋଣ୍ଡା ଆସନ ପାଇଁ ଏ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ।

## ଅରବିନ୍ଦ, ପ୍ରେମାନନ୍ଦଙ୍କ...

କରିଥିଲେ ମଧ୍ୟ ସେମାନଙ୍କ ସଭ୍ୟ ପଦ ରଦ୍ଦ ପାଇଁ କେହି ଆବେଦନ କରି ନାହାନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ସୁକାନ୍ତ ନାଏକଙ୍କ ସଭ୍ୟପଦ ରଦ୍ଦ ଲାଗି ଦଳ କ'ଣ ନିଷ୍ପତ୍ତି ନେବ ସେକଥା ଶୀର୍ଷ ନେତୃତ୍ୱ ହିଁ କହିପାରିବେ। ସେହିପରି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବିଦା ହୋଇସାରିଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ ପାଇଁ ଆବେଦନ ହୋଇନାହିଁ। ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି, ଯେତିକି ବହୁମତ ନେଇ ଦଳ ବଦଳ କରିବା କଥା ଉଭୟ ବିଧାୟକ ସେହି ନିୟମ ମାନିନାହାନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ଏନେଇ ଆବେଦନ କରିଥିଲେ। ଯେଉଁ ଆଇନ ଏବଂ ନିୟମ ଅନୁସାରେ ଉଭୟ ଦଳ ବଦଳ କରିବା କଥା ସେପରି ନିୟମ ମାନି ନ ଥିବାରୁ ଉଭୟଙ୍କ ସଭ୍ୟ ପଦ ରଦ୍ଦ କରାଯାଇଛି। ବିଧାନସଭା ଆଇନ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା ନିୟମାନୁଯାୟୀ, ମୋଟ ବିଧାନସଭା ଆସନର ଦୁଇତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ ଦଳ ବଦଳ କଲେ ସଭ୍ୟ ପଦ ରଦ୍ଦ ହେବ ନାହିଁ। ଅର୍ଥାତ୍ ୭୨ ଜଣ ବିଧାୟକ ଏକାସଙ୍ଗେ ଦଳ ବଦଳ କଲେ ସେହି ସ୍ଥାନରେ ସଭ୍ୟ ପଦ ରଦ୍ଦ ହେବ ନାହିଁ। ପ୍ରଶାନ୍ତ ଜଗଦେବ ଏବଂ ପ୍ରଦୀପ ପାଣିଗ୍ରାହୀଙ୍କୁ ଯେହେତୁ ବିଜେଡି ନିଜ ଆଡୁ ଦଳରୁ କାଢ଼ିଛି ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଶାସକ ଦଳ ଚାହିଁନାହିଁ। ସେମାନେ ଶେଷ ପର୍ଯ୍ୟନ୍ତ ବିଜେଡି ବିଧାୟକ ବୋଲି ହିଁ ଗଣତି ହେବେ। ହେଲେ ସେମାନେ ବିଜେଡିରୁ ବିଦାହେବା ପରେ ତାଙ୍କ ବିଧାନସଭାର ଆସନ ପରିବର୍ତ୍ତନ କରାଯାଇଛି। ଅନ୍ୟପଟେ ଅରବିନ୍ଦ ଢାଲି ଏବଂ ପ୍ରେମାନନ୍ଦ ନାଏକଙ୍କୁ ଗତ ବୁଧବାରଠାରୁ ଆସନ୍ତା ବିଧାନସଭା ଗଠନ ପର୍ଯ୍ୟନ୍ତ ଦରମା ମିଳିବ ନାହିଁ। ହେଲେ ସେମାନଙ୍କୁ ପୂର୍ବତନ ବିଧାୟକ ଭାବେ ଗଣତି କରାଯିବ। ସଭ୍ୟ ପଦ ରଦ୍ଦ ହେବାପରେ ଅରବିନ୍ଦ କହିଛନ୍ତି, ବିଜେଡିରୁ ଇସ୍ତଫା ଦେଇସାରିଛି,ଏହାପରେ ବିଧାନସଭା ସଭ୍ୟ ପଦ ରଦ୍ଦ କରିବାରେ କ'ଣ ଅଛି। ଯଦି ସଭ୍ୟ ପଦ ରଦ୍ଦ କଲେ ଠିକ୍ ଅଛି। ୪ ଜଣ ବର୍ତ୍ତମାନର ବିଧାୟକ ଏବଂ ଯେଉଁମାନେ ଏମ୍‌ପି ଥାଇ ଦଳ ଛାଡ଼ିଛନ୍ତି ସମସ୍ତଙ୍କ ପାଇଁ ସମାନ ନିୟମ ପାଳନ କରିବା କଥା। ପକ୍ଷ ରଖିବାକୁ ବାଚସ୍ପତି ଡାକିଥିଲେ ଏବଂ ମେଡିକାଲ୍ କାର୍ଯ୍ୟ ହେତୁ ସାମାନ୍ୟ ବିଳମ୍ବରେ ପହଞ୍ଚିଥିଲି। ହେଲେ ସେମାନେ ଆଉ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏକ ପାଖିଆ ନିଷ୍ପତ୍ତିନେଲେ। ସେହିପରି ପ୍ରେମାନନ୍ଦଙ୍କ କହିବା ହେଲା ବାହାରେ ଥିବାରୁ ନିଜର ପକ୍ଷ ରଖିବାକୁ ଯାଇପାରି ନ ଥିଲି।

## ଆର୍‌ଟିଆଇରେ ବଣ୍ଡ...

ଦାୟିତ୍ୱସମ୍ପନ୍ନ କ୍ଷମତା ବଳରେ ରେକର୍ଡକୁ ପ୍ରଘଟ କରାଯିବ ନାହିଁ। ସେହିପରି ଧାରା ୮(୧)(ଜେ)ରେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ନ କରିବା ଲାଗି ନିୟମ ରହିଛି। ଆର୍‌ଟିଆଇ କର୍ମୀ ତଥା ଅବସରପ୍ରାପ୍ତ କମୋଡର ଲୋକେଶ ବାତ୍ରା ଗତ ମାର୍ଚ୍ଚ ୧୩ରେ ଏସ୍‌ବିଆଇକୁ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଡିଜିଟାଲ ରୂପରେ ମାଗିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଇଲି ପାଣି କୁଆକୁ
ମାସକ ଦରମା ପଠାଇ ଦେଲି
ନ ଅଣ୍ଟେ ପାନ ଗୁଆକୁ।**

ଆର୍ଥିକ ଭାବେ ସ୍ୱଚ୍ଛଳ ନ ଥିବା ବ୍ୟକ୍ତି ଜଣକ ନିଜ ପରିବାର ଚଳାଇବା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିପରି ବ୍ୟକ୍ତିଙ୍କୁ ନିଜ ରୋଜଗାରକୁ ଚାହିଁ ଜଗି ରଖି ଖର୍ଚ୍ଚ କରିବାକୁ ପଡୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଧିଆ ଭାଇ
ସବୁ କଥାରେ ହୋଇ ହୋଇ।**

ଯେଉଁ ବ୍ୟକ୍ତିଠାରେ ନିଜର କୌଣସି ସ୍ୱତନ୍ତ୍ରତା ନ ଥାଏ ସେ ସମସ୍ତଙ୍କ ହଁ ରେ ହଁ ମିଳାଉଥିବାର ଦେଖିବାକୁ ମିଳିଥାଏ। ଏପରି ଚରିତ୍ରର ବ୍ୟକ୍ତି ଆମ ସମାଜରେ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩୩% ମହିଳାଙ୍କୁ ଲୋକ ସଭା ପ୍ରାର୍ଥୀ କଲା ବିଜେଡି

ଭୁବନେଶ୍ୱର,୧୧।୪(ଅନିଲ ଦାସ)

ବିଜେଡି ୪ ପର୍ଯ୍ୟାୟରେ ୨୧ ଲୋକ ସଭା ଆସନ ପାଇଁ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଗୁରୁବାର ଶେଷ ପର୍ଯ୍ୟାୟରେ ବାକିଥିବା ବାଲେଶ୍ୱର ଆସନ ନିମନ୍ତେ ଭାଜପା ଛାଡ଼ିଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଜେଡି ପ୍ରାର୍ଥୀ କରିଛି। ବିଜେଡି ଲୋକ ସଭା ନିର୍ବାଚନରେ ମୋଟ ୭ ମହିଳାଙ୍କୁ ପ୍ରାର୍ଥୀ କରିବା ସହ ୩୩% ଟାର୍ଗେଟ ପୂରଣ ହୋଇଛି। ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଯାଜପୁରର ଶର୍ମିଷ୍ଠା ସେଠୀ ଓ ଭଦ୍ରକର ମଞ୍ଜୁଲତା ମଣ୍ଡଳଙ୍କୁ ଶାସକ ଦଳ ପୁଣିଥରେ ଟିକେଟ ଦେଇଥିବାବେଳେ କୋରାପୁଟରେ ଗତଥର ପରାଜିତ ହୋଇଥିବା କୌଶଲ୍ୟା ହିକ୍କାଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି। ଆସିକାରେ ରଞ୍ଜିତା ସାହୁ, ବରଗଡ଼ରେ ପରିଣୀତା ମିଶ୍ର ଓ ବାଲେଶ୍ୱରରେ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ମିଶାଇ ମୋଟ ୭ଜଣ ମହିଳାଙ୍କୁ ଲୋକ ସଭା ମଇଦାନକୁ ବିଜେଡି ଓହ୍ଲାଇଛି।

୨୧ଟି ଲୋକ ସଭା ଆସନ ମଧ୍ୟରୁ ୯ଟିରେ ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ୪ଜଣ ଏମ୍‌ପିଙ୍କୁ ସେମାନଙ୍କ ସ୍ଥାନରେ ଦଳ ପୁଣି ଟିକେଟ ଦେଇଥିବାବେଳେ ୨ ପରାଜିତ ପ୍ରାର୍ଥୀଙ୍କୁ ଭରସା କରି। ୨୦୧୯ରେ ଭୁବନେଶ୍ୱର ଲୋକ ସଭା ଆସନରୁ ପରାଜିତ ହୋଇଥିବା ଅରୂପ ପଟ୍ଟନାୟକଙ୍କ ସ୍ଥାନ ପରିବର୍ତ୍ତନ କରି ପୁରୀରୁ ତାଙ୍କୁ ପ୍ରାର୍ଥୀ କରିଛି। ସେହିପରି ୨୦୧୯ ନିର୍ବାଚନରେ ପରାଜିତ କୌଶଲ୍ୟା ହିକ୍କାଙ୍କୁ ଦଳ କୋରାପୁଟରୁ ଲଢ଼ିବାକୁ ଆଉଥରେ ସୁଯୋଗ ଦେଇଛି। ଦଳଡିଆଁଙ୍କ ମଧ୍ୟରେ ଭାଜପାରୁ ଆସିଥିବା ୪ ଜଣ ଓ କଂଗ୍ରେସରୁ ଆସିଥିବା ୫ ଜଣ ନେତାଙ୍କୁ ବିଜେଡି ଏଥର ଲୋକ ସଭାରେ ପ୍ରାର୍ଥୀ କରିଛି। ବିଜେଡି ଏଥର ଲୋକ ସଭା ନିର୍ବାଚନ ମଇଦାନରେ ସର୍ବାଧିକ ଦଳଡିଆଁଙ୍କୁ ପ୍ରାର୍ଥୀ କରିଛି। ସେଥିରେ କଂଗ୍ରେସରୁ ଆସିଥିବା ଅନୁଭବ ମହାନ୍ତି, ସୁରେନ୍ଦ୍ର ସିଂ ଭୋଇ, ମନ୍ମଥ ରାଉତରାୟ, ପ୍ରଦୀପ ମାଝି ଓ ଅବିନାଶ ସାମିଲ ଥିବାବେଳେ ଭାଜପାରୁ ଆସିଥିବା ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ପରିଣୀତା ମିଶ୍ର ଓ ଧନୁର୍ଜୟ ସିଦ୍ଧୁ ଅଛନ୍ତି। ବିଜେଡି ଯେଉଁ ସମୀକରଣ ଓ ରାଜନୈତିକ ଫାଇଦା ପାଇଁ ଏଭଳି ପ୍ରାର୍ଥୀ ଚୟନ କରିଛି, ସେଥିରେ କେତେ ସଫଳ ହେଉଛି ତାହା ସାଧାରଣ ନିର୍ବାଚନ ଶେଷ ହେବାପରେ ଜଣାପଡ଼ିବ। ସୂଚନାଯୋଗ୍ୟ, ଭାଜପା ୨ଟି ପର୍ଯ୍ୟାୟରେ ସମସ୍ତ ୨୧ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ ଗୋଟିଏ ପର୍ଯ୍ୟାୟରେ ୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି।

# ଖଡ଼ିଆଳ ରାଜବାଟିରେ ଭାଲୁ



ଭାଲୁ ଖଡ଼ିଆଳ ରାଜବାଟି ରୋଷେଇ ଘରେ ପଶିଛି।

## ଖାଇଲା ରାଜକୀୟ ଖାଦ୍ୟ, ରାଜମହଲ ଲୋକେ ଭୟଭୀତ

ଖଡ଼ିଆଳ,୧୧।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସହରରେ ବୁଧବାର ରାତିରେ ବୁଲୁଥିବା ଭାଲୁ ଶେଷରେ ଖଡ଼ିଆଳ ରାଜବାଟି ରୋଷେଇ ଘରେ ପଶିଥିଲା। ଖଡ଼ିଆଳ ରାଜା ସାହେବଙ୍କ ରାଜବାଟି ଭିତରେ ପଶି ଡାଇନିଂ ହଲରେ ବିଭିନ୍ନ ରାଜକୀୟ ଖାଦ୍ୟ ଖାଇଛି। ଖଡ଼ିଆଳ ରାଜା ସାହେବଙ୍କ ବାସଗୃହ ଛାତ ଉପରେ ବୁଲୁଥିବା ଭାଲୁ ଦେଖି ରାଜପରିବାର ଆତଙ୍କିତ ହୋଇପଡିଥିଲେ। ଭାଲୁ ଛାତ ଉପରେ ଥିବା ବେଳେ ରାଜା ଘର ଲୋକେ ଘର ଭିତରେ କବାଟ ବନ୍ଦ କରି ଲୁଚି ରହିଥିଲେ। ଭାଲୁ ଧରିବା ପାଇଁ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ନିରୀକ୍ଷଣ କରୁଥିଲେ। ଭାଲୁ ଧରିବା ପାଇଁ ରାଜବାଟି ପାଖକୁ ଯନ୍ତା ଅଣାଯାଇଥିଲା। ହେଲେ ଭାଲୁ ଧରାଛୁଆଁ ଦେଲାନାହିଁ। ଅନ୍ୟପଟେ ଭାଲୁର ଏଭଳି ଆତଙ୍କ ଦେଖି ଖଡ଼ିଆଳ ନଗରବାସୀ ଆତଙ୍କିତ ହୋଇ ପଡିଥିଲେ। ପରେ କଳାହାଣ୍ଡିରୁ ଗୋଟିଏ ଟିମ୍ ଆସି ଭାଲୁ ଘଉଡ଼ାଇ ଥିଲେ। ସୂଚନା ଅନୁସାରେ ବୁଧବାର ପ୍ରାତଃ ସମୟରେ ଭାଲୁ ଖଡ଼ିଆଳ ସହର ଭିତରେ ପଶି ଆତଙ୍କ ଖେଳାଇଥିଲା। ରାସ୍ତା କଡରେ ଭାଲୁ ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇ ପଡିଥିଲେ। ଲୋକ ଗହଳିରେ ଭାଲୁ ଖଡ଼ିଆଳ ରାଜବାଟି ନିକଟସ୍ଥ ନିଲଜୀବନ୍ଧ ଓ ନୂଆବନ୍ଧ ପାଖ ବୁଦାରେ ଲୁଚିଥିଲା। ସନ୍ଧ୍ୟାରେ ଭାଲୁ ଘଉଡ଼ାଇବା ବେଳେ ଜଙ୍ଗଲକୁ ଚାଲିଯିବା ବଦଳରେ ସିଧାସଳଖ ଖଡ଼ିଆଳ ରାଜା ସାହେବଙ୍କ ରାଜବାଟି ଭିତରକୁ ପଶିଥିଲା।

# ଆତ୍ମସମର୍ପଣ କଲେ ୧୫ ମାଓବାଦୀ

ରାଉରକେଲା, ୧୧।୪
(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ବୃଦ୍ଧି ପାଉଥିବା ମାଓବାଦୀ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ଥାନୀୟ ପୋଲିସ ଓ ସୁରକ୍ଷାବଳ କୋମ୍ବିଂ ଅପରେଶନ୍ ୨୦୨୩ ଜାନୁଆରୀରୁ ଆରମ୍ଭ କରିଥିଲା। ଇତି ମଧ୍ୟରେ ୧୬୧ ଜଣ ମାଓବାଦୀ ଓ ପ୍ରତିବନ୍ଧିତ ସଂଗଠନର ସଦସ୍ୟ ଗିରଫ ହୋଇଥିବା ବେଳେ ଗୁରୁବାର ପ୍ରଥମ କରି ଏକକାଳୀନ ୧୫ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ୮ଟି ଆପରାଧକ ମାମଲାରେ ସଂଶ୍ଳିଷ୍ଟ ପ୍ରଧାନ କୋଡା, ଚନ୍ଦୋ ଅଙ୍ଗରିଆ, ୫ଟି ମାମଲାରେ ସମ୍ପୃକ୍ତ ଘାସିରାମ ଗୋପ୍, ୪ଟି ଆପରାଧିକ ମାମଲାରେ ସମ୍ପୃକ୍ତ ବିଜୟ ବାୟପୋଇ, ୩ଟି ମାମଲାରେ ସଂଶ୍ଳିଷ୍ଟ ଗଙ୍ଗାରାମ ପୂର୍ତ୍ତି, ୨ଟି ମାମଲାରେ ସମ୍ପୃକ୍ତ ବୋୟୋ କୋଡା, ଜୋଗେନ୍ କୋଡା, ନିଶା କୋଡା, ସୋନୁ ଚମ୍ପିଆ, ୨ଟି ମାମଲାରେ ସମ୍ପୃକ୍ତ ରାମଜା ପୂର୍ତ୍ତି, ଶୋହନ୍ ସିଂହ ହେମ୍ବ୍ରମ୍, ଡେରେନ୍ ଚାମ୍ପିଆ, ମୋଗୋ ଚାମ୍ପିଆ, ମନି ଚାମ୍ପିଆ। ସେମାନଙ୍କ ସହ ଜଣେ ନାବାଳକ ରହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପଶ୍ଚିମ ଚାଇଁବାସା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ସରଳ ଜୀବନ ଯାପନ ପାଇଁ ସହଯୋଗ ଓ ପରାମର୍ଶ ପ୍ରଦାନ କରାଯାଇଥିଲା।

# ଚନ୍ଦ୍ରଶେଖର ସାହୁ ଅସୁସ୍ଥ

ବ୍ରହ୍ମପୁର,୧୧।୪(ନରସିଂହ ସାହୁ)



ବ୍ରହ୍ମପୁର ଏମ୍‌ପି ତଥା ବିଜେଡି ନିର୍ବାଚନୀ ଇସ୍ତାହାର କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ଗୁରୁବାର ହଠାତ୍ ଅସୁସ୍ଥ ହୋଇ ପଡ଼ିଛନ୍ତି। ଛାତିରେ ଯନ୍ତ୍ରଣା ଯୋଗୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ବ୍ରହ୍ମପୁରରୁ ତାଙ୍କର ଅନେକ ସମର୍ଥକ ରାଜଧାନୀ ଯାଇଛନ୍ତି। ଚନ୍ଦ୍ରଶେଖରଙ୍କ ଆରୋଗ୍ୟ କାମନା କରି ବ୍ରହ୍ମପୁର ମହାନଗରର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଚାଲିଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ହସପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହିତ ସେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାଛଡ଼ା ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ ଏବଂ ଉତ୍ତର ବିଧାୟକ ସୁଶାନ୍ତ ରାଉତ ମଧ୍ୟ ହସପିଟାଲ ଯାଇ ଚନ୍ଦ୍ରଶେଖରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି।

# ‘ଓଡ଼ିଆଙ୍କ ପାଇଁ ଛେନାପୋଡ଼ ଏକ ଆବେଗ’



ଅତିଥିମାନେ ଛେନାପୋଡ଼ କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହେଲା ଛେନାପୋଡ଼ ଦିବସ

## ନୟାଗଡ଼ର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୧।୪(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜଧାନୀ ଭୁବନେଶ୍ୱରରେ ଧୁମ୍‌ଧାମ୍‌ରେ ପାଳନ ହୋଇଛି ଛେନାପୋଡ଼ ଦିବସ। ଛେନାପୋଡ଼ ଯେ କେବଳ ନୟାଗଡ଼ର ପରିଚୟ ତାହା ନୁହେଁ, ଏହା ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଆବେଗ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି। ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୁରୁବାର ସୂଚନା ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍ସବରେ ଛେନାପୋଡ଼ ସଙ୍ଗୀତର ଏକ ଚିତ୍ରରୂପ ଲୋକାର୍ପଣ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ସାହିତ୍ୟିକ ଦାଶ ବେନ୍‌ହୁର, ପ୍ରସିଦ୍ଧ କଣ୍ଠଶିଳ୍ପୀ ତାନସେନ ସିଂ, ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ମିଡିଆ ପରାମର୍ଶଦାତା ଡ. ଉମାକାନ୍ତ ମିଶ୍ର, ଜେଏସ୍‌ପିଏଲ୍‌ର ଉପାଧ୍ୟକ୍ଷ ବିଭୁ ପ୍ରସାଦ ମିଶ୍ର ଓ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ତପନ କୁମାର ପଣ୍ଡା ପ୍ରମୁଖ ଛେନାପୋଡ଼ କାଟି ଉତ୍ସବର ଶୁଭାରମ୍ଭ କରିଥିଲେ। ଲେଖକ ତଥା ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିବାବେଳେ ମଞ୍ଚର ସହଆବାହକ ସୁବ୍ରତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସବ୍ୟାପୀ ଆୟୋଜିତ ଏହି ଉତ୍ସବରେ ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ଓ ପେଟପୂଜା ସାଙ୍ଗକୁ ପାଲା, ଦାସକାଠିଆ, ବାଘଶବର ନାଚ, ଧୁଡୁକି, ଦଣ୍ଡନାଚ, ରାମଲୀଳା, ଢଣକୋଇଲା, ଦୁଆରି, ପାରମ୍ପରିକ ଓ ଆଧୁନିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ନୟାଗଡ଼ରୁ ଅଣାଯାଇଥିବା ସ୍ୱତନ୍ତ୍ର ଛେନାପୋଡ଼ ସାଙ୍ଗକୁ ଜିଲାର ବିଭିନ୍ନ ଖାଦ୍ୟଦ୍ରବ୍ୟ ମଧ୍ୟ ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ନୟାଗଡ଼ର ବିଶିଷ୍ଟ ଛେନାପୋଡ଼ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ଦର୍ଶକ ଛେନାପୋଡ଼ ସାଙ୍ଗକୁ ନୟାଗଡ଼ର ଅନ୍ୟ ସୁଆଦିଆ ଖାଦ୍ୟର ମଜା ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମଞ୍ଚ ପକ୍ଷରୁ ଡ. ଗିରିଶ ରଞ୍ଜନ, ଆଶିଷ କୁମାର ରଥ, ସତ୍ୟେନ୍ଦୁ ମିଶ୍ର, ପ୍ରତ୍ୟୁଷ ଦେବାଶିଷ, ରୋହନ ମହାପାତ୍ର, ଉମାକାନ୍ତ ମହାପାତ୍ର, ରାଜେଶ ପରିଡ଼ା, ସୁଧାଂଶୁ ସାହୁ, ରାଜକିଶୋର ଡାକୁଆ, ଓମ୍ ପଟ୍ଟନାୟକ, ଚିନ୍ମୟୀ ଶତପଥୀ ଓ ରେଣୁକା ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଚାକିରି ଦେବାକୁ କହି ୭୯ ଲକ୍ଷ ଠକେଇ

ଅନୁଗୋଳ,୧୧।୪(ଅମିତ ସାମଲ)

ଅନୁଗୋଳ ସାଇବର ଥାନାରେ ୭୯ ଲକ୍ଷ ଟଙ୍କାର ଏକ ଠକେଇ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ସୀମାଞ୍ଚଳ ପ୍ରସାଦ ଖାଡ଼ଙ୍ଗାଙ୍କ ଅଭିଯୋଗକ୍ରମେ ସାଇବର ଥାନା ପୋଲିସ ନଂ. ୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ସୀମାଞ୍ଚଳ ୨୦୨୩ ଜୁଲାଇରେ କାନାଡାର ଏକ କମ୍ପାନୀରେ କାର୍ଯ୍ୟ କରିବାକୁ ଅଫର୍ ପାଇଥିଲେ। ଏ ନେଇ ସେ ଇ-ମେଲ୍ ମାଧ୍ୟମରେ ଯୋଗାଯୋଗରେ ରହିଥିଲେ। ତେବେ ସେ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଥିବା କଥା ଜାଣି ପାରି ନ ଥିଲେ। ଫଳରେ ସେ ଠକ ଜଣଙ୍କ କଥାରେ ପ୍ରଭାବିତ ହୋଇ ଗତ ୨୦୨୩ ସେପ୍ଟେମ୍ବରରୁ ୨୦୨୪ ଫେବୃଆରୀ ମଧ୍ୟରେ ୭୮ ଲକ୍ଷ ୫୬ ହଜାର ୨୮୯ ଟଙ୍କା ପ୍ରଦାନ କରିଥିଲେ। ଚାକିରି ଲୋଭରେ ପଡ଼ି ସେ ସର୍ବସ୍ୱ ହରାଇଥିବା ଜାଣିବା ପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ପୋଲିସ ପ୍ରକାଶ କରିଛି।

# ସ୍ୱର୍ଗଦ୍ୱାର ଯାଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ୭ ଆହତ

ଖଲ୍ଲିକୋଟ,୧୧।୪
(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ମୃତଦେହ ପୁରୀ ସ୍ୱର୍ଗଦ୍ୱାର ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ମହିଳାଙ୍କ ସହ ୬ ଜଣ ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଏକ ଏକ୍ସଏଲ୍ ଗାଡିକୁ ଧକ୍କାଦେଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଏକ୍ସଏଲ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ୭ ଆହତଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି।

ଦିଗପହଣ୍ଡିର ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସମ୍ପର୍କୀୟମାନେ ମରଶରୀରକୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପୁରୀ ସ୍ୱର୍ଗଦ୍ୱାର ନେଉଥିଲେ। ଖଲ୍ଲିକୋଟ ଚଣ୍ଡୀ ଢାବା ନିକଟରେ ଆମ୍ବୁଲାନ୍ସଟି ଏକ ଏକ୍ସଏଲ ଗାଡ଼ିକୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ମୃତଦେହ ରାସ୍ତା ଉପରକୁ ଛିଟିକି ପଡିବା ସହ ମୃତକଙ୍କ ସମ୍ପର୍କୀୟ କୁନି ମହାଙ୍କୁଡ, ଝୁନୁ ଗୌଡ଼, ସବିତା କୁମାରୀ ଗୌଡ଼, ଦୁଃଖୀ ଗୌଡ଼, ସଞ୍ଜୟ ମହାଙ୍କୁଡ, ସୀମାଞ୍ଚଳ ଗୌଡ଼ ଆହତ ହୋଇଥିଲେ। ଏକ୍ସଏଲ ଗାଡ଼ି ଚାଳକ ଡିଆଁଡେଇଁ ଗ୍ରାମର ଦ୍ୱିତୀୟା ନାହାକ ମଧ୍ୟ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ସଞ୍ଜୟ ମହାଙ୍କୁଡ ଏବଂ ଦ୍ୱିତୀୟାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନକୁ ଥାନାକୁ ଆଣି ତଦନ୍ତ ଚଳାଇଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସଂସ୍କାର ପାଇଁ ଯାଉଥିବା ମୃତଦେହକୁ ଖଲ୍ଲିକୋଟ ମେଡିକାଲରେ ରଖାଯାଇଛି।



ଖଲ୍ଲିକୋଟ ଚଣ୍ଡୀ ଢାବା ନିକଟରେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

# ଯୋଡ଼ାରେ ପୁଣ୍ଣ ଟେକିଲାଣି ମ୍ୟାଲେରିଆ | ୩ ଦିନରେ ୬ ଆକ୍ରାନ୍ତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/
ଯୋଡ଼ା(ମାନସ ମହାନ୍ତି),୧୧।୪

ଏକଦା ମ୍ୟାଲେରିଆରେ ଆକ୍ରାନ୍ତ ଓ ମୃତ୍ୟୁକୁ ନେଇ କେନ୍ଦୁଝର ଜିଲା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ମ୍ୟାଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ପ୍ରକାର ସଚେତନତା ଓ ନିରାକରଣ କାର୍ଯ୍ୟକ୍ରମ ଆୟୋଜନ କରିବା ପରେ ଏହା ନିୟନ୍ତ୍ରଣକୁ ଆସିଥିଲା। ଏବେ ପୁଣି ଜିଲାରେ ମ୍ୟାଲେରିଆ ଆତଙ୍କ ଦେଖାଦେବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଦେଇଛି। ମାର୍ଚ୍ଚରେ ଜିଲାରେ ସମୁଦାୟ ୯ ପଜିଟିଭ୍ ବାହାରିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ଯୋଡ଼ା ଅଞ୍ଚଳରେ ୩ ଦିନରେ ୬ ଜଣ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଯୋଡ଼ା ଅଞ୍ଚଳରେ ଡେଙ୍ଗୁ ବ୍ୟାପୁଥିବା ନେଇ କିଛି ମାସ ତଳେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏବେ ମ୍ୟାଲେରିଆ ଚିନ୍ତାର ବିଷୟ ହୋଇଛି। ବାଂଶପାଣି ଅଞ୍ଚଳରୁ ଗୋଟିଏ ପରିବାରର ୮ ମାସର ଶିଶୁପୁତ୍ର ସମେତ ୪ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ରହିଛି। ସେହିପରି ଘରୋଇ କ୍ଲିନିକ୍‌ରେ ୨ ଜଣ ବ୍ୟକ୍ତି ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଜଣାଯାଇଛି। ମା’ ପାଥୋଲୋଜିରେ ମହେନ୍ଦ୍ର ଅଙ୍ଗାରିଆ ନାମକ ବ୍ୟକ୍ତି ନିଜର ରକ୍ତ ପରୀକ୍ଷା କରିବାରୁ ତାହା ମ୍ୟାଲେରିଆ ପଜିଟିଭ ବୋଲି ଜଣାପଡ଼ିଛି। ସେହିପରି ଏକ ଘରୋଇ ଡାକ୍ତରଖାନାରେ ବୁଦ୍ଧୁରାମ ମୁଣ୍ଡା ନାମକ ବ୍ୟକ୍ତି ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା କହିଛନ୍ତି। ଅଞ୍ଚଳରେ ବହୁ ଲୋକ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କ ରକ୍ତ ନମୁନା ଯାଞ୍ଚ ହେଲେ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ କି ନାହିଁ ଜଣାପଡ଼ିବ ବୋଲି କୁହାଯାଉଛି। ଯୋଡ଼ା ପୌରାଞ୍ଚଳର ବିଭିନ୍ନ ବସ୍ତିରେ ବସବାସ କରୁଥିବା ଲୋକମାନଙ୍କ ରକ୍ତ ନମୁନା ମଧ୍ୟ ଯାଞ୍ଚ କରିବାକୁ ଦାବି ହେଉଛି। ପୂର୍ବରୁ ଯୋଡ଼ା ପୌରପାଳିକାରେ ପ୍ରତି ୱାର୍ଡରେ ମଶାରି ବଣ୍ଟନ, ମଶାଧୂଆଁ ଗାଡ଼ି ବୁଲୁଥିଲା। ଚଳିତ ବର୍ଷ ଏହା ଆରମ୍ଭ ହେବାକୁ ବିଳମ୍ବ ହେଉଥିବାରୁ ମଶା ବଂଶ ବୃଦ୍ଧି ପାଇବା ସହ ମ୍ୟାଲେରିଆ ବ୍ୟାପକ ରୂପ ନେବାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପୌରପାଳିକା ପକ୍ଷରୁ ମଶାଧୂଆଁ ଗାଡ଼ି ବୁଲାଇବା, ମଶାତେଲ, ବ୍ଲିଚିଂ ସିଞ୍ଚନ ଓ ଅନ୍ୟାନ୍ୟ ନିରାକରଣ ବ୍ୟବସ୍ଥା କରାଗଲେ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗକୁ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ସିଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ସମଗ୍ର ଜିଲାରେ ଗତ ମାସରେ ୯ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ସୂଚନା ରହିଛି। ତେବେ ଯୋଡ଼ା ଅଞ୍ଚଳରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ ଆସିଛି। ଏହାର ସତ୍ୟତା ଯାଞ୍ଚ ପରେ ଜଣାପଡ଼ିବ। ରିପୋର୍ଟ ମିଳିବା ପରେ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯିବ।

# ୨ ଶିକାରୀଙ୍କୁ ଧରାଇଦେଲେ ଗ୍ରାମବାସୀ | ୨ ଦେଶୀ ବନ୍ଧୁକ ଜବତ

ବାରିପଦା,୧୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଫଳପ୍ରଦ ହୋଇଛି । ଶିକାର କରିବା ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରୁଥିବା ୨ ବନ୍ଧୁକଧାରୀଙ୍କୁ ଧରାଇବାରେ ଗ୍ରାମବାସୀଙ୍କ ଭୂମିକାକୁ ବନ ବିଭାଗ ପ୍ରଶଂସା କରିଛି। ଆଗାମୀ ଦିନରେ ବନ ବିଭାଗ ପକ୍ଷରୁ ଉକ୍ତ ଗ୍ରାମବାସୀଙ୍କୁ ସମ୍ମାନିତ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ କେନ୍ଦୁଆ ଅଞ୍ଚଳର ଗ୍ରାମବାସୀମାନେ ଜଙ୍ଗଲକୁ ସୁରକ୍ଷା ଦେବାକୁ କାର୍ଯ୍ୟାରମ୍ଭ କରିଛନ୍ତି। ଶିକାର ଓ ଶିକାରୀଙ୍କୁ ରୋକିବା ପାଇଁ ଏକତ୍ରିତ ହୋଇଛନ୍ତି।



ଗିରଫ ୨ ଶିକାରୀ ଓ ଜବତ ବନ୍ଧୁକ

ଜଙ୍ଗଲ ସହିତ ବନ୍ୟଜନ୍ତୁ ସୁରକ୍ଷାରେ ବନ ବିଭାଗ ସହ ଯୋଡ଼ି ହୋଇଛନ୍ତି। ମଙ୍ଗଳବାର ୨ ଜଣ ଶିକାରୀ ଦୁଇଟି ବନ୍ଧୁକ ଧରି ଜଙ୍ଗଲକୁ ଶିକାର କରିବାକୁ ଯାଉଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସୂଚନାପାଇ କର୍ମଚାରୀମାନେ ଶିକାରୀ ଦ୍ୱୟଙ୍କୁ ଗିରଫ କରିବା ସହ ୨ ଦେଶୀ ବନ୍ଧୁକ ଓ ଶିକାରରେ ବ୍ୟବହୃତ ସରଞ୍ଜାମକୁ ଜବତ କରିଛନ୍ତି। ଗିରଫ ଶିକାରୀ ଦ୍ୱୟ ହେଲେ ବାରିପଦା ସଦର ଥାନା ଅଧୀନ କେନ୍ଦୁଝରୀ ଗ୍ରାମର ଜଠ ସିଂ ଓ ଶରତଚନ୍ଦ୍ର ପୁର ଗ୍ରାମର ଡାକ୍ତର ସିଂ। ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ତେବେ ଶିମିଳିପାଳକୁ ସୁରକ୍ଷା ଦେବାରେ ଲୋକଙ୍କ ଅଂଶଗ୍ରହଣ ଏକ ବଳିଷ୍ଠ ଉଦାହରଣ ବୋଲି ବନ ବିଭାଗ କହିଛି।

" ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ
ବାଡ଼ି ନୃସିଂହ ବିଜେ



# ସୃଜନାତ୍ମକ ବିନାଶ



ଡାରୋନ୍ ଆକେମୋଗ୍ଲୁ

ପୁରାତନ ଚାଇନାର ୟିନ୍ ଏବଂ ୟାଙ୍ଗ୍ ବିଚାର ପୃଥିବୀରେ ଆମ ଚାରିପାଖରେ ଥିବା ପରସ୍ପର ସମ୍ପର୍କିତ ବିପରୀତ ଢାଞ୍ଚା ଦେଖିବାର ମାନବୀୟ ପ୍ରବୃତ୍ତିକୁ ପ୍ରମାଣିତ କରେ। ଏହା ଏକ ଆକଳନ ଯାହା ସାମାଜିକ ଏବଂ ଅର୍ଥନୈତିକ ଘଟଣାରେ ପ୍ରାକୃତିକ ପ୍ରକ୍ରିୟାର ବିଭିନ୍ନ ସିଦ୍ଧାନ୍ତ ପାଇଁ ଉପଯୋଗୀ। ତେବେ କାର୍ଲ ମାର୍କ୍ସଙ୍କ ସିଦ୍ଧାନ୍ତ ଉତ୍ପାଦନକାରୀ ସମ୍ପର୍କର ଗୋଟିଏ ସ୍ଥିତିର ଧ୍ୱଂସକୁ ଆଉ ଏକ ସର୍ଜନା ସହ ଯୋଡ଼ିଥାଏ। ୧୯୧୩ରେ ଜର୍ମାନ୍ ଅର୍ଥନୀତିଜ୍ଞ ୱେର୍ନର ସୋମବାର୍ଟ ବି କହିଥିଲେ ଯେ, ବିନାଶରୁ ସୃଷ୍ଟିର ଏକ ନୂତନ ଆତ୍ମା ଉତ୍ପନ୍ନ ହୁଏ। ଅଷ୍ଟ୍ରେଲୀୟ ଅର୍ଥନୀତିଜ୍ଞ ଜୋସେଫ୍ ସ୍କୁମ୍ପେଟର ଯିଏ ଯୁକ୍ତିର ପରିସରକୁ ବ୍ୟାପକ କରିବା ସହ ପ୍ରଚାର କରିଥିଲେ ଯେ ନୂତନ ଉଦ୍ଭାବନଗୁଡ଼ିକ ସର୍ବଦା ପୂର୍ବର ପ୍ରାଧାନ୍ୟ ବିସ୍ତାର କରିଥିବା ପ୍ରଯୁକ୍ତିବିଦ୍ୟାକୁ ବଦଳାଇଥାଏ ଏବଂ ପୁରାତନ ବୃହତ୍ ଔଦ୍ୟୋଗିକ ସଂସ୍ଥାର ପତନ ଘଟାଇଥାଏ। ଅନେକ ସାମାଜିକ ବିଜ୍ଞାନୀ ନୂତନତ୍ୱ ଏବଂ ଏହାର ବ୍ୟାପକ କାର୍ଯ୍ୟକାରିତାକୁ ବୁଝାଇବାକୁ ଯାଇ ସ୍କୁମ୍ପେଟରଙ୍କ 'ସୃଜନାତ୍ମକ ବିନାଶ' ବିଚାରକୁ ଆଧାର ଭାବେ ବ୍ୟବହାର କରିଥାନ୍ତି।

ଅର୍ଥନୀତିରେ ସ୍କୁମ୍ପେଟରଙ୍କ ଧାରଣା ଅର୍ଥନୈତିକ ଅଭିବୃଦ୍ଧି, ଉତ୍ପାଦ ପ୍ରକ୍ରିୟା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟର ସିଦ୍ଧାନ୍ତର ମୂଳଦୁଆ ସୃଷ୍ଟିକଲା। କିନ୍ତୁ ଦୁଇଟି ପରସ୍ପର ସମ୍ପର୍କିତ ଘଟଣା ଗତ କିଛି ଦଶନ୍ଧି ମଧ୍ୟରେ ସୃଜନାତ୍ମକ ବିନାଶର ସଂକଳ୍ପକୁ ସାମ୍ନାକୁ ଆଣିଛି। ପ୍ରଥମଟି ହେଲା ହାର୍ଭାର୍ଡ ବିଜ୍‌ନେସ୍ ସ୍କୁଲ ପ୍ରଫେସର କ୍ଲାଏଟନ କ୍ରିଷ୍ଟେନ୍‌ସେନ ୧୯୯୭ ପୁସ୍ତକ 'ଇନୋଭେଟର୍ସ ଡିଲେମା' ବା ଉଦ୍ଭାବକଙ୍କ ଦ୍ୱନ୍ଦ୍ୱ 'ବ୍ୟାଘାତକାରୀ ନୂତନତ୍ୱ'ର ଧାରଣାକୁ ଆଗକୁ ବଢ଼ାଇଥିଲା। ମୁଖ୍ୟତଃ ବ୍ୟବସାୟିକ ମଡେଲଗୁଡ଼ିକ ଅନୁସରଣ କରୁଥିବା ନୂତନ ସଂସ୍ଥାଗୁଡ଼ିକରୁ ବ୍ୟାଘାତକାରୀ ଉଦ୍ଭାବନଗୁଡ଼ିକ ଆସିଥାଏ, ଯାହାକୁ ପଦାଧିକାରୀମାନେ ଅନାକର୍ଷଣ ମନେକରନ୍ତି। ଦ୍ୱିତୀୟଟି ହେଲା ସିଲିକନ୍ ଭ୍ୟାଲିର ଉତ୍‌ଥାନ, ଯେଉଁଠି ଟେକ୍ ଉଦ୍ୟୋଗୀମାନେ ଆରମ୍ଭରୁ 'ବ୍ୟାଘାତ'କୁ ଏକ ରଣନୀତି କରିଦେଲେ। ଇଣ୍ଟରନେଟ୍ ସନ୍ଧାନର ବ୍ୟବସାୟରେ ବ୍ୟାଘାତ କରିବାକୁ ଗୁଗଲକୁ ସ୍ଥିର କରାଗଲା। ପୁସ୍ତକ ବିକ୍ରୟ ବ୍ୟବସାୟରେ ବ୍ୟାଘାତ ସୃଷ୍ଟି କରିବାକୁ ଆମାଜନ ଆରମ୍ଭ କରାଗଲା। ଏହା ପରେ ଅଧିକାଂଶ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ବି ଏହା ଘଟିଲା। ତା'ପରେ ଫେସ୍‌ବୁକ୍ 'ଶୀଘ୍ର ଗତି କର ଏବଂ ସବୁଥିରେ ବ୍ୟାଘାତ ସୃଷ୍ଟି କର' ମନ୍ତ୍ର ନେଇ ଆସିଲା। ସାମାଜିକ ଗଣମାଧ୍ୟମ ଆମର ସାମାଜିକ ସମ୍ପର୍କକୁ ପରିବର୍ତ୍ତନ କଲା ଏବଂ ଉଭୟ ସୃଜନାତ୍ମକ ବିନାଶ ଏବଂ ବ୍ୟାଘାତର ଶ୍ରେଷ୍ଠ ଉଦାହରଣ ପାଲଟିଲା।

ଏହି ତତ୍ତ୍ୱଗୁଡ଼ିକର ଲକ୍ଷ୍ୟ ହେଉଛି ବିନାଶ ଏବଂ ବ୍ୟାଘାତଜନିତ କ୍ଷତିରୁ ଲାଭ ଉଠାଇବା। କିନ୍ତୁ ବିନାଶ ପ୍ରକ୍ରିୟା



ଯନ୍ତ୍ରଣାଦାୟକ ଏବଂ ଖୁବ୍ ବିପଜ୍ଜନକ ବୋଲି ସ୍କୁମ୍ପେଟର ସ୍ୱୀକାର କରୁଥିବାବେଳେ ଆଜିର ବ୍ୟାଘାତକାରୀ ଉଦ୍ଭାବକମାନେ କେବଳ ଲାଭକୁ ଦେଖନ୍ତି। ତେଣୁ ଟେକ୍ନୋଲୋଜିଷ୍ଟ ମାର୍କ ଆଣ୍ଡ୍ରେସେନ୍ ଲେଖିଛନ୍ତି: ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉତ୍ପାଦକତା ଅଭିବୃଦ୍ଧି ଘଟେ। ଏହା ଆର୍ଥିକ ଅଭିବୃଦ୍ଧି, ମଜୁରି ବୃଦ୍ଧି ଏବଂ ନୂତନ ଶିଳ୍ପ ଏବଂ ନୂତନ ନିଯୁକ୍ତି ସୃଷ୍ଟିରେ ମୁଖ୍ୟ ସଞ୍ଚାଳକ ସାଜିଥାଏ। କାରଣ ଲୋକମାନେ ଏବଂ ପୁଞ୍ଜି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଜିନିଷ ଭାବେ କାର୍ଯ୍ୟ କରିବାରୁ ଏହା ସମ୍ଭବ ହୋଇଥାଏ। ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ପାଇଁ ଯେଉଁ ଆଶା ସଞ୍ଚାର ହୋଇଛି ତାହା ଫେସ୍‌ବୁକ୍‌ର ପ୍ରାରମ୍ଭିକ ସମୟକୁ ଟପିଯାଇଛି। କେବଳ ସେତିକି ନୁହେଁ, ଉଦ୍ଭାବନ ବେଳେବେଳେ ପ୍ରକୃତି ଦ୍ୱାରା ବ୍ୟାଘାତକାରୀ ହୋଇଥାଏ। ସୃଷ୍ଟି ପ୍ରକ୍ରିୟାକୁ ସ୍କୁମ୍ପେଟର ଯେପରି ଭାବିଥିଲେ ତାହା ସେତିକି ବିନାଶକାରୀ ହୋଇପାରେ। ଇତିହାସ ଦର୍ଶାଏ, ସୃଜନାତ୍ମକ ବିନାଶକୁ ଦୃଢ଼ ବିରୋଧ କଲେ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଗତିକରେ। ଏହା ପରିବର୍ତ୍ତେ, ଆମେ ଏହାକୁ ଏକ ମୂଲ୍ୟ ଭାବରେ ଦେଖିବା ଉଚିତ ଯାହା ବେଳେବେଳେ ହ୍ରାସ ହୋଇପାରେ। କେବଳ ଯେଉଁମାନଙ୍କର କ୍ଷତି ହୋଇଛି ତାହାକୁ ପୂରଣ କରିବା ପାଇଁ ପଦକ୍ଷେପ ନେବା ସହ ଅନେକ ସମୟରେ ବୈଷୟିକ ପରିବର୍ତ୍ତନ ପ୍ରକ୍ରିୟା ପରିଚାଳନାକରି ସୃଜନାତ୍ମକ ବିନାଶକୁ ରୋକାଯାଇପାରିବ।

ଜଗତୀକରଣକୁ ବିଚାର କରାଯାଉ। ଏହା ଆର୍ଥିକ ଲାଭ ସୃଷ୍ଟି କରୁଥିବାବେଳେ କମ୍ପାନୀ, ଚାକିରି ଏବଂ ଜୀବିକାକୁ ମଧ୍ୟ ନଷ୍ଟ କରିଥାଏ। ଯଦି ଆମେ ସେହି କ୍ଷତି ଉପରେ ଗୁରୁତ୍ୱ ଦେବା ତେବେ ସେଗୁଡ଼ିକୁ ହ୍ରାସ କରିବା ପ୍ରୟାସରେ ସଫଳ ହୋଇ ପାରିବାନାହିଁ। ତଥାପି, ପ୍ରଭାବିତ ହୋଇଥିବା କମ୍ପାନୀଗୁଡ଼ିକୁ ସାହାଯ୍ୟ କରିବା (ନୂଆ ଜାଗାରେ ଶାଖା ପାଇଁ ନିବେଶ କରି),ଚାକିରି ହରାଇଥିବା ଶ୍ରମିକମାନଙ୍କୁ ସାହାଯ୍ୟ କରିବା (ପୁନଃ ତାଲିମ ଏବଂ ସୁରକ୍ଷା ମାଧ୍ୟମରେ) ଏବଂ କ୍ଷତିଗ୍ରସ୍ତ ସମ୍ପ୍ରଦାୟକୁ ସମର୍ଥନ କରିବା ପାଇଁ ଅନେକ କିଛି କରିପାରିବା। କିନ୍ତୁ ଏହିସବୁ ସୂକ୍ଷ୍ମ ଅନ୍ତରକୁ ଚିହ୍ନିବାରେ ବିଫଳତା ଅତ୍ୟଧିକ ସୃଜନଶୀଳ ବିନାଶ ଏବଂ ବ୍ୟାଘାତର ଦ୍ୱାର ଖୋଲିଦେବ ,ଯାହା ଗତ କିଛି ଦଶନ୍ଧି ମଧ୍ୟରେ ସିଲିକନ୍ ଭ୍ୟାଲି କରିବା ଲାଗି ଆମକୁ ପ୍ରେରିତ କରିଥିଲା। ଏଣୁ ଏଆଇ ପରିପ୍ରେକ୍ଷୀରେ ତିନୋଟି ନୀତି ଆଗକୁ ଆମର ଆଭିମୁଖ୍ୟକୁ ମାର୍ଗଦର୍ଶନ କରିବା ଆବଶ୍ୟକ।

ପ୍ରଥମତଃ, ଜଗତୀକରଣ ଭଳି, ଯେଉଁମାନେ ପ୍ରତିକୂଳ ଭାବେ ପ୍ରଭାବିତ ହୋଇଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବା ଦରକାର। ଦ୍ୱିତୀୟତଃ, ଆମେ ଭାବିବା ଉଚିତ ନୁହେଁ ଯେ ବ୍ୟାଘାତ ଅପରିହାର୍ଯ୍ୟ। ମୁଁ ପୂର୍ବରୁ ଯୁକ୍ତି କରିସାରିଛି, ଏଆଇ ବହୁ ଚାକିରି ନଷ୍ଟ କରିବ ନାହିଁ। ଯଦି ଏହାକୁ ଡିଜାଇନ ଏବଂ ନିୟୋଜନ କରୁଥିବା ବ୍ୟକ୍ତିମାନେ କେବଳ ସ୍ୱୟଂଚାଳିତତାକୁ ଦୃଷ୍ଟିରେ ରଖି ତାହା କରନ୍ତି (ଯାହା ସିଲିକନ୍ ଭ୍ୟାଲି ମୁଖ୍ୟମାନେ ଚାହାନ୍ତି),ତେବେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଟେକ୍ନୋଲୋଜି ଅଧିକ ଦୁଃଖ ସୃଷ୍ଟି କରିବ। କିନ୍ତୁ ଏହା ଅଧିକ ଆକର୍ଷଣୀୟ ବିକଳ୍ପ ପଥ ଗ୍ରହଣ କରାଯାଇପାରେ। ସର୍ବଶେଷରେ, ଶ୍ରମିକମାନଙ୍କୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଏଆଇର ଅପାର ସମ୍ଭାବନା ଅଛି, ଯେପରିକି ସେମାନଙ୍କୁ ଉତ୍ତମ ସୂଚନା ପ୍ରଦାନ କରିବା ଏବଂ ଅଧିକ ଜଟିଳ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରାଇବା। ସୃଜନଶୀଳ ବିନାଶ ଉପରେ ବଢ଼େଇ କହି ଆମେ ଏହି ଅଧିକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ପ୍ରତି ଆଖି ବୁଜିଦେବା କିମ୍ବା ବର୍ତ୍ତମାନ ଯେଉଁ ପଥରେ ଅଛେ ସେଥିରୁ ବିଚ୍ୟୁତ ହେବା ଉଚିତ ନୁହେଁ। ବଜାର ସାମାଜିକ ଲାଭଦାୟକ ଦିଗରେ ଅଭିନବ ଶକ୍ତିକୁ ସଞ୍ଚାଳନ ନ କଲେ ବି ସରକାରୀ ନୀତି ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଏହାକୁ ପୁନଃ ନିର୍ଦ୍ଦେଶ କରିବା ପାଇଁ ବହୁ କିଛି କରିପାରିବ। ଯେପରି ଅନେକ ଦେଶ ଅକ୍ଷୟ ଶକ୍ତିରେ ଅଧିକ ନୂତନତ୍ୱକୁ ଉତ୍ସାହିତ କରିବା ପାଇଁ ସବ୍‌ସିଡି ପ୍ରବର୍ତ୍ତନ କରିସାରିଛନ୍ତି, ସେହିଭଳି ଏଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ଟେକ୍ନୋଲୋଜିର କ୍ଷତି ହ୍ରାସ କରିବା ପାଇଁ ଅଧିକ କାର୍ଯ୍ୟ କରାଯାଇପାରିବ। ତୃତୀୟରେ, ଆମେ ମନେରଖିବା ଉଚିତ ଯେ, ଏବକାର ସାମାଜିକ ଓ ଆର୍ଥିକ ସମ୍ପର୍କ ଅତ୍ୟନ୍ତ ଜଟିଳ। ସେଗୁଡ଼ିରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ସବୁ ପ୍ରକାର ଅପ୍ରତ୍ୟାଶିତ ପରିଣାମ ଆସିପାରେ। ଫେସ୍‌ବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଆମର ସାଧାରଣ ବକ୍ତବ୍ୟକୁ ଉଗ୍ରବାଦ, ଭୁଲ୍ ତଥ୍ୟ ଏବଂ ଦୁର୍ବଳତା ସହ ଯୋଡ଼ି ବିଷାକ୍ତ କରିବା ଲକ୍ଷ୍ୟରେ ଆରମ୍ଭ କରାଯାଇ ନ ଥିଲା। କିନ୍ତୁ ଏବେ ସେଗୁଡ଼ିକ ସୃଷ୍ଟି କରୁଥିବା ବ୍ୟାଘାତ ଭିତରେ ଆମେ କିପରି ଯୋଗାଯୋଗ କରିବା।

ପରବର୍ତ୍ତୀ ନୂତନତ୍ୱର ପୀଡ଼ାଦାୟକ ତଥା ଅଣାୟତ୍ତ ଧାରା ଆମର ସାମାଜିକ, ଗଣତାନ୍ତ୍ରିକ ଏବଂ ନାଗରିକ ଅନୁଷ୍ଠାନ ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ସେଥିପ୍ରତି ଅଧିକ ଦୃଷ୍ଟି ରଖିବା ଜରୁରୀ। ସୃଜନଶୀଳ ବିନାଶରୁ ଅଧିକ ଲାଭ ପାଇବା ପାଇଁ ନୂତନତ୍ୱ ସପକ୍ଷବାଦୀ ସାର୍ବଜନୀନ ନୀତି ଏବଂ ଗଣତାନ୍ତ୍ରିକ ପଦକ୍ଷେପ ମଧ୍ୟରେ ଠିକ୍ ସନ୍ତୁଳନ ଆବଶ୍ୟକ। ଯଦି ଆମେ ଏହାକୁ ଆମ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ବୈଷୟିକ ଉଦ୍ୟୋଗୀମାନଙ୍କ ଉପରେ ଏହାକୁ ଛାଡ଼ିଦେଉ, ତେବେ ଆମେ ଆଶାଠାରୁ ଅଧିକ ବିନାଶର ବିପଦକୁ ସମ୍ମୁଖୀନ ହେବା।

**ଇନ୍‌ଷ୍ଟିଚ୍ୟୁଟ୍ ପ୍ରଫେସର(ଅର୍ଥନୀତି), ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି**

## ଏଇ ଭାରତରେ

'ବୁକ୍ ହୋଟେଲ' କଥା କେବେ ଶୁଣିଛନ୍ତି କି ? ଏଭଳି ଏକ ଅଜବ ହୋଟେଲ ଖୋଲିଛନ୍ତି ନାସିକର ଭୀମାବାଇ ଜୋନ୍ଧାଲେ। ସେଠାରେ ଖାଇବା ସହ ବହି ପଢ଼ିପାରିବେ। ଭୀମାବାଇ ତାଙ୍କ ବୁକ୍ ହୋଟେଲରେ ୫୦୦୦ରୁ ଅଧିକ ବହି ରଖିଛନ୍ତି। ଏହାର ନାମ ଦେଇଛନ୍ତି 'ଅଜ୍ଜିଛାୟା ପୁସ୍ତକାଞ୍ଚ ହୋଟେଲ'(ବହି ସହିତ ବୁଢ଼ୀମା'ଙ୍କ ହୋଟେଲ)। ଭୀମାବାଇଙ୍କ ବୟସ ୭୫। ଏହି ବୟସରେ ପ୍ରତିଦିନ ହୋଟେଲରେ ରହି ଅନ୍ୟମାନଙ୍କୁ ସୁସ୍ୱାଦ୍ୟ ଖାଦ୍ୟ ପରଷିବା ସହ ବହି ପଢ଼ିବାରେ ସାହାଯ୍ୟ କରୁଛନ୍ତି। ଏଥିରେ ତାଙ୍କ ଭଉଣୀ ବି ସହଯୋଗ କରୁଛନ୍ତି। ସେ ଲୋକମାନଙ୍କୁ ମାଗଣାରେ ବହି ପଢିବାକୁ ଦେଉଛନ୍ତି। କେବଳ ଏତିକି ନୁହେଁ ହୋଟେଲରେ ବାସନ ମାଜିବା, ଖାଦ୍ୟ ପ୍ରସ୍ତୁତ କରିବା, ଚା' କରିବା ଆଦି କାର୍ଯ୍ୟ କରୁଛନ୍ତି। ଖାଇବା ଓ ବହି ପଢିବାରେ ଲୋକେ ମଜ୍ଜି ରହିଥିବା ବେଳେ ଅଧିକ ଆନନ୍ଦ ପାଆନ୍ତି ବୋଲି କୁହନ୍ତି ଭୀମାବାଇ। ଭୀମାବାଇଙ୍କ ପିଲାଦିନ କଷ୍ଟରେ କଟିଥିଲା। ସେ ପଢିବାକୁ ସୁଯୋଗ ପାଇ ନ ଥିଲେ। ସେଥିପାଇଁ ସେ ବହି ପଢିବାର ଏଭଳି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ହୋଟେଲ ୨୦୧୦ରେ ଆରମ୍ଭ କରିଥିଲେ ଓ ସେବେଠାରୁ ତାହା ଚାଲିଛି। ସେଠାରେ ମରାଠି, ହିନ୍ଦୀ ଓ ଇଂଲିଶ ବହିସବୁ ରହିଛି। ପ୍ରଥମେ ସେ ୨୫ଟି ବହି ନେଇ ଏହି ହୋଟେଲ ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୨ ଏପ୍ରିଲ ୧୯୭୫**

- ଦିଲ୍ଲୀ ସହରର ଅଳ୍ପ ଦୂରରେ ଥିବା ସରାଇ ରୋହିଲା ରେଳଷ୍ଟେସନରେ ଏକ ରେଳଗାଡ଼ିର ଡବାରେ ଥିବା ୮୫୦ଟି ଗ୍ୟାସ୍ ସିଲିଣ୍ଡର ଫାଟିବା ଫଳରେ ୧୦ଟି ରେଳଡବା ବିଧ୍ୱସ୍ତ।
- ଡାକ୍ତର ଜଗନ୍ନାଥ ମିଶ୍ରଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ବିହାରର ନୂତନ ୧୬ ଜଣିଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | 6 | | | | | 8 |
| | 7 | | | 2 | | | | |
| | 8 | 3 | | | | 6 | 5 | |
| | | 7 | | | 5 | | | 1 |
| | 5 | | 4 | | 2 | | | |
| 8 | | | | | | | | 3 |
| 7 | | | | | 1 | 9 | | |
| | | | | | | 4 | | |
| | | 1 | | 4 | 8 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 1 | 3 | 9 | 2 | 7 | 8 |
| 9 | 7 | 1 | 8 | 2 | 5 | 4 | 3 | 6 |
| 2 | 8 | 3 | 4 | 6 | 7 | 1 | 5 | 9 |
| 8 | 5 | 9 | 7 | 1 | 4 | 3 | 6 | 2 |
| 7 | 2 | 4 | 3 | 5 | 6 | 9 | 8 | 1 |
| 1 | 3 | 6 | 9 | 8 | 2 | 5 | 4 | 7 |
| 3 | 9 | 7 | 6 | 4 | 1 | 8 | 2 | 5 |
| 5 | 6 | 8 | 2 | 9 | 3 | 7 | 1 | 4 |
| 4 | 1 | 2 | 5 | 7 | 8 | 6 | 9 | 3 |

ଗତକାଲିର ଉତ୍ତର

# ଶାସନରେ ସ୍ୱଚ୍ଛତା ଅପରିହାର୍ଯ୍ୟ



ବୈକୁଣ୍ଠନାଥ ମିଶ୍ର

କିଛି ଉଦ୍‌ଭ୍ରାନ୍ତ ଯୁବକ ଦିନ ଦ୍ୱିପ୍ରହରରେ ରାସ୍ତାରେ ଯାଉଥିବା ଏକ କଇଁଛକୁ ମାରିବା ପାଇଁ ଉଦ୍ୟମ ଜାରି ରଖିଥାଆନ୍ତି। ଯେତେ ପ୍ରହାର କଲେ ମଧ୍ୟ କଇଁଛଟିର କିଛି କ୍ଷତି ହେଉନଥାଏ। ସେ ପୂର୍ବପରି ଅବିଚଳିତ ଭାବେ ନୂତନ ଜଳାଶୟ ସନ୍ଧାନରେ ଆଗେଇ ଚାଲିଥାଏ। ଏହି ସମୟରେ ରାସ୍ତାରେ ଜଣେ ସାଧୁ ଗୁଣୁଗୁଣୁ ସ୍ୱରରେ ଭଗବାନ୍‌ଙ୍କ ନାମ ଜପ କରି ବିପରୀତ ଦିଗରୁ ଆସୁଥାଆନ୍ତି। ସେ ଯୁବକମାନଙ୍କର ବ୍ୟର୍ଥ ଉଦ୍ୟମ ଦେଖି ମନେମନେ ଟିକିଏ ହସିଲେ ଓ ଅନୁଚ୍ଚ ସ୍ୱରରେ କହି ପକାଇଲେ, 'ଏମିତି କ'ଣ କଇଁଛ ମରାଯାଏ। ଓଲଟାଇ ପିଟିଦେଲେ କେତେବେଳୁ ମରିସାରନ୍ତାଣି'। ସାଧୁଙ୍କ କଥା ଯୁବକମାନଙ୍କର କର୍ଣ୍ଣଗୋଚର ହେବାରୁ ସେମାନେ ଉଲ୍ଲସିତ ହୋଇ କଇଁଛଟିକୁ ଓଲଟାଇ ଦେଇ ମାତ୍ର ଗୋଟିଏ ପ୍ରହାର ଦେବାରୁ କଇଁଛଟି ମୃତ୍ୟୁବରଣ କଲା। ଯୁବକମାନେ ଖୁସି ମନରେ ମୃତ କଇଁଛକୁ ଖାଦ୍ୟ ଉଦ୍ଦେଶ୍ୟରେ ନେବା ସମୟରେ କଥାହେଲେ- ଇଏତ ବାବାଜି! ଇଏ କେମିତି ଜାଣିଲେ କଇଁଛ ମୃତ୍ୟୁର ସହଜ ଉପାୟ! ଯା'ହେଉ ବାବାଜି ଥିଲେ ବୋଲି ଆମେ ଅକ୍ଲେଶରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ।

ସାଧୁ ଜଣକ ପୂର୍ବରୁ କେବଳ ଜଣେ ଗୃହସ୍ଥ ନ ଥିଲେ, ସେ ଥିଲେ ଜୀବହତ୍ୟାକାରୀ ଓ ଆମିଷଭୋଜି ବ୍ୟକ୍ତି। ପ୍ରାଣୀ ବଧ ପାଇଁ ମନରେ ନଥିଲା ସାମାନ୍ୟ ଶଙ୍କା। କୌଣସି କାରଣରୁ ସଂସାର ପ୍ରତି ବିମୁଖ ହୋଇ ସେ ବାବାଜି ହୋଇଛନ୍ତି ସିନା ସେ କିନ୍ତୁ ତାଙ୍କ ପୂର୍ବ ପ୍ରକୃତି ଛାଡ଼ିପାରିନାହାନ୍ତି। ଆଜି ଆମେ ପ୍ରତ୍ୟହ ଏହି ଭଣ୍ଡ ବାବାଜିମାନଙ୍କୁ ପ୍ରତ୍ୟକ୍ଷ କରୁଛୁ। ତୁଣ୍ଡରେ ପବିତ୍ର ରାମନାମ, ମାତ୍ର ଅନ୍ତରରେ ହଳାହଳ ବିଷ। ଯେତେବଡ଼ ସାଧୁ ଭାବେ ଉପରକୁ ଦେଖାହେଲେ ମଧ୍ୟ ଅନ୍ତରରେ ପରର ଅନିଷ୍ଟସାଧନ କରିବାର ହୀନ ପ୍ରବୃତ୍ତିକୁ ସେମାନେ ପରିହାର କରିପାରନ୍ତି ନାହିଁ। ଜଣେ ପ୍ରକୃତ ସାଧୁ ହୋଇଥିଲେ ଅବଶ୍ୟ ଯୁବକମାନଙ୍କୁ ଏ ହୀନ ପ୍ରୟାସରୁ ରକ୍ଷା କରିପାରିଥାନ୍ତେ। କିନ୍ତୁ ନା, କୌଣସି ଅନୈତିକ କାର୍ଯ୍ୟ ପାଇଁ ତାଙ୍କ ମନପ୍ରାଣ ସ୍ୱତଃ ଆକର୍ଷିତ ହୁଏ। ଭୁଲିଯାଆନ୍ତି ନୀତି ନୈତିକତାର ସମସ୍ତ ଔପଚାରିକତା।

ଓଡ଼ିଆ ଭାଗବତ ଦିବ୍ୟବାଣୀ କହନ୍ତି- 'ଗରଳେ ଜାତ କଲୁ ମୋତେ। ସ୍ୱଭାବ ଛାଡ଼ିବି କେମନ୍ତେ।।' ଆଜି ଆମେ ପ୍ରତ୍ୟହ ଗଣମାଧ୍ୟମରୁ ସୂଚନା ପାଉଛେ, କେତେକେତେ ସରକାରୀ ଅଧିକାରୀ କର୍ମଚାରୀ ଲାଞ୍ଚଖାଇ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ସରକାରୀ ଚାକିରି ଆରମ୍ଭ ପୂର୍ବରୁ ସାଧୁତା ଓ ସଚୋଟତାର ସହ କର୍ମ ସମ୍ପାଦନ କରିବାର ଅଙ୍ଗୀକାରବଦ୍ଧତା ଚାକିରି କରିବା ପରେ ଉଭେଇ ଯାଉଛି। ଆସୁରିକ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଅନ୍ୟାୟ ପରେ ଅନ୍ୟାୟ କରିଚାଲିଛନ୍ତି। ଆଜି ସେବା ଶବ୍ଦର ସଂଜ୍ଞା ବଦଳିଗଲାଣି। ଦେଶସେବା, ଜନସେବା, ସ୍ୱାସ୍ଥ୍ୟସେବା, ଶିକ୍ଷାଦାନ, ସରକାରୀ ସେବା ପ୍ରଭୃତି ଶବ୍ଦଗୁଡ଼ିକ କେବଳ ଭାଷଣରେ ସୀମିତ ହେଲାଣି। ଯେଉଁ କାର୍ଯ୍ୟ ବିନିମୟରେ ବେତନ ଓ ପାରିଶ୍ରମିକ ମିଳେ, ତାହା ସେବା ପଦବାଚ୍ୟ ନୁହେଁ। ଶିକ୍ଷକ ଆଉ ଶିକ୍ଷାଦାନ କରୁନାହାନ୍ତି, ଚିକିତ୍ସକ ସେବା ପ୍ରଦାନ କରୁନାହାନ୍ତି ଓ ରାଜନେତା ଦେଶସେବା କରୁନାହାନ୍ତି। ଥରେ ନିର୍ବାଚିତ ହେଲେ ରାଜନେତାର



ରୂପ ଧାରଣ କରିଥିବା ବ୍ୟକ୍ତିଟି ତା'ର ଅନ୍ତର୍ନିହିତ ଶୋଷଣ ମନୋବୃତ୍ତିର ବଶବର୍ତ୍ତୀ ହୋଇ ଲୁଣ୍ଠନ କରିଚାଲିଛି ରାଜକୋଷ। ଚିକିତ୍ସକ ନିଜ ବେତନ ବ୍ୟତୀତ ରୋଗୀର କଷ୍ଟଲବ୍ଧ ଧନ ଶୋଷଣରେ ଲିପ୍ତ। ଦରିଦ୍ର ରୋଗୀଟିର ପରିଜନର ଆକୁଳ କ୍ରନ୍ଦନ ତାକୁ ବ୍ୟଥିତ କରୁନାହିଁ। ଶିକ୍ଷକ ତା'ର ବୃତ୍ତିଠାରୁ ଦୂରେଇ ଯାଇ ଅନ୍ୟାୟ ଉପାର୍ଜନର ମାର୍ଗ ଖୋଜୁଛି। ବରିଷ୍ଠ ପ୍ରଶାସକଙ୍କ କଥା ନ କହିଲେ ଭଲ। ମାଟ୍ରିକ୍ ପରୀକ୍ଷାରେ ସର୍ବଶ୍ରେଷ୍ଠ ଛାତ୍ରଟିକୁ ଯେତେବେଳେ ଗଣମାଧ୍ୟମ ତରଫରୁ ତା'ର ଭବିଷ୍ୟତ ସମ୍ବନ୍ଧରେ ପ୍ରଶ୍ନ କରାଯାଏ, ସେତେବେଳେ ସେ ଡାକ୍ତର, ଇଞ୍ଜିନିଅର, ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ହୋଇ ଜନସେବା ଭଳି ମହତ୍ କର୍ମ କରିବାର ସଂକଳ୍ପ ପ୍ରକାଶ କରେ। ମାତ୍ର ତା'ର ଈପ୍‌ସିତ ପଦବୀଟି ହାସଲ କଲାପରେ ସାଧୁତାକୁ ଜଳାଞ୍ଜଳି ଦେଇ ଶୋଷଣକୁ ଆଦରିନିଏ।

ସରକାରୀ ଅଧିକାରୀ ହୁଅନ୍ତୁ ବା ରାଜନେତା ହୁଅନ୍ତୁ, ଏମାନଙ୍କ ପୃଷ୍ଠଭୂମି ପର୍ଯ୍ୟାଲୋଚନା କଲେ ଏମାନେ ଯେ ଆମ ପୂର୍ବବର୍ଣ୍ଣିତ ସାଧୁ ଏଥିରେ ସନ୍ଦେହ ନାହିଁ। ମୁହଁରେ ଦେଶସେବାର ନାମକୀର୍ତ୍ତନ କରି ଭିତରେ ଶୋଷଣରେ ଏମାନେ ସିଦ୍ଧହସ୍ତ। ଅବଶ୍ୟ ସମସ୍ତେ ସେପରି ହୋଇ ନ ପାରନ୍ତି; ମାତ୍ର ସେମାନଙ୍କ ସଂଖ୍ୟା ଯେ ଅପରିମେୟ ତାହା ଅତ୍ୟନ୍ତ ସ୍ପଷ୍ଟ। ଜଣେ ମହାପୁରୁଷ କହିଥିଲେ, ଜନ୍ମ ମଣିଷର ଅସଲ ପରିଚୟ ନୁହେଁ। ମଣିଷର ଅସଲ ପରିଚୟ ହେଉଛି ତା'ର କର୍ମ। ଆଲେକ୍‌ଜାଣ୍ଡାର ପୋପ୍ ଏକଦା କହିଥିଲେ- 'ଭୁଲ୍ କରିବା ମଣିଷ ପକ୍ଷେ ଏକ ଅତି ସାଧାରଣ ଘଟଣା; ମାତ୍ର ଭୁଲ୍‌କୁ ସଂଶୋଧନ କରି ପୁନର୍ବାର ତାକୁ ପ୍ରଶୟ ନ ଦେବା ହେଉଛି ମଣିଷର ପ୍ରଗତିର ପରିଚାୟକ।'

ଆଜି ସମାଜ ବିଶୃଙ୍ଖଳିତ। ବ୍ୟକ୍ତିର ବ୍ୟକ୍ତିତ୍ୱରେ କଳାଦାଗ ଦୁର୍ନୀତିର ମଧୁବୋଳା ବିଷଜ୍ୱାଳାରେ ସଭିଏଁ ଆକ୍ରାନ୍ତ। ଡାକ୍ତର ଚାହେଁ ତା' ପୁଅ ଡାକ୍ତର ହେଉ, ପ୍ରଶାସକ ଚାହେଁ ତା' ପୁଅ ପ୍ରଶାସକ ହେଉ, ଶିକ୍ଷକ ଚାହେଁ ତା' ପୁଅ ତା' ଭଳି ମାଷ୍ଟର ହଉ ଅଥବା ଏକ ଲାଭଜନକ ସଂସ୍ଥାରେ ଚାକିରି କରୁ, ଯେଉଁଠି ବେତନ ବ୍ୟତୀତ ଉପୁରି ଗଣ୍ଡାକ ମିଳୁ। ମାତ୍ର କୃଷକ କେବେ ଚାହେଁ ନାହିଁ ତା' ପୁଅ କୃଷକ ହେଉ। କାରଣ ସେ ଯେଉଁ ଦୈନ୍ୟ ମଧ୍ୟରେ ଗତି କରିଛି ତା' ପୁଅ ସେ କ୍ଷେତ୍ରରେ ଦୁଃଖ ନ ଭୋଗୁ। ଏ ଦେଶରେ କୃଷକର ଆୟ ଅତ୍ୟନ୍ତ ନଗଣ୍ୟ, ଯାହା ତା'ର ତେଲ ଲୁଣ ସଂସାରର ଅଭାବ ମେଣ୍ଟାଇବାକୁ ଅସମର୍ଥ। ସମସ୍ତ ଧନଶାଳୀଙ୍କ ମଧ୍ୟରେ ବିଚରା ଅନ୍ନଦାତାଟି ବଳିପଡୁଛି ଯେ ଏ ଦୁନିଆକୁ ଖାଦ୍ୟଗଣ୍ଡାକ ଯୋଗାଇ ଆସୁଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ମହାନୁଭବମାନେ ଏପର୍ଯ୍ୟନ୍ତ କୃଷକର ଆଇନ ସମ୍ମତ ଅଧିକାରର ଅନ୍ତର୍ଭୁକ୍ତ କରିପାରି ନାହାନ୍ତି।

ଭାରତୀୟ ଗଣତନ୍ତ୍ର ଆଜି ସଙ୍କଟାପନ୍ନ। ଗଣତାନ୍ତ୍ରିକ ସରକାରର ତିନୋଟି ସଂସ୍ଥା ଯଥା ବ୍ୟବସ୍ଥାପକ, ଶାସନ ବ୍ୟବସ୍ଥା ଓ ନ୍ୟାୟପାଳିକା। ନ୍ୟାୟ ପାଳିକା ଉପରେ ଦେଶବାସୀ ଅଧିକ ଆସ୍ଥା ପ୍ରକଟ କରିଆସୁଥିଲେ। କିନ୍ତୁ ଆଜି ନ୍ୟାୟପାଳିକା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଗଲାଣି।

**ସିନ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# ଭୋଟ ବେଳ



ବିପ୍ଳବ

ରାଜନୀତି ସୁବିଧାବାଦର ଏକ ମହାରଣ୍ୟ- ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ। ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଉପନ୍ୟାସ 'ନୀଳଶୈଳ' ଏ କଠୋର ବାଣୀ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ ପରିପ୍ରେକ୍ଷୀରେ ଖୁବ୍ ମନେପଡ଼େ। ନ ହେଲେ କ'ଣ ଏ ନେତାମାନେ ପିଠୁଳା ଏଣ୍ଡୁଅ ପରି ରଙ୍ଗ ବଦଳେଇ ମାଙ୍କଡ଼ ଡାଳ ବଦଳେଇଲା ପରି ଏ ଦଳ ସେ ଦଳ ହେଉଥାନ୍ତେ! ରାଜନୀତିରେ ପାଦ ଥାପୁଥିବା ପ୍ରତ୍ୟକ ବ୍ୟକ୍ତି ଜଣେ ଜଣେ ସମାଜସେବୀ, ଏହା ତାଙ୍କ ନିଜସ୍ୱ ଦାବି। ସମାଜସେବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ। କ୍ଷମତା ରାଜନୀତିକୁ ଆଡ଼େ ସମାଜସେବାର ଏକମାତ୍ର ପନ୍ଥା ? ସାଧାରଣ ଲୋକମାନଙ୍କ ଉନ୍ନତି କଳ୍ପେ ସେମାନେ ଦିନରାତି ସ୍ୱପ୍ନ ଦେଖୁଥା'ନ୍ତି, ଯାହା ପୂରଣ କରିବାକୁ ତାଙ୍କୁ ଗୋଟିଏ ଜନ୍ମ ବି ନିଅଣ୍ଟ ପଡ଼େ। ତାଙ୍କ ଅନ୍ତେ ତାଙ୍କ ପୁଅ, ନାତି, ଝିଅ, ନାତୁଣୀ ସେ ସ୍ୱପ୍ନ ପଛରେ ଧାଇଁ ଥାଆନ୍ତି। ନିର୍ବାଚନ ସମୟ ପାଖେଇ ଆସିଲେ ତାଙ୍କ ସ୍ୱପ୍ନର ଭିଡ଼ ଲାଗେ। ସମାଜସେବା ପାଇଁ ପ୍ରାଣ କାନ୍ଦି ଉଠେ। ଗୋଟିଏ ଦଳରୁ ସୁଯୋଗ ନ ମିଳିଲେ ସେମାନେ ବର୍ଷ ବର୍ଷର ସମ୍ପର୍କ ଛିନ୍ନ କରି ନୂଆ ଦଳରେ ଯୋଗଦିଅନ୍ତି। ଜନସେବା ପାଇଁ କି ଅଦ୍ଭୁତ ବ୍ୟାକୁଳତା!

ଏବେ ଜନତାଙ୍କ କଥା ଆଲୋଚନା କରାଯାଉ। ନେତାଙ୍କ କଥା ବଇଁଶୀର ସୁର ହେଲେ ଜନତା ହେଲେ ନାଗସାପ, ଯାହାର ଗୋଟେ ଚୋଟକୁ କେଳାର ଆୟୁଷ ନିଅଣ୍ଟ। ହେଲେ ନାଗ କ'ଣ କରେ ? ବଇଁଶୀଫୁଙ୍କା ତାଳରେ ନିଜେ ନାଚେ, ଲହୁ ଲୁହାଣ ହୁଏ। ଉପରେ ନେତାଏ କୋଳାକୋଳି, ତଳେ ଭକ୍ତ, ଚାମଚା, ଫ୍ୟାନ ଗଡ଼ାଗଡ଼ି। ହଜାରେ ଜ୍ଞାନୀଙ୍କୁ ବୁଝେଇବା ସହଜ, ମାତ୍ର ଗୋଟିଏ ମୂର୍ଖକୁ ବୁଝେଇବା କଷ୍ଟ, ଏ କଥା ଏବେ ପୁରୁଣା ହୋଇ ଗଲାଣି। ଏବେ ତା'ର ନୂଆ ସଂସ୍କରଣ ହେଲା- ହଜାରେ ମୂର୍ଖଙ୍କୁ ବୁଝେଇବା ସହଜ, ମାତ୍ର ଗୋଟିଏ ଦଳୀୟ କର୍ମୀକୁ ବୁଝେଇବା କଷ୍ଟ। ନେତାର ଅଯୋଗ୍ୟପଣ, ଦୁର୍ନୀତି ସେ ଦେଖେନାହିଁ। ନେତା ଦ୍ୱାରା ଗାଁ, ସମାଜ, ରାଜ୍ୟ ବା ରାଷ୍ଟ୍ରର କ'ଣ ଉନ୍ନତି ହେବ ସେ ବିଚାର କରେ ନାହିଁ, ସେ କେବଳ ଦଳ ପ୍ରେମରେ ବାଇ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, କୌଣସି ନେତା ଜନତାଙ୍କୁ ଦେଶ ବା ରାଜ୍ୟର ନାଗରିକ ଭାବି ବ୍ୟବହାର କରନ୍ତି ନାହିଁ। ନିର୍ବାଚନର କିଛି ଦିନ ପୂର୍ବରୁ ହିତାଧିକାରୀ ବୋଲି ଭାବନ୍ତି। ସେଥିପାଇଁ ସେମାନେ ତାଙ୍କ ପାଇଁ ରାଜକୋଷ ଶୂନ୍ୟ କରି ଚାଲନ୍ତି। ଯୋଜନା ପରେ ଯୋଜନାର ବର୍ଷା ହୁଏ। ମାତ୍ର ଅଧିକାଂଶ ଯୋଜନାର ବାସ୍ତବ ରୂପରେଖ କିଛି ନ ଥାଏ ବା ଲୋକଙ୍କର ଉପଯୋଗିତା ନ ଥାଏ। ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଜନତାଙ୍କୁ ସାମୟିକ ଭାବରେ ଭ୍ରମିତ କରି ରଖିବା। ଆଚରଣବିଧି ଲାଗୁ ହୋଇଗଲା ପରେ ସେଇ ନାଗରିକମାନେ ଭୋଟର ହେଇ ଯାଆନ୍ତି। ସେମାନଙ୍କୁ ନିଜ ସପକ୍ଷକୁ ନେବା ପାଇଁ ନିଜ ନିଜ ଭିତରେ ଅସୁସ୍ଥ ପ୍ରତିଯୋଗିତା ଆରମ୍ଭ ହୁଏ, ଯାହାର କ୍ଷତି ଭରଣା ହୋଇପାରେନି। ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଭିତ୍ତିହୀନ, ମିଥ୍ୟା, କପୋଳକଳ୍ପିତ ଅଥବା ଆଧୁନିକ ଭାଷାରେ ଡିପ୍ ଫେକ୍ ଭିଡିଓର ସହାୟତା ନିଆଯାଏ। ଜନତାଙ୍କ ଭିତରେ ହିଂସା ଆଉ ଘୃଣା ବାଣ୍ଟିବାର ବୀଜ ବପନ କରାଯାଏ। ଶେଷରେ ନିର୍ବାଚନ ପୂର୍ବ ରାତିରେ ନେତାମାନେ ତାଙ୍କର ବ୍ରହ୍ମାସ୍ତ୍ର ସ୍ୱରୂପ ଟଙ୍କା, ମଦ, ମାଂସ ବାଣ୍ଟିଥା'ନ୍ତି। ସାମାନ୍ୟ ଲୋଭର ବଶବର୍ତ୍ତୀ ହୋଇ ଭୋଟରଟିଏ ନିଜକୁ ବିକ୍ରି କରି ଦେଇଥାଏ। ଦେଶର ନାଗରିକ ହିସାବରେ ସମାଜ ପ୍ରତି ତା'ର କିଛି କର୍ତ୍ତବ୍ୟ ରହିଛି ସେ ଭୁଲିଯାଏ।

ନେତାମାନେ ଜନତାଙ୍କୁ କେବେ ନାଗରିକ ବୋଲି ଭାବନ୍ତି ନାହିଁ, କାରଣ ନିର୍ବାଚନ ପୂର୍ବରୁ ଜନତାଙ୍କ ଗୋଡ଼ ଧରିବା ତାଙ୍କର ଅସହାୟତା ଆଉ ନିର୍ବାଚନ ପରେ ତାଙ୍କ ତଣ୍ଟି ଧରିବା ତାଙ୍କ ଅଧିକାର ବୋଲି ଭାବନ୍ତି। ତେଣୁ ଜନତା ବା ଭୋଟର ନେତାଙ୍କୁ ସମାଜସେବୀ ଭାବିବାର ଭ୍ରମ ନ କରିବା ଉଚିତ। କୌଣସି ନେତାର ମିଛ ପ୍ରଲୋଭନରେ ଭାସିଯିବା ପୂର୍ବରୁ ସେ ପ୍ରତିଶ୍ରୁତିରେ ସତ୍ୟତା ପରଖି ନେବା ଉଚିତ। ଦଳବଦଳ କରୁଥିବା ନକଲି ସମାଜସେବୀମାନଙ୍କ ପ୍ରତି ନିଜର ଆଖି ଖୋଲା ରଖି ବିଚାର କରିବାକୁ ହେବ। ସବା ଶେଷରେ 'ନୀଳଶୈଳ'ର ଗୋଟିଏ କାଳଜୟୀ ବାକ୍ୟ ଉଦ୍ଧାର କରାଯାଉ। ''ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ, ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରଭାବ ଚଳା ମେଘ ପରି ଅସ୍ଥିର।'' ତେଣୁ ଭୋଟରମାନେ ରାଜନୀତି ପାଇଁ ନିଜ ନିଜ ଭିତରେ ସମ୍ପର୍କ ଖରାପ କରିବା ପୂର୍ବରୁ ଏ ବାକ୍ୟଟି ସ୍ମରଣ ରଖିଲେ ସଭିଙ୍କର ମଙ୍ଗଳ।

**ମକୁନ୍ଦପୁର, ବାଙ୍କୀ**
**ମୋ: ୯୪୩୭୪୬୮୦୧୬**

## ପାଠକ ଶ୍ରେଷ୍ଠ ବିଚାରକ

### ଉପଯୁକ୍ତ କଳାକାର ଚିହ୍ନଟ ହୁଅନ୍ତୁ

ମହାଶୟ,

ଉତ୍କୃଷ୍ଟ କଳାରାଜ୍ୟ ଉତ୍କଳରେ କଳାକାର ଆଜି ସଙ୍କଟରେ। ଏବେ କଳାକାର ଭତ୍ତା ପାଇବା ପାଇଁ ସାଧାରଣରେ ପ୍ରବଳ ଉତ୍ସୁକତା। ନିୟମତଃ ଦୁଃସ୍ଥ କଳାକାର ପାଇଁ ଭତ୍ତା ବ୍ୟବସ୍ଥା ପ୍ରଣୀତ। କିନ୍ତୁ ଦେଖାଯାଉଛି, ସ୍ୱଚ୍ଛଳ ବର୍ଗ ଏହି ଭତ୍ତା ହାତେଇବାରେ ଅଧିକ ସକ୍ଷମ। ସ୍ଥଳବିଶେଷରେ, କଳାକାର ଭତ୍ତା ପାଇବା ଉଦ୍ଦେଶ୍ୟରେ ଆବଶ୍ୟକୀୟ ନଥି ଓ କାଇଦା କଟକଣା ପ୍ରଦର୍ଶନ କରି (କଳା ନକରି ମଧ୍ୟ) ଆଜି ଅନେକ ନିଜକୁ କଳାକାର ଭାବେ ପ୍ରତିପାଦିତ କରିପାରୁଛନ୍ତି। ଠିକ ସେହିପରି, କଳା ପରିବେଷଣ ପାଇଁ ଉପଯୁକ୍ତ କଳାକାର/କଳାନୁଷ୍ଠାନ ଚୟନ କରାନଯାଇ ମାଙ୍କଡ଼ ହାତରେ ଶାଳଗ୍ରାମ ସଦୃଶ ଅନେକାଂଶରେ ଅଯୋଗ୍ୟମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଉଛି। ଫଳରେ ମୌଳିକ କଳା ପରିବେଷଣ ଧୀରେ ଧୀରେ ବିଲୁପ୍ତ ହେବାରେ ଲାଗିଛି। ଏସବୁ ଫନ୍ଦିଫିକର କିଛି ବୁଝି ପାରୁ ନ ଥିବା ସାଧାରଣ କଳାକାରଟିଏ କିନ୍ତୁ ଆଜିବି ସରକାରୀ ବିଧି-ବ୍ୟବସ୍ଥା ଅନ୍ତରାଳରେ ନିକ୍ଷେପିତ ଓ ଅବହେଳିତ।

**-ସୁଶାନ୍ତ କୁମାର ପାଣି, ନସିପୁର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ଫୁଲ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରେଳ ସିଗ୍‌ନାଲ ଭାଙ୍ଗୁଥିବାବେଳେ ବିରୋଧ କରିବାରୁ ପୋଲିସକୁ ଆକ୍ରମଣ

**ବାରଙ୍ଗ,୧୧।୪(ଲିଙ୍ଗରାଜ ରାଉତ)**

ରେଳଧାରଣା କଡ଼ ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ପଥର ମାରି ନଷ୍ଟ କରୁଥିବା ବେଳେ ବିରୋଧ କରିବାରୁ ରେଳ ସୁରକ୍ଷାବଳ କନଷ୍ଟେବଳଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ ବାରଙ୍ଗ ଅଧୀନ ବେଲଗଛିଆ ଗ୍ରାମର ପଙ୍କଜ ପାଣି(୧୯)। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ଏନେଇ ପୋଲିସ ୧୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରେଳ ସୁରକ୍ଷାବଳ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଳ ଧର୍ମେନ୍ଦ୍ର ଦାସ ଓ ନନ୍ଦିଘୋଷ ଦଳେଇ ବୁଧବାର ବାରଙ୍ଗ–ବାଲିକୁଦା ସେକ୍ସନରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଙ୍କଜ ଏବଂ ନାବାଳକ ଜଣକ ପଥର ଫୋପାଡ଼ି ରେଳ ଧାରଣାରେ ଥିବା ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ନଷ୍ଟ କରୁଥିଲେ। ଏହି ସମୟରେ ୨ ରେଳ ସୁରକ୍ଷାବଳ କର୍ମଚାରୀ ତାଙ୍କୁ ପିଛା କରି କାବୁ କରିଥିଲେ। ଫଳରେ ୨ ଜଣ କର୍ମଚାରୀ ଆହତ ହୋଇଥିଲେ।

# ନମାଜ ପାଠ, ଶୁଭେଚ୍ଛାରେ ପାଳନ ହେଲା ଇଦ୍



ସତୀଚୌରାସ୍ଥିତ ଇଦ୍‌ଗାରେ ବିଜେଡି ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର, ମେୟର ସୁବାସ ସିଂ ଏବଂ ଅନ୍ୟମାନେ।



ସମୂହ ନମାଜପାଠ କରାଯାଉଛି।

**କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଭାଇଚାରାର ସହର କଟକରେ ଗୁରୁବାର ପବିତ୍ର ଇଦ୍ -ଉଲ୍-ଫିତର ଧୁମ୍‌ଧାମରେ ପାଳନ କରାଯାଇଛି। ଦୀର୍ଘ ଏକ ମାସ ଧରି ଚାଲିଥିବା ରମଜାନ ମାସ ଶେଷ ହୋଇଛି। ବୁଧବାର ସନ୍ଧ୍ୟାରେ ଚାନ୍ଦ ଦେଖିବା ପରେ ଇଦ୍ ପାଳନ କରାଯାଇଛି। ଏହି ଅବସରରେ କଟକର ମସ୍‌ଜିଦ୍‌ଗୁଡ଼ିକୁ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ସକାଳ ୭ଟାରେ ଦରଘାବଜାରସ୍ଥିତ ଛୋଟେ ମସଜିଦ, ବଡ ମସ୍‌ଜିଦ, କଦମ–ଏ–ରସୁଲ, ପୂର୍ବାହ୍ନ ୧୦ଟାରେ ଇଦ୍‌ଗା ପଡ଼ିଆ, ମଧ୍ୟାହ୍ନ ୧୨ଟାରେ ବାରବାଟୀ ଦୁର୍ଗସ୍ଥିତ ମସ୍‌ଜିଦ ସମେତ ଅନ୍ୟ ମସ୍‌ଜିଦ୍‌ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ନମାଜ ପାଠ ହୋଇଥିଲା। ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇ ଶାନ୍ତି, ମୈତ୍ରୀ ଏବଂ ମୁସଲିମ୍ ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ କାମନା କରାଯାଇଛି। କଟକରେ ଇଦ୍ ଉତ୍ସବର ସ୍ୱତନ୍ତ୍ରତା ରହିଛି। ଏଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଏହି ପର୍ବ ମନାଇବା ସହ ଭାଇଚାରାକୁ ବଜାୟ ରଖିଛନ୍ତି।

କଦମରସୁଲଠାରେ ବିଭିନ୍ନ ଦଳର ନେତା ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ସୂଚନା ଅନୁଯାୟୀ, ଇଦ୍ ପର୍ବ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଟକ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଏଥିରେ ୯ ଜଣ ଏସିପିଙ୍କ ସମେତ ୪ ଜଣ ଅତିରିକ୍ତ ଡିସିପି ସାମିଲ ଥିଲେ। ଏଥିସହ ମହିଳା ପୋଲିସଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଥିବାବେଳେ କଟକ ଡିସିପି ପ୍ରକାଶ ଆର୍ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

## ୮୦ତମ ଭଞ୍ଜ ଜୟନ୍ତୀ ସମାରୋହ ମେ ୧୬ରୁ

**କଟକ,୧୧।୪ (କାର୍ତ୍ତିକ ସାହୁ)**

ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ କଳିଙ୍ଗ ଭାରତୀ ଏବଂ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଆଗାମୀ ମେ ୧୬ରୁ ୨୨ ତାରିଖ ଯାଏ ୮୦ତମ ଭଞ୍ଜ ଜୟନ୍ତୀ ସମାରୋହ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ହେବ। ଭଞ୍ଜମଣ୍ଡପରେ କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇବା ନିମନ୍ତେ ସ୍ଥିର ହୋଇଛି। ଏଥିରେ ବକ୍ତୃତା, ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଓଡ଼ିଶାର ବରପୁତ୍ରମାନଙ୍କ ପୋଷାକ ପରିଧାନ, ଅଭିନୟ, ଝୋଟି, ମୁରୁଜ, ଚିତ୍ରାଙ୍କନ ଓ ଭଞ୍ଜ ସାହିତ୍ୟ ଉପରେ ସ୍ୱତନ୍ତ୍ର କୁଇଜ୍ ଆଦି ପ୍ରତିଯୋଗିତା ପ୍ରତିଦିନ ଅନୁଷ୍ଠିତ ହେବ। ବୈଠକରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ, ଉପଦେଷ୍ଟା ଆଡ୍‌ଭୋକେଟ୍ ପ୍ରସନ୍ନ କୁମାର ନନ୍ଦ, ଉପସଭାପତି ରଞ୍ଜିତ କର, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ମହାନ୍ତି, ସଙ୍ଗଠନ ସମ୍ପାଦକ ଶକ୍ତି ଶଙ୍କର ମହାନ୍ତି, ଅନୁପ ମାର୍ଥା, ଡ. ସ୍ନେହଲତା ମିଶ୍ର, ସିପ୍ରା କର, ସତ୍ୟ ଗୋପାଳ ପରିଜା ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ୨୦ ଫୁଟ୍ ବାମ୍ଫି ଭିତରୁ ୧୪ ଫୁଟର ଅଜଗର

**ଖୁଣ୍ଟୁଣୀ,୧୧।୪(ସଚିଦାନନ୍ଦ ପଣ୍ଡା)**



ଖୁଣ୍ଟୁଣୀ ଥାନା ଅଧୀନ ଗୋଡିସାହି ଗ୍ରାମ ପାର୍ଶ୍ୱରେ ଥିବା ଏକ ୨୦ ଫୁଟ ଗଭୀର ବାମ୍ଫି ଭିତରେ ଏକ ୧୪ ଫୁଟ ଲମ୍ବର ଅଜଗର ସାପ ଗୁରୁବାର ଠାବ କରାଯାଇଛି। ସ୍ଥାନୀୟ ଲୋକେ ଏହାକୁ ଦେଖି ପ୍ରଥମେ ଆଠଗଡ଼ ଜଙ୍ଗଲ ବିଭାଗ ଜଗୁଆଳିଙ୍କୁ ଖବର ଦେଇଥିଲେ। ସେମାନେ ସାପକୁ ଦେଖି ଯାଇଥିଲେ ମଧ୍ୟ ସନ୍ଧ୍ୟା ସୁଧା କେହି ତାକୁ ଉଦ୍ଧାର କରିବାକୁ ଆସି ନ ଥିଲେ। ଶୁକ୍ରବାର ସାପକୁ ଉଦ୍ଧାର କରାଯିବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧ ସାହୁ କହିଛନ୍ତି। ତେବେ ଏହି ବିରାଟକାୟ ବାମ୍ଫିରେ ପାଣି ଶୁଖି ଯାଇଥିଲେ ମଧ୍ୟ ଗୋଟିଏ କଣରେ ପ୍ରାୟ ଦେଢଫୁଟ ପାଣି ରହିଛି। ସେହି ପାଣିରେ କିଛି ସେଉଳ ଓ ଗଡ଼ିଶା ମାଛ ଥିବାରୁ ସାପଟି ମାଛ ଲୋଭରେ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ପଳାଇ ଆସି ବାମ୍ଫି ମଧ୍ୟରେ ଖସି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ହିନ୍ଦୁ-ମୁସଲମାନ ଏକାଠି ହେଲେ
# ଭାଇଚାରା ବଜାୟ ରଖିବାକୁ ଶାନ୍ତିର ବାର୍ତ୍ତା ବାଣ୍ଟିଲେ

**ନିଶ୍ଚିନ୍ତକୋଇଲି,୧୧।୪ (ଅଶୋକ କୁମାର ମହାପାତ୍ର)**



ମୁସଲମାନମାନଙ୍କ ପର୍ବ ଇଦ୍ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ଅଧୀନ କାଜିହାଟ ମଦ୍ରସାରେ ସ୍ୱତନ୍ତ୍ର ଭାବେ ଉଭୟ ହିନ୍ଦୁ ଓ ମୁସ୍‌ଲମାନମାନେ ମିଶି ଇଦ୍ ପାଳିଥିଲେ। ଏହି ବ୍ଲକ ଅଧିନ ୪୨ଟି ମହଲାରୁ ଦଶ ହଜାରରୁ ଊର୍ଦ୍ଧ୍ୱ ମୁସ୍‌ଲମାନ ମଦ୍ରସା ନିକଟ ପ୍ରାର୍ଥନା ସଭାରେ ଏକତ୍ରିତ ହୋଇ ସାମୁହିକ ନମାଜ ପାଠ କରିଥିଲେ। ଏହି ସମୟରେ ମୌଲାନା ସୟଦ ନକିବୁଲ ବର୍କି, ମୌଲାନା ଜୟମୁଲ ଇସଲାମ, ମୌଲାନା ହାପିସ ନବାବ ସୟଦ, ମହମ୍ମଦ କଲିମୁଲା ଆଜାଦ, ସୟଦ ଅଲ୍ଲୀ ଅସରଦ ପ୍ରମୁଖ ବହୁ ମୁସଲମାନ ଧର୍ମଗୁରୁ ସାମିଲ ହୋଇଥିଲେ। ପରେ ହିନ୍ଦୁ ଓ ମୁସ୍‌ଲମାନମାନେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ମଦ୍ରସାରେ ପହଞ୍ଚି ଉପସ୍ଥିତ ମୌଲାନାଙ୍କ ସହ ଆଲୋଚନା କରିବା ସହ ସମସ୍ତ ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ କରିଥିଲେ। ତାଙ୍କ ସହ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରମୋଦ ସ୍ୱାଇଁ, ଜ୍ୟୋତିପ୍ରକାଶ ସ୍ୱାଇଁ. ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଭାବେ ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ କାଜିହାଟରେ ପହଞ୍ଚି ଇଦ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଏକ ଭାଇଚାରା ପର୍ବ ବୋଲି ସୂଚନା ଦେଇଥିଲେ। ତାଙ୍କ ସହ ଦୀଲିପ କୁମାର ରାଉତ, ଅମୀୟ ବିଶ୍ୱାଳ, ସଞ୍ଜୟ ବେହେରା ଓ ମାହାଙ୍ଗା ଯୁବ କଂଗ୍ରେସ ସଭାପତି ସେକ ସଦାମ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ହାବଲପୁର, ମହମ୍ମଦପୁର, ଅସୁରେଶ୍ୱର, ନେମାଳ, ବର୍ଗିହାଟ, ସୁକରପଡା, ଦାଉଦପୁର, ନରେନ୍ଦ୍ରପୁର, ମହମ୍ମଦପୁର ପ୍ରଭୃତି ଅଞ୍ଚଳରେ ଇଦ ପର୍ବ ପାଳିତ ହୋଇଯାଇଛି।

**ଟିଗିରିଆ,(ଜାଫର ଖାଁ ):** ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଳଠାରେ ପବିତ୍ର ଇଦ୍ ଉଲ ଫିତର ପର୍ବ ଆନନ୍ଦ ଉଲ୍ଲାସ ର ସହିତ ପାଳିତ ହୋଇଯାଇଛି। ପବିତ୍ର ରମଜାନ ମାସର ଏକ ମାସ ରୋଜା ( ଉପବାସ) ପରେ ଗୁରୁବାର ରମଜାନ ଇଦ୍ ପାଳିତ ହୋଇଛି। ପୂର୍ବାହ୍ନରେ ପ୍ରବଳ ବର୍ଷା ଯୋଗୁ ପୂର୍ବ ନିର୍ଦ୍ଧାରିତ ସ୍ଥାନ ପଙ୍କାଳ ଇଦ୍‌ଗା ପରିବର୍ତ୍ତେ ଜମା ମସଜିଦ ପଙ୍କାଳଠାରେ ମୌଲାନା ସେକ ଅବଦୁଲ କାଦିର ୧୦ ଟାରେ ଇଦ୍ ନମାଜ ପାଠ କରାଇଥିଲେ। ସେହିପରି ମହିଳାଙ୍କୁ ମୌଲାନା ସେକ ସମସୁଲ ସାମୁହିକ ଇଦ ନମାଜ ପାଠ କରାଇଥିଲେ। ପରେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ ପ୍ରମୁଖ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍ମାଇଲ ଖାଁ, ସାହାଦତ ଖାଁ, ମହମ୍ମଦ ସୋଲେମାନ, ମହମ୍ମଦ ମୋୟିବୁଲ ହକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜମାତ୍ ଅହମଦିୟା କରଡ଼ାପଲ୍ଲୀଠାରେ ମୌଲାନା ହଲିମ ଅହମ୍ମଦ ସମବେତ ମହିଳା ପୁରୁଷଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ପରେ ଗରିବ ଲୋକଙ୍କୁ ଜମାତ ତରଫରୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

**ଚୌଦ୍ୱାର,୧୧।୪(ଆଶୁତୋଷ ଦାସ):** ଚୌଦ୍ୱାର ମୁସ୍‌ଲିମ ପଞ୍ଚାୟତ ପକ୍ଷରୁ ଇଦ୍ ପର୍ବ ଗୁରୁବାର ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚୌଦ୍ୱାର ଅଞ୍ଚଳର ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ଚାଟେଶ୍ୱରସ୍ଥିତ ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇ ସକାଳ ୯ଟା ସମୟରେ ସମୂହ କଲମା ପଢ଼ିଥିଲେ। ଚୌଦ୍ୱାର ମସ୍‌ଜିଦର ମୌଲବୀ ରହିମ୍ ଉସମାନୀ ନମାଜ ପାଠ ସହିତ ପବିତ୍ର କୋରାନ୍ ପାଠ କରିଥିଲେ। ଏହି ସମୂହ ନମାଜରେ ଚୌଦ୍ୱାର ମୁସଲିମ୍ ସମ୍ପ୍ରଦାୟ ସମେତ ସାଇଁଟୋ, ନାରପଡ଼ା, ବ୍ରହ୍ମପୁର, ବାଣୀପଦା, ଭଗତପୁର ଆଦି ଅଞ୍ଚଳର ମୁସଲମାନ ଭାଇମାନେ ଅଂଶଗ୍ରହଣ କରିଥିଲେ। ମହିଳାମାନେ ନିଜ ନିଜ ଘରେ କଲମା ପଢ଼ିଥିଲେ। ପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ କୋଳାଗ୍ରତ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ମୁସଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦ ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ମହମ୍ମଦ ରିଜୁଆନ୍, ନସିମ୍ ଖାନ୍, ସେକ୍ ଫିରୋଜ, ସେକ୍ ଇସମାଇଲ, ଐସାନ୍ ଲକିଫ ଶାହା, ସେକ୍ ଖାଲିଦ୍ ଚାନ୍ଦ, ସେକ୍ ସଫିକ୍, ସେକ୍ ତମନ୍ନା ପ୍ରମୁଖଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁରୂପ ଭାବେ ବ୍ରହ୍ମପୁର ଗ୍ରାମରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ ମସ୍‌ଜିଦରେ ସମୂହ ନମାଜ ପାଠ ପରେ ବିଜେଡି କଟକ ଜିଲା ସମ୍ପାଦକ ସେକ୍ ସାହାଜାନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଚୌଦ୍ୱାର ଆଇଆଇସି ସାହୁ, ଅଧିକାରୀ ସରସ୍ୱତୀ ସାହୁ, ରବୀନ୍ଦ୍ର ରାଉତ, ଚଗଲା ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

**ମଙ୍ଗୁଳି–ଜଗତପୁର,୧୧।୪(ମାନସ ସାମଲ):** ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଡାଲିଯୋଡ଼ା ବ୍ରହ୍ମପୁର ଓ ଜେମାଦେଇପୁର ମୁସ୍‌ଲିମ କମିଟି ପକ୍ଷରୁ ଡାଲିଯୋଡା ବ୍ରହ୍ମପୁରସ୍ଥିତ ମସ୍‌ଜିଦ ଓ ଉର୍ଦ୍ଦୁ ସ୍କୁଲ୍ ପରିସରରେ ଇଦ୍ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ସକାଳୁ ସମୂହ ନମାଜ ପାଠ କରିବା ସହ ସଭା ସମିତିର ଆୟୋଜନ ହୋଇଥିଲା। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଶଙ୍କରପୁର ସରପଞ୍ଚ ପ୍ରମୋଦିନୀ ଖଟୁଆ, ସେକ୍ ଜାହିର, ସେକ୍ ଅମନ୍, ସେକ୍ ଉମରଅଲ୍ଲୀ, ସୁବୋ ଖାଁ, ରଞ୍ଜିତ ରାଉତ, ଅଶୋକ ପରିଡ଼ା, ବିଦ୍ୟାଧର ରାଉତ, ରମେଶ ହାତୀ, ରବୀନ୍ଦ୍ର ସାହୁ, ବାଟ ମହାରଣା, ପରମାନନ୍ଦ ରାଉତ, ସେକ୍ ଲୋକମାନ, ସେକ୍ ଆଲାମ, ସେକ୍ ରାମଜାନ, ସେକ୍ ରାହେମନ, ସେକ୍ ରଜନ, ଅଜୟ ପାତ୍ର ପ୍ରମୁଖଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଶୁଭେଚ୍ଛା ଜଣାଇବା ସହ ଭାଇଚାରା ବଜାୟ ରଖି ଶାନ୍ତିର ବାର୍ତ୍ତା ବାଣ୍ଟିଥିଲେ। ପରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପହଞ୍ଚି ମୁସଲମାନ ଭଉଣୀଭାଇଙ୍କୁ ମିଷ୍ଟାନ୍ନ ବାଣ୍ଟିବା ଓ ନିଜ ନିଜ ମଧ୍ୟରେ ଭାଇଚାରା ବଜାୟ ରଖିବା ସହ ଶୁଭେଚ୍ଛା ଜଣାଇଥିଲେ। ସେକ୍ ନମାଜ, ସେକ୍ ମାନନ୍, ସେକ୍ ରହେମତ, ୱାଦେଲି ଖାଁ, ସେକ୍ ଲତିଫ ପ୍ରମୁଖ ଉପସ୍ଥିତ ଥିବାବେଳେ ସାହି ସର୍ଦ୍ଦାର ସେକ୍ ଶୋବନ୍ ଧନ୍ୟବାଦ ଦେଇଥିଲେ।

## ୨.୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**କଟକ,୧୧।୪ (କାର୍ତ୍ତିକ ସାହୁ)**

ବାଦାମବାଡ଼ି ଥାନା ପୋଲିସ ବେଆଇନ୍ ଗଞ୍ଜେଇ କାରବାର ମାମଲାରେ ଜଣକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ନରସିଂହପୁର ଥାନା ଅନ୍ତର୍ଗତ ଧମକଟ ଗ୍ରାମର ଅରୁଣ ପ୍ରଧାନ (୩୯)। ତାଙ୍କ ନିକଟରୁ ୨.୯ କେଜି ଗଞ୍ଜେଇ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏନେଇ ବାଦାମବାଡ଼ି ଥାନାରେ କେସ୍ ନଂ. ୧୧୨/୨୦୨୪ ରୁଜୁ ହୋଇଛି। ପ୍ରକାଶ ଯେ, ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉଲ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, ଅଭିଯୁକ୍ତ ଜଣକ ବିକ୍ରି ଉଦ୍ଦେଶ୍ୟରେ ଜରିବ୍ୟାଗରେ ଗଞ୍ଜେଇ ଧରି ବାଦାମବାଡ଼ି ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରସ୍ଥାନ ଗେଟ୍ ସମ୍ମୁଖରେ ଠିଆ ହୋଇଛନ୍ତି। ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଖବରଦାତା ମା'ଙ୍କ ପରଲୋକ

**ଚୌଦ୍ୱାର,୧୧।୪(ଆଶୁତୋଷ ଦାସ)**

ଖବରଦାତା ତଥା ବିଜେଡିର ନଗର କାର୍ଯ୍ୟକାରୀ ସଭାପତି ବିମଳ ବେଉରାଙ୍କ ମାଆ ବେଲ ବେଉରା(୯୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ତଥା ପରୋପକାରୀ ମହିଳା ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଗତ ୧ ସପ୍ତାହ ଧରି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ଆଶୁତୋଷ ଦାସ, ଅଜୟ ବେହେରା, ସୋରେନ୍ ବେହେରା, ଜୀବନ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ରମେଶ ଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ହରିହର, ବଳଦେବ, ରଘୁନାଥ, ଦୀନବନ୍ଧୁଙ୍କ ସମେତ ପରିବାରର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱରର ସ୍ଥିତ ଜାଗମରା, ଆଇଟିଇଆର୍ କଲେଜ ଅଞ୍ଚଳ, ଜଗମୋହନ ନଗର ଗ୍ରୀନ୍ ପାର୍କ ଅଞ୍ଚଳ, କେ-୮ କଳିଙ୍ଗ ନଗର ଓ କେ-୩ ବି କଳିଙ୍ଗ ନଗର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ – ଟିପିସିଓଡିଏଲ୍

## ରଘୁନାଥଜୀଉ ନାଟ୍ୟ ପରିଷଦ ପ୍ରଥମ ହନୁମାନ ଚରିତ୍ରଙ୍କ ଦେହାନ୍ତ

**ଖୁଣ୍ଟୁଣୀ,୧୧।୪(ସଚିଦାନନ୍ଦ ପଣ୍ଡା)**



ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମର ୬୦ ଦଶକର ସର୍ବ ପୁରାତନ ରଘୁନାଥଜୀଉ ନାଟ୍ୟ ପରିଷଦର ପ୍ରଥମ ହନୁମାନ ଚରିତ୍ରରେ ଅଭିନୟ କରିଥିବା ଅରକ୍ଷିତ ବେହେରା(୮୧)ଙ୍କ ଗୁରୁବାର ପରଲୋକ ହୋଇଛି। ଅରକ୍ଷିତ ତାଙ୍କ ଯୁବକ ଅବସ୍ଥାରୁ ଦୀର୍ଘ ୬୩ ବର୍ଷ କାଳ ନାଟ୍ୟ ପରିଷଦରେ ନିଖୁଣ ହନୁମାନ ଚରିତ୍ରରେ ଅଭିନୟ କରି ସମଗ୍ର ଆଠଗଡ଼ ଅଞ୍ଚଳରେ ନିଜକୁ ଜଣେ ସଫଳ କଳାକାର ଭାବେ ପରିଚୟ ସୃଷ୍ଟି କରି ପାରିଥିଲେ। ସେ ଚୌଦ୍ୱାର, ଆଠଗଡ଼, ଖୁଣ୍ଟୁଣୀ ଆଦି ଅନେକ ସ୍ଥାନକୁ ଯାଇ ରାମଲୀଳା ପରିବେଷଣ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସମଗ୍ର ଆଠଗଡ଼ ଅଞ୍ଚଳରୁ ବହୁ ଅନୁଷ୍ଠାନର ବ୍ୟକ୍ତିବିଶେଷ ଓ ଯାଦବ ସମାଜ ଆସି ତାଙ୍କ ଶେଷ ଦର୍ଶନ କରିଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ଅରକ୍ଷିତ କାର୍ଯ୍ୟକ୍ଷମ ଥିଲେ। ବୁଧବାର ରାତିରେ ଖାଇସାରି ହଠାତ ଅସୁସ୍ଥତା ଅନୁଭବ କରି ଶୋଇ ପଡ଼ିଥିବାବେଳେ ଗୁରୁବାର ସକାଳେ ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ତାଙ୍କ ଗ୍ରାମ ଡାଳଭାଗ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ପରିଷଦ ପକ୍ଷରୁ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ଶ୍ୟାମସୁନ୍ଦର ବେଉରା, ଅବଧୂତ ରାଉତ, ବସନ୍ତ ବେଉରା, ଶ୍ରୀନିବାସ ସ୍ୱାଇଁ, ଦୀପ୍ତିକର ବେଉରା, ବିଶ୍ୱନାଥ ପ୍ରଧାନ, ଅନ୍ତର୍ଯ୍ୟାମୀ ରାଉତ, ପ୍ରମୁଖ ରାମ ମନ୍ଦିରଠାରେ ଶୋକ ସଭା ଓ ନିରବ ପ୍ରାର୍ଥନା କରିଥିଲେ।

# ନାଦନିନାଦର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ



ସଙ୍ଗୀତ ସମାରୋହ ଅବସରରେ ଶାସ୍ତ୍ରୀୟ ସଙ୍ଗୀତ ଗୁରୁଙ୍କ ସହ କଳାକାରମାନେ।

**କଟକ,୧୧।୪ (କାର୍ତ୍ତିକ ସାହୁ)**

କୃଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲରେ ନାଦନିନାଦ ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓଙ୍କ ମାର୍ଗଦର୍ଶନରେ ଅନୁଷ୍ଠାନର ଦେବସ୍ମିତା ମିଶ୍ର, ସୁଭାସିନୀ ପାତ୍ର, ରିତିକା ସ୍ୱାଇଁ, ଗୋପାଳକୃଷ୍ଣ ସାହୁ, ଆଶିଷ କୁମାର ସାହୁ ଓ ଅହନ ବିକ୍ରମ ପ୍ରମୁଖ କଳାକାରମାନେ ରାଗ ସଙ୍ଗୀତ ପରିବେଷଣ କରିଥିଲେ। ହାରମୋନିୟମରେ ଗୁରୁ ଏ.ନାରାୟଣ ରାଓ ଏବଂ ତବଲାରେ ଗୁରୁ ଯୋଗେନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ଡ. ଜି. ଏସ୍. ପଟ୍ଟନାୟକଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନିରାପଦ ମାତୃତ୍ୱ ପ୍ରତି ଯତ୍ନବାନ୍ ହେବା'

## ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ

**କଟକ,୧୧।୪ (କାର୍ତ୍ତିକ ସାହୁ)**



ନିରାପଦ ମାତୃତ୍ୱ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଗୁରୁବାର ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନିରାପଦ ମାତୃତ୍ୱ ସଚେତନତା କାର୍ଯ୍ୟକ୍ରମକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅନ୍‌ଲାଇନ୍‌ରେ ଉଦ୍‌ଘାଟନ କରି ନିରାପଦ ମାତୃତ୍ୱ ପ୍ରତି ସମସ୍ତେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଗର୍ଭାବସ୍ଥା, ସନ୍ତାନ ପ୍ରସବ ଏବଂ ପରବର୍ତ୍ତୀ ସମୟରେ ମା' ଓ ଶିଶୁ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ସହ ଡାକ୍ତରଙ୍କ ପରାମର୍ଶ ସଂକ୍ରାନ୍ତୀୟ ନାଟକ ପରିବେଷିତ ହୋଇଥିଲା। ଏଥିରେ ଜିଏନ୍‌ଏମ୍ ତୃତୀୟ ବର୍ଷ ଏବଂ ଏଏନ୍‌ଏମ୍ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଗର୍ଭବତୀ ମହିଳାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରାନନ୍ଦ ବେହୁରା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ମଧୁସ୍ମିତା ନାୟକ, ଡା. ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଜନସଚେତନା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ଗୋପୀ ଡି.ଙ୍କ ମାର୍ଗଦର୍ଶନ ଏବଂ ଉପାଧ୍ୟକ୍ଷ ଏନ୍ ପ୍ରେମଲତା ଦେବୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ, ମଧୁସ୍ମିତା ନାୟକ, ଗୀତାମୟୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୪।୨୦୨୪

| | |
|---|---|
| ୪,୯୪,୨୨୪ ଟଙ୍କା | |
| ସୁନା | ୭.୭୮୦ ଗ୍ରାମ |
| ରୁପା | ୪୩.୪୦୦ ଗ୍ରାମ |

## ସଂକ୍ଷେପରେ

### 'ସେବାୟତ କଲ୍ୟାଣ ପାଇଁ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସ୍ମରଣ ରହିବେ'

ପୁରୀ,୧୧।୪(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ବରିଷ୍ଠ ସେବାୟତ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସ୍ମରଣ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜଗନ୍ନାଥ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ଦ୍ୱାରା ଆୟୋଜିତ 'ବୈକୁଣ୍ଠରେ ପୂର୍ଣ୍ଣଚନ୍ଦ୍ର' କାର୍ଯ୍ୟକ୍ରମରେ ଗବେଷକ ଭାସ୍କର ମିଶ୍ର, ମହନ୍ତ ରାମଚରଣ ଦାସ, ଗବେଷକ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ର, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ସେବାୟତ ଦାମୋଦର ମହାସୁଆର, ଉଦି ପଢିଆରୀ, ପ୍ରାଧ୍ୟାପକ ନୃସିଂହ ଚନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ସଂସ୍କୃତି ପୁରୁଷ' ଉନ୍ମୋଚନ କରାଯାଇଥିଲା। କଣ୍ଠଶିଳ୍ପୀମାନେ ପାରମ୍ପରିକ ଭଜନ ପରିବେଷଣ କରିଥିଲେ। ବାପୁଜୀ ଖୁଣ୍ଟିଆ, ରାଜଗୋପାଳ ଖୁଣ୍ଟିଆ, ଲୋକନାଥ ଖୁଣ୍ଟିଆ ଓ ଚିନ୍ତାମଣି ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟ୍ୟାପ୍‌ରୁ ବାହାରୁନି ପାଣି, ଲୋକେ ହନ୍ତସନ୍ତ

ଯୋଗେଶ୍ୱରପୁର,୧୧।୪(ରଶ୍ମିରଞ୍ଜନ ସାହୁ):

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବରୀ ପଞ୍ଚାୟତ କୁମାରଡିହ ଗ୍ରାମର ସନ୍ତୋଷ ସାହୁଙ୍କ ଘର ପାଖ ପାନୀୟ ଜଳର ଟ୍ୟାପ୍ ଷ୍ଟାଣ୍ଡରେ ଟ୍ୟାପ୍ ଭାଙ୍ଗିଯିବା ପରେ ସେହି ପାଇପ୍‌ରେ କାଠି ଗୁଞ୍ଜା ହୋଇଛି। ଫଳରେ ଲୋକେ ପାନୀୟ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ସନ୍ତୋଷଙ୍କୁ ପଚାରିବାରେ, ବର୍ଷେରୁ ଊର୍ଦ୍ଧ୍ୱ ହେବ ଏହି ଟ୍ୟାପ୍ ଭାଙ୍ଗି ହୋଇ ପଡ଼ିଛି। ଏ ବିଷୟରେ କୋଣାର୍କଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଯନ୍ତ୍ରୀ ନିର୍ମଳା ପ୍ରଧାନଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମରାମତି କରୁନାହାନ୍ତି। ପ୍ରକଳ୍ପ ଯନ୍ତ୍ରୀଙ୍କ ଫୋନ ବନ୍ଦ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ। ତୁରନ୍ତ ଏହି ପାଣି ଟ୍ୟାପ୍ କାମ କରିବାକୁ ସାହୁ ଦାବି କରିଛନ୍ତି।

# ଭାରତୀୟ ସଂସ୍କୃତି, ପରମ୍ପରା ଉପରେ ଗୁରୁତ୍ୱ

## ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପିପିଲି,୧୧।୪(ପ୍ରଭାତ କୁମାର ମହାପାତ୍ର)



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ।

ରାଷ୍ଟ୍ରୀୟ ନବବର୍ଷ ପାଳନ ଉପଲକ୍ଷେ ପିପିଲି ବଜାର ମେଳଣ ପଡ଼ିଆରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପଞ୍ଚଦଶ ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଙ୍ଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହୋମିଓପାଥି ଡ୍ରଗିଷ୍ଟ ଆସୋସିଏଶନର ସଭାପତି ଡାକ୍ତର ରଥିନ୍ଦ୍ର ଦତ୍ତ ଏବଂ ସମ୍ମାନିତ ଅତିଥି ଭାବେ ଚର୍ଚ୍ଚିତ କୁନି ପ୍ରବଚକ କେଶବ ଦାଶ ଦ୍ୱୀତିକୃଷ୍ଣ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଅଧ୍ୟାତ୍ମିକ ଚେତନା ସମ୍ପର୍କରେ ଆଲୋକପାତ କରିଥିଲେ। ୧୫ବର୍ଷ ଧରି ପାଳନ ହେଉଥିବା ଏହି ମହୋତ୍ସବକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସ୍ୱାଧିନ କୁମାର ସାହୁ, ଡାକ୍ତର ମନୋରଞ୍ଜନ ରାଉତ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଅଭିନେତ୍ରୀ ବି.ଏମ୍. ବୈଶାଳୀ, ଅଭିନେତା ଅଶ୍ୱିନୀ କୁମାର ବ୍ରହ୍ମା, କଣ୍ଠଶିଳ୍ପୀ ସରୋଜ ଜେନା, ଦମନ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଅନୁରାଗ ଦାଶ, କଣ୍ଠଶିଳ୍ପୀ ଅନାମ କୁମାର, ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ, ଆକାଶବାଣୀ ଗୀତିକାର ବୃନ୍ଦାବନ ଜେନା, ଇଂ. ନଟବର ବିଶ୍ୱାଳ, ଉପଦେଷ୍ଟା ବାମଦେବ ମିଶ୍ର ପ୍ରମୁଖ ଯୋଗ ଦେଇ ଭାରତୀୟ ନବବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟ କଳାକାର ସୁରେନ୍ଦ୍ର ପୁଷ୍ପାଳକ, ନୃତ୍ୟଗୁରୁ ମନୋରମା ସାହୁ ଓ ଗଜେନ୍ଦ୍ର ବେହେରାଙ୍କ ସହ ପିପିଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳପୁର ଶ୍ରୀବିଶାକେଶ୍ୱରୀ ନୃତ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଢଗଢମାଳି ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ସ୍ଥାନୀୟ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଜାଗୃତି ନୃତ୍ୟାଞ୍ଜଳି, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ମ୍ୟାଜିସିଆନ ଚନ୍ଦନ ଦାଶଙ୍କ ଦ୍ୱାରା ମ୍ୟାଜିକ ଶୋ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସଭାରେ ଜାଗୃତି ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ରଚିତ ତଥା ଅଧ୍ୟାପକ ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୁନି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ସହସମ୍ପାଦକ ବିକାଶ ଅଗ୍ରୱାଲ, ଯୁଗ୍ମସମ୍ପାଦକ ମୁନୁ ଅଗ୍ରୱାଲ, କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାପାତ୍ର, ସହସଙ୍ଗଠନ ସମ୍ପାଦକ ଅଭିମନ୍ୟୁ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ସଭ୍ୟ ଜେନାମଣି ଆଶିଷ ରଞ୍ଜନ ଜେନା, ବାପୁ ବେହେରା, ସର୍ବେଶ୍ୱର ବୈଠାରୁ, ସମ୍ପଦ ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୭ ବଖରା ଜଳିଗଲା

ଡେଲାଙ୍ଗ,୧୧।୪ (ରଶ୍ମିରଞ୍ଜନ ପ୍ରଧାନ):

## ଗୈରାଦେଈପୁର ଗ୍ରାମରେ ଅଗ୍ନିକାଣ୍ଡ

- ମଶା ଧୂଆଁରୁ ନିଆଁ ଲାଗିଥିବା ସନ୍ଦେହ
- ଗ୍ୟାସ ଟାଙ୍କି ଫାଟିଗଲା
- ବିପନ୍ନଙ୍କୁ ସହାୟତା ଦାବି

ଡେଲାଙ୍ଗ ବ୍ଲକ ସୁଜନପୁର ପଞ୍ଚାୟତର ଗୈରାଦେଈପୁର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୭ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ସମୟରେ ହଠାତ୍ ନିଆଁ ଜଳୁଥିବା ଶବ୍ଦ ଶୁଣି ପରିବାର ଲୋକେ ବାହାରକୁ ଆସି ଘର ଜଳୁଥିବା ଦେଖିବାକୁ ପାଇଥିଲେ। ଡେଲାଙ୍ଗ ଦମକଳ ବାହିନୀଙ୍କୁ ଖବର ଦେବାରୁ ହାବିଲଦାର ଯଶୋବନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅଗ୍ନିକ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପଞ୍ଚୁ ବେହେରା, ଦିବା ବେହେରା, ଶିବ ବେହେରା, ବାଙ୍କା ବେହେରା, ନରୋତ୍ତମ ବେହେରା, ଧଡୁ ବେହେରାଙ୍କ ୬ ବଖରା ଘର ସହିତ ୧ବଖରା ଗୁହାଳ ଘର ପୋଡି ଯାଇଛି। ଏଥିରେ ଧାନ, ଚାଉଳ, ମୁଗ, ବିରି, ଲୁଗାପଟା, ଘରକରଣା ଆସବାବପତ୍ର, ଟିଭି, ଫ୍ରିଜ୍, ଫ୍ୟାନ୍, ଜରୁରୀ କାଗଜପତ୍ର ସମେତ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଡେଲାଙ୍ଗ ରାଜସ୍ୱ ନିରୀକ୍ଷକ ଘଟଣାର ଆକଳନ କରିବା ସହିତ ବିପନ୍ନ ପରିବାରକୁ ପଲିଥିନ୍ ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡ ସମୟରେ ଏକ ୫ ଲିଟରିଆ ଗ୍ୟାସ ଟାଙ୍କି ଫାଟିଯାଇଥିଲା। ହେଲେ ଏଥିରେ କାହାର କୌଣସି ଜୀବନ ହାନି ହୋଇ ନ ଥିବାବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସେହିପରି ରେଞ୍ଚ ପଞ୍ଚାୟତ ଅଧୀନ ପିଢ଼ପାଟଣା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧ ବଖରା ଘର ସମ୍ପୂର୍ଣ୍ଣ ଜଳିଯିବା ସହିତ ଜଣକର ଜୀବନ ଅଳ୍ପକେ ବର୍ତ୍ତିଯାଇଛି। ଗ୍ରାମର ରବୀନ୍ଦ୍ର ପରିଡ଼ା ତାଙ୍କ ଚାଳଘରେ ରାତିରେ ଶୋଇଥିବାବେଳେ କୌଣସି କାରଣରୁ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ତାଙ୍କ ଦେହରେ ନିଆଁ ଧାସ ବାଜିବାରୁ ହଠାତ୍ ତାଙ୍କ ନିଦ ଭାଙ୍ଗିଯାଇଥିଲା। ସେ ଜୀବନ ବିକଳରେ ଦୁଆର ଖୋଲି ବାହାରକୁ ଦୌଡି ପଳାଇଥିଲେ। ଫଳରେ ଅଳ୍ପକେ ରବୀନ୍ଦ୍ର ନିଆଁଦାଉରୁ ରକ୍ଷା ପାଇଛନ୍ତି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ମଶାଧୂପରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅନୁମାନ କରିଛି। ଯୋକନଡୁଆରେ ମଧ୍ୟ ଗତ ରାତିରେ ନିରଞ୍ଜନ ସାହୁଙ୍କ ପାଳଗଦାରେ ଅଗ୍ନିକାଣ୍ଡ ଘଟି ପାଳଗଦା ପୋଡ଼ି ପାଉଁଶ ହୋଇଯାଇଛି।

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଜାଗମରା, ଆଇଟିଆର୍ କଲେଜ ଅଞ୍ଚଳ, ଜଗମୋହନ ନଗର ଗ୍ରୀନ୍ ପାର୍କ ଅଞ୍ଚଳ, କେ-୮ କଳିଙ୍ଗ ନଗର ଓ କେ-୩ ବି କଳିଙ୍ଗ ନଗର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ଦଣ୍ଡଯାତ୍ରା ପାଇଁ ଶୈବପୀଠ ଉତ୍ସବମୁଖର



କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର ପ୍ରତ୍ୟେକ ଗ୍ରାମର ଶୈବପୀଠଗୁଡ଼ିକରେ ଦଣ୍ଡଯାତ୍ରା ପାଇଁ ଭଗତାମାନେ ଚଳଚଞ୍ଚଳ ହେଉଥିବା ଦେଖାଯାଇଛି। କେଉଁ ଗ୍ରାମର କେଉଁ କୋଠିରେ ୨୧, ୧୫, ୧୩ ଏବଂ ୯ ଦିନିଆ ପାଣିତୋଳା କାର୍ଯ୍ୟକ୍ରମ କରାଯାଉଛି। ଭଗତାମାନେ ଦଣ୍ଡଯାତ୍ରାରେ ଭାଗ ନେବାକୁ ଦୀର୍ଘ ଦିନ ହେଲା ଅରୁଆ ଖାଇ ରହିଥିବାବେଳେ କୋଠିରେ ନିଷ୍ଠାପର ସହିତ ସନ୍ଧ୍ୟା ସମୟରେ ସ୍ନାନ କରି ପଣାଭୋଗ ସେବନ କରିଥାନ୍ତି। କେଉଁ କେଉଁ କୋଠିରେ ମାତ୍ର ଗୋଟିଏ ସମୟରେ ଅରୁଆ ଅନ୍ନ ଭୋଜନ କରନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଠାକୁରଙ୍କୁ ସାଥିରେ ଧରି ଭଗତାମାନେ ଗ୍ରାମ ପରିକ୍ରମା କରିବା ସହିତ ଝୁଣା ଜାଳି ହକ ଡାକି ଯାତ୍ରା କରିବା ସମୟରେ ଗ୍ରାମବାସୀ ରାସ୍ତା ମଝିରେ ଦଣ୍ଡ ପ୍ରଣାମ କରୁଥିବା ଦେଖିବାକୁ ମିଳୁଛି। ଭଗତାମାନେ ଗ୍ରାମରେ ଯିବା ସମୟରେ କରୁଥିବା ବିଭିନ୍ନ ନୃତ୍ୟ, ଶିବତାଣ୍ଡବ, ଧୂଳିଆଦଣ୍ଡ ଗ୍ରାମ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଏହି ଦଣ୍ଡପର୍ବ ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୩ ତାରିଖରେ ବିଭିନ୍ନ କୋଠିରେ ଭଗତାମାନେ ଖାଲିପାଦରେ ଅଗ୍ନିରେ ଚାଲିବା, ଖାଲିପାଦରେ କଣ୍ଟାରେ ଚାଲିବା, ଦେହର ପିଠି ଭାଗରେ କଣ୍ଟା ଫୋଡି କେତେକ କୋଠିରେ ଝୁଲି ରହିବାର ବ୍ୟବସ୍ଥା ରହିଛି।

## ଆକର୍ଷଣ ସାଜିଲା ପାଇକ ଆଖଡ଼ା

### ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୋଲଗଡ଼,୧୧।୪(ଦେବବ୍ରତ ହୋତା):

ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଅମୃତ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କୁହୁଡ଼ି କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶିତ ଦର୍ଶକଙ୍କ ମନ ଜିଣିଥିଲା। ସେହିପରି ଜଟଣୀର ନୃତ୍ୟଶ୍ରୀ କଲ୍‌ଚରାଲ ଏକାଡେମୀ ଏବଂ ବିଶ୍ୱ ଡ୍ୟାନ୍ସ ଏକାଡେମୀ ସହିତ ସ୍ଥାନୀୟ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ, ସୃଷ୍ଟି ଡ୍ୟାନ୍ସ ଏକାଡେମୀ ଓ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଏକକ ଏବଂ ଦଳଗତ ନୃତ୍ୟ, ଅଭିନୟ ଉଚ୍ଚକୋଟୀର ଥିଲା। ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ଦୋଳଯାତ୍ରା କମିଟି ସଭାପତି ରବୀନ୍ଦ୍ର କୁମାର ପରିଡାଙ୍କ ସଭାପତିତ୍ୱରେ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଅନାଦି ସାହୁ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଓ ପ୍ରକାଶ ରଣବିଜୁଳି ଏବଂ ସଂସ୍କୃତି ଗବେଷକ ଚନ୍ଦ୍ର ବିଜୟୀ ମିଶ୍ର ବକ୍ତାଭାବେ ଯୋଗଦେଇଥିଲେ। ସଭାପତି ପରିଡ଼ା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଅଞ୍ଚଳର ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କୁନି କୁନି କଳାକାରମାନେ ସମ୍ବଲପୁର ନୃତ୍ୟ ପରିବେଷଣ କରିଥିଲେ। ଅଖିଳେଶ ମହାପାତ୍ର ଓ ଅଭିନାଶ ସୁବୁଦ୍ଧି ସଂଯୋଜନା କରିଥିଲେ। ଶେଷରେ କମିଟି ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## କାଳବୈଶାଖୀ ପ୍ରଭାବରେ ପାଚିଲା ଧାନ ନଷ୍ଟ

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ):

କ୍ରମାଗତ କିଛିଦିନ ହେଲା କାଳବୈଶାଖୀ ଯୋଗୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଯାଇଛି। ବୁଧବାର ଅପରାହ୍ନରେ ଚିଲିକା ଉପକୂଳ ଅଞ୍ଚଳରେ କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ ବହିଥିଲା। ସେଥିରେ ଚିଲିକା ଉପକୂଳ ଗ୍ରାମ ଗୋପୀନାଥପୁର, କଳାଦପର, ଯାମଳଗୋଦା, ଗଡିଶାଗୋଦା, ନୂଆଗାଁ, ନଈକୂଳପାଟଣା, ଜାଗୁଲେଇପଦର, ପାଇକମରା, ବଡ଼ଓରା, ସାନଓରା, କଉଡ଼ିଖଣୀ, ଅଡାଳବଡାଲ, ଦୋଛିଆଁ, ନୂଆଗାଁର ଚାଷୀଙ୍କ ଚିଲିକା ଉପକୂଳର ଖରାଟିଆ ଧାନ ଫସଲ ସବୁ ପାଚି ଯିବା ସମୟକୁ ପବନ ମାଡରେ ଜମିରେ ଶୋଇଯାଇଛି। ଫସଲର ଏହି ଅବସ୍ଥାରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।



ନଷ୍ଟ ହୋଇଯାଇଥିବା ପାଚିଲା ଧାନ ଫସଲ ।

# ସତ୍ୟବାଦୀରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା'କୁ ସ୍ୱାଗତ

ସାକ୍ଷୀଗୋପାଳ,୧୧।୪ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):

'ଉଠ ଓଡ଼ିଆ' ସଂଗଠନ ପକ୍ଷରୁ ବୁଧବାର ପୁରୀ ଶ୍ରୀମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଗୁରୁବାର ସତ୍ୟବାଦୀର ବଜାର ଦେଇ ସ୍ଥାନୀୟ ବକୁଳବନ ପରିସରରେ ପହଞ୍ଚିଥିଲା। ପରେ ବକୁଳ ବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସତ୍ୟବାଦୀର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଆଇନଜୀବୀ ଏବଂ ଜିଲାର ଯୁବ କର୍ମକର୍ତ୍ତା ଯୋଗଦେଇଥିଲେ। ଓଡ଼ିଶା ଜନସାଧାରଣ ଭୋଗୁଥିବା ସମସ୍ୟା ବିଷୟରେ ଆଲୋଚନା ହେବା ସହ ଏହାର ସମାଧାନ ପାଇଁ ଆଗେଇ ଆସିବାକୁ ପ୍ରତି ଓଡ଼ିଆମାନଙ୍କୁ ଆହ୍ୱାନ କରାଯାଇଥିଲା। ଏପରି ସମୟରେ ଓଡ଼ିଆଙ୍କ ପ୍ରାଣ ଆଗେଇ ନ ଆସିଲେ ଆଗାମୀ ଦିନରେ ଆମ ଓଡ଼ିଶା ମହାଦୁର୍ଦ୍ଦିନ ଭୋଗିବା ସହିତ ଓଡ଼ିଆ ସ୍ୱାଭିମାନ ଏବଂ ଅସ୍ମିତା ନଷ୍ଟ ହେବ। ଆଉ ୧୨ବର୍ଷ ପରେ ଆମ ଓଡ଼ିଶାକୁ ୧୦୦ ବର୍ଷ ପୂରଣ ହେବ। ଶହେ ବର୍ଷ ପୂରିବା ବେଳକୁ ଏକ ସମ୍ପୂର୍ଣ୍ଣ ଓଡ଼ିଶାର ବାସ୍ତବ ରୂପାୟନ ଦେଖିବା ପାଇଁ ପ୍ରୟାସରତ 'ଉଠ ଓଡ଼ିଆ' ସଙ୍ଗଠନର ଏହି ପଦଯାତ୍ରା ଅପରାହ୍ନରେ ସତ୍ୟବାଦୀ ବନ ବିଦ୍ୟାଳୟରୁ ବାହାରି ରାତିରେ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଠାରେ ପହଞ୍ଚିଥିଲା। ସେଠାରେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାସ୍ତାରେ ପଦଯାତ୍ରୀମାନେ ପଥପ୍ରାନ୍ତ ସଭା କରିବା ସହ ହାତରେ ଓଡ଼ିଆ ଭାଷା ଉପରେ ଆଧାରିତ ବିଭିନ୍ନ ସଚେତନ ଧର୍ମୀ ସ୍ଲୋଗାନ ଲେଖାଥିବା ପ୍ଲା କାର୍ଡ ଧରିଥିଲେ। ଲୋକେ ଉଠ ଓଡ଼ିଆ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିବା ସହିତ ଯାତ୍ରାର ଉଦ୍ଦେଶ୍ୟକୁ ସମର୍ଥନ କରିଥିଲେ। ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଦିନ ଭୁବନେଶ୍ୱରର ପିଏମ୍‌ଜିଠାରେ ଏହି ସଂକଳ୍ପ ଯାତ୍ରା ପହଞ୍ଚିବ ଓ ସେଠାରେ ଏକ ଜନସଭା କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସୌମ୍ୟରଞ୍ଜନ ମହାନ୍ତି, ଅଶୋକ ଜେନା, କାହ୍ନୁଚରଣ ବେଉରା, ଜ୍ଞାନରଞ୍ଜନ ଦାସ, ସ୍ନେହାଂଶୁ ଜେନା, ବିଚିତ୍ର ବିଶ୍ୱାଳ, ଭାସ୍କର ସାହୁ ପ୍ରମୁଖ ସଂକଳ୍ପ ଯାତ୍ରାର ନେତୃତ୍ୱ ନେଇଥିଲେ। ସତ୍ୟବାଦୀରୁ ସାମାଜିକ କର୍ମୀ ଗୋବିନ୍ଦ ମହାପାତ୍ର, ଆଇନଜୀବୀ ସୁଶାନ୍ତ ରଥ, ଶିକ୍ଷାବିତ୍ ବନମାଳୀ ବେହେରା ଏବଂ ବୁଦ୍ଧିଜୀବୀ ନଟବର ଆଚାର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଉଠ ଓଡ଼ିଆ ସଂକଳ୍ପ ଯାତ୍ରା ଅବସରରେ ବକୁଳବନ ପରିସରରେ ଆୟୋଜିତ ବୈଠକ।

# ଉତ୍ତମ ପ୍ରଦର୍ଶନ, ଏକାଠି କାମ କରିବା ଉପରେ ଗୁରୁତ୍ୱ




ବୈଠକରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏବଂ ଅନ୍ୟମାନେ ।

## ଶଙ୍ଖଭବନରେ ବିଜେଡିର ସାଙ୍ଗଠନିକ ବୈଠକ

ପୁରୀ, ୧୧।୪(ଅଜିତ୍ ମହାନ୍ତି)

ବିଜୁ ଜନତା ଦଳ ପୁରୀ ସଦର ନିର୍ବାଚନ ମଣ୍ଡଳୀର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ପୁରୀ ସଦର ବିଜେଡି ବିଧାୟକ ପ୍ରାର୍ଥୀ ସୁନିଲ ମହାନ୍ତି ଏବଂ ଲୋକସଭା ପ୍ରାର୍ଥୀ ଅରୁପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ପୁରୀ ଜିଲା ବିଜେଡି ସଭାପତି ଦିବାକର ପାତ୍ର ପରିଚାଳନା କରିଥିଲେ। ପୁରୀ ସଦର ନିର୍ବାଚନମଣ୍ଡଳୀ ସହ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଯେପରି ଭଲ ପ୍ରଦର୍ଶନ କରିବା ସହ ବିଜୟ ଲାଭ କରିବ ସେ ନେଇ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ଯେପରି ମୁଖ୍ୟମନ୍ତ୍ରୀ କରାଯିବ ସେଥିଲାଗି ସମସ୍ତ କର୍ମୀ ଓ ନେତା ଏକାଠି କାର୍ଯ୍ୟ କରିବା ସହ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲାର ନେତାମାନଙ୍କୁ ପରାମର୍ଶ ଦିଆଯାଇଛି।

ବୈଠକ ସମ୍ପର୍କରେ ରାଜ୍ୟ ସଭା ସଦସ୍ୟ ଖୁଣ୍ଟିଆ କହିଛନ୍ତି ଯେ, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ସଦର ନିବାଚନ ମଣ୍ଡଳୀରେ ବିଜେଡି ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ ନିର୍ବାଚନମଣ୍ଡଳୀର ନେତୃମଣ୍ଡଳୀ, କର୍ମୀଙ୍କ ସମେତ ସମସ୍ତ ବର୍ଗର ନେତୃଶ୍ରେଣୀଙ୍କ ସହିତ ଆଲୋଚନା କରାଯାଇଛି। ନିର୍ବାଚନ ରଣକୌଶଳ, କାର୍ଯ୍ୟପନ୍ଥା, ରୂପରେଖ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ନବୀନ ପଟ୍ଟନାୟକଙ୍କୁ ଯେପରି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଯିବ ସେଥିଲାଗି କାର୍ଯ୍ୟ କରିବା ସହ ପୁରୀ ଜିଲାର ଦୁଇ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେପରି ବିଜୟୀ ହେବୁ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିବା ଖୁଣ୍ଟିଆ କହିଛନ୍ତି। ସେହିପରି ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ସମସ୍ୟା ଦୂର ହୋଇଛି। ଦଳ ଭଲ ପ୍ରଦର୍ଶନ କରିବା ବୋଲି ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ କହିଛନ୍ତି। ଏହି ବୈଠକ ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ। ବୈଠକରେ ରାମକୃଷ୍ଣ ଦାସମହାପାତ୍ର, ସୁରେନ୍ଦ୍ର ନାଥ ଦାସ, ଶ୍ରୀପ୍ରକାଶ ମିଶ୍ର, ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ତାତା ରାଓ, ବିଜୟ ମିଶ୍ର, ନାରାୟଣ ପଟ୍ଟନାୟକ, ବିଶ୍ୱ ରାଓ, ଭକ୍ତ ଚରଣ ଦାସ, ରବି ସାମନ୍ତରାୟ, ସବ୍ୟସାଚୀ ମହାପାତ୍ର, ପୁରୀ ଜିଲା ସହପର୍ଯ୍ୟବେକ୍ଷକ କାଶୀନାଥ ରଣାଙ୍କ ସମେତ ପୁରୀ ସଦର ଅଞ୍ଚଳର ୩୨ଟି ୱାର୍ଡ ଓ ୨୨ଟି ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ, ଛାତ୍ର ଓ ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କ୍ୟାବିନ୍‌ରୁ ୧୭୬ କେଜି ଭାଙ୍ଗ ଜବତ, ୨ ଗିରଫ

ଭୁବନେଶ୍ୱର,୧୧।୪(ସୂର୍ଯ୍ୟକାନ୍ତ ବେହେରା)

ଦୋକାନ ଉଦ୍ଦେଶ୍ୟରେ କ୍ୟାବିନ ବନାଇଥିଲେ। ହେଲେ ତାହା ଭିତରେ ବେଆଇନ ଭାବେ ନିଶାଦ୍ରବ୍ୟ ରଖି ବେପାର କରୁଥିଲେ। ଖବର ପାଇ ଅବକାରୀ ଟିମ୍ ଗୁରୁବାର ସକାଳେ ଲିଙ୍ଗରାଜ ଥାନା ଅନ୍ତର୍ଗତ ବିନ୍ଦୁସାଗର ଅଞ୍ଚଳରେ ଚଢାଉ କରି ଉକ୍ତ କ୍ୟାବିନରୁ ୧୭୬ କେଜି ଭାଙ୍ଗ ଜବତ କରିଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଦୋକାନୀଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଦୋକାନୀ ବିଜୟ ମଲ୍ଲିକ(୨୪) ଓ ପ୍ରସନ୍ନ ପୂଜାପଣ୍ଡା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ନିଶା କାରବାର କେବେଠାରୁ କରୁଥିଲେ, କାହାକୁ ଯୋଗାଉଥିଲେ ତାହାର ଅଧିକ ଖୋଳତାଡ ଚଳାଇଛି ଅବକାରୀ ଟିମ୍।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲିଅନ୍ତା,୧୧।୪(ନୀଳମାଧବ ସାହୁ)

ବେଆଇନ ବ୍ରାଉନସୁଗାର ବିକ୍ରି ନିମନ୍ତେ ଯାଉଥିବାବେଳେ ରଙ୍ଗବଜାର କେନାଲ ବ୍ରିଜ୍ ନିକଟରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଜୟ ମହାପାତ୍ର (୨୭)। ଛାନଭିନ ସମୟରେ ପୋଲିସ ତାଙ୍କଠାରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୧୭୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଲୋନ୍ କରାଇଦେବା ନାଁରେ ଠକେଇ, ମହିଳା ଗିରଫ

ଭୁବନେଶ୍ୱର,୧୧।୪(ସୂର୍ଯ୍ୟକାନ୍ତ ବେହେରା)

ଲୋନ୍ କରାଇଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ୨୫ ହଜାର ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତା ମହିଳା ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ନିର୍ଲିପ୍ତା ଜଗଦେବ ମହାପାତ୍ର(୪୭)। ତାଙ୍କଠାରୁ କିଛି ଚୁକ୍ତିନାମା କାଗଜପତ୍ର ଜବତ ହୋଇଛି।

ସୂଚନାନୁସାରେ, ଅଭିଯୋଗକାରୀ ବ୍ୟବସାୟୀ ଭବାନୀ ଶଙ୍କର ଦାସ ଟଙ୍କା ଆବଶ୍ୟକ କରୁଥିଲେ। ଏଥିପାଇଁ ଲୋନ୍ କରାଇ ଦେବାକୁ କହି ଅଭିଯୁକ୍ତା ନିର୍ଲିପ୍ତା କିଛି ଟଙ୍କା ଦାବି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ ୭ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା ଲୋନ କରାଇଦେବାକୁ କହିଥିଲେ। ଏଥିପାଇଁ ଭବାନୀ ତାଙ୍କର ଜଣେ ବନ୍ଧୁ ସମୀର ରଞ୍ଜନ ଦାସଙ୍କ ଆକାଉଣ୍ଟରୁ ଅଭିଯୁକ୍ତାଙ୍କ ଆକାଉଣ୍ଟକୁ ୨୫ ହଜାର ଟଙ୍କା ପଠାଇଥିଲେ। ହେଲେ ଅଭିଯୁକ୍ତା ଟଙ୍କା ନେବାର ୭ ଦିନ ପରେ ମଧ ଭବାନୀଙ୍କର କୌଣସି ଲୋନ ପାଇବାର ସୁବିଧା କରି ନ ଥିଲେ। ଏହା ପରେ ଭବାନୀ ବାରମ୍ବାର ଅଭିଯୁକ୍ତାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ସିକ୍ୟୁରିଟି ବାବଦକୁ ଅଭିଯୁକ୍ତାଙ୍କୁ ଦେଇଥିବା ଏକ ଦସ୍ତଖତ ବିହୀନ ଖାଲି ଚେକ୍‌କୁ ସେ ଅପବ୍ୟବହାର କରିଥିବା ଜଣେ ବ୍ୟକ୍ତିଙ୍କଠାରୁ ଜାଣିବାକୁ ପାଇଥିଲେ। ଏହା ପରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣିବା ପରେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟକର ଛେନାପୋଡ଼କୁ ଗୁରୁତ୍ୱ

ଭୁବନେଶ୍ୱର,୧୧।୪ (ବନ୍ଦନା ସେଠୀ)

## ବିଶ୍ୱ ଛେନାପୋଡ଼ ଦିବସ ପାଳିଲା ଓମ୍‌ଫେଡ୍

ଓଡିଶା ରାଜ୍ୟ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଲିମିଟେଡ୍ (ଓମ୍‌ଫେଡ୍) ପକ୍ଷରୁ ଗୁରୁବାର ବିଶ୍ୱ ଛେନାପୋଡ ଦିବସ ପାଳିତ ହୋଇଯାଇଛି। ଏକ ଘରୋଇ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଲେ, ଓମ୍‌ଫେଡ୍ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ତା'ର ପ୍ରତ୍ୟେକ ଉତ୍ପାଦ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ। ଏହାର ଗୁଣାତ୍ମକମାନରେ କୌଣସି ସାଲିସ୍ କରାଯିବ ନାହିଁ। ଓମ୍‌ଫେଡ୍‌ର ପ୍ରତ୍ୟେକ ଉତ୍ପାଦର ଗୁଣାତ୍ମକ ମାନ ଓ ଶୁଦ୍ଧତା ବଜାୟ ରଖିବା ସହ ସୁଲଭ ମୂଲ୍ୟରେ ଓଡିଶାର ଘରେ ଘରେ କିପରି ପହଞ୍ଚିବ ସେ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଚାହିଦା ଯେତିକି ବୃଦ୍ଧି ପାଇବ, ଗ୍ରାମାଞ୍ଚଳ ଦୁଗ୍ଧଚାଷୀ ସମୂହର ଆର୍ଥିକ ବିକାଶ ସେହି ପରିମାଣରେ ବୃଦ୍ଧି ପାଇବ ବୋଲି କୁଲାଙ୍ଗେ କହିଥିଲେ। ଛେନାପୋଡ ସହିତ ଓମ୍‌ଫେଡ୍‌ର ସମସ୍ତ ଉତ୍ପାଦକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ପାରମ୍ପରିକ ଛେନାପୋଡ କିପରି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟକର ହେବା ସହ ଏହାର ଗୁଣାତ୍ମକମାନ ବଜାୟ ରହିପାରିବ, ସେ ସମ୍ପର୍କରେ ଛେନାପୋଡ କାରିଗର ତଥା ପ୍ଲାଣ୍ଟ ପରିଚାଳକ ମୃତ୍ୟୁଞ୍ଜୟ କୁମାର ବର୍ଣ୍ଣନା କରିଥିଲେ। ଏଥିରେ କେଉଁ ଉପାଦାନ କେତେ ପରିମାଣରେ ମିଶିଲେ ତାହା ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ହେବା ସହ ଗୁଣାତ୍ମକ ମାନ ବଜାୟ ରହିପାରିବ ସେ ସଂପର୍କରେ ବୁଝାଇଥିଲେ। ଏହି ଅବସରରେ ଛେନାପୋଡର ଐତିହ୍ୟ ସମ୍ପର୍କିତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏଥିସହ ଓମ୍‌ଫେଡ୍‌ର ଦୁଇଜଣ ଛେନାପୋଡ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓମ୍‌ଫେଡ୍‌ର ସମସ୍ତ ଅଧିକାରୀ, କର୍ମଚାରୀ ଓ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ବୈଷୟିକ ପରାମର୍ଶଦାତା ଡ. ଦିଗମ୍ବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଓମ୍‌ଫେଡ୍ ପରିସରରେ ଛେନାପୋଡ଼ କାଟି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଉଛି।


ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୁରୁବାର ସୂଚନା ଭବନରେ ଛେନାପୋଡ଼ ଦିବସ ପାଳନ ଅବସରରେ ବାଘଶବର ନାଚ ପରିବେଷଣ କରାଯାଉଛି।

# ୨ ବିଜେଡି କର୍ମୀଙ୍କ ମଧ୍ୟରେ ହାତାହାତି, ଜଣେ ଆହତ

ବାରଙ୍ଗ,୧୧।୪ (ଲିଙ୍ଗରାଜ ରାଉତ)

ବାରଙ୍ଗ ବିଜେଡିର ୨ ଜଣ କର୍ମୀଙ୍କ ମଧ୍ୟରେ ବୁଧବାର ରାତିରେ କୌଣସି କଥାକୁ ନେଇ ହାତାହାତି ହେବା ପରେ ଜଣେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ କଣ୍ଟାପାଟଣା ଗ୍ରାମର ଦୀପକ ସାହୁ(୨୮)। ଦୀପକଙ୍କ ଅଭିଯୋଗ ଆଧାରରେ ପୋଲିସ ୧୬୪/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ବାରଙ୍ଗରେ ବିଜେଡିର ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏଥିରେ ଦଳୀୟ କର୍ମୀଙ୍କ ସହ ଦୀପକ ଓ ଶ୍ରୀବନ୍ତପୁର ଗ୍ରାମର ଅନିଲ ଜେନା ଯୋଗଦେଇଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଦଳୀୟ କାର୍ଯ୍ୟକ୍ରମ ସାରି ଫେରିବା ପରେ ରାତି ପ୍ରାୟ ୯ଟା ସମୟରେ ଫୁଲପୋଖରୀ ଗ୍ରାମ ନିକଟ ଏକ ବିବାହ ମଣ୍ଡପ ସମ୍ମୁଖରେ ଦୁହିଁଙ୍କ ମଧ୍ୟରେ ବିବାଦକୁ ନେଇ ହାତାହାତି ହୋଇଥିଲା। ଅନିଲଙ୍କ ଆକ୍ରମଣରେ ଦୀପକଙ୍କ ମୁଣ୍ଡ ଫାଟିଯାଇଥିବା ସେ ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ରାଜନୈତିକ ଦଳ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଜାଗମରା, ଆଇଟିଇଆର୍ କଲେଜ ଅଞ୍ଚଳ, ଜଗମୋହନ ନଗର ଗ୍ରୀନ୍ ପାର୍କ ଅଞ୍ଚଳ, କେ-୮ କଳିଙ୍ଗ ନଗର ଓ କେ-୩ ବି କଳିଙ୍ଗ ନଗର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ଓଡ଼ିଶୀ ନୃତ୍ୟ ଉତ୍ସବ 'ଦିବତ୍ୱମ୍'

## ରାଜ୍ୟସ୍ତରୀୟ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର,୧୧।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଡିଭାଇନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଏକାଡେମୀ ତରଫରୁ ଗୁରୁବାର ରାଜ୍ୟସ୍ତରୀୟ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉତ୍ସବ 'ଦିବତ୍ୱମ୍' ଅନୁଷ୍ଠିତ ହୋଇଥିଲା। ଖ୍ୟାତନାମା ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଓଡ଼ିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ଗୁରୁ ନିରଞ୍ଜନ ରାଉତ ଏବଂ ମର୍ଦ୍ଦଳ ଗୁରୁ ଧନେଶ୍ୱର ସାଇଁ, ଇଣ୍ଡସ୍ଟେକ ଟେକ୍ନୋଲୋଜିର ପରିଚାଳନା ନିର୍ଦ୍ଦେଶକ ଆର.କେ. ଦେ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ସାମନ୍ତରାୟ ଏବଂ ଗୁରୁ ରାଉତଙ୍କୁ 'ଡିଭାଇନ ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କ ଏକକ ଓଡ଼ିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଦିବତ୍ୱମ୍' ଆରମ୍ଭ ହୋଇଥିଲା। ସେ ଶ୍ରୀଜଗନ୍ନାଥ ବନ୍ଦନାରୁ ଆରମ୍ଭ କରି ପଲ୍ଲବୀ ଓ ଅର୍ଦ୍ଧନାରୀଶ୍ୱର ପରିବେଷଣ କରିଥିଲେ। ପରେ ବିଶିଷ୍ଟ ନୃତ୍ୟଶିଳ୍ପୀ ରୁଦ୍ରପ୍ରସାଦ ଓ ଅନନ୍ୟା ଯୁଗଳବନ୍ଦୀରେ ପରିବେଷଣ କରିଥିଲେ 'ବର୍ଷା ବିରହ'। ଏହାପରେ ଦଳଗତ ନୃତ୍ୟରେ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ନୂପୁର ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିଲେ ନୃତ୍ୟନାଟିକା 'ଓଡ଼ିଶା'। ସେହିପରି ରାଜ କୁମାର କର ଏବଂ ଟି. ତୃଳିକା ରେଡ୍ଡୀ ଏକ ସୁନ୍ଦର ଯୁଗଳବନ୍ଦୀ ପରିବେଷଣ କରିଥିଲେ। 'ଡିଭାଇନ' ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କୁ ନେଇ ପ୍ରସ୍ତୁତ କରାଯାଇଥିଲା ସ୍ଥାୟୀ ନୃତ୍ୟ ଏବଂ ନୃତ୍ୟ ନାଟିକା ଶ୍ରୀକୃଷ୍ଣ ବାଲ୍ୟଲୀଳା। ଅନୁଷ୍ଠାନର ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନ ଏହାର ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଚନ୍ଦ୍ରିକା ଦାସ ପୌରୋହିତ୍ୟ କରିଥିବାବେଳେ ଡ. ଶ୍ରୀନିବାସୀ ଘଟୁଆରୀ ଉପସ୍ଥାପନା କରିଥିଲେ। ଏକାଡେମୀର ମ୍ୟାନେଜିଙ୍ଗ ଟ୍ରଷ୍ଟି ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ପର୍ଯ୍ୟଟକଙ୍କ କାର୍ ଧକ୍କାରେ ବୃଦ୍ଧା ମୃତ, ୨ ଗୁରୁତର

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ବାୟାକୁଦା ନିକଟରେ ଗୁରୁବାର ପ୍ରାତଃରେ ଫୁଲ ତୋଳିବାବେଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅଧୀନ ବଡ଼ମଠ ଗ୍ରାମର ରେଣୁବାଳା ବେହେରା (୬୫) ଏବଂ ଗୁରୁତର ୨ ଜଣ ହେଲେ ବାୟାକୁଦା ଗ୍ରାମର ରଞ୍ଜିତା ବେହେରା (୪୫) ଓ ପୋଇତରା ଗ୍ରାମର ନିରଞ୍ଜନ ପ୍ରଧାନ (୪୦)। ଏନେଇ ରେଣୁବାଳାଙ୍କ ପୁଅ କାହ୍ନୁଚରଣ ବେହେରାଙ୍କ ଅଭିଯୋଗ କ୍ରମେ ନଂ.୧୩୩/୨୪ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ଭୁବନେଶ୍ୱର ଅଞ୍ଚଳର ୪ ଜଣ ଯୁବକ ଏକ କାର୍‌ରେ କୋଣାର୍କ ବୁଲି ଯାଉଥିଲେ। ବାୟାକୁଦା ନିକଟରେ ବୃଦ୍ଧା ଜଣଙ୍କ ଫୁଲ ତୋଳୁଥିବାବେଳେ ଉକ୍ତ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। କାର୍‌ଟି ସେଠାରୁ ଖସିଯିବାବେଳେ ପାଖରେ ଥିବା ଅନ୍ୟ ଜଣେ ମହିଳା ଏବଂ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେହି ୨ ଜଣ ମଧ୍ୟ ଗୁରୁତର ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ରଙ୍କ ସହିତ କର୍ମଚାରୀ ପହଞ୍ଚି ୨ ଆହତଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଏଥିସହ ୧୦୮ ଆମ୍ବୁଲାନ୍ସ ବୃଦ୍ଧାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିବାବେଳେ ୨ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବୃଦ୍ଧାଙ୍କ ମୃତ୍ୟୁ ଘୋଷଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

# ଆକର୍ଷଣ ସାଜିଲା ପାଇକ ଆଖଡ଼ା


ଅମୃତ ଉତ୍ସବରେ ଗୁରୁବାର ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

ବୋଲଗଡ଼,୧୧।୪(ଦେବବ୍ରତ ହୋତା)

## ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଅମୃତ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କୁହୁଡ଼ି କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶିତ ଦର୍ଶକଙ୍କ ମନ ଜିଣିଥିଲା। ସେହିପରି ଜଟଣୀର ନୃତ୍ୟଶ୍ରୀ କଲ୍‌ଚରାଲ ଏକାଡେମୀ ଏବଂ ବିଶ୍ୱ ଡ୍ୟାନ୍ସ ଏକାଡେମୀ ସହିତ ସ୍ଥାନୀୟ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ, ସୃଷ୍ଟି ଡ୍ୟାନ୍ସ ଏକାଡେମୀ ଓ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଏକକ ଏବଂ ଦଳଗତ ନୃତ୍ୟ, ଅଭିନୟ ଉଚ୍ଚକୋଟୀର ଥିଲା। ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ଦୋଳଯାତ୍ରା କମିଟି ସଭାପତି ରବୀନ୍ଦ୍ର କୁମାର ପରିଡାଙ୍କ ସଭାପତିତ୍ୱରେ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଅନାଦି ସାହୁ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଓ ପ୍ରକାଶ ରଣବିଜୁଳି ଏବଂ ସଂସ୍କୃତି ଗବେଷକ ଚନ୍ଦ୍ର ବିଜୟୀ ମିଶ୍ର ବକ୍ତାଭାବେ ଯୋଗଦେଇଥିଲେ। ସଭାପତି ପରିଡ଼ା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଅଞ୍ଚଳର ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କୁନି କୁନି କଳାକାରମାନେ ସମ୍ବଲପୁର ନୃତ୍ୟ ପରିବେଷଣ କରିଥିଲେ। ଅଖିଳେଶ ମହାପାତ୍ର ଓ ଅବିନାଶ ସୁବୁଦ୍ଧି ସଂଯୋଜନା କରିଥିଲେ। ଶେଷରେ କମିଟି ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରେଳ ସିଗ୍‌ନାଲ ଭାଙ୍ଗୁଥିବା ବେଳେ ବିରୋଧ କରିବାରୁ ପୋଲିସକୁ ଆକ୍ରମଣ

ବାରଙ୍ଗ,୧୧।୪(ଲିଙ୍ଗରାଜ ରାଉତ)

ରେଳଧାରଣା କଡ଼ ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ପଥର ମାରି ନଷ୍ଟ କରୁଥିବା ବେଳେ ବିରୋଧ କରିବାରୁ ରେଳ ସୁରକ୍ଷାବଳ କନଷ୍ଟେବଲଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ ବାରଙ୍ଗ ଅଧୀନ ବେଲଗଛିଆ ଗ୍ରାମର ପଙ୍କଜ ପାଣି(୧୯)। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ଏନେଇ ପୋଲିସ ୧୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରେଳ ସୁରକ୍ଷାବଳ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଲ ଧର୍ମେନ୍ଦ୍ର ଦାସ ଓ ନନ୍ଦିଘୋଷ ଦଳେଇ ବୁଧବାର ବାରଙ୍ଗ-ବାଲିକୁଦା ସେକ୍ସନରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଙ୍କଜ ଏବଂ ନାବାଳକ ଜଣକ ପଥର ଫୋପାଡ଼ି ରେଳ ଧାରଣାରେ ଥିବା ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ନଷ୍ଟ କରୁଥିଲେ। ଫଳରେ ରେଳ ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ ନଷ୍ଟ ହେବା ଆଶଙ୍କା ରହିଥିଲା। ଏହା ଦେଖି କନଷ୍ଟେବଲ ତାଙ୍କ ପାଖକୁ ଯିବାକୁ ଉଦ୍ୟମ କରିବାରୁ ୨ ଜଣ ସେଠାରୁ ଫେରାର ହୋଇଯାଇଥିଲେ। ୨ ରେଳ ସୁରକ୍ଷାବଳ କର୍ମଚାରୀ ତାଙ୍କୁ ପିଛା କରି ଗୋଠପୁର ଖେଳପଡ଼ିଆ ନିକଟରେ କାବୁ କରିଥିଲେ। ତାଙ୍କୁ ପଚରାଉଚରା କରୁଥିବାବେଳେ ଅନ୍ୟ କିଛି ଯୁବକ ସଂଘବଦ୍ଧ ଭାବେ ୨ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ୨ ଜଣ କର୍ମଚାରୀ ଆହତ ହୋଇଥିଲେ। ଏନେଇ ଉଭୟ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।


ଜାତୀୟ ପଥପାର୍ଶ୍ୱ ନାଟ୍ୟ ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ବନ୍ଦେ ମାତରମ୍ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ କଳାକାରମାନେ ଲୋକଙ୍କୁ ସଚେତନ କରୁଛନ୍ତି।

# ନିଜ ଭିତରେ ଗ୍ଲାନି, ଅବସାଦ ଦୂର କରିବାକୁ ଆହ୍ୱାନ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)

## ଦ୍ୱିତୀୟ ଦିନରେ ପତଞ୍ଜଳିର 'ଛତ୍ରପତି ଶିବାଜୀ ମହାରାଜ କଥା'

ଚୈତ୍ର ନବରାତ୍ରି ତଥା ରାମନବମୀ ଏବଂ ଯୋଗଗୁରୁ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦିବସ ଅବସରରେ ସ୍ୱାମୀ ଗୋବିନ୍ଦ ଗିରିଙ୍କ ଦ୍ୱାରା 'ଛତ୍ରପତି ଶିବାଜୀ ମହାରାଜ କଥା' ଆୟୋଜିତ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ-୨ର ଯୋଗଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ସ୍ୱାମୀ ଗୋବିନ୍ଦଦେବ ଗିରି କହିଛନ୍ତି, ୩୫୦ ବର୍ଷ ପୂର୍ବେ ଛତ୍ରପତି ଶିବାଜୀ ଯେଉଁ ଉଦ୍ୟମ କରିଥିଲେ ବର୍ତ୍ତମାନ ୧୦୦ କୋଟି ସନାତନଧର୍ମୀ ସେପରି ଉଦ୍ୟମ କରିବା ଉଚିତ। ଦୟାନନ୍ଦ ସରସ୍ୱତୀ ଇଂଲିଶ ଅକ୍ଷର ନ ଜାଣି ମଧ୍ୟ ରାଷ୍ଟ୍ରୀୟତା ଉତ୍ଥାନ କରିପାରିଥିଲେ। ଛତ୍ରପତି ଶିବାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ମୁହୂର୍ତ୍ତକ ପାଇଁ ମଧ୍ୟ ନିଜ ଭିତରେ ଗ୍ଲାନି, ଅବସାଦ ନ ଆଣିବା ପାଇଁ ଗୋବିନ୍ଦଦେବ ଗିରି ଆହ୍ୱାନ ଦେଇଛନ୍ତି। ଏ ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ରାଷ୍ଟ୍ରକୁ ରାଜନୈତିକ, ଧାର୍ମିକ, ସାମାଜିକ, ଆର୍ଥିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ସମୃଦ୍ଧ କରିବା ଦିଗରେ ଛତ୍ରପତି ଶିବାଜୀ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗପୀଠର ବିଭିନ୍ନ ଶାଖାର ଅଧିକାରୀ, ବିଭାଗୀୟ ମୁଖ୍ୟଙ୍କ ସମେତ ପତଞ୍ଜଳି ବିଶ୍ୱବିଦ୍ୟାଳୟ, ଆଚାର୍ଯ୍ୟ ଗୁରୁକୁଳ, ପତଞ୍ଜଳି ଆୟୁର୍ବେଦ ମହାବିଦ୍ୟାଳୟ, ପତଞ୍ଜଳୀ ଗୁରୁକୁଳ, ପତଞ୍ଜଳୀ ଗବେଷଣା ପ୍ରତିଷ୍ଠାନ, ପତଞ୍ଜଳୀ ବାଳିକା ଗୁରୁକୁଳ, ବୈଦିକ ଗୁରୁକୁଳ ଆଦି ଶିକ୍ଷାନୁଷ୍ଠାନର ଶିକ୍ଷକ ତଥା ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ସ୍ୱାମୀ ଗୋବିନ୍ଦଦେବ ଗିରିଙ୍କ ସହ ଯୋଗଗୁରୁ ରାମଦେବ ଓ ଅନ୍ୟମାନେ।

## ସଂକ୍ଷେପରେ

### ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର



**ଜଟଣୀ,୧୧।୪(ରବୀନ୍ଦ୍ରନାଥ ମହାକୁଡ଼)**

ଇଦ୍ ଅବସରରେ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମରେ ପଶୁପକ୍ଷୀଙ୍କୁ ଜଳକଷ୍ଟରୁ ରକ୍ଷା କରିବା ପାଇଁ ସାମାଜିକ କର୍ମୀ ତଥା ପୋଲିସ କର୍ମଚାରୀ ବିପୁନା ସୁନ୍ଦରା ନିଜସ୍ୱ ଉଦ୍ୟମରେ ଗ୍ରାମର ବିଭିନ୍ନ ସ୍ଥାନରେ ଜଳଛତ୍ର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲୀ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପୁନା ସୁନ୍ଦରା, ଗଦାଧର ସୁନ୍ଦରା, ପ୍ରତାପ କୁମାର ପାହାନ୍ତାସିଂ, ମନୋଜ ପାହାନ୍ତାସିଂ, ନବକିଶୋର, ଅମରେଶ, ଗଣେଶ, ଦିପୁନ, ଗୁଡ୍ଡୁ, ଚାନ୍ଦୁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

### ଚନ୍ଦ୍ରଘଣ୍ଟା ବେଶରେ ବନଦୁର୍ଗା

**ନିରାକାରପୁର,୧୧।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ବାସନ୍ତିକ ଚୈତ୍ର ନବରାତ୍ରର ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ବେଶରେ ମା'ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଶିକ୍ଷାବିତ୍ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ମହାପ୍ରସାଦ ଅର୍ପଣ କରିଥିଲେ। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ପ୍ରତିମା ପଣ୍ଡା, କୃଷ୍ଣ ଶଙ୍କର ପଣ୍ଡାଙ୍କ ସମେତ ବହୁ ଶ୍ରଦ୍ଧାଳୁ ମା'ଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିଥିଲେ।

### ପର୍ଯ୍ୟଟକଙ୍କ କାର୍ ଧକ୍କାରେ ବୃଦ୍ଧା ମୃତ, ୨ ଗୁରୁତର

**ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ-କୋଣାର୍କ ରାସ୍ତାର ବାୟାକୁଦା ନିକଟରେ ଗୁରୁବାର ପ୍ରାତଃରେ ଫୁଲ ତୋଳିବାବେଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅଧୀନ ବଡ଼ମଠ ଗ୍ରାମର ରେଣୁବାଳା ବେହେରା (୬୫) ଏବଂ ଗୁରୁତର ୨ ଜଣ ହେଲେ ବାୟାକୁଦା ଗ୍ରାମର ରଞ୍ଜିତା ବେହେରା (୪୫) ଓ ପୋଇତରା ଗ୍ରାମର ନିରଞ୍ଜନ ପ୍ରଧାନ (୪୦)। ଏନେଇ ରେଣୁବାଳାଙ୍କ ପୁଅ କାହ୍ନୁଚରଣ ବେହେରାଙ୍କ ଅଭିଯୋଗ କ୍ରମେ ନଂ.୧୩୩/୨୪ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଭୁବନେଶ୍ୱର ଅଞ୍ଚଳର ୪ ଜଣ ଯୁବକ ଏକ କାର୍‌ରେ କୋଣାର୍କ ବୁଲି ଯାଉଥିଲେ। ବାୟାକୁଦା ନିକଟରେ ବୃଦ୍ଧା ଜଣଙ୍କ ଫୁଲ ତୋଳୁଥିବାବେଳେ ଉକ୍ତ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। କାର୍‌ଟି ସେଠାରୁ ଖସିଯିବାବେଳେ ପାଖରେ ଥିବା ଅନ୍ୟ ଜଣେ ମହିଳା ଏବଂ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେହି ୨ ଜଣ ମଧ୍ୟ ଗୁରୁତର ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ରଙ୍କ ସହିତ କର୍ମଚାରୀ ପହଞ୍ଚି ୨ ଆହତଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିବାବେଳେ ୨ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

# ଉନ୍ନତୀକରଣ ସରିନି, ରାସ୍ତାରେ ପୁଣି ଫାଟ

## ବାଘମାରୀ-ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥ

### ■କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ପାଇଁ ଦାବି

**ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା)**

ଜନସାଧାରଣଙ୍କ ସୁବିଧାରେ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନାରେ ରାସ୍ତା ମରାମତି ଓ ନୂତନ ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ପରିଲକ୍ଷିତ ହୋଇଛି। ଏହାର ଉଦାହରଣ ବାଘମାରୀ-ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥରେ ଦେଖିବାକୁ ମିଳିଛି। ଏହାର ଉନ୍ନତୀକରଣ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପିଚୁକାର୍ଯ୍ୟ ଶେଷ ହେବାର ୧୦ଦିନ ପରେ ୧୧ଟି ସ୍ଥାନରେ ଗୋଡି ଉଠି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏନେଇ ଜନ ଅସନ୍ତୋଷ ଦେଖାଦେଇଥିଲା। ଆବଶ୍ୟକ ଉପକରଣ ଉପରେ ଗୁରୁତ୍ୱ ଦିଆଯାଉନି ଏବଂ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରାଯାଉନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ତାଳିପକା କାମ ପକାଯାଇଥିଲା। ତେବେ ତାଳିପକା କାମର ଏକ ମାସ ନ ପୂରୁଣୁ ପୁଣି ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ହେଲାଣି।



ପ୍ରକାଶ ଯେ, ପୂର୍ତ୍ତ ବିଭାଗ ଅଧୀନ (ନିର୍ମାଣ ବିଭାଗ) ଆନୁକୂଲ୍ୟରେ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ପ୍ରକଳ୍ପ ଖର୍ଚ୍ଚ ବ୍ୟୟ ଅଟକଳ ୧୮.୧ କୋଟି ଟଙ୍କା ଅନୁଦାନ ମିଳିଛି। ବାଘମାରୀ-ଗଣିଆ-ଦଶପଲ୍ଲା ଭାୟା କଣ୍ଟିଲୋ ଦେଇ ରାସ୍ତା ଉନ୍ନତୀକରଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ହେଲେ ବାଘମାରୀଠାରୁ ଆରମ୍ଭ ହୋଇ ୧୬ କିମି ମଧୁଆପଲ୍ଲୀ ଛକ ପର୍ଯ୍ୟନ୍ତ ୧୬କିମି ଦୂର ପାଇଁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ ଓ ବଜାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡ୍ରେନେଜ ନିର୍ମାଣ ପାଇଁ ୯.୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା, ଯାହାର ଅବଧି ଗତ ଜାନୁଆରୀ ୧୦ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଅବଧି ସମୟର ଦେଢ଼ ମାସ ବିତିଯାଇଥିଲେ ମଧ କାର୍ଯ୍ୟ ଉକ୍ତ ୧୬ କିମି ରାସ୍ତା ଉପରେ କେବଳ ପିଚୁକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ପିଚୁକାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୦ ଦିନ ପରେ ୧୧ଟି ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହେଲାଣି। ବଡ଼ବେରଣା, ଗୋବିନ୍ଦପୁର, ଗେଡିଆପଲ୍ଲି, କଡାମଲ୍ଲ ଏବଂ କୋଦୁଅବେରେଣୀ ଛକ ନିକଟରେ ପିଚୁ ଉଠି ରାସ୍ତା ଉପରେ ଗୋଡି ଗଡୁଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତରବରିଆଭାବେ ନଥା ପକାଇ ଦିଆଯାଇଥିଲା। ଏବେ ପୁଣି ନଥା ଉଠିବା ପରେ ଗୁଣବତ୍ତା ବିଭାଗ ପକ୍ଷରୁ ଲାବ୍‌ଟେକ୍ନିସିଆନଙ୍କ ଜରିଆରେ କାର୍ଯ୍ୟର ମାନ ଯାଞ୍ଚ କରିବା ପାଇଁ ଦାବି ହେଉଛି। ସାମାଜିକ କର୍ମୀ ଦିଲୀପ କୁମାର ମହାପାତ୍ର ଓ ମାନସ ରଞ୍ଜନ ପଣ୍ଡା କହିଛନ୍ତି, ଜନସାଧାରଣ ସୁବିଧାରେ ଗମନାଗମନ ପାଇଁ ସରକାର ଅନେକ ଯୋଜନାରେ ଅର୍ଥ ବିନିଯୋଗ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପଥଚାରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଫକୀର ଚରଣ ବେହେରା କହିଛନ୍ତି, କାମର ପ୍ରକୃତ ତଦାରଖ କରାଯିବ। ପୁଣି ସଂଶୋଧିତ (ରେକ୍ଟିଫାଏଡ) ପାଇଁ ସମୟ ଅଛି। ଯେଉଁ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି ପୁଣି ସଂଶୋଧନ କରାଯିବ।

# ଶରଧାପୁର ଚଉଦ ଦୋଳ ମେଳଣ ଉଦ୍‌ଯାପିତ



**ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ନାଳିପଡାଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ମେଳଣ ପଡିଆରେ ୩ଦିନ ବ୍ୟାପୀ ଚାଲିଥିବା ଚଉଦ ଦୋଳ ମେଳଣ ଗୋଧୂଳି ମେଳରେ ଉଦ୍‌ଯାପିତ ହୋଇଯାଇଛି। ବାଲୁଙ୍କେଶ୍ୱର ଦେବ ମେଳଣ କମିଟି ଓ ଗ୍ରାମ୍ୟ କମିଟି ଦ୍ୱାରା ଆୟୋଜିତ ଏହି ଉତ୍ସବରେ ତିନିଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ କୀର୍ତ୍ତନ ଉତ୍ସବ ହୋଇଥିଲା। ହରିହର ଭେଟ ସମୟରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଲୋକେ ଏକାଠି ହୋଇ ଅବିର ଖେଳିଥିଲେ। ଭକ୍ତ ଓ ଭଗବାନ ଏକାକାର ହୋଇଯାଇଥିଲେ। ନାମ ସଂକୀର୍ତ୍ତନ, ପାରମ୍ପରିକ ବାଦ୍ୟଯନ୍ତ୍ରରେ ଦୁଲୁକି ଉଠିଥିଲା ପରିବେଶ। ହରିହରଙ୍କ ଅପୂର୍ବ ମିଳନ ଦେଖିବା ଲାଗି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଠାକୁରଙ୍କ ଜୟଜୟକାର ଧ୍ୱନିରେ ପରିବେଶ ମନ୍ତ୍ରମୁଗ୍ଧ ହୋଇଉଠିଥିଲା। ପରେ ଠାକୁରମାନେ ଦୋଳ ବିମାନରେ ବିଜେ କରି ପ୍ରତ୍ୟାବର୍ତ୍ତନ କରିଥିଲେ।

ଶରଧାପୁର ମେଳଣ ଉତ୍ସବ ସମ୍ପର୍କର ଡୋରିକୁ ବାନ୍ଧି ରଖିଛି। ବର୍ଷସାରା ଗାଁଠୁ ଦୂରରେ ରହୁଥିବା ପରିବାର, ସାଙ୍ଗସାଥୀ ଏହି ସମୟରେ ଏକାଠି ହୋଇଥାନ୍ତି। ଠାକୁରଙ୍କ ପୂଜାର୍ଚ୍ଚନା ସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରନ୍ତି। ଗୋଟିଏ ସ୍ଥାନରେ ବିଭିନ୍ନ ଠାକୁରଙ୍କୁ ଦର୍ଶନ କରିବାର ସାନ୍ନିଧ୍ୟ ପ୍ରାପ୍ତ ହୋଇଥାଏ। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା, ସଦସ୍ୟ ସୁରେନ୍ଦ୍ର ବାରିକ, ବିଜୟ ଘଡ଼େଇ, ନିରଞ୍ଜନ ବେହେରା, ମନୋଜ ବେହେରା, ପ୍ରଶାନ୍ତ ଦାଶ, ସତ୍ୟ ନାରାୟଣ ବଡ଼ଜେନା, ସୁଦର୍ଶନ ବାରିକ, ଦୀନବନ୍ଧୁ ବେହେରା, ଶୁଭେନ୍ଦୁ ବଡ଼ଜେନା, ଜିତେନ୍ଦ୍ର ବେହେରା ପ୍ରମୁଖ ମେଳଣ ଉତ୍ସବ ପରିଚାଳନା କରିଥିଲେ।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଜାଗମରା, ଆଇଟିଆର୍ କଲେଜ ଅଞ୍ଚଳ, ଜଗମୋହନ ନଗର ଗ୍ରୀନ୍ ପାର୍କ ଅଞ୍ଚଳ, କେ-୮ କଳିଙ୍ଗ ନଗର ଓ କେ-୩ ବି କଳିଙ୍ଗ ନଗର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍





ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ଚନ୍ଦ୍ରଘଣ୍ଟା ବେଶ। ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଲାଇଙ୍କ କୁଷ୍ମାଣ୍ଡା ବେଶ।

### କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଲେ ଜାଗୁଲାଇ

**ଜଟଣୀ,୧୧।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଅବସରରେ ଗୁରୁବାର ମା' କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ସାଲାମଣ୍ଡନ, ସୂର୍ଯ୍ୟପୂଜା ପରେ ବିଭିନ୍ନ ନୀତି ପରେ ସନ୍ଧ୍ୟାରେ ମା'ଙ୍କୁ ମହାସ୍ନାନ କରାଯାଇ ଚିତ୍ରକାର ବିଜୟ ପଣ୍ଡାଙ୍କ ଦ୍ୱାରା କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଥିଲା। ଗୁପ୍ତ ପୂଜା ପରେ ମା'ଦର୍ଶନ ଦେଇଥିଲେ। ଶୁକ୍ରବାର ମା' ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି। ପଣ୍ଡିତ ହରିହର ଦାଶ ପ୍ରତିଦିନ ସନ୍ଧ୍ୟାରେ ଚଣ୍ଡୀପାଠ କରୁଥିବା ବେଳେ ଜଟଣୀ ନଗରପାଳ ଅନନ୍ତ ବେହେରା, କାଉନ୍‌ସିଲର ଶଶାଙ୍କ ରାୟ, ଭାଜପା ନଗର ସଭାପତି ନାଗଭୂଷଣ ରାୟ, ଦିପୁ ପାଲ, ଶିବ ପ୍ରସାଦ କହଁର, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାଶ, ବିନୋଦ ଦାଶ, ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି କମିଟି ସମ୍ପାଦକ ଏଲ୍.ଡି ମହାନ୍ତି ସୂଚନା ଦେଇଛନ୍ତି।

# ଭଡ଼ାଘରେ ଚାଲିଛି ଡାକଘର




**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସଦର ମହକୁମା ଟାଙ୍ଗୀ ଗ୍ରାମର ଡାକଘର ଦୀର୍ଘ ୧୦୦ ବର୍ଷ ହେଲା ବିଭିନ୍ନ ସ୍ଥାନରେ ଭଡ଼ାଘରେ ଚାଲିଛି। ବର୍ତ୍ତମାନ ଡାକଘରଟି ବଳରାମପୁର ସାହିର ଏକ ଗଳି ମଧ୍ୟରେ ଚାଲିଛି। ସରକାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇ ଦେଉଥିବାବେଳେ ଏଠାରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଟାଙ୍ଗୀ ଗ୍ରାମରେ ବହୁ ବ୍ୟକ୍ତିବିଶେଷ ସରକାରୀ ଜାଗାକୁ ମାଡ଼ିବସିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ବର୍ତ୍ତମାନ ଡାକଘର ମାଧ୍ୟମରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଞ୍ଚୟ, ଉଠାଣ, ସ୍ଥାୟୀ ଜମା କରିବାକୁ ପ୍ରୋତ୍ସାହିତ କରାଯାଉଛି। ଡାକଘରର ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। କିନ୍ତୁ କାର୍ଯ୍ୟାଳୟରୁ ଜନସାଧାରଣ ସର୍ବନିମ୍ନ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ବହୁସଂଖ୍ୟାରେ ବୟସ୍କ ବ୍ୟକ୍ତି ଡାକଘରକୁ ଆସୁଥିବାବେଳେ ବସିବାକୁ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏପରିକି ପିଇବା ପାଇଁ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ। ସରକାର ବ୍ୟାଙ୍କଗୁଡ଼ିକ ସହ ତାଳ ଦେଇ ବିଭିନ୍ନ ଡାକଘରେ ଏଟିଏମ୍ ଖୋଲିବା ପାଇଁ ବ୍ୟବସ୍ଥା କରୁଥିବାବେଳେ ନିଜସ୍ୱ ଘର ଓ ସମସ୍ତ ସୁବିଧା ଯୋଗାଇଦେବାକୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

## ସରକାରୀ ଜଙ୍ଗଲ ସୀମା ବିବାଦ ଘଟଣା

# ଥାନା ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ

**ନିରାକାରପୁର,୧୧।୪
(ମାନ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା କମାଗୁରୁ ପଞ୍ଚାୟତରେ ଥିବା ୩୦୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଆକାଶିଆ ଜଙ୍ଗଲର ସୀମାକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗିରହିଛି। ଏନେଇ ଗ୍ରାମବାସୀ ଜଙ୍କିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାର ସମାଧାନ ପାଇଁ ଗତ ୨୯ ତାରିଖରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ବୈଠକ ହୋଇଥିଲା। ଉତ୍ତର ଏବଂ ଦକ୍ଷିଣ କମାଗୁରୁର ବ୍ୟକ୍ତି ବିଶେଷଙ୍କ ସମେତ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନପ୍ରଭା କର, ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାଶ ଉପସ୍ଥିତ ଥିଲେ। ତେବେ ୧୦ଦିନ ମଧ୍ୟରେ ତହସିଲ ପ୍ରଶାସନର ସହଯୋଗରେ ଏହାର ମାପ କରାଯିବା ପରେ ସୀମା ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ୧୩ଦିନ ବିତିଯାଇଥିଲେ ମଧ ସୀମା ନିର୍ଦ୍ଧାରଣ ହୋଇପାରି ନାହିଁ। ଅନ୍ୟପଟେ ଉତ୍ତର କମାଗୁରୁବାସୀଙ୍କୁ ଜଙ୍ଗଲ ଦଖଲ ପାଇଁ ଏସ୍‌ଡିପିଓ କାହା ସ୍ୱାର୍ଥରେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଦକ୍ଷିଣ କମାଗୁରୁ ଅଟଳା ବନ ସୁରକ୍ଷା ସମିତିର ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି ଅଭିଯୋଗ କରିଛନ୍ତି। ଏନେଇ ଗୁରୁବାର ଦକ୍ଷିଣ ବନ ସୁରକ୍ଷା ସମିତି ପକ୍ଷରୁ ଜଙ୍କିଆ ଥାନା ଆଗରେ ବିକ୍ଷୋଭ କରାଯାଇଥିଲା। ପୋଲିସର କାର୍ଯ୍ୟ ଲୋକଙ୍କ ସମସ୍ୟାର ସମାଧାନ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା। ହେଲେ ଏସ୍‌ଡିପିଓ ଗ୍ରାମରେ ଶାନ୍ତିଶୃଙ୍ଖଳା ପରିବର୍ତ୍ତେ ବିଶୃଙ୍ଖଳା କାହା ସ୍ୱାର୍ଥରେ କରୁଛନ୍ତି ବୋଲି ଗଙ୍ଗାଧର ଚମ୍ପତିଙ୍କ ସମେତ ସୁରକ୍ଷା ସମିତିର କର୍ମକର୍ତ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଯେଉଁ ବିବାଦ ସୃଷ୍ଟି ହେବ, ସେଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ବିକ୍ଷୋଭକାରୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଏସ୍‌ଡିପିଓ ଦାସ କହିଛନ୍ତି, ଏଭଳି ପକ୍ଷପାତିତା ମୁଁ କରିନାହିଁ। ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ମାପଚୁପ ତୁରନ୍ତ କରିବା ପାଇଁ ଟାଙ୍ଗୀ ତହସିଲଦାରଙ୍କୁ କହିଛି ବୋଲି ସେ ପ୍ରକାଶ କରିଛନ୍ତି।




ଥାନା ଆଗରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମାନସିଂହ ସାହିତ୍ୟ ସଂସଦର କବିତା ଆସର

**କୃଷ୍ଣପ୍ରସାଦ,୧୧।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳାଠାରେ ମାନସିଂହ ସାହିତ୍ୟ ସଂସଦର ୪୦ତମ କବିତା ଆସର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭରତ ପତି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଯୋଗଦେଇ ଓଡ଼ିଆ ସାହିତ୍ୟର କ୍ରମ ବିକାଶର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ସଂସଦର ଆଭିମୁଖ୍ୟ ବିଷୟରେ ମାର୍ଗଦର୍ଶକ ପ୍ରେମାନନ୍ଦ ବେହେରା ଆଲୋକପାତ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଲଳିତ କୁମାର ସ୍ୱାଇଁ ବିବରଣୀ ପ୍ରଦାନ କରିଥିଲେ। ସୁସାହିତ୍ୟିକ ଦେବରାଜ ଜେନା ସଂଯୋଜନା କରିଥିଲେ। ଅନୁଷ୍ଠାନର ଅନ୍ୟତମ ମାର୍ଗଦର୍ଶକ ବନବିହାରୀ ପଟ୍ଟନାୟକ କବିତାଗୁଡ଼ିକ ବିଶ୍ଳେଷଣ କରିଥିଲେ। ବନ୍ଦନା ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

### ଜଳିଗଲା ଘର, ଆସବାବପତ୍ର

**ନିରାକାରପୁର,୧୧।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ହରିପୁର ଉଦୟ ସାହିରେ ଗୁରୁବାର ରାତିରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଦଣ୍ଡୁଆଙ୍କ ଝୁଣାମାଡ଼ରେ ନିଆଁ ଲାଗି ଘର ସହ ଆସବାବପତ୍ର ପୋଡ଼ିଯାଇଥିବା ସୂଚନା ମିଳିଛି। ଠାକୁରଙ୍କ ପାଣିତୋଳା ସମୟରେ ଦଣ୍ଡୁଆମାନେ ଝୁଣାମାଡ଼ କରି ଯାଉଥିବା ବେଳେ ଉପରୋକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ପକ୍ଷରୁ ରଖାଯାଇଥିବା ନଡାରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁ ଏତେ ଭୟଙ୍କର ଥିଲା ଯେ ନିକଟ ଘର ଜଳିଯିବା ସହ ଆସବାବପତ୍ର ପୋଡ଼ିଯାଇଛି। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ।

# ଛେନାପୋଡ଼ ଦିବସ ପାଳିତ

**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଟାଙ୍ଗୀ ମିଡିଆ ସେବା ସଂଘ ପକ୍ଷରୁ ଗୁରୁବାର ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଭାରତ ଭୂଷଣ ଜଗଦେବ, ଡା. ମଧୁସୂଦନ ସେନାପତି, ସାମ୍ବାଦିକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଟାଙ୍ଗୀ ମିଡିଆ ସେବା ସଂଘର ସଭାପତି ରବୀନ୍ଦ୍ର କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ସମ୍ପାଦକ ସନ୍ତୋଷ ଚୌଧୁରୀ, ସହ-ସମ୍ପାଦକ କାହ୍ନୁ ଚରଣ ବେହେରା, ଉପଦେଷ୍ଟା ଭାଗୀରଥି ଛୋଟରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ, ବୈକୁଣ୍ଠନାଥ ପ୍ରଧାନ, ପ୍ରତାପ ମହାରଣା, ଅଶୋକ ନାୟକ, ସୁରଜିତ ପଟ୍ଟନାୟକ, ଅଶ୍ୱିନୀ କୁମାର ପରିଡ଼ା, ଗୁଲୁ ବଳିଆରସିଂ, ଯୋଗେନ୍ଦ୍ର ରାମ, ବିନୁ ଦାସ, ସୁଶୀଳ ପ୍ରଧାନ, ବିଷ୍ଣୁ ଖୁଣ୍ଟିଆ, ଜିତେନ୍ଦ୍ର ବିଶ୍ୱାଳ, ଜଗମୋହନ ପୃଷ୍ଟି, ନନ୍ଦକିଶୋର ସ୍ୱାଇଁ, ବିପିନ ବିହାରୀ ପ୍ରଧାନ, ଅଶୋକ ମହାପାତ୍ର, ସଂଗ୍ରାମ କେଶରୀ ମହାପାତ୍ର, ମହେଶ୍ୱର ସେନାପତି, ବିଶ୍ୱଜିତ୍ ରାଉତରାୟ ପ୍ରମୁଖ ଯୋଗଦେଇ ପରସ୍ପରକୁ ଛେନାପୋଡ଼ ଖୁଆଇ ଖୁସିବ୍ୟକ୍ତ କରିଥିଲେ।




# 'ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱର ପ୍ରଭାବ ସୁସ୍ପଷ୍ଟ'

## ଶ୍ରୀଜଗନ୍ନାଥ ମହୋତ୍ସବର ତୃତୀୟ ସନ୍ଧ୍ୟା

**ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥ' ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ପୁରୀ ଶ୍ରୀମନ୍ଦିରସ୍ଥିତ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାକୁ ସମ୍ପୂର୍ଣ୍ଣଭାବେ ଉପସ୍ଥାପିତ କରାଯାଇଛି ଏହି ମହୋତ୍ସବରେ। ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଥିବା ୫୬ ପ୍ରକାର ଭୋଗ, ୨୪ ପ୍ରକାରର ବେଶ ଏବଂ ଶ୍ରୀଅଙ୍ଗ ଲାଗି ବସ୍ତ୍ର ଆଦି ପ୍ରଦର୍ଶନୀ ମହୋତ୍ସବ ପଡିଆରେ ପ୍ରଦର୍ଶିତ ହେଉଛି। ମା'କାଳିକା ଦେବୀ ମନ୍ଦିର ପରିଚାଳନା ସମିତି ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ସଦର ମହକୁମାସ୍ଥିତ ମା'ଦୁର୍ଗାଦେବୀଙ୍କ ପଡିଆ ପରିସରରେ ଅନୁଷ୍ଠିତ ହେଉଥିବା ବେଳେ ଦୈନିକ ବୈଦିକ ମହାଯଜ୍ଞ, ଆଧ୍ୟାତ୍ମିକ ଭାବଧାରା ଓ ଚେତନା ଜାଗ୍ରତ କରୁଛି। ସେହିପରି ସନ୍ଧ୍ୟା ୭ଟାରୁ ପ୍ରବକ୍ତାମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ କଥାମୃତ ଆଲୋକପାତ କରାଯାଉଛି। ମଞ୍ଚରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ପୁରୀର ପୂର୍ବତନ ଉପପ୍ରଶାସକ ଓ ଗବେଷକ ଡ. ଭାସ୍କର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଛତିଶଗଡ଼ର ରାଇଗଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପାଦକ ତଥା ବରିଷ୍ଠ ବୈଜ୍ଞାନିକ ଦୀନେଶ ଷଡ଼ଙ୍ଗୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା. ଆଶୁତୋଷ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱରେ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି, ସେବା ଓ ପୂଜା ଅନନ୍ୟ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ। ମହାପ୍ରଭୁଙ୍କ ତତ୍ତ୍ୱ ଓଡ଼ିଶାର ଆଧ୍ୟାତ୍ମିକ ଜୀବନ ଓ ସଂସ୍କୃତିକୁ ବିଶ୍ୱବନ୍ଦିତ କରିଛି, ଯଦ୍ୱାରା ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱର ପ୍ରଭାବ ସୁସ୍ପଷ୍ଟ। ଏହା ହେଉଛି ଏକ ଧର୍ମଧାରା ଯାହା ସାମ୍ୟ, ମୈତ୍ରୀ ଓ ବିଶ୍ୱ ଭ୍ରାତୃତ୍ୱକୁ ପ୍ରସାର ଓ ପ୍ରଚାର କରୁଛି। ସେଥିପାଇଁ ଏହି ତତ୍ତ୍ୱକୁ 'ଜଗନ୍ନାଥ ସଂସ୍କୃତି' ବୋଲି ଆଖ୍ୟା ଦିଆଯାଇଛି ବୋଲି ପ୍ରବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥି ଓ ବକ୍ତାମାନେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବି: ଅମରେଶ

ଭୁବନେଶ୍ୱର, ୧୧।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ନିର୍ବାଚନୀମଣ୍ଡଳୀ ପାଇଁ ବିଜେଡ଼ିରୁ ଟିକେଟ ପାଇବା ଲାଗି କିଛିଦିନ ହେବ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିଥିବାବେଳେ ଦଳ ଶେଷରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଉପରେ ଭରସା କରିଛି। ଗୁରୁବାର ତାଙ୍କ ନାମ ଘୋଷଣା ପରେ ଦଳୀୟ ଟିକେଟ୍ ପାଇଁ ଆଶା ବାନ୍ଧିଥିବା ବିଜେଡି ସାଧାରଣ ସମ୍ପାଦକ ତଥା ୱାର୍ଡ ନଂ. ୪୫ର କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆଙ୍କୁ ନିରାଶ ହେବାକୁ ପଡିଛି। ଏଠାରୁ ନିର୍ବାଚନ ଲଢିବା ପାଇଁ ସେ ନିଜର ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନ କରିବା ସହ ଡୋର୍ ଟୁ ଡୋର୍ କ୍ୟାମ୍ପେନିଂ ମଧ୍ୟ ଆରମ୍ଭ କରି ଦେଇଥିଲେ। ତେବେ ଦଳ ଅନନ୍ତଙ୍କୁ ପ୍ରାର୍ଥୀ କରିଥିବାରୁ ଏ ସମ୍ପର୍କରେ ଅମରେଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ମୁଁ ଆଗରୁ ସମ୍ମାନ ଦେଇ ଆସିଛିଏବଂ ଆଗକୁ ମଧ୍ୟ ସମ୍ମାନ ଦେବି। ଦଳର ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେବ ସେ ସମ୍ବନ୍ଧରେ ଆଲୋଚନା କରିବେ ବୋଲି ସେ କହିଛନ୍ତି।

### ସତ୍ୟବାଦୀରେ ଉଠ ଓଡ଼ିଆ ସଂକଳ୍ପ ଯାତ୍ରାକୁ ସ୍ୱାଗତ

ସାକ୍ଷୀଗୋପାଳ, ୧୧।୪ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

'ଉଠ ଓଡ଼ିଆ' ସଂଗଠନ ପକ୍ଷରୁ ବୁଧବାର ପୁରୀ ଶ୍ରୀମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଗୁରୁବାର ସତ୍ୟବାଦୀର ବଜାର ଦେଇ ସ୍ଥାନୀୟ ବକୁଳବନ ପରିସରରେ ପହଞ୍ଚିଥିଲା। ପରେ ବକୁଳ ବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଜନସାଧାରଣ ଭୋଗୁଥିବା ସମସ୍ୟା ବିଷୟରେ ଆଲୋଚନା ହେବା ସହ ଏହାର ସମାଧାନ ପାଇଁ ଆଗେଇ ଆସିବାକୁ ପ୍ରତି ଓଡ଼ିଆମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ପଦଯାତ୍ରା ଅପରାହ୍ନରେ ସତ୍ୟବାଦୀ ବନ ବିଦ୍ୟାଳୟରୁ ବାହାରି ରାତିରେ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଠାରେ ପହଞ୍ଚିଥିଲା। ସେଠାରେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲୋକେ ଉଠ ଓଡ଼ିଆ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିବା ସହିତ ଯାତ୍ରାର ଉଦ୍ଦେଶ୍ୟକୁ ସମର୍ଥନ କରିଥିଲେ। ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଦିନ ଭୁବନେଶ୍ୱରର ପିଏମ୍‌ଜିଠାରେ ଏହି ସଂକଳ୍ପ ଯାତ୍ରା ପହଞ୍ଚିବ।

# ଅବ୍ୟବସ୍ଥାରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ

## ବିକାଶ ଶିଥିଳ, ପ୍ରତିବାଦରେ ସେବା ପ୍ରତିନିଧି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା



ଭୁବନେଶ୍ୱର, ୧୧।୪ (ଅନୁରାଧା ମହାରଣା)

ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିକଟରେ ୩୬ତମ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଏହି ଧାରଣାରେ ବିଭିନ୍ନ ଅଞ୍ଚଳ ତଥା ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗ ଦେଇ ଷ୍ଟେଶନ କାର୍ଯ୍ୟ ଶିଥିଳ ହୋଇଥିବା କହି ଦୁଃଖପ୍ରକାଶ କରିଥିଲେ। ରେଳଷ୍ଟେଶନର ପୁନଃବିକାଶ କାର୍ଯ୍ୟ ମାର୍ଚ୍ଚ ୨୦୨୪ରେ ସରିବା କଥା। ମାତ୍ର ବର୍ତ୍ତମାନ ଯାଏ ସେପରି କିଛି ଆଖିଦୃଶିଆ କାର୍ଯ୍ୟ ଏଠାରେ ହୋଇପାରିନାହିଁ। ଜନସାଧାରଣ ଓ ବିଶେଷକରି ବୟସ୍କ ତଥା ଦିବ୍ୟାଙ୍ଗ ଲୋକମାନେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟ୍‌ଫର୍ମକୁ କିପରି ଯିବେ ସେ ନେଇ ସଦାସର୍ବଦା ଚିନ୍ତାରେ ରହୁଛନ୍ତି। ସେହିପରି ବହୁବର୍ଷ ଧରି ଏକ ଲିଫ୍ଟ ଲଗାଇବାକୁ ନେଇ ଦାବି କରାଯାଇଥିଲେ ମଧ୍ୟ ତାହା ହୋଇପାରିନାହିଁ। ଷ୍ଟେଶନ ନିକଟରେ ଗୋଟିଏ ଏଟିଏମ୍ ରହିଥିଲେ ମଧ୍ୟ ସେଠାକୁ ଯିବା ପାଇଁ ରହିଥିବା ରାସ୍ତା ଖାଲ ଢ଼ିପରେ ପରିପୂର୍ଣ୍ଣ। ସେହିପରି ପିଇବା ପାଣିର ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ବୋଲି ଅଭିଯୋଗ ହୋଇଛି। ପାଣି ଟ୍ୟାପ ରହିଥିଲେ ମଧ୍ୟ ତାହା ଭାଙ୍ଗିରୁଜି ଯାଇଛି। ରାତିରେ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଫଳରେ ରାତିରେ ଏଠାରେ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇବାକୁ ଡରୁଛନ୍ତି। ଆହାର କେନ୍ଦ୍ର କିମ୍ବା ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ଦୂରରୁ ଆସିଥିବା ଦିନ ମଜୁରିଆ ତଥା ଯାତ୍ରୀ ହଇରାଣ ହେଉଛନ୍ତି। ସେହିପରି ଗତବର୍ଷ ଏଠାରେ ଆହାର କେନ୍ଦ୍ର ଖୋଲିବା ନେଇ ସୂଚନା ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ତାହା ପାଣିରଗାର ସଦୃଶ ହୋଇଛି। ସେହିପରି ବହୁ ବର୍ଷର ନ୍ୟାଯ୍ୟ ଦାବି ଶ୍ରୀ ଲିଙ୍ଗରାଜଙ୍କ ନାମରେ ଏକ୍ସପ୍ରେସ ଟ୍ରେନ୍ ଚାଲୁ ତଥା ଅନ୍ୟ ଏକ୍ସପ୍ରେସ ଏଠାରେ ରହୁ, ସେ ସବୁ କଥା ବର୍ତ୍ତମାନ ଫାଇଲରେ ରହିଯାଇଥିବା ନୀଳମଣି କହିଛନ୍ତି। ଏହି ଅବସରରେ ଆର୍‌ପିଏଫ ଅଧିକାରୀଙ୍କ ଜରିଆରେ ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସେବା ପ୍ରତିନିଧି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଭାରତୀୟ ଯୋଗ ସଂସ୍ଥାନର ପ୍ରତିଷ୍ଠା ଦିବସ



ଉତ୍ସବରେ ଯୋଗଶିକ୍ଷା ସହ ଅତିଥିମାନେ ଯୋଗ ସମ୍ପର୍କରେ କହୁଛନ୍ତି।

ଭୁବନେଶ୍ୱର, ୧୧।୪ (ଶର୍ମିଷ୍ଠା ପାଣିଗ୍ରାହୀ)

ଭିଏସ୍‌ଏସ୍ ଯୋଗ ଜିଲା ପକ୍ଷରୁ ସତ୍ୟବିହାରସ୍ଥିତ ତ୍ର୍ୟମ୍ବକେଶ୍ୱର ମହାଦେବ ମନ୍ଦିର ପରିସରରେ ଗୁରୁବାର ଭାରତୀୟ ଯୋଗ ସଂସ୍ଥାନର ୫୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱରସ୍ଥିତ ଫକୀରମୋହନ ସେନାପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନୁଷ୍ୟ ଜୀବନରେ ଯୋଗର ଆବଶ୍ୟକତା, ସାମାଜିକ ମୂଲ୍ୟବୋଧ, ଆଧୁନିକ ଚଳଣି, ଛୋଟ ପରିବାର ଓ ମିଳିତ ପରିବାର, ଗ୍ରାମ୍ୟ ଜୀବନ ଓ ସହରୀ ଜୀବନ, ମାତୃଭାଷା ଓ ବିଦେଶୀ ଭାଷା, ବାପା ଓ ଡାଡୀ, ମା ଓ ମମୀ ମଧ୍ୟରେ ପାର୍ଥକ୍ୟ ବିଷୟରେ ସେ ଆଲୋକପାତ କରିଥିଲେ। ପ୍ରାନ୍ତ ସଦସ୍ୟ ରାମାୟା ରେଡ୍ଡୀ ଯୋଗ ଦ୍ୱାରା ରୋଗର ଉପଚାର ବିଷୟରେ ସାଧିକାସାଧକଙ୍କୁ ଶିକ୍ଷା ଦେଇଥିଲେ। ଅନ୍ୟତମ ପ୍ରାନ୍ତ ସଦସ୍ୟ ତଥା ଭିଏସ୍‌ଏସ୍ ଯୋଗ ଜିଲା ପ୍ରଭାରୀ ରଘୁନାଥ ରେଡ୍ଡୀ ସଂସ୍ଥାନର ପରିଚୟ ଓ ଯୋଗ ମଞ୍ଜରୀର ଉପକାରିତା ଉପରେ ଆଲୋକପାତ କରିଥିଲେ। ଜିଲା ସଂଗଠନ ମନ୍ତ୍ରୀ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ମନ୍ତ୍ରୀ ନୀଳିମା ଭଟ୍ଟାଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଭିଏସ୍‌ଏସ୍ ଯୋଗ ଜିଲାର ସମସ୍ତ କେନ୍ଦ୍ରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସାଧିକାସାଧକ ଉତ୍ସବରେ ଯୋଗଦେଇଥିଲେ।



ସୁର ତରଙ୍ଗ ମ୍ୟୁଜିକ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ଅତିଥି ଓ ସ୍କୁଲ୍ କର୍ମଚାରୀଙ୍କ ସହ କୃତୀ ଛାତ୍ରୀଛାତ୍ର।

# ସୁର ତରଙ୍ଗ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୧।୪ (ଶର୍ମିଷ୍ଠା ପାଣିଗ୍ରାହୀ)

ସୁରତରଙ୍ଗ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପିୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ, ପ୍ରଯୋଜକ ତଥା ଯୁବନେତା ସତ୍ୟପ୍ରିୟ ବେହେରା, ଦୂରଦୃଷ୍ଟିର ସମ୍ପାଦକ ଭକ୍ତଶେଖର ରାୟ, ସହକାରୀ ପୋଲିସ ଆୟୁକ୍ତ କୃଷ୍ଣଚନ୍ଦ୍ର ସେଠୀ, ଶିକ୍ଷାବିତ୍ କ୍ରିଷ୍ଣାକୁମାରୀ ଦେବୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ସହ ବିଭିନ୍ନ କଳାକ୍ଷେତ୍ରରେ ରୁଚି ରଖିବା ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବିଧୁଭୂଷଣ ନାୟକ, ବଦ୍ରିନାଥ ପଟ୍ଟନାୟକ, ଉପ ସଭାପତି କଣ୍ଠଶିଳ୍ପୀ ବିଭୁକିଶୋର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଗୁରୁ ପ୍ରତିଭା ଦାଶ ଏବଂ ଏମ୍. କିରଣ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ସୀମା ମିଶ୍ରଙ୍କୁ ସଙ୍ଗୀତରେ ଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଶିଶୁ ଶିଳ୍ପୀ ସନୟାସୁନୟନା ଓ ମୁସ୍କାନ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ର ୫୦ରୁ ଅଧିକ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ଅପରାଜିତା ମହାନ୍ତି ଓ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦଣ୍ଡପାଟୁଆ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୧।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ରବିବର ମହା ବିଷୁବ ସଂକ୍ରାନ୍ତି। ଏହି ଅବସରରେ ବଡ଼ଗଡ଼ ଗ୍ରାମରେ ଅନୁଷ୍ଠିତ ହେବ ଦଣ୍ଡପାଟୁଆ ଯାତ୍ରା। ଏହି ଯାତ୍ରା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ଆୟୋଜିତ ପ୍ରସ୍ତୁତି ବୈଠକରେ ମା'ମଙ୍ଗଳା ପୀଠ ପରିସରରେ କଭଳି ସୁଚାରଭାବେ ଝାମୁଯାତ୍ରା, ଦଣ୍ଡପାଟୁଆ ନୃତ୍ୟ ଓ ମେରୁ ଯାତ୍ରା ସମ୍ପାଦିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ତିନିଦିନ ଧରି ହେବାକୁ ଥିବା ଏହି ଝାମୁ ଉତ୍ସବରେ ରବିବାର ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ବାପୁଜୀ ଯୁବକ ସଂଘ ଓ ବ୍ରାଇଟ ଷ୍ଟାର ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଗ୍ରାମର ଯୁବକମାନଙ୍କ ଦ୍ୱାରା ସ୍ୱତନ୍ତ୍ର ନାଟକ ପରିବେଷଣ କରାଯିବ। ଆଦିତ୍ୟ ଗଜେନ୍ଦ୍ର, ରବୀନ୍ଦ୍ର ଦଳାଇ, ପ୍ରଶାନ୍ତ କୁମାର ଗଜେନ୍ଦ୍ର, କବିନ୍ଦ୍ର ଦଳାଇ, ସାଗର ବେହେରା, ଚିତ୍ରସେନ ସ୍ୱାଇଁ, ମିନତୀ ବେହେରା ପ୍ରମୁଖ ଏଥିରେ ଅଭିନୟ କରିବେ। ବୈଠକରେ ସାମାଜିକ କର୍ମୀ ତଥା ଯୁବନେତା ସଂଗ୍ରାମ ମାର୍ଥା ଅଧ୍ୟକ୍ଷତା କରିଥିଲେ।

# ଏକାମ୍ରରେ ଭାଜପାର ପଦଯାତ୍ରା



ଭୁବନେଶ୍ୱର, ୧୧।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଭାଜପାର ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ପ୍ରତିଦିନ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଓ ସମାବେଶ କରି ଲୋକଙ୍କ ନିକଟକୁ ଯାଉଛନ୍ତି। ସକାଳେ ବିଭିନ୍ନ ପାର୍କ ଓ ଚା' ଖଟି, ପଦଯାତ୍ରା ମାଧ୍ୟମରେ ଲୋକଙ୍କ ସହ ମିଶୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସେ ପଳାସପଲ୍ଲୀ ଓ ଭୀମଟାଙ୍ଗୀ ଅଞ୍ଚଳରେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ।

# ଭୁବନେଶ୍ୱର ମ୍ୟୁନିସିପାଲିଟି ମଜଦୁର ସଂଘର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର, ୧୧।୪ (ବନ୍ଦନା ସେଠୀ)

ବିଏମ୍‌ସି ସଫେଇ କର୍ମଚାରୀ ସଂଘର ନାମ ପରିବର୍ତ୍ତନ ହୋଇ ଏବେ 'ଭୁବନେଶ୍ୱର ମ୍ୟୁନିସିପାଲିଟି ମଜଦୁର ସଂଘ' ରଖାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ୟୁନିଟ-୧ସ୍ଥିତ କସ୍ତୁରବା ନାରୀ ମହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ସଂଘର ନବଗଠିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଂଘ ସଭାପତି ଭାବେ ଅକ୍ଷୟ ରାଉତରାୟ, ସଧାରଣ ସମ୍ପାଦକ ଭାବେ ସହଦେବ ନାୟକ, ଉପସଭାପତି ଭାବେ ସୁଶାନ୍ତ ଦଳେଇ ଓ ସଞ୍ଜୟ ନାୟକ, ସମ୍ପାଦକ ଭାବେ ତରୁଣ ଦଳେଇ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଲୋଚନା ନାୟକ ଏବଂ ସଂଘର ଉପଦେଷ୍ଟା ଭାବେ କର୍ପୋରେଟର କବିତା ସ୍ୱାଇଁ ଓ ଆସିଆ ବେଗମଙ୍କ ନାଁ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିବାର ସଦସ୍ୟ ଭାବେ ଆହୁରି ଭଲ କାମ ଜାରି ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଉତ୍ତମ ପ୍ରଦର୍ଶନ, ଏକାଠି କାମ କରିବା ଉପରେ ଗୁରୁତ୍ୱ

## ଶଙ୍ଖଭବନରେ ବିଜେଡିର ସାଙ୍ଗଠନିକ ବୈଠକ



ପୁରୀ, ୧୧।୪ (ଅଜିତ୍ ମହାନ୍ତି)

ବିଜୁ ଜନତା ଦଳ ପୁରୀ ସଦର ନିର୍ବାଚନ ମଣ୍ଡଳୀର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ପୁରୀ ସଦର ବିଜେଡି ବିଧାୟକ ପ୍ରାର୍ଥୀ ସୁନିଲ ମହାନ୍ତି ଏବଂ ଲୋକସଭା ପ୍ରାର୍ଥୀ ଅରୁପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ପୁରୀ ଜିଲା ବିଜେଡି ସଭାପତି ଦିବାକର ପାତ୍ର ପରିଚାଳନା କରିଥିଲେ। ପୁରୀ ସଦର ନିର୍ବାଚନମଣ୍ଡଳୀ ସହ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଯେପରି ଭଲ ପ୍ରଦର୍ଶନ କରିବା ସହ ବିଜୟ ଲାଭ କରିବ ସେ ନେଇ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ଯେପରି ମୁଖ୍ୟମନ୍ତ୍ରୀ କରାଯିବ ସେଥିଲାଗି ସମସ୍ତ କର୍ମୀ ଓ ନେତା ଏକାଠି କାର୍ଯ୍ୟ କରିବା ସହ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲାର ନେତାମାନଙ୍କୁ ପରାମର୍ଶ ଦିଆଯାଇଛି।

ବୈଠକ ସମ୍ପର୍କରେ ରାଜ୍ୟ ସଭା ସଦସ୍ୟ ଖୁଣ୍ଟିଆ କହିଛନ୍ତି ଯେ, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ସଦର ନିବାଚନ ମଣ୍ଡଳୀରେ ବିଜେଡି ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ ନିର୍ବାଚନମଣ୍ଡଳୀର ନେତୃମଣ୍ଡଳୀ, କର୍ମୀଙ୍କ ସମେତ ସମସ୍ତ ବର୍ଗର ନେତୃଶ୍ରେଣୀଙ୍କ ସହିତ ଆଲୋଚନା କରାଯାଇଛି। ନିର୍ବାଚନ ରଣକୌଶଳ, କାର୍ଯ୍ୟପନ୍ଥା, ରୂପରେଖ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ନବୀନ ପଟ୍ଟନାୟକଙ୍କୁ ଯେପରି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଯିବ ସେଥିଲାଗି କାର୍ଯ୍ୟ କରିବା ସହ ପୁରୀ ଜିଲାର ଦୁଇ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେପରି ବିଜୟୀ ହେବୁ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିବା ଖୁଣ୍ଟିଆ କହିଛନ୍ତି। ସେହିପରି ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ସମସ୍ୟା ଦୂର ହୋଇଛି। ଦଳ ଭଲ ପ୍ରଦର୍ଶନ କରିବା ବୋଲି ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ କହିଛନ୍ତି। ଏହି ବୈଠକ ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ। ବୈଠକରେ ରାମକୃଷ୍ଣ ଦାସମହାପାତ୍ର, ସୁରେନ୍ଦ୍ର ନାଥ ଦାସ, ଶ୍ରୀପ୍ରକାଶ ମିଶ୍ର, ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ତାତା ରାଓ, ବିଜୟ ମିଶ୍ର, ନାରାୟଣ ପଟ୍ଟନାୟକ, ବିଶ୍ବୁ ରାଓ, ଭକ୍ତ ଚରଣ ଦାସ, ରବି ସାମନ୍ତରାୟ, ସବ୍ୟସାଚୀ ମହାପାତ୍ର, ପୁରୀ ଜିଲା ସହପର୍ଯ୍ୟବେକ୍ଷକ କାଶୀନାଥ ରଣାଙ୍କ ସମେତ ପୁରୀ ସଦର ଅଞ୍ଚଳର ୩୨ଟି ୱାର୍ଡ ଓ ୨୨ଟି ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ, ଛାତ୍ର ଓ ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।



ଯଦୁପୁରଠାରେ ଇଦ୍ ପାଳନ ଅବସରରେ ଗୁରୁବାର ମନ୍ତ୍ରୀ ତଥା ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ମେୟର ସୁଲୋଚନା ଦାସ ଏକାଠି ହୋଇଛନ୍ତି।





ୟୁନିଟ୍-୪ ମସ୍‌ଜିଦ୍‌ରେ ଏମ୍‌ପି ତଥା ଅଭିନେତା ମୁନା ଖାଁ ଏବଂ ୟୁନିଟ୍-୩ ମସ୍‌ଜିଦ୍‌ରେ ଭୁବନେଶ୍ୱର ମଧ୍ୟ ବିଧାୟକ ତଥା ଏଥର ବିଜେଡି ପ୍ରାର୍ଥୀ ହୋଇଥିବା ଅନନ୍ତ ନାରାୟଣ ଜେନା ମେୟରଙ୍କ ସହ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

## ସଂକ୍ଷେପରେ

### କ୍ୟାବିନ୍‌ରୁ ୧୭୬ କେଜି ଭାଙ୍ଗ ଜବତ, ୨ ଗିରଫ

ଭୁବନେଶ୍ୱର,୧୧।୪(ସୂର୍ଯ୍ୟକାନ୍ତ ବେହେରା)

ଦୋକାନ ଉଦ୍ଦେଶ୍ୟରେ କ୍ୟାବିନ ବନାଇଥିଲେ। ହେଲେ ତାହା ଭିତରେ ବେଆଇନ ଭାବେ ନିଶାଦ୍ରବ୍ୟ ରଖି ବେପାର କରୁଥିଲେ। ଖବର ପାଇ ଅବକାରୀ ଟିମ୍ ଗୁରୁବାର ସକାଳେ ଲିଙ୍ଗରାଜ ଥାନା ଅନ୍ତର୍ଗତ ବିନ୍ଦୁସାଗର ଅଞ୍ଚଳରେ ଚଢାଉ କରି ଉକ୍ତ କ୍ୟାବିନରୁ ୧୭୬ କେଜି ଭାଙ୍ଗ ଜବତ କରିଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଦୋକାନୀଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଦୋକାନୀ ବିଜୟ ମଲ୍ଲିକ(୨୪) ଓ ପ୍ରସନ୍ନ ପୂଜାପଣ୍ଡା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ନିଶା କାରବାର କେବେଠାରୁ କରୁଥିଲେ, କାହାକୁ ଯୋଗାଉଥିଲେ ତାହାର ଅଧିକ ଖୋଲତାଡ ଚଳାଇଛି ଅବକାରୀ ଟିମ୍।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲିଅନ୍ତା,୧୧।୪(ନୀଳମାଧବ ସାହୁ)

ବେଆଇନ ବ୍ରାଉନସୁଗାର ବିକ୍ରି ନିମନ୍ତେ ଯାଉଥିବାବେଳେ ରଙ୍ଗବଜାର କେନାଲ ବ୍ରିଜ୍ ନିକଟରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଜୟ ମହାପାତ୍ର (୨୭)। ଛାନଭିନ ସମୟରେ ପୋଲିସ ତାଙ୍କଠାରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୧୭୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଋଣ କରାଇଦେବା ନାଁରେ ଠକେଇ, ମହିଳା ଗିରଫ

ଭୁବନେଶ୍ୱର,୧୧।୪(ସୂର୍ଯ୍ୟକାନ୍ତ ବେହେରା)

ଲୋନ୍ କରାଇଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ୨୫ ହଜାର ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତା ମହିଳା ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ନିର୍ଲିପ୍ତା ଜଗଦେବ ମହାପାତ୍ର(୪୭)। ତାଙ୍କଠାରୁ କିଛି ଚୁକ୍ତିନାମା କାଗଜପତ୍ର ଜବତ ହୋଇଛି।

ସୂଚନାନୁସାରେ, ଅଭିଯୋଗକାରୀ ବ୍ୟବସାୟୀ ଭବାନୀ ଶଙ୍କର ଦାସ ଟଙ୍କା ଆବଶ୍ୟକ କରୁଥିଲେ। ଏଥିପାଇଁ ଲୋନ୍ କରାଇ ଦେବାକୁ କହି ଅଭିଯୁକ୍ତା ନିର୍ଲିପ୍ତା କିଛି ଟଙ୍କା ଦାବି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ ୭ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା ଲୋନ କରାଇଦେବାକୁ କହିଥିଲେ। ଏଥିପାଇଁ ଭବାନୀ ତାଙ୍କର ଜଣେ ବନ୍ଧୁ ସମୀର ରଞ୍ଜନ ଦାସଙ୍କ ଆକାଉଣ୍ଟରୁ ଅଭିଯୁକ୍ତାଙ୍କ ଆକାଉଣ୍ଟକୁ ୨୫ ହଜାର ଟଙ୍କା ପଠାଇଥିଲେ। ହେଲେ ଅଭିଯୁକ୍ତା ଟଙ୍କା ନେବାର ୭ ଦିନ ପରେ ମଧ୍ୟ ଭବାନୀଙ୍କର କୌଣସି ଲୋନ ପାଇବାର ସୁବିଧା କରି ନ ଥିଲେ। ଏହା ପରେ ଭବାନୀ ବାରମ୍ବାର ଅଭିଯୁକ୍ତାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ସିକ୍ୟୁରିଟି ବାବଦକୁ ଅଭିଯୁକ୍ତାଙ୍କୁ ଦେଇଥିବା ଏକ ଦସ୍ତଖତ ବିହୀନ ଖାଲି ଚେକ୍‌କୁ ସେ ଅପବ୍ୟବହାର କରିଥିବା ଜଣେ ବ୍ୟକ୍ତିଙ୍କଠାରୁ ଜାଣିବାକୁ ପାଇଥିଲେ। ଏହା ପରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣିବା ପରେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟକର ଛେନାପୋଡ଼କୁ ଗୁରୁତ୍ୱ

## ବିଶ୍ୱ ଛେନାପୋଡ଼ ଦିବସ ପାଳିଲା ଓମ୍‌ଫେଡ୍

ଭୁବନେଶ୍ୱର,୧୧।୪ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଲିମିଟେଡ୍ (ଓମ୍‌ଫେଡ୍) ପକ୍ଷରୁ ଗୁରୁବାର ବିଶ୍ୱ ଛେନାପୋଡ ଦିବସ ପାଳିତ ହୋଇଯାଇଛି। ଏକ ଘରୋଇ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଲେ, ଓମ୍‌ଫେଡ୍ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ତା'ର ପ୍ରତ୍ୟେକ ଉତ୍ପାଦ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ। ଏହାର ଗୁଣାତ୍ମକମାନରେ କୌଣସି ସାଲିସ୍ କରାଯିବ ନାହିଁ । ଓମ୍‌ଫେଡ୍‌ର ପ୍ରତ୍ୟେକ ଉତ୍ପାଦର ଗୁଣାତ୍ମକ ମାନ ଓ ଶୁଦ୍ଧତା ବଜାୟ ରଖିବା ସହ ସୁଲଭ ମୂଲ୍ୟରେ ଓଡିଶାର ଘରେ ଘରେ କିପରି ପହଞ୍ଚିବ ସେ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଚାହିଦା ଯେତିକି ବୃଦ୍ଧି ପାଇବ, ଗ୍ରାମାଞ୍ଚଳ ଦୁଗ୍ଧଚାଷୀ ସମୂହର ଆର୍ଥିକ ବିକାଶ ସେହି ପରିମାଣରେ ବୃଦ୍ଧି ପାଇବ ବୋଲି କୁଲାଙ୍ଗେ କହିଥିଲେ। ଛେନାପୋଡ ସହିତ ଓମ୍‌ଫେଡ୍‌ର ସମସ୍ତ ଉତ୍ପାଦକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ପାରମ୍ପରିକ ଛେନାପୋଡ କିପରି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟକର ହେବା ସହ ଏହାର ଗୁଣାତ୍ମକମାନ ବଜାୟ ରହିପାରିବ, ସେ ସମ୍ପର୍କରେ ଛେନାପୋଡ କାରିଗର ତଥା ପ୍ଲାଣ୍ଟ ପରିଚାଳକ ମୃତ୍ୟୁଞ୍ଜୟ କୁମାର ବର୍ଣ୍ଣନା କରିଥିଲେ। ଏଥିରେ କେଉଁ ଉପାଦାନ କେତେ ପରିମାଣରେ ମିଶିଲେ ତାହା ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ହେବା ସହ ଗୁଣାତ୍ମକ ମାନ ବଜାୟ ରହିପାରିବ ସେ ସଂପର୍କରେ ବୁଝାଇଥିଲେ। ଏହି ଅବସରରେ ଛେନାପୋଡର ଐତିହ୍ୟ ସମ୍ପର୍କିତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏଥିସହ ଓମ୍‌ଫେଡ୍‌ର ଦୁଇଜଣ ଛେନାପୋଡ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓମ୍‌ଫେଡ୍‌ର ସମସ୍ତ ଅଧିକାରୀ, କର୍ମଚାରୀ ଓ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ବୈଷୟିକ ପରାମର୍ଶଦାତା ଡ. ଦିଗମ୍ବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଓମ୍‌ଫେଡ୍ ପରିସରରେ ଛେନାପୋଡ଼ କାଟି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଉଛି।


ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୁରୁବାର ସୂଚନା ଭବନରେ ଛେନାପୋଡ଼ ଦିବସ ପାଳନ ଅବସରରେ ବାଘଶବର ନାଚ ପରିବେଷଣ କରାଯାଉଛି।

# ଖୋକା ଜବତ, ଅଭିଯୁକ୍ତଙ୍କ ସହଯୋଗୀ ଅଟକ

ଆଠଗଡ଼,୧୧।୪(ସତ୍ୟ ପ୍ରସାଦ ରଥ)

- ଦାଦାବଟିଙ୍କୁ ନେଇ ମହୀଧରପୁର ଗୁଳିମାଡ଼ ଘଟଣା
- କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗାଁରେ ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଘଟିଥିବା ଗୁଳିମାଡ଼ ଘଟଣାରେ ପୋଲିସ ଗୁରୁବାର ଛାନଭିନ ଆରମ୍ଭ କରିଛି। ସକାଳୁ କଟକରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁଳିକାଣ୍ଡରେ ବ୍ୟବହୃତ ଖୋକାକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ କଟକ ଗ୍ରାମାଞ୍ଚଳ ଏସ୍‌ପି ଏଲ. ଦିବ୍ୟା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କୁ ପଚରାଉଚରା କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଗୁଳିମାଡ଼ରେ ଆହତ ବିଶଜିତ୍ ପଲେଇଙ୍କ ସାନଭାଇ ଅଭିଜିତଙ୍କ ଏତଲାକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୮୭, ୩୨୬, ୩୦୭, ୩୪ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ୨୫ ଓ ୨୭ରେ ନଂ. ୧୧୪/୨୪ରେ ମାମଲା ରୁଜୁ କରିଛି। ମହୀଧରପୁର ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ମୁତୟନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ଆଇଆଇସି ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

# ଓଟିଏମ୍ ହାଇସ୍କୁଲର ବାର୍ଷିକୋତ୍ସବ 'ଆନନ୍ଦିକା-୨୦୨୪'


ବାର୍ଷିକ ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୧।୪
(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ପୌର ଅଧୀନ ୮ନଂ. ୱାର୍ଡସ୍ଥିତ ଓ.ଟି.ଏମ୍. ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ 'ଆନନ୍ଦିକା-୨୦୨୪' ବୁଧବାର ବହୁ ଆଡ଼ମ୍ବରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସ, ମୁଖ୍ୟବକ୍ତା ଭାବେ ରେଡିଓ ଚକୋଲେଟ ୧୦୪ ଏଫ୍‌ଏମ୍‌ର ଭାଷ୍ୟକାର ପଣ୍ଡିତ ନିରଦ ଆର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଟିଭି କଳାକାର ତଥା ଗୀତିକାର ଅଜୟ ମିଶ୍ର ଯୋଗଦେଇ କୁନି କୁନି ପିଲାଙ୍କ ନିକଟରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ମହାନ୍ତି, ମନ୍ମଥ ସାହୁ, ବିଜୟ ନନ୍ଦ, ଅକ୍ଷୟ ମିଶ୍ରଙ୍କ ସମେତ ବହୁ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ଚରଣ ସାହୁ, ବିଶ୍ୱ କଲ୍ୟାଣ ଦାସ, ସଖାୱତ ଖାଁ, ଅର୍ଜୁନ ପଣ୍ଡା, ନୀଳମଣି କର, ସୁରେଶ ରାଉତରାୟ, ସୁଜିତ୍ ଦାସ, ରୀନାରାଣୀ ବଡୁ ଓ ଶିକ୍ଷକ ପ୍ରଫୁଲ୍ଲ ନାଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଜିତେନ୍ ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ରବି ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକଙ୍କ କାର୍ ଧକ୍କାରେ ବୃଦ୍ଧା ମୃତ, ୨ ଗୁରୁତର

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ବାୟାକୁଦା ନିକଟରେ ଗୁରୁବାର ପ୍ରାତଃରେ ଫୁଲ ତୋଳିବାବେଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅଧୀନ ବଡ଼ମଠ ଗ୍ରାମର ରେଣୁବାଳା ବେହେରା (୬୫) ଏବଂ ଗୁରୁତର ୨ ଜଣ ହେଲେ ବାୟାକୁଦା ଗ୍ରାମର ରଞ୍ଜିତା ବେହେରା (୪୫) ଓ ପୋଇତରା ଗ୍ରାମର ନିରଞ୍ଜନ ପ୍ରଧାନ (୪୦)। ଏନେଇ ରେଣୁବାଳାଙ୍କ ପୁଅ କାହ୍ନୁଚରଣ ବେହେରାଙ୍କ ଅଭିଯୋଗ କ୍ରମେ ନଂ.୧୩୩/୨୪ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ଭୁବନେଶ୍ୱର ଅଞ୍ଚଳର ୪ ଜଣ ଯୁବକ ଏକ କାର୍‌ରେ କୋଣାର୍କ ବୁଲି ଯାଉଥିଲେ। ବାୟାକୁଦା ନିକଟରେ ବୃଦ୍ଧା ଜଣଙ୍କ ଫୁଲ ତୋଳୁଥିବାବେଳେ ଉକ୍ତ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। କାର୍‌ଟି ସେଠାରୁ ଖସିଯିବାବେଳେ ପାଖରେ ଥିବା ଅନ୍ୟ ଜଣେ ମହିଳା ଏବଂ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେହି ୨ ଜଣ ମଧ୍ୟ ଗୁରୁତର ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ରଙ୍କ ସହିତ କର୍ମଚାରୀ ପହଞ୍ଚି ୨ ଆହତଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଏଥିସହ ୧୦୮ ଆମ୍ବୁଲାନ୍ସ ବୃଦ୍ଧାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିବାବେଳେ ୨ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବୃଦ୍ଧାଙ୍କ ମୃତ୍ୟୁ ଘୋଷଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

# କଡ଼ା ସୁରକ୍ଷାରେ ପହଞ୍ଚିଲା ଇଭିଏମ୍

ଆଠଗଡ,୧୧।୪(ସତ୍ୟ ପ୍ରସାଦ ରଥ)

- ଆଠଗଡ଼ ମହାବିଦ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ଗଚ୍ଛିତ
- ୨ସେକ୍ସନ ସୁରକ୍ଷା ବଳ ନିୟୋଜିତ

ଆଗାମୀ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ପାଇଁ, ବଡମ୍ବା ଓ ଆଠଗଡ ନିର୍ବାଚନମଣ୍ଡଳୀର ଯଥାକ୍ରମେ ୨୯୨ ଓ ୨୫୪ ବୁଥ ପାଇଁ ଇଭିଏମ ବୁଧବାର ବିଳମ୍ବିତ ରାତିରେ ପହଞ୍ଚିଛି। ୨ଟି ଷ୍ଟ୍ରଙ୍ଗ ରୁମରେ ଏହାକୁ ରଖାଯାଇଛି। ବାଧାବିଘ୍ନକୁ ଆଖି ଆଗରେ ରଖି ଅଧିକ ୩୦ ଶତକଡ଼ା ମେଶିନ ଗଚ୍ଛିତ ରଖାଯାଇଛି। ନିର୍ବାଚନ ଅଧିକାରୀ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥିତିରେ ଇଭିଏମ୍‌ଗୁଡ଼ିକୁ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପରିସରସ୍ଥିତ ଷ୍ଟ୍ରଙ୍ଗ ରୁମରେ ରଖାଯାଇ ଜଉମୁଦ ଦିଆଯାଇ ସିଲ୍ କରାଯାଇଛି। ସୁରକ୍ଷା ପାଇଁ କଟକ ଜିଲା ପୋଲିସ ସଶସ୍ତ୍ର ବାହିନୀ ପକ୍ଷରୁ ୨ ସେକ୍ସନ ସୁରକ୍ଷାବଳ ନିୟୋଜିତ କରାଯାଇଛି। ଅଧିକ ସୁରକ୍ଷା ପାଇଁ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ କେନ୍ଦ୍ର ଶିଳ୍ପ ସୁରକ୍ଷା ବାହିନୀ ପକ୍ଷରୁ ନଜର ରଖାଯାଇଛି। ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନଙ୍କର ସମସ୍ତ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରାଯିବ ବୋଲି ଉପଜିଲାପାଳ ତରେଇ ସୂଚନା ଦେଇଛନ୍ତି।

# 'ପରିବାର ରାଜନୀତିକୁ ପ୍ରଶ୍ରୟ ଦିଆଯିବନାହିଁ'

## କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି ତା ୧୧। ୪
(ଅଶୋକ କୁମାର ମହାପାତ୍ର)

ସାଧାରଣ ନିର୍ବାଚନ ଲାଗି ବୁଧବାର ରାତିରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ନିଶ୍ଚିନ୍ତକୋଇଲି ବ୍ଲକ ତରତ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାହାଙ୍ଗା ବ୍ଲକ କଂଗ୍ରେସ ଉପସଭାପତି ଆକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ଯୁବ କଂଗ୍ରେସ ସଭାପତି ସେକ୍ ସଦାମ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିସହ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉପରେ ବର୍ଷିବା ବିଜେଡି ମାହାଙ୍ଗାରେ ପାରିବାରିକ ରାଜନିତି ଆରମ୍ଭ କରିଛି। କଂଗ୍ରେସ ପ୍ରାର୍ଥୀ ଚୟନରେ କେବେ ପରିବାରବାଦକୁ ପ୍ରଶ୍ରୟ ଦିଆଯିବନି ବୋଲି ସେ ପ୍ରକାଶ କରିଥିଲେ। ଭାଜପା ସରକାର କ୍ଷମତାକୁ ଆସିଲେ ଦେଶରେ ଆଉ ଗଣତନ୍ତ୍ର ରହିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଗଣେଶ୍ୱର ସ୍ୱାଇଁ, ମନ୍ମଥ ଖୁଣ୍ଟିଆ, ପୂର୍ବତନ ଜିଲା କଂଗ୍ରେସ ସମ୍ପାଦକ ଅମୀୟ କୁମାର ବିଶ୍ୱାଳ, ସୁଶୀଲ କୁମାର ସ୍ୱାଇଁ, ଗୋପାଳ ସେଠୀ, ଯୁବନେତା ସଞ୍ଜୟ କୁମାର ବେହେରା,ରମେଶ ଚନ୍ଦ୍ର ବାରିକ, ଦୀପକ ନାୟକ,ଦୀପକ କୁମାର ବେହେରା,ମିଳନ ମଲିକ, ଯାକୁବ ଖାଁ, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦୀଲିପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

# ରେଳ ସିଗ୍‌ନାଲ ଭାଙ୍ଗୁଥିବା ବେଳେ ବିରୋଧ କରିବାରୁ ପୋଲିସକୁ ଆକ୍ରମଣ

ବାରଙ୍ଗ,୧୧।୪(ଲିଙ୍ଗରାଜ ରାଉତ)

ରେଳଧାରଣା କଡ଼ ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ପଥର ମାରି ନଷ୍ଟ କରୁଥିବା ବେଳେ ବିରୋଧ କରିବାରୁ ରେଳ ସୁରକ୍ଷାବଳ କନଷ୍ଟେବଲଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ ବାରଙ୍ଗ ଅଧୀନ ବେଲଗଛିଆ ଗ୍ରାମର ପଙ୍କଜ ପାଣି(୧୯)। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ଏନେଇ ପୋଲିସ ୧୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରେଳ ସୁରକ୍ଷାବଳ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଳ ଧର୍ମେନ୍ଦ୍ର ଦାସ ଓ ନନ୍ଦିଘୋଷ ଦଳେଇ ବୁଧବାର ବାରଙ୍ଗ-ବାଲିକୁଦା ସେକ୍ସନରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଙ୍କଜ ଏବଂ ନାବାଳକ ଜଣକ ପଥର ଫୋପାଡ଼ି ରେଳ ଧାରଣାରେ ଥିବା ସିଗ୍‌ନାଲ ସିଷ୍ଟମ ସେନ୍‌ସରକୁ ନଷ୍ଟ କରୁଥିଲେ। ଫଳରେ ରେଳ ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ ନଷ୍ଟ ହେବା ଆଶଙ୍କା ରହିଥିଲା। ଏହା ଦେଖି କନଷ୍ଟେବଳ ତାଙ୍କ ପାଖକୁ ଯିବାକୁ ଉଦ୍ୟମ କରିବାରୁ ୨ ଜଣ ସେଠାରୁ ଫେରାର ହୋଇଯାଇଥିଲେ। ୨ ରେଳ ସୁରକ୍ଷାବଳ କର୍ମଚାରୀ ତାଙ୍କୁ ପିଛା କରି ଗୋଠପୁର ଖେଳପଡ଼ିଆ ନିକଟରେ କାବୁ କରିଥିଲେ। ତାଙ୍କୁ ପଚରାଉଚରା କରୁଥିବାବେଳେ ଅନ୍ୟ କିଛି ଯୁବକ ସଂଘବଦ୍ଧ ଭାବେ ୨ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ୨ ଜଣ କର୍ମଚାରୀ ଆହତ ହୋଇଥିଲେ। ଏନେଇ ଉଭୟ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

# ରାମଚରିତ ମାନସ ମାନବ ସମାଜର ଚରିତ୍ର ଗଠନରେ ସହାୟ ହୋଇଥାଏ

ନିଶ୍ଚିନ୍ତକୋଇଲି,୧୧।୪
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର କୁଳଗାଁଇଶାଳୋ ଗ୍ରାମରେ ଥିବା ଲାଲ ବାବାଙ୍କ ପୀଠରେ ୨୭ ତମ ଶ୍ରୀଶ୍ରୀ ହନୁମତ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାଇ ମହାବୀର ଶ୍ରୀହନୁମାନଙ୍କର ପୀଠରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟ ନିରଞ୍ଜନ ଶତପଥି ପ୍ରମୁଖ ମୃଣ୍ମୟୀ ମୂର୍ତ୍ତିରେକୁ ପ୍ରାଣ ପ୍ରତିଷ୍ଠା କରି ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ମାନସ ମଣ୍ଡପରେ ସନ୍ଥ ଶ୍ରୀଶ୍ରୀ ଗଙ୍ଗାରାମ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାନସ ପଠନ କରାଯାଇଥିଲା। ପଣ୍ଡିତ ସୂର୍ଯ୍ୟକାନ୍ତ ରଥ, ପଣ୍ଡିତ ଗୋପାଳ ବେଜ, ପଣ୍ଡିତ କମଳ ଲୋଚନ ମହାରାଜ, ପଣ୍ଡିତ ଆଶ୍ରୀବାଦ ମହାରାଜ ପ୍ରମୁଖ ଏଥିଯେ ଯୋଗଦେଇ କହିଥିଲେ, ରାମଚରିତ ମାନସ ସାମ୍ପ୍ରତିକ ମଣିଷ ସମାଜ ପାଇଁ ଏକ ଅମୂଲ୍ୟ ବାର୍ତ୍ତା ଏହି ଗ୍ରନ୍ଥ ମାନବ ସମାଜର ଚରିତ୍ର ଗଠନରେ ସହାୟକ ହୋଇଥାଏ ଏହି କାର୍ଯ୍ୟକ୍ରମକୁ ମହାବୀର ପରିଚାଳନା କମିଟି ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସଭାପତି ଗୋପିନାଥ ପଣ୍ଡା, ଉପସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଅନୁପ ରଥ, ସହସମ୍ପାଦକ ଦୀପକ ପଣ୍ଡା, କୋଷାଧ୍ୟକ୍ଷ ଶରତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



# ଶ୍ରୀସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ନିର୍ମଳ ଝର ଉଦ୍‌ଘାଟିତ

ଫୁଲନଖରା,୧୧।୪(ସତ୍ୟରଞ୍ଜନ ଦାସମହାପାତ୍ର):

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହୁଛି। ରାସ୍ତାରେ ଯାଉଥିବା ପଥଚାରୀ ଯାତାୟାତବେଳେ ରୌଦ୍ରତାପରେ କ୍ଲାନ୍ତ ଅନୁଭବ କରୁଛନ୍ତି। ଏହାକୁ ଲକ୍ଷ୍ୟ କରି ଶ୍ରୀ ସତ୍ୟସାଇ ସେବା ସଂଗଠନ ଭୁବନେଶ୍ୱର ପକ୍ଷରୁ ପାହାଳ ଥାନା ଅଧୀନ ନଖରା ଗ୍ରାମରେ ଅବସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ସତ୍ୟସାଇ ନିର୍ମଳ ଝର ବିଶୁଦ୍ଧ ଥଣ୍ଡା ପାନୀୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟସାଇ ନିର୍ମଳ ଝର ଆବାହକ ସି. ଜଗଦୀଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଗଠନ ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକ, କନ୍‌ଭେନର ମାନସ ଓଝା, ସେବା ଦଳ ସଂଯୋଜକ ଉମେଶ ନନ୍ଦ, ଡ. ନିର୍ମଳ କୁମାର ଭୂୟାଁ, ବେଦ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବିନା ସୂଚନା ଫଳକରେ ଚାଲିଛି ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ

ନିଶ୍ଚିନ୍ତକୋଇଲି,୧୧।୪
(ଅଶୋକ କୁମାର ମହାପାତ୍ର)

- ସରକାରୀ ନିୟମର ଖୋଲା ଉଲ୍ଲଂଘନ
- ନିମ୍ନମାନର କାର୍ଯ୍ୟ ଚାଲିଥିବା ଅଭିଯୋଗ

ନିଶ୍ଚିନ୍ତକୋଇଲି ବ୍ଲକରେ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ବଡ଼କ୍ଷୀର ପଞ୍ଚାୟତର ଏକ ଗୋଚର ଜମିରେ ସରକାରୀ ଅନୁଦାନରେ ଗୋପପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲଛି। ଏହି ଗୃହ ନିର୍ମାଣ ଲାଗି କେଉଁ ଯୋଜନାରେ ଓ କେତେଟଙ୍କା ବ୍ୟୟ ବରାଦରେ କରାଯାଉଛି ସେ ସମ୍ପର୍କରେ କୌଣସି ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘରେରେ ରଖାଯାଇଥିବା ଅଭିଯୋଗ ହୋଇଛି। ଏପରିକି କେଉଁ ବିଭାଗ ଏହି କାର୍ଯ୍ୟ ତଦାରଖ କରୁଛି ତାହା ମଧ୍ୟ ରହସ୍ୟ ଘେରରେ ରହିଛି। ସେହିପରିଭାବେ କାର୍ଯ୍ୟାଦେଶ କାହା ନାମରେ ରହିଛି ଓ କାର୍ଯ୍ୟ କିଏ ତଦାରଖ କରୁଛି ସେ ସମ୍ପର୍କରେ ମଧ୍ୟ କୌଣସି ତଥ୍ୟ ମିଳିପାରିନାହିଁ। ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ସରକାରଙ୍କର ଆଚରଣ ବିଧି ଲାଗୁ ହୋଇଛି। ଏପରିସ୍ଥଳେ ପ୍ରଶାସନ ତରଫରୁ କୌଣସି ଶିଳାନ୍ୟାସ କରା ନ ଯାଇ କିପରି ଭାବେ ଏହି ନିର୍ମାଣ କାର୍ଯ୍ୟ ଚାଲିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିଲାବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଭଳିସ୍ଥିତିରେ ଗୃହର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟବିଭାଗର ଯନ୍ତ୍ରୀ ଚନ୍ଦନ ରାଉତ କୁହନ୍ତି, ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ସୂଚନା ଫଳକ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହାକୁ ଉଲ୍ଲଂଘନ କରାଯାଇଥିବ ତେବେ ଠିକାଦାରଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ସଂକ୍ଷେପରେ**

## ସ୍ମୃତିରେ ଶାନ୍ତି ଅପା

ନିମାପଡ଼ା,୧୧।୪(ରଞ୍ଜନ ପଟ୍ଟନାୟକ): ଭଜନ ସମ୍ରାଜ୍ଞୀ ସ୍ୱର୍ଗତ ଶାନ୍ତିଲତା ବାରିକ (ଛୋଟରାୟ)ଙ୍କ ଏକାଦଶାହ ଉପଲକ୍ଷେ ନିଗମ କଳା ସଂସଦ, ନିମାପଡ଼ା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଶ୍ରଦ୍ଧାଞ୍ଜଳି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଗୁରୁ ଶ୍ରୀ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବର୍ଷିଆନ୍ ସଙ୍ଗୀତଗୁରୁ ନବୀନ କିଶୋର ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ଶାନ୍ତିଲତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣାଣ ଓ ଭଜନକୁ ଓଡ଼ିଶା ତଥା ଦେଶ ବିଦେଶରେ ଲୋକପ୍ରିୟ କରାଇଥିଲେ। ଆମେ ତାଙ୍କରି ଜନ୍ମମାଟିର ସନ୍ତାନ ଭାବେ ନିଜକୁ ଗର୍ବ କରିବା। ସୂଚନାଯୋଗ୍ୟ, ସ୍ୱର୍ଗତା ଶାନ୍ତିଲତା ନିମାପଡ଼ାସ୍ଥିତ ଖାମ୍ବୁଲାକୁଦ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଶୈଶବ ଏବଂ ଯୁବାବସ୍ଥା ନିମାପଡ଼ାରେ କଟିଥିଲା। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ଗତ ୫ବର୍ଷର ରିପୋର୍ଟ କାର୍ଡ ରଖିଲେ ଜୟନ୍ତ

ପୁରୀ,୧୧।୪(ଅଜିତ୍ ମହାନ୍ତି): ପୁରୀ ସଦର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଗୁରୁବାର ଜନସାଧାରଣଙ୍କ ଆଗରେ ନିଜ କାର୍ଯ୍ୟଦକ୍ଷତା ନେଇ ଗତ ୫ ବର୍ଷର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ସେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାମ ସହ କିଭଳି ବିଧାୟକ ପାଣ୍ଠି ବିନିଯୋଗ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ସହରରେ ବିକାଶମୂଳକ କାର୍ଯ୍ୟ କରିଛନ୍ତି ତାହାର ହିସାବ ଦେଇଛନ୍ତି। ରିପୋର୍ଟ କାର୍ଡରେ ନିଜ ସଦର ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ଟି ବିକାଶମୂଳକ କାର୍ଯ୍ୟର ବିବରଣୀ ଉଲ୍ଲେଖ କରିଛନ୍ତି। ମୁଖ୍ୟତଃ ସେ ବିଧାୟକ ହେବା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀସେତୁ, ଜଗନ୍ନାଥ ତୀର୍ଥଯାତ୍ରୀ କେନ୍ଦ୍ର, ସ୍ୱର୍ଗଦ୍ୱାର ଉନ୍ନତୀକରଣ, ବିଭିନ୍ନ ଜାଗା ଆଖଡ଼ାର ବିକାଶ, ୩ଟି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ବିମାନବନ୍ଦର ଏବଂ ନିଜ ବିଧାୟକ ପାଣ୍ଠିରୁ ଅର୍ଥ ବିନିଯୋଗ କରି ବିଭିନ୍ନ ଜାଗାରେ କଲ୍ୟାଣମଣ୍ଡପ ନିର୍ମାଣ, କମ୍ୟୁନିଟି ସେଣ୍ଟର ନିର୍ମାଣ, ବିଭିନ୍ନ କ୍ଲବର ବିକାଶ ସହ ମାଗଣାରେ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ କରିଛନ୍ତି ବୋଲି ରିପୋର୍ଟ କାର୍ଡରେ ଦର୍ଶାଇଛନ୍ତି। କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ବେଳାଭୂମିର ବିଭିନ୍ନ ସ୍ଥାନରେ ଉନ୍ନତି, ଖେଲୋ ଇଣ୍ଡିଆ ସ୍କିମ୍‌ରେ ପେଣ୍ଠକଟାଠାରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ, ପୁରୀ ରେଳଷ୍ଟେଶନର ବିକାଶ, ସିଦ୍ଧମହାବୀର ଓଭରବ୍ରିଜ୍ ଓ ଶ୍ରୀ ମେଡିକାଲ କଲେଜ ନିର୍ମାଣ ସହିତ ଚିକିତ୍ସା କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ରାସ୍ତାଘାଟର ମଧ୍ୟ ଉନ୍ନତି ହୋଇଛି। ଶିକ୍ଷା କ୍ଷେତ୍ରରେ ଅନେକ କାର୍ଯ୍ୟ କରାଯାଇଛି, ଫଳରେ ଛାତ୍ରୀଛାତ୍ର ଅନେକ ସୁବିଧା ପାଉଛନ୍ତି। ସେ ପୁରୀବାସୀଙ୍କ ପାଇଁ ଅନେକ କାର୍ଯ୍ୟ କରିଛନ୍ତି, ତେଣୁ ତାଙ୍କ ସହିତ ପୁରୀବାସୀ ରହିଛନ୍ତି। ସେ ଚଳିତ ନିର୍ବାଚନରେ ବିଜୟୀ ହେବା ନେଇ ଜୟନ୍ତ ଦୃଢୋକ୍ତି ପ୍ରକାଶ କରିଛନ୍ତି । ୮୦ ହଜାର ପରିବାର କିଭଳି ସ୍ଥାୟୀ ପଟ୍ଟା ପାଇବେ, ଶ୍ରୀମନ୍ଦିର ସେବାୟତଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ଅଟୋ ଚାଳକ ଓ ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ସେ କାର୍ଯ୍ୟ କରିବେ ବୋଲି ଜୟନ୍ତ ସୂଚନା ଦେଇଛନ୍ତି।

# ଟିକେଟ ଚିନ୍ତାରେ କଂଗ୍ରେସ ଆଶାୟୀ

ନିମାପଡ଼ା,୧୧।୪(ରଞ୍ଜନ ପଟ୍ଟନାୟକ): ୨୦୦୦ ମସିହା ପରଠାରୁ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ି ବିଜୟର ସ୍ୱାଦ ଚାଖିନାହାନ୍ତି। ଏଥର ନିର୍ବାଚନ ତାରିଖ ଘୋଷଣା ପରେ ବି ଦଳ ଏହି ନିର୍ବାଚନମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଫଳରେ ନେତା ଓ କର୍ମୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। କାହାକୁ ଟିକେଟ ମିଳିବ ଓ କିଏ ରେସ୍‌ରୁ ବାଦ୍ ପଡ଼ିବେ ସେ ନେଇ ଆଶାୟୀ ପ୍ରାର୍ଥୀଙ୍କ ଚିନ୍ତା ବଢିଯାଇଛି। ଏଥର ଦଳୀୟ ଚିହ୍ନ ପାଇବା ପାଇଁ ଆଶାୟୀମାନେ ଉଦ୍ୟମ କରୁଛନ୍ତି। ସେମାନେ ହେଲେ ଅଧ୍ୟାପକରୁ ସମାଜସେବୀ ପାଲଟିଥିବା ନିରୋଦ ବରଣ ଖୁଣ୍ଟିଆ, ଆଇନଜୀବୀ ସୁଧୀର ମହାନ୍ତି, ଜ୍ୟୋତିରଞ୍ଜନ ମହାନ୍ତି ଏବଂ ସିଦ୍ଧାର୍ଥ ରାଉତରାୟ। ନିରୋଦ ଅଧ୍ୟାପନାରୁ ଅବସର ନେବାପରେ ୨୦୦୭ରେ ପ୍ରଥମ ଥର ପାଇଁ ଭାଜପା ସମର୍ଥନରେ ସମିତିସଭ୍ୟ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ସେ ୨୦୧୯ରେ ଭାଜପା ଛାଡ଼ି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗଦେଇ ପୁରୀ ସଂସଦୀୟ କ୍ଷେତ୍ରରୁ ଲଢି ପରାଜିତ ହୋଇଥିଲେ। ଏଥର ନିରୋଦ କଂଗ୍ରେସ ପକ୍ଷରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଶାୟୀ ରହିଛନ୍ତି। ସେହିଭଳି ଆଇନଜୀବୀ ସୁଧୀର ମହାନ୍ତି ପୂର୍ବରୁ ୨୦୦୯ ଓ ୨୦୧୪ ନିର୍ବାଚନରେ ବହୁଜନ ସମାଜ ପାର୍ଟି ଏବଂ ସ୍ୱାଧୀନ ଭାବେ ଲଢ଼ି ପରାଜିତ ହୋଇଥିଲେ। ସେ ମଧ୍ୟ ଦଳୀୟ ଟିକେଟ ଲବିରେ ରହିଛନ୍ତି। ଜ୍ୟୋତିରଞ୍ଜନ ମହାନ୍ତି କଂଗ୍ରେସର ଜଣେ ପୁରୁଣା କର୍ମୀ। ୨୦୦୯ରେ ଉକ୍ତ ଆସନଟି ଅଣସରଂକ୍ଷିତ ହେବା ପରେ ସେହି ବର୍ଷ ଦଳୀୟ ଟିକେଟ ନିମନ୍ତେ ଉଦ୍ୟମକରି ବିଫଳ ହୋଇଥିଲେ। ସେ ୨୦୧୪ରେ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ୨୦୧୯ରେ ବିଜେଡି ଟିକେଟ ପାଇଁ ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ। ଏଥର ବିଜେଡି ଛାଡ଼ି କଂଗ୍ରେସ ଟିକେଟ ହାତେଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ ପ୍ରାୟ ୬ମାସ କାଳ କଂଗ୍ରେସ ଟିକେଟ ଆଶାରେ ନିମାପଡ଼ା ନିର୍ବାଚନମଣ୍ଡଳୀ ବୁଲିବା ସହିତ କାର୍ଯ୍ୟାଳୟ ମଧ୍ୟ ଖୋଲିଥିଲେ। ହଠାତ ଏଥର ନିମାପଡ଼ା ନୁହେଁ ଜଟଣୀରୁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। କିଛିଦିନ ପରେ ଏବେ ପୁନର୍ବାର ସେ ନିମାପଡ଼ାରେ ସକ୍ରିୟ ଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ନିମାପଡ଼ାରୁ କିଏ କଂଗ୍ରେସର ପ୍ରାର୍ଥୀ ହେବେ ସ୍ପଷ୍ଟ ହୋଇନାହିଁ। ଯାହା ଜଣାପଡୁଛି, ବିଜେଡିର ପ୍ରାର୍ଥୀ ଘୋଷଣା ପରେ ହିଁ କଂଗ୍ରେସ ତା'ର ପ୍ରାର୍ଥୀ ଘୋଷଣା କରିପାରେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। କଂଗ୍ରେସ ଟିକେଟ ଘୋଷଣା ଯେତିକି ବିଳମ୍ବ ହେଉଛି ଆଶାୟୀଙ୍କ ଛାତି ଧଡ଼ଧଡ଼ ହେବା ସହିତ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ସେତିକି ବଢ଼ିବାରେ ଲାଗିଛି।


ନିରୋଦ ବରଣ ଖୁଣ୍ଟିଆ


ସୁଧୀର ମହାନ୍ତି


ଜ୍ୟୋତି ରଞ୍ଜନ ମହାନ୍ତି


ସିଦ୍ଧାର୍ଥ ରାଉତରାୟ


ଇଦ୍ ଅବସରରେ ଗୁରୁବାର ପୁରୀ ମସ୍‌ଜିଦ୍‌ରେ ମୁସ୍‌ଲମାନ ସମ୍ପ୍ରଦାୟର ଲୋକେ ସମୂହ ନମାଜ ପାଠ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର)

# ପର୍ଯ୍ୟଟକଙ୍କ କାର୍ ଧକ୍କାରେ ବୃଦ୍ଧା ମୃତ, ୨ ଗୁରୁତର

**ଉତ୍ତେଜନା, ରାସ୍ତାରୋକୋ**

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ-କୋଣାର୍କ ରାସ୍ତାର ବାୟାକୁଦା ନିକଟରେ ଗୁରୁବାର ପ୍ରାତଃରେ ଫୁଲ ତୋଳିବାବେଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅଧୀନ ବଡ଼ମଠ ଗ୍ରାମର ରେଣୁବାଳା ବେହେରା (୬୫) ଏବଂ ଗୁରୁତର ୨ ଜଣ ହେଲେ ବାୟାକୁଦା ଗ୍ରାମର ରଞ୍ଜିତା ବେହେରା (୪୫) ଓ ପୋଇତରା ଗ୍ରାମର ନିରଞ୍ଜନ ପ୍ରଧାନ (୪୦)। ଏନେଇ ରେଣୁବାଳାଙ୍କ ପୁଅ କାହ୍ନୁଚରଣ ବେହେରାଙ୍କ ଅଭିଯୋଗ କ୍ରମେ ନଂ.୧୩୩/୨୪ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଭୁବନେଶ୍ୱର ଅଞ୍ଚଳର ୪ ଜଣ ଯୁବକ ଏକ କାର୍‌ରେ କୋଣାର୍କ ବୁଲି ଯାଉଥିଲେ। ବାୟାକୁଦା ନିକଟରେ ବୃଦ୍ଧା ଜଣଙ୍କ ଫୁଲ ତୋଳୁଥିବାବେଳେ ଉକ୍ତ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। କାର୍‌ଟି ସେଠାରୁ ଖସିଯିବାବେଳେ ପାଖରେ ଥିବା ଅନ୍ୟ ଜଣେ ମହିଳା ଏବଂ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେହି ୨ ଜଣ ମଧ୍ୟ ଗୁରୁତର ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ରଙ୍କ ସହିତ କର୍ମଚାରୀ ପହଞ୍ଚି ୨ ଆହତଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଏଥିସହ ୧୦୮ ଆମ୍ବୁଲାନ୍ସ ବୃଦ୍ଧାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିବାବେଳେ ୨ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବୃଦ୍ଧାଙ୍କ ମୃତ୍ୟୁ ଘୋଷଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଗୋପ ଥାନା ଏସ୍‌ଆଇ ବିନ୍ଧ୍ୟବାସିନୀ ସେଠୀ ସେଠାରେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

# ବିବେକାନନ୍ଦ ଯୁବଶକ୍ତି ସଙ୍ଗଠନ ପକ୍ଷରୁ ଯୁବ ଶିବିର



ପୁରୀ,୧୧।୪(ଅଜିତ୍ ମହାନ୍ତି) ପୁରୀ ବିବେକାନନ୍ଦ ଯୁବଶକ୍ତି ସଙ୍ଗଠନ ତରଫରୁ ଖଡ଼ିପଡ଼ା ଗ୍ରାମରେ ଯୁବ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମନୋଜ କୁମାର ସାମନ୍ତରାୟ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ଯୁବ ସମାଜ ସବୁଧର୍ମକୁ ଭଲ ପାଇବା ସହ ସମସ୍ତଙ୍କ ସେବା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱଜିତ ଦାଶ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ସନାତନ ଧର୍ମର ମହାନତା ଓ ଧର୍ମ ଉପରେ ବିଶ୍ୱାସ ରଖି କିପରି ଜଗତ ପ୍ରତିଷ୍ଠା ହୋଇଛି ସେ ବିଷୟରେ ବୁଝାଇଥିଲେ। ସକାଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ରାସ୍ତାଘାଟ ସଫେଇ କରିଥିଲେ ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିଥିଲେ। ସମସ୍ତଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମଗିରିସ୍ଥିତ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟ, ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସୁରଜମଲ ଶାହା ମହାବିଦ୍ୟାଳୟ ଏବଂ ପୁରୀ ମହିଳା ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶେଷରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା।

## ନିଖିଳ ଉତ୍କଳ ପାଟରା ସମିତିର ପ୍ରଶିକ୍ଷଣ ଶିବିର

ପୁରୀ,୧୧।୪(ଅଜିତ୍ ମହାନ୍ତି): ପୁରୀ ସହରସ୍ଥ ପାଟରା ମଠ ପରିସରରେ ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ଚାଲିଥିବା ଥାନପତି ଓ ବଡ଼ ଥାନପତିମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଚକଳାରୁ ଶତାଧିକ ଥାନପତି ଓ ବଡ଼ ଥାନପତି ଅଂଶଗ୍ରହଣ କରିଥିଲେ। ୭ଟି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରମୁଖ ପ୍ରଶିକ୍ଷକ ଓ ପ୍ରଶିକ୍ଷକ ଭାବେ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଆଲୋକ କୁମାର ସାହୁ, ରବୀନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ମନୋଜ କୁମାର ସାହୁ, ଉପଦେଷ୍ଟା ନାରାୟଣ ପାତ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପାତ୍ର, ଉପସଭାପତି ଫଗୁଭୂଷଣ ଦାସ, କରୁଣାକର ଲେଙ୍କା, ସମ୍ପାଦକ ବଲ୍ଲଭ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ ଶିବିର ସଂଯୋଜନା କରିଥିବାବେଳେ ସମ୍ପାଦକ ଦିବାକର ସାହୁ ଧନ୍ୟବାଦ ଦେଇଥିଲେ। ମଠ ପରିଚାଳନା ସମିତିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ଘରର ଗର୍ବ ହେଉଛି ପରମ୍ପରା, ଭାଇଚାରା, ସଂସ୍କୃତି

**ଗୋପ ଲୋକ ଉତ୍ସବର ୫ମ ସନ୍ଧ୍ୟା**

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ): ମେଳଣ ହେଉଛି ମିଳନର ପର୍ବ। ତା ମଧ୍ୟରେ ଓଡ଼ିଆ ଘରର ପରମ୍ପରା, ଭାଇଚାରା ଓ ସଂସ୍କୃତି ହେଉଛି ଆମର ଜୀବନରେଖାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଗୁରୁବାର ଗୋପ ଲୋକ ଉତ୍ସବର ୫ମ ସନ୍ଧ୍ୟାରେ ଗୁରୁବାର ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ସଂଗ୍ରାମ କେଶରୀ ରାୟ ଯୋଗଦେଇ ଏହା କହିଥିଲେ। ପ୍ରଧାପକ ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ତଥା ଆଇନଜୀବୀ ସୁଧିର ମହାନ୍ତି, ରଣଜିତ୍ ସାହୁ ପ୍ରମୁଖ ଯୋଗଦେଇ ଏହି ଆଧୁନିକତାର ସ୍ପର୍ଶରେ ଗାଁର ପରମ୍ପରା, ସଂସ୍କୃତି ସହିତ ମେଳା ମହୋତ୍ସବ ହଜି ଯାଉଥିବାବେଳେ ଏହାର ପୁନରୁଦ୍ଧାରର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ଫିଲ୍ମ ଜଗତର ହାସ୍ୟ ଅଭିନେତା ମଣି ଭାଇଙ୍କ ଅଭିନୟ ବେଶ ମନମୁଗ୍ଧକର ହୋଇଥିଲା। ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।



ଗୋପ ଲୋକ ଉତ୍ସବର ୫ମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମଦ ଜବତ, ଜଣେ ଗିରଫ

କାକଟପୁର,୧୧।୪(ଶୁଭଦର୍ଶନ ମିଶ୍ର): କୁଣ୍ଢେଇ ହାଟରେ ଚୋରା ମଦ ବିକ୍ରି ଅଭିଯୋଗରେ ପୋଲିସ ପାନ ଦୋକାନୀ ଛୋଟରାୟପୁର ଗ୍ରାମର ସୁଶାନ୍ତ ନାୟକଙ୍କୁ ଗିରଫ କରିଛି । ଏନେଇ ପୋଲିସ ୮୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହାଟରେ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଆଇଆଇସି ବିଜୟ କେତନ ବେହେରା ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ପ୍ରମୋଦ କୁମାର ସେଠୀ, ଏସ୍‌ଆଇ ଅତସୀ ଜେନା ସାମିଲ ଥିଲେ।

# ଇଦ୍ ପର୍ବରେ ଯୋଗଦେଲେ ମନ୍ତ୍ରୀ



ଯୋଗେଶ୍ୱରପୁର,୧୧।୪(ରଶ୍ମିରଞ୍ଜନ ସାହୁ): ନୟାହାଟ ଅଞ୍ଚଳରେ ମୁସଲମାନ ବସ୍ତିରେ ଇଦ୍ ପର୍ବ ମହାସମାରୋହରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ୧୪ ନଂ. ଜିଲା ପରିଷଦ ଜ୍ୟୋତିରଞ୍ଜନ ନାୟକ ଓ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ନୟାହାଟ ଅଞ୍ଚଳର ସିଙ୍ଗି ପାନିଆ ମିର୍ଜାସାହି, ଚଢେଇଖିଆ, ବିଶୁଲିପଡ଼ା, ରଙ୍ଗତୋଟା, ସୁଜାଗଡ଼, ଖିସିସ, କୁସୁମାଠେଙ୍ଗ ବସ୍ତିଗୁଡ଼ିକରେ ମୁସଲମାନ ସମ୍ପ୍ରଦାୟର ଲୋକେ ମାସକଯାକ ଓଷା ରଖିଥିଲେ। ଗୁରୁବାର ସକାଳୁ ଉଠି ଗାଧୋଇ ନୂତନ ବସ୍ତ୍ର ପରିଧାନ କରି ମସ୍‌ଜିଦରେ ନମାଜ ପାଠ କରିବା ସହ ଗରିବ ଲୋକଙ୍କୁ ବସ୍ତ୍ର ଅର୍ଥ ଦାନ କରିଥିଲେ। ଏହି ପର୍ବରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଶେଷରେ କେତେକ ବସ୍ତିରେ ଡୋଲି ସହିତ ଫରି ଖେଳ ଖେଳିଥିବା ଦେଖିବାକୁ ମିଳିଥିଲା।

# ସିପିଆଇର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ନିମାପଡ଼ା,୧୧।୪(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ନିକଟସ୍ଥ ଚାରିଛକଠାରେ ଥିବା ଜ୍ୟୋତି ହୋଟେଲ ମିଟିଂ ହଲ୍‌ରେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୁରୀ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନାତନ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟ ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ପ୍ରଦୀପ୍ତ ମହାନ୍ତି, ପୁରୀ ଜିଲା କୃଷକ ସଭା ସଭାପତି ମନୋରଞ୍ଜନ ପରିଡ଼ା, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ପୂର୍ବତନ ପୁରୀ ଜିଲା ସମ୍ପାଦକ ଗାଲେଖ ଚନ୍ଦ୍ର ନାୟକ, ପୁରୀ ଜିଲା ଜୋନ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦଜ ହରିହର ସେନାପତି, ପୁରୀ ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ନିମାପଡ଼ା ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ବାମନ ଚରଣ ନୟାଜ, କାକଟପୁର ଜୋନ ସମ୍ପାଦକ ସୁରେଶ ବିଶ୍ୱାଳ, ନିମାପଡ଼ା ଜୋନ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଗୋପ ଜୋନ୍ ସମ୍ପାଦକ ପ୍ରସନ୍ନ ଦାଶ, ବ୍ରହ୍ମଗିରି ଜୋନ୍ ସମ୍ପାଦକ ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ଦୁର୍ନୀତିରେ ବୁଡ଼ି ରହିଥିବା ଉଭୟ କେନ୍ଦ୍ରରେ ଭାଜପା ଏବଂ ରାଜ୍ୟରେ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ନିର୍ବାଚନରେ ଉଭୟ ଭାଜପା ଏବଂ ବିଜେଡି ଉଚିତ୍ ଶିକ୍ଷା ଦେବାକୁ ବୈଠକରେ ମତପ୍ରକାଶ ପାଇଛି। ୨୦୨୪ ନିର୍ବାଚନରେ ନିମାପଡ଼ା କାକଟପୁର, ବ୍ରହ୍ମଗିରି ଏବଂ ପୁରୀ ଆଦି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ଦିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।



ପୁରୀ ଜିଲାସ୍ତରୀୟ ସିପିଆଇ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# କାର୍ଯ୍ୟାନୁଷ୍ଠାନ ଦାବିରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ଭାଜପା

ପୁରୀ,୧୧।୪(ଅଜିତ୍ ମହାନ୍ତି) ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୦୮ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀ ବ୍ରହ୍ମଗିରିରେ ବିଜୁ ଜନତା ଦଳର ପ୍ରାର୍ଥୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ଭାରତୀୟ ଜନତା ପାର୍ଟି ଗୁରୁବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ଆଚରଣ ବିଧି ଉଲ୍ଲଂଘନ କରିଥିବା ଭାଜପା ବୁଧବାର ଅଭିଯୋଗ ଆଣିଛି। ଚଳିତ ନିର୍ବାଚନରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଉମାକାନ୍ତଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷରେ ଭାଜପାରୁ ଉପାସନା ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ତେବେ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଉମାକାନ୍ତ ଭୋଟରମାନଙ୍କୁ ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ପୁରୀର ଅଠରନଳାରେ ଥିବା ଏକ କଲ୍ୟାଣ ମଣ୍ଡପରେ ଉମାକାନ୍ତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକର ୧୧ଟି ପଞ୍ଚାୟତର ସିଆର୍‌ପି, ଏମ୍‌ବିକେଙ୍କୁ ଡକାଇ ଏକ ବୈଠକ ଆୟୋଜନ କରିଛନ୍ତି। ସେଥିରେ ଆଗାମୀ ନିର୍ବାଚନରେ କିଭଳି ଭୋଟରଙ୍କୁ ପ୍ରଭାବିତ କରିହେବ ଏବଂ ଟଙ୍କା ବାଣ୍ଟି ହେବ ସେନେଇ ଆଲୋଚନା ହୋଇଥିଲା। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ଭାଜପା ଅଭିଯୋଗ ଆଣିଛି। ଭାଜପା ଜିଲା ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସଙ୍କ କହିବା ଅନୁଯାୟୀ, ଉମାକାନ୍ତଙ୍କ ସ୍ତ୍ରୀ ଏବଂ ଜିଲା ସଭାପତି ଦିବାକର ପାତ୍ର ବୈଠକରେ ସିଆର୍‌ପି, ଏମ୍‌ବିକେ ମାଧ୍ୟମରେ ଟଙ୍କା କିପରି ବଣ୍ଟାହେବ ସେନେଇ ଆଲୋଚନା ହେଉଥିବା ଖବର ପାଇ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ତାଙ୍କୁ ଦେଖି ସେଠାରେ ଥିବା ମହିଳା ଓ ବିଜେଡି ନେତା ଛତ୍ରଭଙ୍ଗ ଦେଇଥିଲେ। ଏନେଇ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସକୁ ଖବର ଦିଆଯାଇଥିଲା। ମାତ୍ର ପୋଲିସ ଜାଣିଶୁଣି ବିଳମ୍ବରେ ପହଞ୍ଚିଥିଲା। ପୋଲିସ ଓ ପ୍ରଶାସନ ବିଜେଡିକୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଜୟନ୍ତ କହିଛନ୍ତି। ଘଟଣାର ୨୪ ଘଣ୍ଟା ପରେ ବି ପୋଲିସ ଓ ସ୍କ୍ୱାଡ୍ ସବୁ ଜାଣି ମଧ୍ୟ ତାଙ୍କୁ ପଚରାଉଚରା କରୁନାହିଁ କି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ଆଗାମୀ ଦିନରେ ଭାଜପା ବ୍ୟାପକ ପ୍ରତିବାଦ କରିବ। ଏ ନେଇ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପିଡି ଡିଆର୍‌ଡିଏଙ୍କୁ ଭାଜପା ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଲେଇ, ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ନେତା କାଳିପ୍ରସାଦ ଷଡ଼ଙ୍ଗୀ, ମଣ୍ଡଳ ସଭାପତି ରତିକୃଷ୍ଣ ମିଶ୍ର, ଜୟନ୍ତ ପ୍ରଧାନ, ମେଘନାଦ ପ୍ରଧାନ, ବାହୁଡା ପ୍ରଧାନ, ରାଜକିଶୋର ମହାପାତ୍ର, ଟୁନା ବାରିକ, ପ୍ରିୟବ୍ରତ ପ୍ରଧାନ, ଟୁଲୁ ପ୍ରଧାନ, ବିଦ୍ୟୁତ୍‌ପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଭାଜପାର ଏଭଳି ଅଭିଯୋଗକୁ ବିଜେଡି ଜିଲା ସଭାପତି ଦିବାକର ପାତ୍ର ଖଣ୍ଡନ କରିବା ସହ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ବିରୋଧୀ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକୁ ସହି ନ ପାରି ଏପରି ଅଭିଯୋଗ କରୁଛନ୍ତି। ଉକ୍ତ କଲ୍ୟାଣ ମଣ୍ଡପରେ ଏକ ଭୋଜି ଥିଲା, ତେଣୁ ସେ ସେଠାକୁ ଯାଇଥିଲେ ବୋଲି ଦିବାକର କହିଛନ୍ତି।


ବିଜେଡି ବିରୋଧରେ ଫେରାଦ ହେବାକୁ ଆସିଥିବା ଭାଜପା ନେତୃବୃନ୍ଦ ।

## ସଂକ୍ଷେପରେ

### ବିପୁଳ ପୋଚ ନଷ୍ଟ, ଦେଶୀମଦ ଜବତ



**ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଗୁରୁବାର ବରପଦା ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଖବରପାଇ ମାଫିଆ ଓ ପ୍ରସ୍ତୁତକାରୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଘଟଣାସ୍ଥଳରୁ ୨୮୦ ଲିଟର ଦେଶୀମଦ, ୫୨୦୦ ଲିଟର ପୋଚ ଏବଂ ହଣ୍ଡା, କଡ଼େଇ ଓ ଡ୍ରମ ଜବତ ହୋଇଛି। ଏ ନେଇ ବେଗୁନିଆ ଅବକାରୀ ଥାନାରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଡାଲତୋଳା, ଶଗଡଭଙ୍ଗା, ସିକୋ, ଏକଡାଲିଆ, ସିଉଳା, କୋଟସିଙ୍ଗା ଆଦି ଅଞ୍ଚଳରେ ମାଫିଆମାନେ ଖୁଲମଖୁଲା ନିଶାଦ୍ରବ୍ୟ କାରବାର ବଢ଼ାଇ ଚାଲିଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହେଉଥିଲେ ମଧ୍ୟ ଏହି କାରବାର ଥମୁନାହିଁ। ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ସଦର ରେଞ୍ଜ ଥାନା ଅଧିକାରୀ ସନ୍ତୋଷ କୁମାର ସାହୁ, ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ବାଲାଜୀ ମହାବୀରଙ୍କ ପ୍ରଥମ ବାର୍ଷିକୋତ୍ସବ

**ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ବ୍ଲକ ଅଧୀନ ଗୌଡ଼ପୁଟ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିଷ୍ଠା ହୋଇଥିବା ସଙ୍କଟମୋଚନ ବାଲାଜୀ ମହାବୀରଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଶୁଭ ଅଙ୍କୁରାରୋପଣ ହୋଇଥିବା ବେଳେ ଗୁରୁବାର ଗ୍ରାମର ଶତାଧିକ ମାନସିକଧାରୀ ବାଘମାରି ବଡ଼ ଜୋରନଈଠାରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରାରେ ଆସି ବାଲାଜୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଯଜ୍ଞସ୍ଥଳରେ ପୂର୍ଣ୍ଣକୁମ୍ଭ ସ୍ଥାପନା କରାଯାଇଥିଲା। ପରେ ଯଜ୍ଞଶାଳରେ ସୁନ୍ଦରାକାଣ୍ଡ ଓ ଅନ୍ୟାନ୍ୟ ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଗ୍ରାମବାସୀଙ୍କ ସହିତ ସଭାପତି ପ୍ରଫୁଲ୍ଲ ପାଇକରାୟ, ଉପସଭାପତି ଅର୍ଜୁନ ପ୍ରଧାନ, ଅନିରୁଦ୍ଧ ବରାଳ, ସଞ୍ଜୟ ବରାଳ, ଧନେଶ୍ୱର ସାହୁ, ବଳରାମ ପାଇକରାୟ, ଭରତ ଚନ୍ଦ୍ର ସାମନ୍ତସିଂହାର, ବିଜୟ ବରାଳ, ବିଷ୍ଣୁ ରଞ୍ଜନ ବରାଳ ପ୍ରମୁଖ ନିବେଦନ କରିଛନ୍ତି।

### ରେଳ ସିଗ୍ନାଲ ଭାଙ୍ଗୁଥିବା ବେଳେ ବିରୋଧ କରିବାରୁ ପୋଲିସକୁ ଆକ୍ରମଣ

**ବାରଙ୍ଗ,୧୧।୪(ଲିଙ୍ଗରାଜ ରାଉତ):** ରେଳଧାରଣା କଡ଼ ସିଗ୍ନାଲ ସିଷ୍ଟମ ସେନ୍ସରକୁ ପଥର ମାରି ନଷ୍ଟ କରୁଥିବା ବେଳେ ବିରୋଧ କରିବାରୁ ରେଳ ସୁରକ୍ଷାବଳ କନଷ୍ଟେବଳଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ ବାରଙ୍ଗ ଅଧୀନ ବେଲଗଛିଆ ଗ୍ରାମର ପଙ୍କଜ ପାଣି(୧୯)। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ଏନେଇ ପୋଲିସ ୧୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜଙ୍ଗଲ ନିଆଁରେ ଉଜୁଡ଼ିଯାଉଛି ମୂଲ୍ୟବାନ୍ ଗଛ

**ବେଗୁନିଆ,୧୧।୪(ହରପ୍ରସନ୍ନ ପଣ୍ଡା)**

ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଅସହ୍ୟ ହେଉଥିବାବେଳେ ଜଙ୍ଗଲରେ ନିଆଁ ଲାଗିଯିବାରୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଚଳିତବର୍ଷ ଫଗୁଣ ଆରମ୍ଭରୁ ଦୈନିକ ଏବେ ଗ୍ରାମ୍ୟ ଜଙ୍ଗଲ ହେଉ ଅବା ଘରୋଇ କାଜୁ ବଗିଚାରେ ନିଆଁ ଲାଗିଯିବାରୁ ଏକର ଏକର କାଜୁ ଫସଲ ପୋଡ଼ି ଛାରଖାର ହୋଇଯାଇଛି। ନିଆଁ ପ୍ରବାହରେ ବହୁ ମୂଲ୍ୟବାନ୍ ବଡ଼ ବଡ଼ ଗଛ ପୋଡ଼ି ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳିଛି। କେତେଜଣ ଅସାମାଜିକ ବ୍ୟକ୍ତି ଜାଣିଶୁଣି ଏହି ଅଗ୍ନି ସଂଯୋଗ କରୁଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ସଚେତନତା ସୃଷ୍ଟି କରାଯାଉନାହିଁ ବୋଲି ପରିବେଶବିତ୍‌ଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ଅଗ୍ନିକାଣ୍ଡ ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଅଞ୍ଚଳ ବାସିନ୍ଦା ଅତିଷ୍ଠ ହୋଇପଡୁଛନ୍ତି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା କେତେକ ସରକାରୀ, ବେସରକାରୀ ଜଙ୍ଗଲ ଓ କାଜୁ ବଗିଚାରେ ନିଆଁ ଲାଗିବା ଏବେ ଦୈନିକ ଘଟଣାରେ ପରିଣତ ହୋଇଛି। ଗତ ୧ ସପ୍ତାହ ମଧ୍ୟରେ ପଙ୍ଗାରସିଂହ, ଚିରାମାରୁ, ଡାଲତୋଳା, କଣ୍ଟାବାଡ଼ ଆଦି ସଂରକ୍ଷିତ କାଜୁ ବଗିଚାରେ ନିଆଁ ଲାଗିଯିବାରୁ ପ୍ରାୟ ୨ ଶହ ଏକର ପରିମିତ ଜମିରେ ଥିବା ଗଛଗୁଡ଼ିକ ନଷ୍ଟ ହୋଇଯାଇଛି। ଏଥିଯୋଗୁ କାଜୁ ଚାଷୀଙ୍କ ଆମଦାନୀରେ ପ୍ରଭାବ ପଡ଼ିଛି। ସେହିପରି ବନ ବିଭାଗ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯିବାରୁ ଶାଳ, ପିଆଶାଳ, ଶାଗୁଆନ, ଶିଶୁ, କରଞ୍ଜ ଆଦି ବହୁ ମୂଲ୍ୟବାନ୍ ଗଛ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବିଭାଗ ପାଇଁ ମଧ୍ୟ କଷ୍ଟକର ହୋଇପଡୁଛି। ସଚେତନତା ଅଭାବରୁ ପୋଡୁଚାଷ ଲାଗି ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। କେତେକ ଅସାମାଜିକ ବ୍ୟକ୍ତି ଜଙ୍ଗଲରୁ ପ୍ରାଣୀ ଶିକାର ସହ ଗଛ ପୋଡ଼ିଦେଇ ଅଙ୍ଗାର ଅମଳ କରି ଚଢ଼ା ଦରରେ ବିକ୍ରି କରୁଥିବା ଜଣାପଡ଼ିଛି।



#### ଚିନ୍ତାରେ ଅଞ୍ଚଳବାସୀ

ଏ ସମ୍ପର୍କରେ ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ କୁହନ୍ତି, ଗ୍ରୀଷ୍ମଋତୁରେ ଜଙ୍ଗଲ ପରିସରରେ କେତେକ ଅସାମାଜିକ ବ୍ୟକ୍ତି ଜାଣିଶୁଣି ନିଆଁ ଲଗାଇ ଦେଉଛନ୍ତି। ଏଥିଯୋଗୁ କାଜୁଫସଲ କ୍ଷତି ହେବା ସହ ପରିବେଶ ପ୍ରଦୂଷଣ ହେଉଛି। ସଚେତନତା ଅଭାବରୁ ଏଭଳି କାଣ୍ଡ ଘଟୁଛି ବୋଲି ଆଶଙ୍କା କରାଯାଉଛି। ସେହିପରି ବିଭିନ୍ନ ସ୍ଥାନରେ ଗଛ ଲଗାଇ ତା'ର ଯତ୍ନ ନେଉଥିବା ଯୁବ ଏଜୁକେଟର ଦେବାଶିଷ ସାହୁ କୁହନ୍ତି, ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସଚେତନ କରାଯାଉନାହିଁ। ଅର୍ଗାନାଇଜେଶନ ଫର୍ ଲାଇଫ୍ ଆଣ୍ଡ ନେଚର ପକ୍ଷରୁ ମଧ୍ୟ ବ୍ୟାପକ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉନାହିଁ। ଯେତିକି ଜଙ୍ଗଲ ଅଛି ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଆବଶ୍ୟକ କର୍ମଚାରୀ ନିଯୁକ୍ତ ହେବା ଦରକାର। ପ୍ରତିବର୍ଷ ଜଙ୍ଗଲ ଓ ବଗିଚା ପରିସରରୁ ଘାସ ଏବଂ ଅନାବନା ଲତା ସଫେଇ କରାଯିବା ନିହାତି ଜରୁରୀ।



**ବୋଲଗଡ଼:** ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ଅମୃତ ଉତ୍ସବରେ ଗୁରୁବାର ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

# ଆକର୍ଷଣ ସାଜିଲା ପାଇକ ଆଖଡ଼ା

**ବୋଲଗଡ଼,୧୧।୪(ଦେବବ୍ରତ ହୋତା)**

#### ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଅମୃତ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କୁହୁଡ଼ି କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶିତ ଦର୍ଶକଙ୍କ ମନ ଜିଣିଥିଲା। ସେହିପରି ଜଟଣୀର ନୃତ୍ୟଶ୍ରୀ କଲ୍‌ଚରାଲ ଏକାଡେମୀ ଏବଂ ବିଶ୍ୱ ଡ୍ୟାନ୍ସ ଏକାଡେମୀ ସହିତ ସ୍ଥାନୀୟ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ, ସୃଷ୍ଟି ଡ୍ୟାନ୍ସ ଏକାଡେମୀ ଓ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଏକକ ଏବଂ ଦଳଗତ ନୃତ୍ୟ, ଅଭିନୟ ଉଚ୍ଚକୋଟୀର ଥିଲା। ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ଦୋଳଯାତ୍ରା କମିଟି ସଭାପତି ରବୀନ୍ଦ୍ର କୁମାର ପରିଡାଙ୍କ ସଭାପତିତ୍ୱରେ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଅନାଦି ସାହୁ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଓ ପ୍ରକାଶ ରଣବିଜୁଳି ଏବଂ ସଂସ୍କୃତି ଗବେଷକ ଚନ୍ଦ୍ର ବିଜୟୀ ମିଶ୍ର ବକ୍ତାଭାବେ ଯୋଗଦେଇଥିଲେ। ସଭାପତି ପରିଡ଼ା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଅଞ୍ଚଳର ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କୁନି କୁନି କଳାକାରମାନେ ସମ୍ବଲପୁର ନୃତ୍ୟ ପରିବେଷଣ କରିଥିଲେ। ଅଖିଳେଶ ମହାପାତ୍ର ଓ ଅଭିନାଶ ସୁବୁଦ୍ଧି ସଂଯୋଜନା କରିଥିଲେ। ଶେଷରେ କମିଟି ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବଜାରରେ ନକଲି ପାଣି ପାଉଚ
#### ଚଢ଼ାଉ ପାଇଁ ଦାବି

**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଟାଙ୍ଗୀ, ଚାନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଦୋକାନଗୁଡ଼ିକରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ନକଲି ପାଣି ପାଉଚ୍ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅସାଧୁ ବ୍ୟବସାୟୀଙ୍କ ନକଲି ପାଣି ପାଉଚ୍ ଚିନ୍ତାର କାରଣ ପାଲଟିଛି। ଏହି ପାଣି ପିଇ ସାଧାରଣ ଲୋକେ ବିଭିନ୍ନ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପାଣି ପାଉଚ୍‌ରେ ଲିଖିତ ଭାବେ ପ୍ରସ୍ତୁତି ତାରିଖ ଓ ବ୍ୟବହାର ଅବଧିର ସମୟସୀମା ରହିବା ଉଚିତ। କିନ୍ତୁ ବଜାରରେ ମିଳୁଥିବା ନକଲି ପାଣି ପାଉଚ୍‌ରେ କୌଣସି ତଥ୍ୟ ରହୁ ନ ଥିବା ଦେଖିବାକୁ ମିଳୁଛି। ଟାଙ୍ଗୀ, ବାଲୁଗାଁ, ଖୋର୍ଦ୍ଧା ଅଞ୍ଚଳରେ ବିଭିନ୍ନ ବ୍ରାଣ୍ଡର ପାଣି ପାଉଚ ପ୍ରସ୍ତୁତକରି ବ୍ୟବସାୟୀ ମାଲାମାଲ ହେଉଥିବାବେଳେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ବ୍ୟଥିତ କରୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର



**ଜଟଣୀ,୧୧।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହର ଏବଂ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍ ତଥା ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ମୁସଲିମ ଧର୍ମାବଲମ୍ବୀମାନେ ସକାଳେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରିବା ପରେ ମସଜିଦ ଯାଇ ନମାଜ ପାଠ କରିଥିଲେ। ଏହି ଅବସରରେ ଜଟଣୀ ସହରର ୬ଟି ମସଜିଦ ସହିତ ଇଦ୍‌ଗାହରେ ନମାଜ ପାଠ କରାଯାଇଥିଲା। ବାଛରା ପାଟଣାସ୍ଥିତ ମସଜିଦ-ଏ-ନୁରରେ ସକାଳ ୯ଟାରେ ନମାଜ ପାଠ କରାଯାଇଥିଲା। ସେହିପରି ଇଦ୍‌ଗାହ ପଡିଆରେ ସାମୁହିକ ନମାଜ ପାଠ କରାଯାଇଥିଲା। ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଏହି ପର୍ବ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

**ବେଗୁନିଆ,୧୧।୪**
**(ସନ୍ଧ୍ୟାରାଣୀ ମିଶ୍ର/ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ରାଉତପଡ଼ା, କୁଶପଲ୍ଲା, ପଙ୍ଗାରସିଂହ, ସର୍ଦ୍ଧାପୁର, ସିକୋ ଗ୍ରାମରେ ବସବାସ କରୁଥିବା ମୁସଲିମ ଧର୍ମାବଲମ୍ବୀମାନେ ମସଜିଦକୁ ସାଜସଜ୍ଜା କରିବା ସହ ସକାଳେ ଗ୍ରାମରେ ଥିବା ଇଦ୍‌ଗା ପଡିଆରେ ଏକତ୍ରିତ ହୋଇ ପରସ୍ପରକୁ ଖଜୁର୍ ଖୁଆଇ ଆଲିଙ୍ଗନ କରି ଇଦ୍ ପର୍ବର ଅଭିନନ୍ଦନ ଜଣାଇବା ସହ ନମାଜ ପଢ଼ିଥିଲେ। ପରେ ସମ୍ପର୍କୀୟଙ୍କ ଘରକୁ ଯାଇ ଇଦ ପର୍ବର ଅଭିନନ୍ଦନ ଜଣାଇବା ସହ ଲଚ୍ଛା ଓ ବିରିୟାନୀ ଖାଇ ଇଦ୍ ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ। ଇଦ୍-ଉଲ୍-ଫିତର ଅବସରରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ପ୍ରମୁଖ ମୁସଲିମ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ନିରାକାରପୁର,୧୧।୪**
**(ମାନସ ଚନ୍ଦ୍ର ପଟ୍ଟନାୟକ)**
ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍। ଗୁରୁବାର ରାମେଶ୍ୱର, ଖଜୁରୀପଡା, ଗୟାବନ୍ଧ, ମେହେରାବପୁର, ରାଉତପଡ଼ାଠାରେ ଥିବା ମୁସଲିମ ସାହିରେ ଧୁମଧାମରେ ଏହି ପର୍ବ ପାଳିତ ହୋଇଯାଇଛି। ମୁସଲିମ ସମ୍ପ୍ରଦାୟର ଭାଇ ଓ ଭଉଣୀମାନେ ସକାଳେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ମୁସଲିମ ଭାଇମାନେ ସ୍ଥାନୀୟ ଇଦଗା ପଡିଆଠାରେ ଏକତ୍ରିତ ହୋଇ ସାମୁହିକଭାବେ ନମାଜ ପଢ଼ିଥିଲେ। ଅନୁରୂପଭାବେ ଭଉଣୀମାନେ ଗୃହରେ ନମାଜ ପଢିଥିଲେ। ପରେ ପରସ୍ପରଙ୍କୁ ଆଲିଙ୍ଗନ ମାଧ୍ୟମରେ ଇଦ୍ ମୁବାରକ ଜଣାଇଥିଲେ। ଏହି ଅବସରରେ ଗରିବ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ନୂତନ ବସ୍ତ୍ର, ମିଠା ଓ ଫଳମୂଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସମସ୍ତେ ପୁନଃର୍ବାର ମସଜିଦ ସନ୍ନିକଟରେ ଏକତ୍ରିତ ହୋଇ ନମାଜପାଠ କରିଥିଲେ। ଏହି ଅବସରରେ ମସଜିଦକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମେହେରାବପୁରର ମୌଲାନା ଏବାଦୁଲା ଖାଁ, ମହମ୍ମଦ ହାରୁନ ଖାଁ ଓ ଅନୁରୂପଭାବେ ଖଜୁରୀପଡାଠାରେ ମୌଲାନା ଅମାନୁଲ ହକ, ଗ୍ରାମ୍ୟ କମିଟି ସଭାପତି ହାଜି କମାଲୁଦ୍ଦିନ ସାହା, ଆନସାରୀ ସାହା, ଜାଫର ସାହା, ସାକୁଦ୍ଦିନ ଖାଁ, ସାହା ମୁଜାକିର ହବିବୁଲ୍ଲା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଓ ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନପ୍ରଭା କରଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଗଣଗୌର ମେଳା

**ଜଟଣୀ,୧୧।୪(ରବୀନ୍ଦ୍ରନାଥ ମହାକୁଡ଼)**

ସ୍ଥାନୀୟ ଗୋପୀନାଥଜୀଉ ମନ୍ଦିର ପରିସରରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଜଟଣୀ ଶାଖା ପକ୍ଷରୁ ଗୁରୁବାର ଗଣଗୌର ମେଳା ଅନୁଷ୍ଠିତ ହୋଇଯାଇଛି। ମାରୱାଡି ମହିଳା, ଯୁବତୀମାନେ ନିଜ ସୁସଜ୍ଜିତ ଗଣଗୌର ମୂର୍ତ୍ତିକୁ ସାଙ୍ଗମାନଙ୍କ ସହିତ ପାରମ୍ପରିକ ଗଣଗୌର ଗୀତ ଗାଇ ମେଳରେ ସାମିଲ ହୋଇଥିଲେ। ଚଳିତ ବର୍ଷ ବହୁ ଛୋଟ ଏବଂ ବଡ଼ ଗଣଗୌର ମେଳାରେ ସାମିଲ ହୋଇଥିଲେ। ସୁନ୍ଦର ଏବଂ ଆକର୍ଷଣୀୟ ମୂର୍ତ୍ତିଙ୍କୁ ପୁରସ୍କୃତ କରାଯଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅବସରରେ ମାରୱାଡି ମହିଳାଙ୍କ ଦ୍ୱାରା ରାଜସ୍ଥାନୀ ନୃତ୍ୟ, ମ୍ୟୁଜିକ ଚେୟାର, ଶୃଙ୍ଗାର, ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା ହୋଇଥିଲା। ଶାଖା ସଭାନେତ୍ରୀ ସୁଧା ହଲାନ, ସମ୍ପାଦିକା ମମତା ଶର୍ମା, କୋଷାଧ୍ୟକ୍ଷ ବନ୍ଦନା ସଂଥଲିଆଙ୍କ ସମେତ ବହୁ ମହିଳା ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ଅଂଶଗ୍ରହଣ କରିଥିବା ବଡ଼ ଗଣଗୌର ପାଇଁ ପ୍ରଥମ ପୁରସ୍କାର ମନୀଷା ଅଗ୍ରୱାଲ, ଦ୍ୱିତୀୟ ପୁରସ୍କାର କରୁଣା ଶର୍ମାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଛୋଟ ଗଣଗୌର ନିମନ୍ତେ ପ୍ରଥମ ପୁରସ୍କାର ଆଲିଶା ସୋନି, ଦ୍ୱିତୀୟ ପୁରସ୍କାର ମନୀଷା ଅଗ୍ରୱାଲ, ତୃତୀୟ ପୁରସ୍କାର କୃତିକା ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି।



# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶମ୍ଭୁନାଥ ନାୟକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସାମାଜିକ କର୍ମୀ ଶ୍ରୀବତ୍ସ ପରିଡ଼ା, ପରିଚାଳନା କମିଟି ସଭାପତି ଲିପିନା ଶ୍ରୀଚନ୍ଦନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ ସ୍ୱାଇଁ, ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସମରେଶ ବେହେରା, ଶିକ୍ଷୟିତ୍ରୀ ସସ୍ମିତା ଦଳବେହେରା ଓ ଶୈଳବାଳା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶାନ୍ତିଶୃଙ୍ଖଳା, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

#### ଏସ୍‌ପିଙ୍କ ବାଲୁଗାଁ ଥାନା ପରିଦର୍ଶନ

**ବାଲୁଗାଁ,୧୧।୪(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧାର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅବିନାଶ କୁମାର ଗୁରୁବାର ଅପରାହ୍ନରେ ହଠାତ୍ ବାଲୁଗାଁ ଥାନା ପରିଦର୍ଶନରେ ଆସି ସମସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏସ୍‌ପିଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଥମେ ଏସ୍‌ପି ଥାନାର ପାରିପାର୍ଶିକ ଅବସ୍ଥିତିକୁ ଅନୁଧ୍ୟାନ କରିବା ପରେ ଆସନ୍ତା ନିର୍ବାଚନରେ ଶାନ୍ତି ଶୃଙ୍ଖଳା ଏବଂ ନିରପେକ୍ଷତାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଉତ୍ତେଜନାପ୍ରବଣ ବୁଥ ଅଞ୍ଚଳରେ କଡା ନଜର, ଟଙ୍କା ଓ ଅସ୍ତ୍ରଶସ୍ତ୍ର ଚାଲାଣ, ବେଆଇନ ମଦ କାରବାର ଏବଂ ଅସାମାଜିକ ଓ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଲୁଗାଁ ସହର ଏବଂ ନାଭାଲ ଫାଣ୍ଡି ଅଞ୍ଚଳ ପରିଦର୍ଶନ କରିଥିଲେ।



# 'ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରସ୍ଫୁଟିତ କରୁଛି ପ୍ରେରଣା'

**ବୋଲଗଡ଼,୧୧।୪(ଦେବବ୍ରତ ହୋତା)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟସ୍ତରୀୟ ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିପାଇଁ ମଙ୍ଗଳବାର ଶିକ୍ଷକ ବିଭୁ ପ୍ରସାଦ ମହାପାତ୍ର ଏବଂ ବିଚିତ୍ର ଘଡ଼େଇ ଯଥାକ୍ରମେ ୯ମ ଓ ୧୦ମ ବିଦ୍ୟାର୍ଥୀଙ୍କ ନାମ ପ୍ରେରଣା ପୋର୍ଟାଲରେ ପଞ୍ଜୀକୃତ କରିଥିଲେ। ନାମ ପଞ୍ଜୀକରଣ ପୂର୍ବରୁ ପ୍ୟାନେଲ ବୋର୍ଡରେ ଉଭୟ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଉତ୍ସବ ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସ୍ୱାଇଁ ଉକ୍ତ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଶୈବାଳକା ମଲ୍ଲିକ ଏବଂ ସୌଦାମିନୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା, ରଚନା, ପ୍ରବନ୍ଧ, ଗଳ୍ପ ଲିଖନ, ଚିତ୍ରାଙ୍କନ ଓ କଣ୍ଠସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ସମୁଦାୟ ୫୨ ଜଣ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କବିତା ରଚନାରେ ଓମ୍‌ପ୍ରକାଶ ନାୟକ, ପ୍ରବନ୍ଧ ଓ ଗଳ୍ପଲିଖନରେ ଭବସ୍ମିତା ମଙ୍ଗରାଜ, ଚିତ୍ରାଙ୍କନରେ ଅନନ୍ୟା ଅପରୂପା ଦାସ ଏବଂ କଣ୍ଠସଙ୍ଗୀତରେ ଶୁଭଲକ୍ଷ୍ମୀ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ଲକସ୍ତରୀୟ ପ୍ରେରଣା ଉତ୍ସବ ପ୍ରତିଯୋଗିତା ପାଇଁ ଛାତ୍ର ଓମ୍‌ପ୍ରକାଶ ଏବଂ ଛାତ୍ରୀ ଭବସ୍ମିତା ମଙ୍ଗରାଜଙ୍କୁ ଚୟନ କରାଯାଇଥିଲା।



# ସୁଧ କାରବାରକୁ ନେଇ ପୁଣି ପଦ୍ମକେଶରୀପୁର ଅଶାନ୍ତ

■ବୋତଲ ଓ ବୋମାମାଡ଼
■ଗାଁରେ ୧ ପ୍ଲାଟୁନ ଫୋର୍ସ ମୁତୟନ

## ଘରେ ପଶି ଶ୍ୱଶୁର, ବୋହୂଙ୍କୁ ହାଣିଲେ

ଭୁବନେଶ୍ୱର,୧୧।୪(ସତ୍ୟଜିତ୍ ରାଉତ)


ଗଣ୍ଡଗୋଳ ପରେ ପଦ୍ମକେଶରୀପୁରରେ ପୋଲିସ ମୁତୟନ।


ବୋମା ଓ ବୋତଲମାଡ଼ ପରର ଦୃଶ୍ୟ।




ଆହତ ନିରୂପମା ଓ ସନାତନ ଦାସ

ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁର ଗାଁ ପୁଣି ଅଶାନ୍ତ ହୋଇଛି। ସୁଧ କାରବାରକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରକୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ତଳ ସାହି ୫ ନଂ. ୱାର୍ଡର ବାସିନ୍ଦା ଶ୍ୱଶୁର ସନାତନ ଦାସ ଓ ବୋହୂ ନିରୁପମା ଦାସ ଗୁରୁତର ହୋଇଛନ୍ତି। ଅଭିଯୁକ୍ତମାନେ ବୁଧବାର ବିଳମ୍ବିତ ରାତିରେ ସୁଧ ଟଙ୍କା ମାଗିବାକୁ ଯାଇ ଏହି କାଣ୍ଡ ଘଟାଇଛନ୍ତି। ତଳ ସାହି ୭ ନମ୍ବର ୱାର୍ଡରେ ରହୁଥିବା ଗୋଟିଏ ପରିବାରର ମିଟୁ ଦାସ, ବାବୁଲି ଦାସ, ସୁବ୍ରତ ଦାସ, ତାପସ ଦାସ ପ୍ରମୁଖ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ଏତଲାକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା (ନଂ.୧୮୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ପ୍ରୟାସ ଜାରି ରହିଥିବା ଜୋନ୍ ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଆକ୍ରମଣ କରିଥିବା ପରିବାରଠାରୁ ସନାତନଙ୍କ ପରିବାର ୮ବର୍ଷ ତଳେ ୨୦ ହଜାର ଟଙ୍କା ନେଇଥିଲେ। ଏହା ବାବଦକୁ ସନାତନଙ୍କ ପରିବାର ଏଯାଏ ୨ ଲକ୍ଷ ଟଙ୍କା ସୁଧ ଦେଇଛନ୍ତି। ଗାଁରେ ସୁଧ କାରବାର ଓ ଅନ୍ୟ କାରଣରୁ ପୂର୍ବରୁ ଏକାଧିକ ଥର ଗଣ୍ଡଗୋଳ ହେବାରୁ ଶାନ୍ତି କମିଟି ବସିଥିଲା। ମୂଳ ଟଙ୍କାଠାରୁ ଯେଉଁମାନେ ଦୁଇ ଗୁଣା ଓ ତିନି ଗୁଣା ସୁଧ ଦେଇସାରିଲେଣି, ସେମାନେ ଆଉ ଟଙ୍କା ଦେବେ ନାହିଁ ବୋଲି ଶାନ୍ତି କମିଟି ପକ୍ଷରୁ କୁହାଯାଇଥିଲା। ଯେଉଁମାନଙ୍କର ଏଥିରେ ଅସୁବିଧା ଥାଏ, ଆଲୋଚନା ମାଧ୍ୟମରେ ଆଗକୁ ଏହାର ସମାଧାନ କରାଯିବ ବୋଲି ପରାମର୍ଶ ଦିଆଯାଇଥିଲା। ହେଲେ ଅଭିଯୁକ୍ତମାନେ ପୁଣି ଜୋର୍ ଜବରଦସ୍ତ ସୁଧ ମାଗିବା ଆରମ୍ଭ କରିଥିଲେ। ଏପରିକି ୧୦୦ ଟଙ୍କାରେ ସେମାନେ ବଳପୂର୍ବକ ୨୦ ଟଙ୍କା ସୁଧ ନେଉଥିବା ଅଭିଯୋଗ ହୋଇଛି। ବୁଧବାର ରାତିରେ ଅଭିଯୁକ୍ତମାନେ ସନାତନଙ୍କ ଘରକୁ ସୁଧ ଟଙ୍କା ମାଗିବାକୁ ଯାଇଥିଲେ। ଶାନ୍ତି କମିଟି ବସିବା ପରେ ସୁଧ ଟଙ୍କା ଦିଆଯିବ ବୋଲି ସନାତନ ଓ ତାଙ୍କ ବୋହୂ କହିଥିଲେ। ହେଲେ ଅଭିଯୁକ୍ତମାନେ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତମାନେ ଭୁଜାଲିରେ ସନାତନ ଓ ବୋହୂ ନିରୁପମାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ସେମାନେ ଫେରାର ହେବାବେଳେ ବୋମା ଫିଙ୍ଗି ଆତଙ୍କ ଖେଳାଇଥିଲେ। ନିରୁପମାଙ୍କ ସ୍ୱାମୀ ସୁମନ୍ତ ଘରକୁ ଫେରିବା ପରେ ଦୁଇ ପରିବାର ମଧ୍ୟରେ ଝଗଡ଼ା ଅଧିକ ହୋଇଥିଲା। ଉଭୟ ପକ୍ଷରୁ ବୋତଲ ଆଦି ମାଡ଼ କରିବାରୁ ଗାଁରେ ପରିସ୍ଥିତି ଭୟାନକ ହୋଇଯାଇଥିଲା। ତେବେ ଗାଁରେ ଅଶାନ୍ତି ଲାଗିରହିଥିବା ବେଳେ ପୋଲିସ ପକ୍ଷରୁ ଗୋଟିଏ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ଓ ଅକ୍ଟୋବରରେ ମଧ୍ୟ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏକାଧିକ ମାମଲାରେ ୧୮ରୁ ଅଧିକ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଗାଁରେ ଶାନ୍ତି ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ ହୋଇଥିଲା। କମିଶନରେଟ୍ ପୋଲିସ ଟିମ୍ ସ୍ଥାନୀୟ କର୍ପୋରେଟର, ସରପଞ୍ଚ ଓ ବରିଷ୍ଠ ନାଗରିକ ଓ ଗ୍ରାମବାସୀଙ୍କ ସହ ନଭେମ୍ବର ୧୯ରେ ବୈଠକ କରି ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା।

## ଭୁବନେଶ୍ୱରରୁ ଅପହୃତା ନାବାଳିକା ପୁରୀରୁ ଉଦ୍ଧାର

### ଅପହରଣକାରୀ ଯୁବକ ଗିରଫ

ଭୁବନେଶ୍ୱର,୧୧।୪ (ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱରରୁ ଅପହରଣ କରି ନିଆଯାଇଥିବା ଜଣେ ନାବାଳିକାଙ୍କୁ ଖଣ୍ଡଗିରି ଥାନା ପୋଲିସ ଦେଢ଼ମାସ ପରେ ପୁରୀରୁ ଉଦ୍ଧାର କରିଛି। ଏହାସହ ଅପହରଣକାରୀ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକ ବୈଦେଶ୍ୱର ଥାନା ଅଞ୍ଚଳର ଗୋବିନ୍ଦ ବେହେରା। ଗୁରୁବାର ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ନାବାଳିକା ଜଣକ ଯୁକ୍ତ ୨ରେ ପଢନ୍ତି। ପଢିବା ସମୟରେ ସେ ଅଭିଯୁକ୍ତ ଗୋବିନ୍ଦଙ୍କ ସମ୍ପର୍କରେ ଆସିଥିଲେ। ଫେବୃୟାରୀ ୧୫ରେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ନୟାପଲ୍ଲୀକୁ ଡାକିଥିଲେ। ପୀଡିତା ସେଠାରେ ପହଞ୍ଚିବା ପରେ ସେ ତାଙ୍କୁ ଅପହରଣ କରି ପ୍ରଥମେ ପୁରୀକୁ ନେଇ ଯାଇଥିଲେ। ଏଥିସହ ଧରା ନ ପଡିବା ପାଇଁ ପୁରୀ ସହ ଅନ୍ୟ ଅଞ୍ଚଳକୁ ନାବାଳିକାଙ୍କୁ ନେଇ ରଖିଥିଲେ। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୀଡିତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଉଭୟ ଅଭିଯୁକ୍ତ ଓ ନାବାଳିକା ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଛି। ଏହାପରେ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଛି।


ଆସନ୍ତା ୧୭ ତାରିଖରେ ରାମ ନବମୀ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ରାମ ମନ୍ଦିରକୁ ରଙ୍ଗି ନ ଆଲୋକରେ ସଜା ଯାଇଛି। (ଫଟୋ- ବିକାଶ ନାୟକ)

## ଖବରଦାତାଙ୍କୁ ବିଧାୟକଙ୍କ ଆକ୍ରମଣ

ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଛଣଗିରି ପଞ୍ଚାୟତରେ ଗୁରୁବାର ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ପ୍ରକାଶ ହାତୀଙ୍କୁ ସେ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ ବୋଲି ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଅପରାହ୍ନରେ ଛଣଗିରି ପଞ୍ଚାୟତରେ ଭାଜପା ପକ୍ଷରୁ ପଦଯାତ୍ରା ହେଉଥିଲା। ଏଥିରେ ବିଧାୟକ ଜଗଦ୍ଦେବ, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ତଥା ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଦଳୀୟ କର୍ମୀ ସାମିଲ ହୋଇଥିଲେ। ତେବେ ସ୍ଥାନୀୟ ଦଳିତସାହି ନିକଟରେ ଏମ୍‌ପିଙ୍କ ଲ୍ୟାଡ୍ ଫଣ୍ଡ ଅର୍ଥରେ ଲାଗିଥିବା ସୋଲାର ଲାଇଟ କାମ କରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣି ଅପରାଜିତାଙ୍କୁ ବିରୋଧ କରିଥିଲେ। ଫଳରେ ଭାଜପା କର୍ମୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ବିଧାୟକ ଜଗଦ୍ଦେବଙ୍କ ସହ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ଫଟୋ ଉତ୍ତୋଳନ କରିଥିଲେ। ଏହା ଦେଖି ଜଗଦ୍ଦେବ ଗଣମାଧ୍ୟମ ପ୍ରତିନିଧି ହାତୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ପରେ ଏ ନେଇ ହାତୀ ଜଗଦ୍ଦେବଙ୍କ ନାମରେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ହାତୀଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ବିଧାୟକ ଜଗଦ୍ଦେବଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ହସ୍ତତନ୍ତ ପୋଷାକରେ ଚମକିଲେ ତାରକା

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)- ଓଡ଼ିଶା ଫ୍ୟାଶନ୍ ୱିକ୍ ଏବଂ ଆଇଟିଆଇ ଭୁବନେଶ୍ୱର ପକ୍ଷରୁ ଏଲ୍‌ସିଜେ ସିଲ୍‌ଭର ସହଯୋଗରେ ପ୍ରଥମଥର ପାଇଁ ଏକ ସ୍ୱତନ୍ତ୍ର ଫ୍ୟାଶନ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଅଭିନେତ୍ରୀ ଦେବଯାନୀ ଦେଘୁରିଆ, ଅନିଶା ଶର୍ମା, ଅଭିନେତା ଶୁଭାଶିଷ ଶର୍ମା, ଭିୟୋନା, ସ୍ମୃତିରେଖା ଖୁଣ୍ଟିଆ, କୁମୁଦୁନୀ ପୂର୍ତ୍ତି ଏବଂ ମାସୁଦ୍ ଖାନ୍ ପ୍ରମୁଖ ଓଡ଼ିଶା ହସ୍ତତନ୍ତ ପରିଧାନ କରି ପ୍ରଦର୍ଶନ କରିଥିଲେ। ପଦ୍ମିନୀ ପଟ୍ଟନାୟକ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ରହିଥିଲେ। ଫ୍ୟାଶନ୍ ଡିଜାଇନର ସବ୍ୟସାଚୀ ଶତପଥୀ ଏପରି ଆୟୋଜନକୁ ପ୍ରଶଂସା କରିଥିଲେ। ଫ୍ୟାଶନ କୋରିଓଗ୍ରାଫର ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମର କୋରିଓଗ୍ରାଫି କରିଥିବାବେଳେ ଶତାବ୍ଦୀ ସୂର୍ଯ୍ୟସ୍ନାତା ଉପସ୍ଥାପନା କରିଥିଲେ। ଓଡ଼ିଶା ଫ୍ୟାଶନ୍ ୱିକ୍‌ର ପ୍ରତିଷ୍ଠାତା ରାଜେଶ ରଞ୍ଜନ ମହାନ୍ତିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




ଅଭିନେତ୍ରୀ ଦେବଯାନୀ ଦେଘୁରିଆ, ଅଭିନେତା ଶୁଭାଶିଷ ଶର୍ମା ହସ୍ତତନ୍ତ ପୋଷାକ ପ୍ରଦର୍ଶନ କରୁଛନ୍ତି।

## କୂଅରେ ଖସିପଡ଼ି ଭଗତାଙ୍କ ମୃତ୍ୟୁ

ଟାଙ୍ଗୀ,୧୧।୪(ରଘୁନାଥ ସାହୁ)

କୂଅରେ ପଡ଼ିଯିବାରୁ ଗୁରୁବାର ଜଣେ ଭଗତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋବିନ୍ଦପୁର ସାହିର ବିଶ୍ୱନାଥ ବେହେରା (୬୦)। ସେ ବାଲୁଙ୍କେଶ୍ୱର ଦେବଙ୍କ ଭଗତା। ସୂଚନା ମୁତାବକ, ସ୍ନାନ ପରେ ବିଶ୍ୱନାଥ କୂଅ ବେଢ଼ାରେ ବସିଥିଲେ। କିଛି ସମୟ ପରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେ ମିଳି ନ ଥିଲେ। ସେ କୂଅରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଟାଙ୍ଗୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅରୁ ବିଶ୍ୱନାଥଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମୋନାଲିସା


@ ଗଗନ


@ ପୂଜା


@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମହାପ୍ରଭୁଙ୍କୁ ଦର୍ଶନକଲେ କାର୍ତ୍ତିକ ପାଣ୍ଡିଆନ



ପୁରୀ, ୧୧।୪(ଅଜିତ୍ ମହାନ୍ତି)

ବିଜୁ ଜନତା ଦଳ ନେତା କାର୍ତ୍ତିକ ପାଣ୍ଡିଆନ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପାଣ୍ଡିଆନ ଅପରାହ୍ନରେ ପୁରୀରେ ପହଞ୍ଚିବା ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନାରୂଢ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତକରି ଫେରିଆସିଥିଲେ। ଏହି ସମୟରେ ପାଣ୍ଡିଆନଙ୍କ ସହ ବିଜେଡି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିଲେ।

# ଚକ୍ରମଣୀଙ୍କୁ ଦୋହରାଇଲା ବିଜେଡି

ଫୁଲବାଣୀ, ୧୧।୪ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବିଧାୟକ ଥିବା ଚକ୍ରମଣୀ କହଁରଙ୍କୁ ପୁଣି ଭରସା କରି ତାଙ୍କୁ ବାଲିଗୁଡାର ବିଧାୟକ ପ୍ରାର୍ଥୀ ଘୋଷଣା କରିଛନ୍ତି। ଚକ୍ରମଣୀ ବିଧାୟକ ପ୍ରାର୍ଥୀ ହେବା ପରେ ତାଙ୍କ ସମର୍ଥକଙ୍କ ଗହଣରେ ଖୁସିର ଲହରୀ ଖେଳିଯାଇଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ସେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ କ.ନୂଆଗାଁ ବ୍ଲକ ଅଧ୍ୟକ୍ଷ ଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସେ ଶିକ୍ଷକତା କରୁଥିଲେ। ପୂର୍ବରୁ ମଧ୍ୟ କଂଗ୍ରେସ ପକ୍ଷରୁ ସୁରଦ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା ବେଳେ ଭାଜପା ପକ୍ଷରୁ କଳ୍ପନା କହଁରଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି।

# କଂଗ୍ରେସରେ ଅସିତ ପଟ୍ଟନାୟକ

ଭୁବନେଶ୍ୱର, ୧୧।୪ (ସୁନିତ୍ ମିଶ୍ର)

ଭଦ୍ରକ ଜିଲା ବିଜେଡି ଉପସଭାପତି ତଥା ବର୍ତ୍ତମାନ ମଧୁବାବୁ ପେନ୍‌ସନ ଯୋଜନାର ଓଡ଼ିଶା ସରକାରଙ୍କ ମୁଖ୍ୟ ଉପଦେଷ୍ଟା ଅସିତ ପଟ୍ଟନାୟକ ଗୁରୁବାର କଂଗ୍ରେସରେ ଯୋଗଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ଅସିତଙ୍କ ସହ ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ, ବର୍ତ୍ତମାନର ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସମେତ ବହୁ ସମର୍ଥକ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ପ୍ରମୁଖ ଉପସ୍ଥିତି ଥିଲେ। କଂଗ୍ରେସ ବରିଷ୍ଠ ନେତାମାନେ ଅସିତ ଓ ତାଙ୍କ ସମର୍ଥକମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଅପରପକ୍ଷରେ ଶରତ କହିଛନ୍ତି, ଅସିତବାବୁଙ୍କ ଯୋଗଦାନ ଦ୍ୱାରା କେବଳ ଭଦ୍ରକ ଜିଲା ନୁହେଁ, ସାରା ଓଡ଼ିଶାରେ ଦଳ ଅଧିକ ଶକ୍ତିଶାଳୀ ହେବ। ଓଡ଼ିଶାରେ କଂଗ୍ରେସ ସରକାର କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଅସିତ କହିଛନ୍ତି, ବିଜେଡି ଓ ଭାଜପା ଏକ ହୋଇ ଅଛନ୍ତି। ଉଭୟେ ବୁଝାମଣା ଭିତିରେ ଓଡ଼ିଶାରେ ଲୋକ ସଭାଠାରୁ ଆରମ୍ଭକରି ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦେଇଛନ୍ତି। ସବୁଠୁ ଦୁଃଖର କଥା ଉଭୟ ଭାଜପା ଓ ବିଜେଡି ଭଦ୍ରକକୁ ଲୁଣ୍ଠନ କରୁଛନ୍ତି। କଂଗ୍ରେସ ଏଥର ନିର୍ବାଚନରେ ଭଦ୍ରକ ଜିଲାରେ ଆଶାତୀତ ସଫଳତା ଲାଭ କରିବ ବୋଲି ସେ କହିଛନ୍ତି।

# ଦୁଇଜଣଙ୍କ କଳିରୁ ଫାଇଦା ଉଠାଇଲେ ପ୍ରସନ୍ନ

## ସମ୍ବଲପୁର ବିଧାନସଭା କ୍ଷେତ୍ର

ସମ୍ବଲପୁର, ୧୧।୪ (ପ୍ରମୋଦ ବହିଦାର)

ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ ପ୍ରାର୍ଥୀ ହେବେ, ତାହା ଉପରେ ସମସ୍ତଙ୍କ ନଜର ଥିଲା। ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମ ଘୋଷଣା ହେବା ପରେ ଏହି କ୍ଷେତ୍ରରୁ ସମ୍ବଲପୁର ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଏବଂ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନାମ ନେଇ ହେଉଥିବା ଚର୍ଚ୍ଚାରେ ଅନ୍ତ ଘଟିଛି। ଦୁଇ ଜଣଙ୍କ କଳିରେ ତୃତୀୟ ବ୍ୟକ୍ତି ଭାବେ ପ୍ରସନ୍ନଙ୍କ ନିକଟକୁ ଟିକେଟ ଯିବା ଅନେକଙ୍କୁ ଆଚମ୍ବିତ କରିଛି।

ପ୍ରସନ୍ନଙ୍କ ପାଇଁ ସମ୍ବଲପୁର ନୂଆ ହୋଇ ନ ଥିଲେ ମଧ୍ୟ ସେ ଏହା ପୂର୍ବରୁ କେବେହେଲେ ସମ୍ବଲପୁର ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିନାହାନ୍ତି। ବିଜେଡି ଟିକେଟ୍‌ରେ ସେ ସମ୍ବଲପୁର ଲୋକ ସଭା ଆସନରୁ ୩ଥର ଜିତିଛନ୍ତି। ୨୦୦୯ରେ ସୀମା ନିର୍ଦ୍ଧାରଣ ପରେ ସେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀତ୍ୱରୁ ଓହରି ରେଢ଼ାଖୋଲ ବିଧାନସଭା ଆସନରୁ ବିଜୟୀ ହୋଇ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବରଗଡ଼ ଜିଲା ବିଜେପୁର ବିଧାନସଭା ଅସନରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହେବା ପରେ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ରହିଥିଲେ। ସୂଚନାଯୋଗ୍ୟ, ସେ ସମ୍ବଲପୁର ସହିତ ଛାତ୍ର ଜୀବନରୁ ସଂଶ୍ଳିଷ୍ଟ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସନ୍ନ ବହୁପୂର୍ବରୁ ତାଙ୍କ ପସନ୍ଦର ବିଧାନସଭା ଆସନ ରେଢ଼ାଖୋଲ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ। ସେଠାରେ ସେ ତାଙ୍କ ସମର୍ଥକଙ୍କ ଗହଣରେ ବିଭିନ୍ନ ଅଞ୍ଚଳରେ ଆୟୋଜିତ ସଭାରେ ଯୋଗଦେଇ ଭୋଟରଙ୍କ ନିକଟତର ହେବା ପ୍ରୟାସ ଜାରି ରଖିଥିଲେ। ତେବେ ଗତ ମାର୍ଚ୍ଚ ୧୪ରେ ରେଢ଼ାଖୋଲ ନିକଟରେ ସେ ଏକ ବଡ଼ ସଡ଼କ ଦୁର୍ଘଟଣାର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେଣୁ କିଛିଦିନ ତାଙ୍କ ନିର୍ବାଚନୀ ପ୍ରସ୍ତୁତି ସ୍ଥଗିତ ରହିଥିଲା। ଏପରିକି ସେ ନିର୍ବାଚନରେ ଅବତୀର୍ଣ୍ଣ ହେବେ କି ନାହିଁ ବୋଲି ସାଧାରଣରେ ଏକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଗତ ଅପ୍ରେଲ୍ ୨ ତାରିଖରେ ସେ ଡାକ୍ତରଖାନାରୁ ଡିସଚାର୍ଜ ହେଲା ପରେ ତାଙ୍କ ନିର୍ବାଚନ ନ ଲଢ଼ିବା ଆଶଙ୍କା ଦୂର ହୋଇଥିଲା।

ଅନ୍ୟପକ୍ଷରେ ସମ୍ବଲପୁର ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ଭଳି ଅନେକ ବଜେଡି ଟିକେଟ୍ ଆଶାୟୀ ରହିଥିଲେ। ଫଳରେ ଏଠାରେ ପ୍ରାର୍ଥୀ ପରିବର୍ତ୍ତନ ଆଶଙ୍କାରେ ଡା. ପାଣିଗ୍ରାହୀଙ୍କ ସମର୍ଥକମାନେ ସମ୍ବଲପୁରରେ ତାଙ୍କୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ଏପରିକି ସମ୍ବଲପୁର ଲୋକ ସଭା ଆସନରେ ପ୍ରାର୍ଥୀ ଘୋଷିତ ହେବାପରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ମା ସମଲେଶ୍ୱରୀଙ୍କ ଆଶୀର୍ବାଦ ଗ୍ରହଣ ପାଇଁ ସମ୍ବଲପୁର ଗସ୍ତରେ ଯାଇ ଡା. ପାଣିଗ୍ରାହୀଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ।


ପ୍ରସନ୍ନ ଆଚାର୍ଯ୍ୟ


ରୋହିତ ପୂଜାରୀ


ଡା.ରାଶେଶ୍ୱରୀ ପାଣିଗ୍ରାହୀ

ଏହି ସମୟରେ ଡା. ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରା ନ ଗଲେ ଆଗାମୀ ନିର୍ବାଚନରେ ତାଙ୍କ ସମର୍ଥକମାନେ ନୀରବ ରହିବେ ବୋଲି ତାଙ୍କୁ ଚେତାବନୀ ଦେଇଥିଲେ। ହୁଏତ ସମ୍ବଲପୁର ଆସନରେ ପ୍ରାର୍ଥୀ ହେବାକୁ ଡା. ପାଣିଗ୍ରାହୀଙ୍କ ଏହି ଚାଲି ତାଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି ବୋଲି ଆଲୋଚନା ହେଉଛି। ଅପରପକ୍ଷରେ ଅପ୍ରତ୍ୟାଶିତ ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରସନ୍ନଙ୍କୁ ସମ୍ବଲପୁର ଆସନରେ ପ୍ରାର୍ଥୀ ଘୋଷଣା କରିବା ସମଗ୍ର ରାଜନୈତିକ ମହଲକୁ ଚକିତ କରିଦେଇଛି। ଏହା ମଧ୍ୟ ଆଲୋଚନା ହେଉଛି ଯେ, ବିଜେଡିର ଲୋକ ସଭା ପ୍ରାର୍ଥୀ ପ୍ରଣବଙ୍କ ଭୋଟକୁ ସୁଦୃଢ଼ କରିବା ଲାଗି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରାଯାଇଛି।

ଭାଜପାରୁ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ତେଣୁ ସମ୍ବଲପୁର ବିଧାନସଭା ଆସନରେ ବିଜେଡି ଓ ଭାଜପାର ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବ ବୋଲି ସ୍ଥାନୀୟ ଅଧିବାସୀ ମତ ଦେଉଛନ୍ତି। ଖାଡୁଆପଡ଼ାର ରାଜନୈତିକ ସମୀକ୍ଷକ ଅଭିଷେକ ମିଶ୍ର କହିଛନ୍ତି, ପ୍ରସନ୍ନଙ୍କ ବଦଳରେ ସମ୍ବଲପୁର ସହରର ସ୍ଥାନୀୟ ନେତା ପ୍ରାର୍ଥୀ ହୋଇଥିଲେ ଅଧିକ ଗ୍ରହଣୀୟ ହୋଇଥାଆନ୍ତେ। ତେବେ ଏହା ବିଜେଡିର ନିଜସ୍ୱ ନିଷ୍ପତ୍ତି।

ସେହିପରି ଗୋବିନ୍ଦଟୋଲାର ଆନନ୍ଦ ମିଶ୍ର କହିଛନ୍ତି, ପ୍ରସନ୍ନ ଜଣେ ଉତ୍ତମ ରାଜନୈତିଜ୍ଞ। ସେ ରାଢ଼ାଖୋଲରେ ବିଧାୟକ ଥିବା ସମୟରେ ଏଠାରେ ଅନେକ ବିକାଶ ମଧ୍ୟ ହୋଇଛି। ତେବେ କିଛିଦିନ ତଳେ ପ୍ରସନ୍ନଙ୍କ ପୁତୁରା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ସାଧାରଣ ସଭାରେ 'ସମ୍ବଲପୁରିଆମାନେ ଗୋଡ଼ଘିଚା' ବୋଲି ଦେଇଥିବା ସମ୍ବଲପୁର ଓ ସମ୍ବଲପୁରୀ ବିରୋଧୀ ବିବୃତି ପ୍ରସନ୍ନଙ୍କ ପାଇଁ ନିର୍ବାଚନରେ ଭୋଟକୁ ପ୍ରଭାବିତ କରିବା ଆଶଙ୍କା ରହିଛି ବୋଲି ଆନନ୍ଦ କହିଛନ୍ତି।

# ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ


ବଡ଼ମ୍ବାର ବିଧାରପୁର ଛକରେ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କରାଯାଉଛି।

## ବିରୋଧ କଲେ ଅସନ୍ତୁଷ୍ଟ କର୍ମୀ

ମାଣିଆବନ୍ଧ, ୧୧।୪ (ଅଖିଳ କୁମାର ସାହୁ)

କଟକ ଭାଜପା ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ଗୁରୁବାର ଦଳୀୟ ଅସନ୍ତୁଷ୍ଟ କର୍ମୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ମହତାବ ଏମ୍‌ପି ଟିକେଟ ପାଇବା ପରେ ପ୍ରଥମ ଥର ଲାଗି ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସିଥିଲେ। ଏହି ସମୟରେ ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ପ୍ରବେଶ ଦ୍ୱାର ବିଧାରପୁର ଛକରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କୁ ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ଓ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ଏଥିସହ ଏକ ବାଇକ ଶୋଭାଯାତ୍ରାରେ ମହତାବଙ୍କୁ ପାଛୋଟି ଆଣିଥିଲେ। ମାଣିଆବନ୍ଧ ଥାନା ଅନ୍ତର୍ଗତ ଧୋବଣୀନାଳଠାରେ ବଡ଼ମ୍ବା ବିଧାନସଭା ଆସନରୁ ଅନ୍ୟତମ ଆଶାୟୀ ପ୍ରାର୍ଥୀ ବିଜୟ କୁମାର ଦଳବେହେରା ଓ ୬୦୦ରୁ ଊର୍ଦ୍ଧ୍ୱ ଅସନ୍ତୁଷ୍ଟ କର୍ମୀ ମହତାବ ଓ ତ୍ରିପାଠୀଙ୍କୁ ବିରୋଧ କରି 'ଗୋ ବ୍ୟାକ୍' ବୋଲି ସ୍ଲୋଗାନ ଦେଇଥିଲେ। ଦଳବେହେରା ୨୦୧୯ ସାଧାରଣ ନିର୍ବାଚନରେ ଏହି ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ଚଳିତ ନିର୍ବାଚନରେ ତାଙ୍କୁ ଟିକେଟ୍ ମିଳି ନ ଥିଲା। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ମାଣିଆବନ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଦଳୀୟ କର୍ମୀମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୁନର୍ବାର ଶୋଭାଯାତ୍ରା ମା' ଭଟ୍ଟାରିକାଙ୍କ ଅଭିମୁଖେ ଯାଉଥିବାବେଳେ ବଡ଼ମ୍ବା ତେଲିସାହି ଓ କରଡ଼ିବନ୍ଧଠାରେ ଅସନ୍ତୁଷ୍ଟ ମହିଳା ଓ ପୁରୁଷ କର୍ମୀମାନେ ମହତାବ ଓ ତ୍ରିପାଠୀଙ୍କୁ ବିରୋଧ କରିଥିଲେ। ଏ ସମ୍ପର୍କରେ ଥାନାରେ କୌଣସି ଏତଲା ଦିଆଯାଇନାହିଁ ବୋଲି ଏସ୍‌ଆଇ ବସନ୍ତ କୁମାର ଶତପଥୀ କହିଛନ୍ତି।

# ଭାଜପା ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି




ଭୁବନେଶ୍ୱର, ୧୧।୪ (ଅନିଲ ଦାସ)

ନିର୍ବାଚନ ଜିତିବା ପାଇଁ ରାଜ୍ୟ ଭାଜପା ଯେକୌଣସି ସ୍ତରକୁ ଖସିଯାଉଛି। ସରକାରୀ କର୍ମଚାରୀଙ୍କୁ ନାଲିଆଖି ଦେଖାଉଥିବା ବେଳେ ତୃଣମୂଳ ସ୍ତରରେ ମହିଳାଙ୍କୁ ନିନ୍ଦିତ କରିବା ସହ ଚରିତ୍ର ସଂହାର କରିବାକୁ ପଛାଉ ନାହିଁ। ଏହାକୁ ବିରୋଧ କରି ବିଜେଡିର ଏକ ମହିଳା ଟିମ୍ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଗର୍ଭବତୀ ମା', ଶିଶୁମାନଙ୍କୁ ପୋଷଣ ଯୋଗାଉଥିବା ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ମିଶନ ଶକ୍ତି ମା'ମାନଙ୍କୁ ପରାଜୟ ଭୟରେ ଭାଜପା ଅପମାନିତ କରିଚାଲିଛି। କେବଳ ଭାଜପା ପାଇଁ କାମ କରିବା ପାଇଁ କୁହାଯାଉଛି। ଏହା କେବଳ ବ୍ରହ୍ମପୁର, କଟକରେ ହେଉନାହିଁ, ରାଜ୍ୟର ଅନ୍ୟ ଜିଲାରେ ଭାଜପା ନାଲିଆଖି ଦେଖାଇ ନିଜ କାମ କରିବାକୁ ବାଧ୍ୟ କରୁଛି। ତେଣୁ ଆଗାମୀ ଦିନରେ ତୃଣମୂଳସ୍ତରର ଏହି ମହିଳାମାନେ ଭାଜପାକୁ ଉଚିତ ଶିକ୍ଷାଦେବେ। ସେମାନଙ୍କୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ବିତାଡ଼ିତ କରିବେ। ମହିଳାଙ୍କ ପ୍ରତି ଆକ୍ଷେପକୁ ବିଜେଡି ସହ୍ୟ କରିବନି ବୋଲି ଚେତାବନୀ ଦେଇଛି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜେଡି ଆଶା କରିଛି।

# ପ୍ରତାପଙ୍କ ସହ ଲଢ଼ିବେ ଲେଖାଶ୍ରୀ

## ବାଲେଶ୍ୱର ଲୋକ ସଭା କ୍ଷେତ୍ର: ଦୀର୍ଘ ବର୍ଷ ପରେ ମହିଳା ପ୍ରାର୍ଥୀ

ବାଲେଶ୍ୱର, ୧୧।୪ (ମାନସ ବିଶ୍ୱାଳ)

ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ଭାବେ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନାମ ଘୋଷଣା ହେବା ପରେ ଏଠାକାର ରାଜନୈତିକ ସମୀକରଣ ପରିବର୍ତ୍ତନ ହେବା ନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ଦୀର୍ଘବର୍ଷ ଧରି ଏହି ଲୋକ ସଭା ଆସନରେ ପୁରୁଷ ପ୍ରାର୍ଥୀ ଲଢୁଥିବା ବେଳେ ପ୍ରଥମଥର ପାଇଁ ଜଣେ ମହିଳାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଲେଖାଶ୍ରୀ ହେଉଛନ୍ତି ନୀଳଗିରି ବ୍ଲକ ଅଧୀନ କାଂଶ ପଞ୍ଚାୟତ କାଂଶ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବୋହୂ। ରାଜନୀତିକୁ ଆସିବା ପୂର୍ବରୁ ସେ ଜଣେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିଲେ। ୨୦୧୪ରେ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହେବା ନେଇ ଆଶାୟୀ ଥିଲେ। ତାଙ୍କୁ ଟିକେଟ ନ ମିଳିବାରୁ ସେ ଭାଜପାରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ଭାଜପାର ବିଭିନ୍ନ ପଦପଦବୀରେ ରହି ରାଜ୍ୟ ସରକାରଙ୍କୁ ସମାଲୋଚନା କରି ନିଜର ପରିଚୟ ସୃଷ୍ଟି କରିଥିଲେ। ହେଲେ ଭାଜପାରେ ତାଙ୍କ ପ୍ରାର୍ଥୀତ୍ୱକୁ ଗୁରୁତ୍ୱ ନ ମିଳିବାରୁ ସେ କିଛିଦିନ ପୂର୍ବରୁ ବିଜେଡିରେ ଯୋଗଦେଇଥିଲେ। ଦଳ ତାଙ୍କୁ ବାଲେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛି। ଏନେଇ ବିଜେଡି ଜିଲା ସମ୍ପାଦକ ଶକ୍ତିପଦ ରାୟ କହିଛନ୍ତି, ଲେଖାଶ୍ରୀଙ୍କୁ ଲୋକ ସଭା ପ୍ରାର୍ଥୀ ଚୟନ କରାଯାଇଥିବାରୁ ଅନ୍ତର୍ଦ୍ୱନ୍ଦ୍ୱକୁ ଭୁଲି ଆମେ ତାଙ୍କୁ ବିଜୟୀ କରାଇବୁ।


ଲେଖାଶ୍ରୀ ସାମନ୍ତସିଂହାର


ପ୍ରତାପ ଷଡ଼ଙ୍ଗୀ

ଅନ୍ୟପକ୍ଷରେ ବାଲେଶ୍ୱର ଏମ୍‌ପି ତଥା ଭାଜପାରୁ ପୁଣି ପ୍ରାର୍ଥୀ ହୋଇଥିବା ପ୍ରତାପ ଷଡ଼ଙ୍ଗୀଙ୍କ ଏହି ନିର୍ବାଚନମଣ୍ଡଳୀରେ ପ୍ରଭାବ ଥିବାରୁ ଲେଖାଶ୍ରୀଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଆଲୋଚନା ହେଲାଣି। ଉଲ୍ଲେଖ କରାଯାଇପାରେ ଯେ, କଂଗ୍ରେସ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରି ନାହିଁ।

# ଋଣ ବାହାନାରେ ମହିଳାଙ୍କୁ ବିଧାୟକ ବିଜେଡିରେ ମିଶାଉଥିବା ଅଭିଯୋଗ

ନବରଙ୍ଗପୁର, ୧୧।୪ (ସଦାଶିବ ପ୍ରହରାଜ)

ଋଣ ଦେବାକୁ କହି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏସ୍‌ଏଚ୍‌ଜି ମହିଳାଙ୍କୁ ବିଜେଡିରେ ମିଶାଉଥିବା ଅଭିଯୋଗ କରିଛନ୍ତି ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତ ନାଏବ ସରପଞ୍ଚ ରଶ୍ମିତା ସାହୁ। ସେ ଗୁରୁବାର ଭାଜପାର ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ରଶ୍ମିତାଙ୍କ ସମେତ ୱାର୍ଡ ସଭ୍ୟା ହରିମଣି ମାଝୀ ଓ ୮ ଜଣ ମହିଳା ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ରଶ୍ମିତା ନାଏବ ସରପଞ୍ଚ ସମେତ ଏସ୍‌ଏଚ୍‌ଜି ସଦସ୍ୟା ଅଛନ୍ତି। ତେବେ ସେ କହିଛନ୍ତି ଗତ ୮ ତାରିଖରେ ସଦାଶିବ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ଋଣ କରାଇଦେବାକୁ କହି ଦଳୀୟ କାର୍ଯ୍ୟାଳୟକୁ ଡାକିଥିଲେ। ଦଳୀୟ ଯୋଜନା ସମ୍ପର୍କରେ ଭାଷଣ ଦେଇ ସମସ୍ତଙ୍କ ବେକରେ ବିଜେଡି ପତାକା ପକାଇଥିଲେ ବୋଲି ରଶ୍ମିତା ଅଭିଯୋଗ ଆଣିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ, ନବରଙ୍ଗପୁର ନିର୍ବାଚନମଣ୍ଡଳୀ ଭାଜପା ବିଧାନସଭା ପ୍ରାର୍ଥୀ ଗୌରୀଶଙ୍କର ମାଝି, କାହ୍ନୁ ଦାଶ, ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ପଚାରିବାରୁ ସେ ରଶ୍ମିତାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନାଏବ ସରପଞ୍ଚ ରଶ୍ମିତା ନିଜେ ଗଣମାଧ୍ୟମ ଆଗରେ ବିଜେଡିରେ ଯୋଗ ଦେବା କଥା କାହିଁକି କହିଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟପଟେ ନବରଙ୍ଗପୁର ଭାଜପା ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି ଏହାକୁ ନେଇ ବିଧାୟକ ପ୍ରଧାନୀଙ୍କୁ ଟାର୍ଗେଟ କରିଛନ୍ତି।

# ବିଜେଡି ଛାଡ଼ିଲେ ଜ୍ୟୋତି ପାଣିଗ୍ରାହୀ

**ବଲାଙ୍ଗୀର, ୧୧।୪ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲା ବିଜେଡିର ଜଣାଶୁଣା ପାଣିଗ୍ରାହୀ ଦମ୍ପତି ରାଜ୍ୟ କାଜୁ ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ ସରୋଜ ପାଣିଗ୍ରାହୀ ଏବଂ ତାଙ୍କ ସ୍ତ୍ରୀ ତଥା ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଡ. ଜ୍ୟୋତି ପାଣିଗ୍ରାହୀ ଦଳରୁ ଇସ୍ତଫା ଦେଇଛନ୍ତି। ବିଜେଡି ରାଜ୍ୟ ସଭାପତିଙ୍କୁ ଇସ୍ତଫା ପତ୍ର ପଠାଇ ଦଳର ପ୍ରାଥମିକ ସଦସ୍ୟ ଏବଂ ବିଭିନ୍ନ ପଦପଦବୀରୁ ସେମାନେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଯେଉଁ ବିଜେଡି ଦିନେ ଜନସେବା ତଥା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲା, ତାହା ଏବେ ଆଉ ନାହିଁ ବୋଲି ଉଲ୍ଲେଖ କରି ପାଣିଗ୍ରାହୀ ଦମ୍ପତି ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ସରୋଜ ପାଣିଗ୍ରାହୀ ୧୯୭୭ ମସିହାରୁ ଜଡ଼ିତ ହୋଇ ରହିଥିଲେ। ବିଜୁବାବୁଙ୍କ ଆଦର୍ଶରେ ଏଇ ଦମ୍ପତି ରାଜନୀତିକୁ ଆସିଥିଲେ। ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସରୋଜ ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ରହିଥିଲେ। ୧୯୯୫ ମସିହାରେ ଡ. ଜ୍ୟୋତି ପାଣିଗ୍ରାହୀ ବରପାଲି କଲେଜରୁ ଅଧ୍ୟାପନା ଛାଡି ଜନତା ଦଳରେ ଯୋଗଦେଇ ଲୋଇସିଂହା ବିଧାନସଭା ପ୍ରାର୍ଥୀ ହୋଇଥିଲେ। ଜନତା ଦଳ ପରେ ସରୋଜ ଓ ଜ୍ୟୋତି ବିଜେଡିରେ ସାମିଲ ହୋଇଥିଲେ। ୨୦୦୯ ମସିହାରେ ଡ. ଜ୍ୟୋତି ପାଣିଗ୍ରାହୀ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ସେ ମହିଳା ବିଜେଡିର ବରିଷ୍ଠ ଉପସଭାନେତ୍ରୀ ରହିଥିଲେ।

# ବିରୋଧ କାମ ଦେଲାନି, ଦାମଙ୍କ ପରିବାରକୁ ଟିକେଟ

ପାରାଦୀପ ୧୧।୪ (ଶରତ ରାଉତ)

ପାରାଦୀପ ବିଧାନସଭା ଆସନ ଲାଗି ବିଜେଡି ପକ୍ଷରୁ ବିଧାୟକ ସମ୍ବିତ ରାଉତରାୟଙ୍କ ପତ୍ନୀ ଗୀତାଞ୍ଜଳିଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଏହି ଖବର ଜଣାପଡ଼ିବା ପରେ ସମ୍ବିତଙ୍କ ସମର୍ଥକମାନେ ଷଣ୍ଢକୁଦ ବସ୍ତିରେ ବାଣ ଫୁଟାଇଛନ୍ତି। ଅପରପକ୍ଷେ ଦାମୋଦର ରାଉତଙ୍କ ପରିବାରକୁ ବିରୋଧ କରୁଥିବା ଗୋଷ୍ଠୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ଏହି ଆସନ ପାଇଁ ବିଜେଡି ମହିଳା କାର୍ଡ ଖେଳିଥିବା ଚର୍ଚ୍ଚା ହୋଇଛି। ଗୀତାଞ୍ଜଳିଙ୍କ ନାମ ଘୋଷଣା ପରେ ଆଶାୟୀ ଦୌଡ଼ରେ ଥିବା ପୌରାଧ୍ୟକ୍ଷ ତଥା ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ, ସଦ୍ୟ କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ବାପି ସର୍ଖେଲଙ୍କ ସ୍ତ୍ରୀ ମୋନିଦୀପା ନିରାଶ ହୋଇଛନ୍ତି। ଦାମୋଦର ରାଉତଙ୍କ ପରିବାରରୁ କାହାକୁ ପ୍ରାର୍ଥୀ ନ କରିବା ପାଇଁ କୁଜଙ୍ଗ, ରାହାମା, ପାରାଦୀପ ଅଞ୍ଚଳରେ ଅସନ୍ତୁଷ୍ଟ ଦଳୀୟ କର୍ମୀମାନେ ୧୦ ରୁ ଅଧିକ ଥର ବୈଠକ କରିଥିଲେ। ଏପରିକି ନବୀନ ନିବାସ ଓ ଶଙ୍ଖ ଭବନରେ ମଧ୍ୟ ବିରୋଧ କରିଥିଲେ। ବୁଧବାର ଉଭୟ ପକ୍ଷ ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁଙ୍କ ପାଖରେ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଏସବୁ ପରେ ପ୍ରାର୍ଥୀ ବଦଳ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିଲା। ମାତ୍ର ଗୀତାଞ୍ଜଳିଙ୍କ ନାମ ଘୋଷଣା ପରେ ବିରୋଧ କରୁଥିବା ଦଳୀୟ କର୍ମୀମାନେ ବୈଠକ ପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।


ପାରାଦୀପ ବିଧାନସଭା ଆସନ ପାଇଁ ଗୀତାଞ୍ଜଳି ରାଉତରାୟଙ୍କ ନାମ ଘୋଷଣା ପରେ ସମର୍ଥକମାନେ ଖୁସିମନାଉଛନ୍ତି।

# ନିର୍ବାଚନୀ ତାତି ବଢ଼ାଉଛି ୫୫ନଂ. ଜାତୀୟ ରାଜପଥ

## ଢେଙ୍କାନାଳ-ଅନୁଗୋଳରେ ପ୍ରମୁଖ ପ୍ରସଙ୍ଗ କରିବ ବିଜେଡି, କଂଗ୍ରେସ

ଢେଙ୍କାନାଳ, ୧୧।୪ (ରତନ ନାୟାର)

କଟକରୁ ଢେଙ୍କାନାଳ ଓ ଅନୁଗୋଳ ଦେଇ ସମ୍ବଲପୁରକୁ ଲମ୍ବିଥିବା ୫୫ନଂ. ଜାତୀୟ ରାଜପଥର ଅଧାପନ୍ତରିଆ ଅବସ୍ଥା ଏବେ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁରର ଲାଇଫ ଲାଇନ୍ କୁହାଯାଉଥିବା ଏହି ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୬ ବର୍ଷ ହେଲା ଶେଷ ହୋଇପାରୁ ନ ଥିବାରୁ ଏହାକୁ ଢେଙ୍କାନାଳ-ଅନୁଗୋଳରେ ବିଜେଡି ଓ କଂଗ୍ରେସ ନେତାମାନେ ପ୍ରମୁଖ ପ୍ରସଙ୍ଗ କରି ଭାଜପାକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ଏପରି କି ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହାକୁ ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରୁଥିବା ଦେଖାଯାଉଛି। ତେବେ ରାଜପଥର ଏହି ଦୁରବସ୍ଥାକୁ ନେଇ ଢେଙ୍କାନାଳ ଓ ଅନୁଗୋଳ ଜିଲାବାସୀ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଭଳି ଦମ୍‌ଦାର ପ୍ରସଙ୍ଗକୁ ନିର୍ବାଚନରେ ଜୋର୍‌ଦାର କରିବେ ବୋଲି କହିଛନ୍ତି ଏହି ଦୁଇ ଜିଲାରୁ ଭୋଟ ରଣାଙ୍ଗନକୁ ଓହ୍ଲାଇଥିବା ବିଜେଡି ପ୍ରାର୍ଥୀ ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀମାନେ ମଧ୍ୟ ରାଜପଥ ସମସ୍ୟା ବିଜେଡି ସରକାରର ଅସହଯୋଗର ନମୁନା କହି ସମାଲୋଚନା କରିବାର ସୁଯୋଗ ହାତଛଡ଼ା କରୁନାହାନ୍ତି।



ଢେଙ୍କାନାଳ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ଚିଠି ଲେଖିଥିଲେ। ହେଲେ କେନ୍ଦ୍ର ସରକାର ଏହି ରାଜପଥକୁ ଗୁରୁତ୍ୱ ପ୍ରଦାନ କଲେନାହିଁ। ଏହା କେନ୍ଦ୍ର ସରକାରଙ୍କ ଆନ୍ତରିକତା ଅଭାବର ଉଦାହରଣ। ଭାଜପା ନେତୃବୃନ୍ଦ ଗ୍ୟାରେଣ୍ଟି କଥା କହୁଥିବା ବେଳେ ଜାତୀୟ ରାଜପଥ କାର୍ଯ୍ୟ ୬ବର୍ଷ ହେଲା ନ ସରିବା କିଭଳି ଗ୍ୟାରେଣ୍ଟି ତାହା ଏହି ନିର୍ବାଚନରେ ସମସ୍ତେ ଜାଣିବା ଦରକାର। ଭୋକ ବିକଳରେ ଟାଟିଆ କାମୁଡ଼ିବା ଭଳି ଅଯଥାରେ ଭାଜପା ନେତୃବୃନ୍ଦ ବିଜେଡି ସରକାରଙ୍କୁ ଦାୟୀ କରୁଛନ୍ତି। ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ କହିଛନ୍ତି, ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦାୟୀ। ଦୁଇ ଦଳର ଦୁର୍ବଳ ନେତୃତ୍ୱ ଯୋଗୁ ଏହି ପ୍ରମୁଖ ସମସ୍ୟା ସମାଧାନ ହୋଇପାରୁନାହିଁ। ଏଥିପାଇଁ କଂଗ୍ରେସ ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଇଛି। ଚଳିତ ନିର୍ବାଚନରେ ଏହା ଦଳର ମୁଖ୍ୟ ପ୍ରସଙ୍ଗ ହେବ। ଭାଜପା କୃଷକ ମୋର୍ଚ୍ଚା ନେତା ରାମଚନ୍ଦ୍ର ପାତ୍ର କହିଛନ୍ତି, ୫୩ନଂ. ଜାତୀୟ ରାଜପଥରେ ଯଦି ଠିକାଦାର ନିର୍ଦ୍ଧାରିତ ସମୟ ମଧ୍ୟରେ ତାଳଚେର-ବହ୍ଲର ପର୍ଯ୍ୟନ୍ତ କାମ ସାରିପାରିଲେ, ତେବେ କଟକ-ଢେଙ୍କାନାଳ-ଅନୁଗୋଳ ମଧ୍ୟରେ କାହିଁକି ରାସ୍ତାକାମ ବିଳମ୍ବ ହେଉଛି। ହିନ୍ଦୋଳ ବିଧାୟିକା, ଢେଙ୍କାନାଳ ଓ ଆଠଗଡ଼ ବିଧାୟକ ଠିକାଦାରଙ୍କୁ କାହିଁକି କାମ କରାଇ ଦେଉନାହାନ୍ତି। ନିର୍ବାଚନ ସମୟରେ କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଦନାମ କରିବାକୁ ଏହା ବିରୋଧୀ ପ୍ରାର୍ଥୀମାନଙ୍କ ଉଦ୍ୟମ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ରାମଚନ୍ଦ୍ର କହିଛନ୍ତି।

# ରେଲୱେ ଆଣିବ 'ସୁପର ଆପ୍'

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)




ଭାରତୀୟ ରେଳ ଦେଶର ଗୋଟିଏ କୋଣକୁ ଅନ୍ୟ କୋଣକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଗତ କିଛି ବର୍ଷ ମଧ୍ୟରେ ରେଳବାଇ ଟେକ୍ନୋଲୋଜି ମାଧ୍ୟମରେ ଅନେକ ସମସ୍ୟାର ସମାଧାନ ଖୋଜି ପାଇଛି। ବର୍ତ୍ତମାନ ଭାରତୀୟ ରେଳପଥ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଲଗା ଆପ୍ ରହିଛି । ଏକାଧିକ ଆପ୍ ସମ୍ପର୍କରେ ଅବଗତ ନ ଥିବାରୁ ମାତ୍ର ଯାତ୍ରୀମାନେ ଅସୁବିଧାରେ ପଡୁଛନ୍ତି। ସେଥିପାଇଁ ଭାରତୀୟ ରେଳପଥ ଏକ ସୁପର ଆପ୍ ବିକାଶ କରୁଥିବା ସୂଚନା ମିଳିଛି। ଏହି ଆପ୍ ଯାତ୍ରୀଙ୍କୁ ରେଳବାଇର ସମସ୍ତ ସେବା ଗୋଟିଏ ସ୍ଥାନରେ ପ୍ରଦାନ କରିବ। ଭାରତୀୟ ରେଳପଥର ଏହି ସୁପର ଆପ୍ ଟେକ୍ନୋଲୋଜି ହିସାବରେ ବହୁ ଉନ୍ନତ ହେବ ଏବଂ ପ୍ରାୟ ସମସ୍ତ ସେବାକୁ ଗୋଟିଏ ପ୍ଲାଟ୍‌ଫର୍ମରେ ପ୍ରଦାନ ପାଇଁ କାର୍ଯ୍ୟ କରିବ । ଏହା ମାଧ୍ୟମରେ ଯାତ୍ରୀ ଗୋଟିଏ ସ୍ଥାନରେ ଟିକେଟ ବୁକିଂ ଏବଂ ଟ୍ରେନ୍ ଟ୍ରାକିଂ ଭଳି ଅନେକ କାର୍ଯ୍ୟ କରିବାକୁ ସମର୍ଥ ହେବେ। ଲୋକ ସଭା ନିର୍ବାଚନ ୨୦୨୪ ପୂର୍ବରୁ ଏହାକୁ ଆରମ୍ଭ କରିବାକୁ ପ୍ରସ୍ତୁତି ଚାଲିଛି। ଏହା ବ୍ୟତୀତ ଟିକେଟ ଫେରସ୍ତ ପାଇଁ ଭାରତୀୟ ରେଳପଥ ୨୪ ଘଣ୍ଟା ସେବା ଆରମ୍ଭ କରିବାକୁ ଯାଉଛି। ଏହା ଟିକେଟ ବାତିଲର ସେବାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ, ଆଇଆର୍‌ସିଟିସି ରେଳ କନେକ୍ଟ ଆପ୍ ଭାରତୀୟ ରେଳପଥର ସବୁଠାରୁ ଲୋକପ୍ରିୟ ମୋବାଇଲ ଆପ୍ ଭାବେ ପରିଚୟ ପାଇଛି। ପାଖାପାଖି ୧୦ କୋଟି ଲୋକ ଏହି ଆପ୍ ଡାଉନଲୋଡ୍ କରିଛନ୍ତି। ଏହା ବ୍ୟତୀତ ରେଳ ମଦଦ୍, ୟୁଟିଏସ୍, ସତର୍କ, ଟିଏମ୍‌ଏସ୍ ନିରୀକ୍ଷଣ, ଆଇଆର୍‌ସିଟିସି ଏୟାର ଏବଂ ପୋର୍ଟରିଡ୍ ଭଳି ଅନେକ ଆପ୍ ମଧ୍ୟ କାମ କରୁଛି। ରେଳପଥ ଏହି ସମସ୍ତ ଆପ୍‌କୁ ଗୋଟିଏ ଆପ୍‌ରେ ସଂଯୋଗ କରିବାକୁ ଚେଷ୍ଟା କରୁଛି। ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁଯାୟୀ ୪ ଲକ୍ଷରୁ ଅଧିକ ଲୋକ କୋଲକାତା ମେଟ୍ରୋର ମୋବାଇଲ ଆପ୍ ବ୍ୟବହାର କରୁଛନ୍ତି। ଏହାକୁ କେନ୍ଦ୍ର ରେଳ ସୂଚନା (ସିଆର୍‌ଆଇଏସ୍) ଦ୍ୱାରା ବିକଶିତ କରାଯାଇଛି। ଯାତ୍ରୀମାନେ ଏହାକୁ ବ୍ୟବହାର କରି ଅନେକ ସେବା ପାଇପାରୁଛନ୍ତି।

## ବିଏକୁ ଓଡ଼ିଶାର ଶ୍ରେଷ୍ଠ ୫ଜି ନେଟ୍‌ୱର୍କ ପୁରସ୍କାର

ଭୁବନେଶ୍ୱର, ୧୧।୪

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ (ବିଏ)କୁ ନିକଟରେ ଓଡ଼ିଶାର ଶ୍ରେଷ୍ଠ ୫ଜି ନେଟ୍‌ୱର୍କ ଆୱାର୍ଡ (ପୁରସ୍କାର)ରେ ସମ୍ମାନିତ କରାଯାଇଛି। ଏପରିକି ନେଟ୍‌ୱର୍କ ଓ ଗ୍ରାହକଙ୍କ ପାଇଁ ସ୍ୱାଧୀନ ବିଶ୍ୱସ୍ତରୀୟ ମାନକ ଓପନ୍ ସିଗ୍‌ନାଲ ପକ୍ଷରୁ ଓଡ଼ିଶା ଟେଲିକମ୍ ସର୍କଲର ଶ୍ରେଷ୍ଠ ୫ଜି ନେଟ୍‌ୱର୍କ ଆୱାର୍ଡରେ ବିଏକୁ ପୁରସ୍କୃତ କରିଛି। ବିଶେଷକରି ଓପନ୍ ସିଗ୍‌ନାଲ୍‌ର ସଦ୍ୟତମ ଉପଭୋକ୍ତା ରିପୋର୍ଟ ଅନୁଯାୟୀ ଏୟାରଟେଲ ମୋଟ ନେଟ୍‌ୱର୍କ ଚାର୍ଟର ଶୀର୍ଷରେ ରହିଛି ଏବଂ ୬ଟି ପୁରସ୍କାର ମଧ୍ୟରୁ ୬ଟିରେ ବିଜୟୀ ସହ ବିଏ ରାଜ୍ୟର ଶ୍ରେଷ୍ଠ ୫ଜି ନେଟ୍‌ୱର୍କରେ ପରିଣତ ହୋଇଛି। ସେହିଭଳି ଏୟାରଟେଲ ଉଭୟ ଲାଇଭ୍ ଏବଂ ଅନ୍-ଡିମାଣ୍ଡ ଭିଡିଓ ଷ୍ଟ୍ରିମିଂରେ ସାମଗ୍ରିକ ୫ଜି ଭିଡିଓ ଷ୍ଟ୍ରିମିଂ ଅଭିଜ୍ଞତାର ଶୀର୍ଷ ସ୍ଥାନରେ ରହିଛି।

## ଏକ୍ସାଇଡ୍ ସହ ହ୍ୟୁଣ୍ଡାଇର ବୁଝାମଣା




ଭୁବନେଶ୍ୱର, ୧୧।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍) ଏବଂ ଏକ୍ସାଇଡ୍ ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେହିକଲ ବା ଇଭି)ର କାରବାର ବୃଦ୍ଧି ପାଇଁ ଉଭୟ ବ୍ୟାଟେରି ଚାହିଦା ଓ ଉତ୍ପାଦନ ବୃଦ୍ଧି ପାଇଁ କମ୍ପାନୀ ଏକ୍ସାଇଡ୍ ଏନର୍ଜି ସହ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଅପରପକ୍ଷରେ ଏକ୍ସାଇଡ୍ ଅଗ୍ରଣୀ ବ୍ୟାଟେରି ଉତ୍ପାଦନକାରୀ ହୋଇଥିବାବେଳେ ଲିଥିୟମ ଆଇରନ ଫସ୍‌ଫେଟ (ଏଲ୍‌ଏଫ୍‌ପି) ସେଲ୍‌ସ ବିଶିଷ୍ଟ ବ୍ୟାଟେରି ହ୍ୟୁଣ୍ଡାଇର ଇଭି ମଡେଲ ପାଇଁ ଯୋଗାଇଦେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଇନ୍‌ଭେସ୍‌କୋ ସହ ଆଇଆଇଏଚ୍‌ଏଲ୍‌ର ସହ ଭାଗିତା

ଭୁବନେଶ୍ୱର,୧୧।୪

ଇଣ୍ଡସ୍‌ଇଣ୍ଡ ଇଣ୍ଟରନ୍ୟାଶନାଲ ହୋଲ୍‌ଡିଂସ୍ ଲିମିଟେଡ୍ (ଆଇଆଇଏଚ୍‌ଏଲ୍) ଏବଂ ଇନ୍‌ଭେସ୍‌କୋ ଲିମିଟେଡ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ସ୍ଥାପନକୁ ନେଇ ନିକଟରେ ସହଭାଗିତା ସ୍ଥାପନ ହୋଇଛି। ଏପରିକି ଇନ୍‌ଭେସ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ଇଣ୍ଡିଆ ଲିମିଟେଡ୍ (ଆଇଏଏମ୍‌ଆଇଏଲ୍)ର ୬୦% ଅଂଶଧନକୁ ଆଇଆଇଏଚ୍‌ଏଲ୍ ଅଧିଗ୍ରହଣ କରିବ। ଉଲ୍ଲେଖଯୋଗ୍ୟ, ଆଇଏଏମ୍‌ଆଇ ହେଉଛି, ଇନ୍‌ଭେସ୍‌କୋ ଲିମିଟେଡ୍‌ର ଭାରତୀୟ ଶାଖା କମ୍ପାନୀ, ଯାହାର ପରିଚାଳନା ଅଧୀନ ସମ୍ପତ୍ତି ପରିମାଣ ୧.୬ ଟ୍ରିଲିଅନ୍ ଡଲାର ରହିଛି। ଆଇଆଇଏଚ୍‌ଏଲ୍ ହେଉଛି, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପ୍ରତିଷ୍ଠା କରିଥିବା ସଂସ୍ଥା ଯାହା ଭାରତର ୫ମ ବୃହତମ ଘରୋଇ ବ୍ୟାଙ୍କ। ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧୀନରେ ପରିଚାଳିତ ହେଉଥିବା ଏହି ବ୍ୟାଙ୍କ ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ ରହିଛି। ନୂତନ ଭାବେ ଗଠନ ହେବାକୁ ଥିବା ଯୌଥ ଉଦ୍ୟୋଗରେ ଇନ୍‌ଭେସ୍‌କୋର ୪୦% ଅଂଶଧନ ରହିବ ଏବଂ ଉଭୟ ତା'ର ପ୍ରାୟୋଜକ ମାନ୍ୟତା ବଜାୟ ରଖିବେ। ଏ ନେଇ ଆଇଆଇଏଚ୍‌ଏଲ୍‌ର ଅଧ୍ୟକ୍ଷ ଅଶୋକ ହିନ୍ଦୁଜା କହିଛନ୍ତି,ଇନ୍‌ଭେସ୍କୋ ସହିତ ଏହି ସହଭାଗିତା ଆମ ବ୍ୟବସାୟ ଦର୍ଶନ ଏବଂ ନୀତି 'ଅଭିବୃଦ୍ଧି ପାଇଁ ସହଯୋଗିତା' ଏବଂ 'ଆକ୍ଟ ଲୋକାଲ ଥିଙ୍କ୍ ଗ୍ଲୋବାଲ' ସହ ସଂଯୁକ୍ତ ଏବଂ ଏହା ଆମ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି ଯାତ୍ରାର ଆଉ ଏକ ପଦକ୍ଷେପ ହେବ ବୋଲି ଆକଳନ କରାଯାଉଛି। ଇନ୍‌ଭେସ୍କୋ ଏସିଆ ପ୍ୟାସିଫିକ୍‌ର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଣ୍ଡ୍ରି ଲୋ କହିଛନ୍ତି, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବଜାରରେ ଅଧିକ ଘରୋଇ ନିବେଶକଙ୍କୁ ସେବା ଯୋଗାଇବା ପାଇଁ ଆମର ଉଚ୍ଚ ଗୁଣବତ୍ତା, ବିଶ୍ୱସ୍ତରୀୟ ଏବଂ ଘରୋଇ ନିବେଶ କ୍ଷମତାର ବିତରଣ ଜାରି ରଖିବା ପାଇଁ ଆମେ ଆଇଆଇଏଚ୍‌ଏଲ୍ ସହିତ ସହଯୋଗିତା ସ୍ଥାପନକରି ଉତ୍ସାହିତ ଅଛୁ।

## ଅଲ୍ ନ୍ୟୁ ପଲ୍‌ସର ଏନ୍‌୨୫୦ର ଅନାବରଣ

ଭୁବନେଶ୍ୱର,୧୧।୪ (ଅଭୟ ଦାଶ)



ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ପଲ୍‌ସର ଏନ୍‌୨୫୦'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ପଲ୍‌ସର ଏନ୍‌୨୫୦ରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ଆଧୁନିକ ଫିଚର ଏବଂ ୨୪୯ସିସିର ସିଙ୍ଗଲ ସିଲିଣ୍ଡର ଇଞ୍ଜିନ ସହ ୨୪.୧ବିଏଚ୍‌ପି,୨୧.୫ଏନ୍‌ଏମ୍ ଭଳି ସୁବିଧା ସାମିଲ ରହିଛି। ସେହିଭଳି ୩୭ ଏମ୍‌ଏମ୍ ୟୁଏସ୍‌ଡି ଫର୍କ ସହିତ ୩ସ୍ତରୀୟ ଟିସିଏସ୍ ଆଣ୍ଡ ଏବିଏସ୍ ଟେକ୍ନୋଲୋଜି ଏବଂ ସମ୍ପୂର୍ଣ୍ଣ ଡିଜିଟାଲ ଉପକରଣ ସାଙ୍ଗକୁ କନ୍‌ସୋଲ ଏବଂ ବ୍ଲୁ ଟୁଥ୍ କନେକ୍ଟିଭିଟି ଭଳି ସୁବିଧା ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ୫ସ୍ପିଡ୍ ଗିୟରବକ୍ସ ସହିତ ୱାଇଡ୍ ଟାୟାର ଭଳି ଅନେକ ସୁରକ୍ଷାଭିତ୍ତିକ ସୁବିଧା ଓ ଫିଚର ଏହି ମଡେଲରେ ସାମିଲ ହୋଇଥିବାବେଳେ ଆକର୍ଷଣୀୟ ଡିଜାଇନ ଓ ୩ଟି ମନଲୋଭା ରଙ୍ଗ ସହ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ନୂଆଦିଲ୍ଲୀ) ୧.୫୧ ଲକ୍ଷ ଟଙ୍କା ରହିଛି।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ସଭାପତି (ମୋଟରସାଇକେଲ) ସାରଙ୍ଗ କାଣ୍ଡେ କହିଛନ୍ତି, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ପଲ୍‌ସର ଏନ୍‌୨୫୦'କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏନ୍ ସିରିଜ ଘରୋଇ ବଜାରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ସିରିଜର ଅଗ୍ରଣୀ ମଡେଲ ଏନ୍‌୧୫୦ ଏବଂ ଏନ୍‌୧୬୦ ମଧ୍ୟ ପୂର୍ବରୁ ମାର୍କେଟ ଲିଡର ଭାବେ ବେଶ୍ ପ୍ରଭାବଶାଳୀ କାରବାର ସହ ଯୁବବର୍ଗଙ୍କ ନିକଟତର ହୋଇପାରିଥିଲା।

## ବଜାରରେ ପାନାସୋନିକ୍‌ର ନୂତନ ଏସି ରେଞ୍ଜ

ଭୁବନେଶ୍ୱର,୧୧।୪

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ ତଥା ବିବିଧ ଟେକ୍ନୋଲୋଜି କମ୍ପାନୀ ପାନାସୋନିକ୍ ଲାଇଫ୍ ସଲ୍ୟୁସନ୍ସ ଇଣ୍ଡିଆ (ପିଏଲ୍‌ଏସ୍‌ଆଇଏନ୍‌ଡି)ର ନୂତନ ଏୟାର କଣ୍ଡିସନର(ଏସି)ର ୨୦୨୪-ଲାଇନ ଅପର ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡ୍‌ର ୧.୦,୧.୫ ଏବଂ ୨.୦ ଟନର ବ୍ୟାପକ ଶୃଙ୍ଖଳାର ବୈଶିଷ୍ଟ୍ୟ ଥିବା ୬୦ରୁ ଅଧିକ ମଡେଲକୁ କମ୍ପାନୀ ବଜାରରେ ଉପଲବ୍ଧ କରାଇଛି। ଏପରିକି ଉକ୍ତ ଏସିର ସର୍ବଶେଷ ପରିସର ବର୍ତ୍ତମାନ ସମସ୍ତ ମୁଖ୍ୟ ରିଟେଲ ଆଉଟ୍‌ଲେଟ୍, ଇ-କମର୍ସ ପ୍ଲାଟ୍‌ଫର୍ମ ଏବଂ ପାନାସୋନିକ୍ ବ୍ରାଣ୍ଡ ଷ୍ଟୋରଗୁଡିକରେ ଉପଲବ୍ଧ। ଏ ସମ୍ପର୍କରେ ପିଏଲ୍‌ଏସ୍‌ଆଇଏନ୍‌ଡି,ପିଏମ୍‌ଆଇଏନ୍‌ର ବିଜ୍‌ନେସ୍ ହେଡ୍ (ଏସି ଗ୍ରୁପ୍) ଅଭିଷେକ ବର୍ମା କହିଥିଲେ,ପାନାସୋନିକ୍‌ଠାରୁ ଭାରତର ପ୍ରଥମ ମେଟର-ଏନାବେଲ୍‌ଡ ଏସି କେବଳ ପାରସ୍ପରିକ କାର୍ଯ୍ୟଦକ୍ଷତା ପ୍ରଦାନ କରେ ନାହିଁ ବରଂ ଆମର ଇକୋ-ଟଚ୍ କାସିଙ୍ଗ ସହିତ ନିର୍ଭରଯୋଗ୍ୟତା ଏବଂ ସ୍ଥାୟିତ୍ୱ ମଧ୍ୟ ଆଣିଥାଏ। ଏପରିକି ଅଭିନବ ମିର୍‌ଆଇ ପ୍ଲାଟ୍‌ଫର୍ମ ଦ୍ୱାରା ଆମେ ଗ୍ରାହକଙ୍କ ପାଇଁ ସ୍ମାର୍ଟ ଘର ଅଭିଜ୍ଞତାକୁ ପୁନଃ ବ୍ୟାଖ୍ୟା କରୁଛୁ, ଟ୍ରୁ ଏଆଇ ପରି ବୈଶିଷ୍ଟ୍ୟଗୁଡିକ ସହିତ ସ୍ୱୟଂଚାଳିତ ଏସି ଭାବେ ସର୍ବୋତ୍କୃଷ୍ଟ ଥଣ୍ଡା ପାଇଁ ସେଟିଂ ସଜାଡ଼ିଥାଏ ଏବଂ ବ୍ୟକ୍ତିଗତ ଶୋଇବା ପ୍ରୋଫାଇଲ ରାତିରେ ମାନୁଆଲ ତାପମାତ୍ରା ସଜାଡିବାର ଆବଶ୍ୟକତାକୁ ଦୂର କରିଥାଏ। ସେହିଭଳି ଅଧିକ ଇନ୍‌ଭର୍ଟର ଏସି ବିକ୍ରୟକୁ ପୁଞ୍ଜିକରି ଆମେ ଦକ୍ଷିଣ ଭାରତରୁ ଇନ୍‌ଭର୍ଟର ଏସିର ଚାହିଦା ବୃଦ୍ଧି ହେବାର ଆଶା କରୁଛୁ। ପ୍ରାୟ ୭% ଏସି ଅନୁପ୍ରବେଶ ସହିତ ଭାରତରେ ଏହି ଉଦ୍ୟୋଗରେ ବିପୁଳ ଅଭିବୃଦ୍ଧି ସମ୍ଭାବନା ରହିଛି। ତେଣୁ ଆମେ ଏହି ସୁଯୋଗକୁ ଆଧାରକରି ଗତ ଏସି ଋତୁ ତୁଳନାରେ ୪୦% ବୃଦ୍ଧି କରିବାକୁ ଆଶା କରୁଛୁ।

**ନୀତି ରାଜନୀତି**

# ଇଦ୍‌ରେ ମୋକିମ୍-ପ୍ରକାଶଙ୍କ ଆଲିଙ୍ଗନକୁ ନେଇ ଚର୍ଚ୍ଚା

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)



ବିଜେଡି ନେତା ପ୍ରକାଶ ବେହେରା ଏବଂ କଂଗ୍ରେସ ନେତା ମହମ୍ମଦ ମୋକିମ୍ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

କଦମରସୁଲଠାରେ ବୁଧବାର ଇଦ୍ ପାଳନ ଅବସରରେ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ୍, ବିଜେଡି ନେତା ତଥା କଟକ ମେୟର ସୁବାସ ସିଂ, ରାଜ୍ୟ ସଭା ସଦସ୍ୟ ତଥା କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ସମେତ ବହୁ ନେତା ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଙ୍କୁ ମୋକିମ ଆଲିଙ୍ଗନ କରି ଓ ହାତ ମିଳାଇ ଇଦ୍ ମୁବାରକ ଜଣାଇଛନ୍ତି। ଏହି ଆଲିଙ୍ଗନ ସମୟର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ନାନା ଚର୍ଚ୍ଚା ମଧ୍ୟ ଚାଲିଛି। ନିର୍ବାଚନକୁ ଅଳ୍ପ ଦିନ ବାକି ଥିବାବେଳେ ନେତାମାନେ ଏବେ ନିଜ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ବିଭିନ୍ନ କୌଶଳ ଜାରି ରଖିଛନ୍ତି। ଏପରିକି ପର୍ବପର୍ବାଣିରେ ଲୋକଙ୍କ ନିକଟତର ହେବାକୁ ପ୍ରୟାସ କରୁଛନ୍ତି। ବିଶେଷକରି ମୁସଲିମ ସମ୍ପ୍ରଦାୟ ଲୋକଙ୍କ ଭୋଟ୍ ହାତେଇବାକୁ ପ୍ରାର୍ଥୀମାନେ ସେମାନଙ୍କୁ ଭେଟି ଇଦ୍ ଶୁଭେଚ୍ଛା ଜଣାଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏ ନେଇ ମୋକିମ କହିଛନ୍ତି, ଇଦ୍ ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆଜି ଏକଜୁଟ ହୋଇଛୁ। ଏହାକୁ ନେଇ ରାଜନୀତି କରା ନ ଯାଉ। ଭାଇଚାରାର ସହର କଟକରେ ସର୍ବଦା ସମସ୍ତଙ୍କୁ ସମ୍ମାନ ଜଣାଇବା ଏବଂ ଆଗାମୀ ନିର୍ବାଚନରେ ଅଧିକରୁ ଅଧିକ ଭୋଟ ଦେଇ ଗଣତନ୍ତ୍ରକୁ ବଜାୟ ରଖିବା ପାଇଁ ମୋକିମ ଆହ୍ୱାନ ଦେଇଛନ୍ତି। ପ୍ରକାଶ କହିଛନ୍ତି, ନିଆରା ପରିବେଶ ଆଜି କଟକରେ ଦେଖିବାକୁ ପାଇଛି। କୌଣସି ଧର୍ମ ଅଲଗା ନୁହେଁ ସବୁ ସମାନ। କଦମ-ଏ-ରସୁଲଠାରେ ଇଦ୍ ପାଳିଛି, ମୁସଲିମ ସମ୍ପ୍ରଦାୟର ଲୋକଙ୍କ ସହ ମିଶିପାରିଛି। କଟକ ସହରର ଭାଇଚାରା ଏପରି ବଞ୍ଚିରହୁ ବୋଲି କାମନା କରୁଛି। ସେହିପରି ସଂତୃପ୍ତ କହିଛନ୍ତି, ପ୍ରଥମକରି କଟକରେ ଇଦ୍ ପର୍ବରେ ସାମିଲ ହୋଇଛି। ମୁସଲିମ୍ ସମ୍ପ୍ରଦାୟ ଲୋକଙ୍କ ସହ ଏହି ପର୍ବ ପାଳି ବହୁ ଆନନ୍ଦ ଲାଗୁଛି।

## କଟିଲେ ଭୂପିନ୍ଦର, ମନୋରମାଙ୍କୁ ଟିକେଟ

ଭବାନୀପାଟଣା,୧୧।୪
(ଉତ୍ତମ କୁମାର ଦାଶ)

**ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ**


ମନୋରମା ମହାନ୍ତି

କଳାହାଣ୍ଡିରେ ବିଜେଡି ପୁଣି ମହିଳା କାର୍ଡ ଖେଳିଛି। ଜିଲାର ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥିନୀ ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତିଙ୍କୁ ଦଳ ଟିକେଟ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ବିଧାୟକ ଥିବା ଭୂପିନ୍ଦର ସିଂହଙ୍କ ଟିକେଟ କାଟିଦିଆଯାଇଛି। ଏହା ପୂର୍ବରୁ ବିଜେଡି ମହିଳା କାର୍ଡ ଖେଳି ଭବାନୀପାଟଣା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ଭାବେ ଲଳିତା ନାଏକଙ୍କୁ ଟିକେଟ ଦେଇସାରିଛି। ଜିଲାରେ ୫ଟି ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ବିଜେଡି ୨ଟି ବିଧାନସଭା କ୍ଷେତ୍ରରେ ମହିଳାଙ୍କୁ ସୁଯୋଗ ଦେଇଛି। ମନୋରମାଙ୍କୁ ଟିକେଟ ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମନୋରମା ପୂର୍ବରୁ ନର୍ଲା ବ୍ଲକ ଅଧ୍ୟକ୍ଷା ରହିଥିବାବେଳେ ଏଥର ମଧ୍ୟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତି ମଧ୍ୟ ବର୍ତ୍ତମାନ ବ୍ଲକ ଉପାଧ୍ୟକ୍ଷ ରହିଛନ୍ତି। ଚଳିତ ନିର୍ବାଚନରେ ନର୍ଲାରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଅନିରୁଦ୍ଧ ପଧାନ, କଂଗ୍ରେସ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଟିକେଟ ପାଇଛନ୍ତି। ବର୍ତ୍ତମାନ ବିଜେଡି ମନୋରମାଙ୍କୁ ଟିକେଟ ଦେବାପରେ ଏଠାରେ ତ୍ରିମୁଖୀ ଲଢେଇ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ତାଳଚେରରେ ବ୍ରଜ, ଅନୁଗୋଳରେ ଛିଣ୍ଡୁନି

ଅନୁଗୋଳ,୧୧।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରୁ ପୁଣି ଲଢ଼ିବେ ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନ। ଗୁରୁବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବା ସହ ତାଳଚେରରୁ ବ୍ରଜକିଶୋରଙ୍କ ନାମ ସ୍ପଷ୍ଟ କରିଛନ୍ତି। ଫଳରେ କିଛିଦିନ ହେଲା ତାଳଚେରକୁ ନେଇ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱର ଅବସାନ ଘଟିଛି। ହେଲେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ଏହାକୁ ନେଇ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ଆଶା ଆଶଙ୍କା ଅଧିକ ବଢ଼ିଯାଇଛି।

ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଅନୁଗୋଳ ଓ ତାଳଚେର ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣାକୁ ବିଜେଡି ବେଶ୍ କିଛିଦିନ ହେଲା ଝୁଲାଇ ରଖିଥିଲା। ଏଭଳି କି ବ୍ରଜ ଅନୁଗୋଳରୁ ପ୍ରାର୍ଥୀ ହେବେ ବୋଲି ଗୋଟିଏ ସମୟରେ କୁହାଯାଉଥିଲା। କିନ୍ତୁ କର୍ମୀ ଓ ସମର୍ଥକମାନେ ବ୍ରଜଙ୍କୁ ତାଳଚେରରୁ ଟିକେଟ୍ ପ୍ରଦାନ କରାଯାଉ ବୋଲି ଦାବି କରୁଥିଲେ। ତେବେ ତୃତୀୟ ଥର ପାଇଁ ବିଜେଡି ବ୍ରଜଙ୍କୁ ତାଳଚେରରୁ ପ୍ରାର୍ଥୀ କରିବା ପରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତଃ ଘଟିଛି। ତାଳଚେର ଟିକେଟ୍ ପୁନର୍ବାର ହାତେଇବା ପରେ ବିଧାୟକ ପ୍ରଧାନ ଏଥିପାଇଁ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଅନ୍ୟପକ୍ଷରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦଳ କାହାକୁ ପ୍ରାର୍ଥୀ କରିବ ତାହା ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ପରେ ମଧ୍ୟ ସ୍ପଷ୍ଟ ହୋଇନାହିଁ। ଏପରି କି ଅନୁଗୋଳ ବିଧାୟକ ରଜନୀକାନ୍ତଙ୍କ ଭାଗ୍ୟ ପୁଣି ଥରେ ଆଶଙ୍କା ମଧ୍ୟକୁ ଠେଲି ହୋଇଯାଇଥିବା ଆଲୋଚନା ହେଉଛି।

# ଝୁଲି ରହିଲା ବିଜେଡିର ୩୦ ଆସନ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

ବିଜେଡି ଗୁରୁବାର ସୁଦ୍ଧା ୨୧ ଲୋକ ସଭା ଏବଂ ୧୧୭ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ପୂର୍ବରୁ ୨୦ ଲୋକ ସଭା ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବାଲେଶ୍ୱର ଆସନ ଝୁଲାଇ ରଖିଥିଲା। ଏବେ ଏହି ଆସନରେ ନିକଟରେ ଭାଜପା ଛାଡ଼ି ବିଜେଡିରେ ମିଶିଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ୪ଟି ପର୍ଯ୍ୟାୟରେ ବିଜେଡି ୧୧୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଆହୁରି ୩୦ ଆସନ ପାଇଁ ଟିକେଟ ଲକ୍ଷ୍ୟରେ ଥିବା ଆଶାୟୀଙ୍କୁ ଦଳ ଝୁଲାଇ ରଖିଛି। ଅନ୍ୟପଟେ ୨୧ ଲୋକ ସଭା ଆସନ ମଧ୍ୟରୁ ଅନ୍ୟ ଦଳରୁ ଆମଦାନୀକରି ଆଣିଥିବା ୯ ଜଣ ନେତାଙ୍କୁ ଦଳ ଟିକେଟ ଦେଇଥିବା ବେଳେ ୬ ଜଣଙ୍କୁ ରିପିଟ୍ କରିଛି। ବାକି ୬ଟି ଆସନରେ ଦଳ ଭିତରୁ ନୂଆ ପ୍ରାର୍ଥୀ ଉପରେ ଭରସା କରାଯାଇଛି। ଅନ୍ୟପଟେ ଏ ପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିବା ୩୦ ବିଧାନସଭା ଆସନରେ ମଧ୍ୟ ବହୁ ବରିଷ୍ଠ ନେତାଙ୍କ ନାମ ଏ ପର୍ଯ୍ୟନ୍ତ ଘୋଷଣା ନ ହେବା ସେମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

୨୧ ଲୋକ ସଭା ଆସନ ମଧ୍ୟରୁ ଭାଜପାରୁ ଆସିଥିବା ୪ ଜଣଙ୍କୁ ବିଜେଡି ଏମ୍‌ପି ପ୍ରାର୍ଥୀ କରିଛି। ସେମାନଙ୍କ ମଧ୍ୟରେ ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ପରିଣିତା ମିଶ୍ର ଏବଂ ଧନୁର୍ଜୟ ସିଦ୍ଧୁ ଭାଜପାରୁ ଆସି ବିଜେଡିରେ ସାମିଲହୋଇ ପରବର୍ତ୍ତୀ ସମୟରେ ଟିକେଟ ହାତେଇଛନ୍ତି। ସେହିପରି ଅଂଶୁମାନ ମହାନ୍ତିଙ୍କୁ କଂଗ୍ରେସରୁ ଆଣି ବିଜେଡି କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ କରିଛି। ସୁରେନ୍ଦ୍ର ସିଂଭୋଇଙ୍କୁ ବଲାଙ୍ଗୀର, ଜଟଣୀ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟଙ୍କୁ ଭୁବନେଶ୍ୱର, ନବରଙ୍ଗପୁରରେ ପ୍ରଦୀପ ମାଝି ଏବଂ ଅବିନାଶ ସାମଲଙ୍କୁ ଢେଙ୍କାନାଳ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ କରିଛି। ପ୍ରଦୀପ ମାଝି ୨୦୧୯ ନିର୍ବାଚନ ପରେ ବିଜେଡିରେ ସାମିଲ ହୋଇଥିଲେ। ଅଂଶୁମାନ, ମନ୍ମଥ ଏବଂ ସୁରେନ୍ଦ୍ରଙ୍କୁ ଦଳ କିଛିଦିନ ତଳେ ସାମିଲକରି ତୁରନ୍ତ ୨୦୨୪ ପାଇଁ ଲୋକ ସଭା ପ୍ରାର୍ଥୀ କରିଛି। ଏହିପରି ଭାଜପା ଏବଂ କଂଗ୍ରେସରୁ ଆସିଥିବା ମୋଟ୍ ୯ ଜଣଙ୍କୁ ଦଳ ଲୋକ ସଭା ପାଇଁ ପ୍ରାର୍ଥୀ କରିଛି। ସେହିପରି ବିଜେଡି ୨୦୧୯ର ୪ ଜଣ ବିଜୟୀ ପ୍ରାର୍ଥୀ ଶର୍ମିଷ୍ଠା ସେଠୀ, ମଞ୍ଜୁଲତା ମଣ୍ଡଳ, ଅଚ୍ୟୁତ ସାମନ୍ତ ଏବଂ ରାଜଶ୍ରୀ ମଲ୍ଲିକଙ୍କୁ ଦଳ ରିପିଟ୍ କରିଛି। ଏପରି କି ହାରିଥିବା ଦୁଇ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ପୁରୀ ଏବଂ କୌଶଲ୍ୟା ହିକ୍କାଙ୍କୁ କୋରାପୁଟରେ ପ୍ରାର୍ଥୀ କରିଥିବାବେଳେ ୬ଟି ଆସନରେ ଦଳ ନୂଆ ପ୍ରାର୍ଥୀଙ୍କୁ ଆଗକୁ ଆଣିଛି। ଦଳ ଲୋକ ସଭା ପାଇଁ ୭ ଜଣ ମହିଳା ପ୍ରାର୍ଥୀ କରି ୩୩% ସଂରକ୍ଷଣ ବାର୍ତ୍ତା ଦେବାରେ ସଫଳ ହୋଇଛି।

ଅନ୍ୟପକ୍ଷରେ ବିଜେଡି ଏବେ ସୁଦ୍ଧା ଆଉ ୩୦ ବିଧାନସଭା ନିର୍ବାଚନମଣ୍ଡଳୀରେ କାହାକୁ ଏପର୍ଯ୍ୟନ୍ତ ଟିକେଟ ଦେଇନାହିଁ। ଏଥିପାଇଁ ବହୁ ପ୍ରାର୍ଥୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଆସନଗୁଡିକରେ ବିଦ୍ରୋହ କିମ୍ବା ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ସୁଯୋଗ ଦେବା ପାଇଁ ଏହିସବୁ ଆସନକୁ ଦଳ ଝୁଲାଇ ରଖିଥିବା ଚର୍ଚ୍ଚା ହେଉଛି। ସେଗୁଡିକ ମଧ୍ୟରେ ପଦ୍ମପୁର, ରଘୁନାଥପାଲି, କୁଚିଣ୍ଡା, ଦେବଗଡ଼, ଆନନ୍ଦପୁର, ଚମ୍ପୁଆ, କରଞ୍ଜିଆ, ସାରସକଣା, ବାଙ୍ଗିରିପୋଷି, ଭୋଗରାଇ, ରେମୁଣା, ନୀଳଗିରି, ସିମୁଳିଆ, ବରୀ, ବଡ଼ଚଣା, କୋରେଇ, ହିନ୍ଦୋଳ, ଅନୁଗୋଳ, କଣ୍ଟାବାଞ୍ଜି, ଚିତ୍ରକୋଣ୍ଡା, ଖଣ୍ଡପଡ଼ା, କେନ୍ଦ୍ରାପଡ଼ା, ବାଲିଗୁଡା-ଏରସମା, କାକଟପୁର, ନିମାପଡ଼ା, ଚିଲିକା, ବେଗୁନିଆ, ଖୋର୍ଦ୍ଧା, ସାନଖେମୁଣ୍ଡି ଏବଂ ଜୟପୁର ଆସନ ରହିଛି। ଏଥିମଧ୍ୟରୁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ଥିବା ତୁଷାରକାନ୍ତି ବେହେରାଙ୍କୁ ଏ ପର୍ଯ୍ୟନ୍ତ ଦଳ ଟିକେଟ ଦେଇନାହିଁ। ପୁରୀ ଜିଲାର ଏହି ଦୁଇ ନେତା ୨୦୧୯ ପରେ ନିମାପଡ଼ା ଏବଂ କାକଟପୁରରୁ ଜିତି ମନ୍ତ୍ରୀ ହୋଇଥିଲେ। ଏହି ଦୁଇ ବିଧାନସଭା ଆସନ ଜଗତସିଂହପୁର ଲୋକ ସଭା ଆସନ ମଧ୍ୟରେ ଆସୁଛି। ସେହିପରି ବାଲିଗୁଡା-ଏରସମା ମଧ୍ୟ ଏହି ଲୋକ ସଭା ଆସନ ଭିତରେ ଆସୁଛି। ଏଠାରୁ ମଧ୍ୟ ରଘୁନନ୍ଦନ ଦାସ ୨୦୧୯ରେ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ। ଏହି ଆସନରେ ମଧ୍ୟ ଏଯାଏଁ କାହାକୁ ଟିକେଟ ଦିଆଯାଇ ନାହିଁ। ସେହିପରି ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଖୋର୍ଦ୍ଧା ଏବଂ ବେଗୁନିଆ ଆସନ ବାକି ରହିଛି। ସେହିପରି ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ଚିଲିକା ଆସନରେ ଦଳ କାହାକୁ ଟିକେଟ ଦେବ ସେକଥା ଚୂଡ଼ାନ୍ତ କରିପାରୁନାହିଁ। ସେହିପରି କଣ୍ଟାବାଞ୍ଜି ଏବଂ ସାନଖେମୁଣ୍ଡି ଆସନରେ କଂଗ୍ରେସ ୨୦୧୯ରେ ବିଜୟୀ ହୋଇଥିଲା। ଏଥର ଏହି ଦୁଇ ଆସନରେ କଂଗ୍ରେସରୁ ବିଧାୟକ ହୋଇଥିବା ସନ୍ତୋଷ ସିଂ ସାଲୁଜା ଏବଂ ରମେଶ ଜେନାଙ୍କୁ ବିଜେଡି ନେବାକୁ ଚାହୁଁଥିବା କଥା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଏହିଦୁଇ ଆସନରେ ଦଳ ଏଯାଏଁ ପ୍ରାର୍ଥୀ ଘୋଷଣା କରି ନ ଥିବା ଚର୍ଚ୍ଚା ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁମ୍ବାଇର ଦ୍ୱିତୀୟ ବିଜୟ


ଯଶପ୍ରୀତ୍ ବୁମ୍‌ରା

**ମୁମ୍ବାଇ, ୧୧।୪**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ଗୁରୁବାର ମୁମ୍ବାଇ ଇଣ୍ଡିଆନ୍ସ ୭ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଆରସିବି ୮ ଉଇକେଟରେ ୧୯୬ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୫.୩ ଓଭରରେ ୩ ଉଇକେଟରେ ୧୯୯ ରନ୍ ସଂଗ୍ରହ କରିଥିଲା। ଯଶପ୍ରୀତ ବୁମ୍‌ରା ଆଇପିଏଲ କ୍ୟାରିୟରର ଦ୍ୱିତୀୟ ୫ ଉଇକେଟ ସଫଳତା ନେଇଥିଲେ।

ଟସ୍ ହାରି ମୁମ୍ବାଇ ପ୍ରଥମେ ବୋଲିଂ କରିଥିଲା। ଆରସିବି ପକ୍ଷର ଫାଫ୍ ଡୁପ୍ଲେସି, ରଜତ ପଟିଦାର ଓ ଦୀନେଶ କାର୍ତ୍ତିକ ଅର୍ଦ୍ଧଶତକ ହାସଲ କରିଥିଲେ। ବିରାଟ କୋହଲି ୩ ଓ ୱିଲ ଜ୍ୟାକ୍ସ ମାତ୍ର ୮ ରନ୍ କରି ଆଉଟ ହୋଇଥିଲେ। ଆରସିବି ୨୩ ରନ୍‌ରେ ଦୁଇ ଉଇକେଟ ହରାଇଥିବା ବେଳେ ରଜତ ପଟିଦାର(୫୦) ଓ ଅଧିନାୟକ ଫାଫ୍ ଡୁପ୍ଲେସି(୬୧)ତୃତୀୟ ଉଇକେଟରେ ୮୨ ରନ୍ ଯୋଡିଥିଲେ। ପଟିଦାର ୨୬ ବଲ୍ ଖେଳି ୩ ଚୌକା ଓ ୪ ଛକା ସହ ୫୦ ରନ୍ କରିଥିଲେ। ଡୁପ୍ଲେସି ୪୦ ବଲ୍ ଖେଳି ୪ ଚୌକା ଓ ୩ ଛକା ମାରିଥିଲେ। ଶେଷ ଭାଗରେ ଦୀନେଶ କାର୍ତ୍ତିକ ୨୩ ବଲ୍‌ର ଖେଳି ୫ ଚୌକା ଓ ୪ ଛକା ସହ ୫୩ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସଫଳ ବୋଲର ଭାବେ ୫ ,ଶ୍ରେୟସ ଗୋପାଳ, ଆକାଶ ମଧୱାଲ ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଇଶାନ କିଶନଙ୍କ ୬୯ ଓ ସୂର୍ଯ୍ୟକୁମାର ଯାଦବଙ୍କ ୫୨ ରନ୍ ବଳରେ ମୁମ୍ବାଇ ବିଜୟୀ ହୋଇଥିଲା। କିଶନ ୩୪ ବଲ୍ ଖେଳି ୭ ଚୌକା ଓ ୫ ଛକା ମାରିଥିଲେ। ସୂର୍ଯ୍ୟକୁମାର ୧୯ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରୋହିତ ଶର୍ମା ୩୮, ହାର୍ଦ୍ଦିକ ପାଣ୍ଡ୍ୟା ୨୧* ଓ ତିଳକ ବର୍ମା ୧୬* ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆରସିବି ୨୦ ଓଭରରେ ୧୯୬/୮(ଫାଫ୍ ଡୁପ୍ଲେସି-୬୧, ଦୀନେଶ କାର୍ତ୍ତିକ-୫୩*, ରଜତ ପଟିଦାର-୫୦, ଯଶପ୍ରୀତ୍ ବୁମ୍‌ରା-୫/୨୧, ଜେରାଲ୍ଡ କୋଜି-୧/୪୨, ଶ୍ରେୟସ ଗୋପାଳ-୧/୩୨)। ମୁମ୍ବାଇ ଇଣ୍ଡିଆନ୍ସ ୧୫.୩ ଓଭରରେ ୧୯୯/୩(ଇଶାନ କିଶନ-୬୯, ସୂର୍ଯ୍ୟକୁମାର ଯାଦବ-୫୨, ରୋହିତ ଶର୍ମା-୩୮, ୱିଲ ଜ୍ୟାକ୍ସ-୧/୨୪, ବିଜୟ କୁମାର-୧/୩୨, ଆକାଶ ଦୀପ୍-୧/୪୫)।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**
**ଲକ୍ଷ୍ନୌ ବନାମ ଦିଲ୍ଲୀ**
**ସ୍ଥାନ: ଲକ୍ଷ୍ନୌ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

# ଦକ୍ଷିଣାଞ୍ଚଳକୁ ହରାଇ ପୂର୍ବାଞ୍ଚଳ ଚାମ୍ପିୟନ

**ପୁଣେ,୧୧।୪ :** ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ମହିଳା ଇଣ୍ଟର ଜୋନାଲ ମଲ୍‌ଟି ଡେ' ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଛି। ଗୁରୁବାର ଏହି ଦଳ ଦକ୍ଷିଣାଞ୍ଚଳକୁ ୧ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚରେ ୧୮୩ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ପୂର୍ବାଞ୍ଚଳ ଗୁରୁବାର ସକାଳେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦/୨ ରୁ ଖେଳ ଆରମ୍ଭ କରିଥିଲା। ଦଳ ୬୧.୩ ଓଭରରେ ୯ ଉଇକେଟ ବିନିମୟରେ ୧୮୪ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଅଧିନାୟିକା ଦୀପ୍ତି ଶର୍ମା ସର୍ବାଧିକ ୪୬ ଏବଂ ରିଚା ଘୋଷ ୩୩ ରନ କରିଥିଲେ। ଦକ୍ଷିଣାଞ୍ଚଳ ତରଫରୁ ସାହାନା ପାୱାର ଓ ମିନୁ ମାନି ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ମହିଳା ଦଳ ପ୍ରଥମ ଇନିଂସ: ୧୩୩। ପୂର୍ବାଞ୍ଚଳ ପ୍ରଥମ ଇନିଂସ: ୧୨୯ ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୧୭୯ ପୂର୍ବାଞ୍ଚଳ ଦ୍ୱିତୀୟ ଇନିଂସ: ୧୮୪/୯ (ଦୀପ୍ତି ଶର୍ମା-୪୬, ରିଚା ଘୋଷ-୩୩, ମୋନିକା ଦାସ-୨୨ ; ସାହାନା ପାୱାର-୩/୪୪, ମିନୁ ମାନି-୩/୬୫)।

# ସ୍ପେନ୍‌ରେ ତାଲିମ ନେବେ ଜ୍ୟୋତି ୟାରାଜୀ

**ନୂଆଦିଲ୍ଲୀ, ୧୧।୪ (ପି.ଟି.):** ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଏସିଆନ ଗେମ୍ସ ପଦକ ବିଜେତା ହ୍ରିଣ୍ଟର ଜ୍ୟୋତି ୟାରାଜୀ ସ୍ପେନରେ ତାଲିମ ନେବେ। ଏଥିପାଇଁ ଗୁରୁବାର ସରକାରଙ୍କଠାରୁ କ୍ଲିୟରାନ୍ସ ପାଇଛନ୍ତି। ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଏହି ୨୪ ବର୍ଷୀୟ ଜ୍ୟୋତି ୧୦୦ମିଟର ହର୍ଡଲ୍ସ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ସ୍ପେନରେ ସେ ୪୫ ଦିନ ତାଲିମ ନେବେ। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। ସରକାର ତାଙ୍କ ବିମାନ ଯାତ୍ରା ଖର୍ଚ୍ଚ/ଲଜିଂ ଖର୍ଚ୍ଚ, ଭିଜା ଆବେଦନପତ୍ର ଫି', ମସାଜ ଖର୍ଚ୍ଚ, ସ୍ଥାନୀୟ ପରିବହନ ଏବଂ ପକେଟଖର୍ଚ୍ଚ ସମେତ ଅନ୍ୟାନ୍ୟ ବାବଦରେ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏମ୍‌ଓସି ଆହୁରି ମଧ୍ୟ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଟ୍ରେନିଂ ପାଇଁ ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ୱିକସାଇରାଜ ରାଙ୍କୀରେଡ୍ଡିଙ୍କ ସ୍ପେଆରିଙ୍ଗ ପାର୍ଟନର ସହ ଟ୍ରେନିଂ ବାବଦରେ ଖର୍ଚ୍ଚ ବହନ କରିବ। ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଦ୍ୱୟ ଜୁନ୍‌ରେ ମୁମ୍ବାଇଠାରେ ସ୍କଟଲାଣ୍ଡର ଆଲେକ୍‌ଜାଣ୍ଡର ଡୁନ୍ ଓ ଆଡାମ୍ ହଲ୍ ଏବଂ ପରେ ଜୁଲାଇରେ ହାଇଦ୍ରାବାଦରେ ଇଣ୍ଡୋନେସୀୟ ଯୋଡ଼ି ରେନ୍ ଅଗଙ୍ଗ୍ ଓ ବେରି ଆଗ୍ରିଆନଙ୍କ ସହ ଟ୍ରେନିଂ ନେବେ। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଯୋଡ଼ିଙ୍କ ବିମାନ ଟିକେଟ ଏବଂ ବୋର୍ଡିଂ/ଲଜିଂ ବାବଦରେ ଆବଶ୍ୟକ ପାଣ୍ଠି ଯୋଗାଇଦେବ। ଜ୍ୟୋତିଙ୍କ ବ୍ୟତୀତ ଭାରତୀୟ ଶୁଟର ରାଇଜା ଧିଲୋଁ ଓ ରାଜେଶ୍ୱରୀ କୁମାରୀଙ୍କ ବିଦେଶରେ ଟ୍ରେନିଂ ଯୋଜନା ଏମ୍‌ଓସି ଦ୍ୱାରା ଅନୁମୋଦନ ଲାଭ କରିଛି।

# ସିନ୍ଧୁ, ପ୍ରଣୟଙ୍କ ପରାସ୍ତ: ଭାରତର ଚ୍ୟାଲେଞ୍ଜ ଶେଷ

**ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍**

**ନିଙ୍ଗ୍‌ବୋ(ଚାଇନା), ୧୧।୪ (ପି.ଟି.)**

ଡବଲ ଅଲିମ୍ପିକ ପଦକ ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଫର୍ମକୁ ଫେରିବା ପ୍ରୟାସ ଜାରି ରଖିଥିବା ସିନ୍ଧୁ ୬ଷ୍ଠ ସିଡ୍ ଚାଇନାର ହାନ୍ ୟୁଇଙ୍କଠାରୁ ୧୮-୨୧, ୨୧-୧୩, ୧୭-୨୧ରେ ହାରିଯାଇଛନ୍ତି। ଗୁରୁବାର ମ୍ୟାଚ ପୂର୍ବରୁ ଯାହାଙ୍କର ଏହି ଖେଳାଳିଙ୍କ ବିପକ୍ଷରେ ବିଜୟ ରେକର୍ଡ ୫-୦ ରହିଥିଲା। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ ପ୍ରଣୟ ଚାଇନିଜ ତାଇପେର ଜଣେ ଅଣସିଡ୍ ଖେଳାଳି ଲିନ୍ ଚୁନ୍-ୟିଙ୍କଠାରୁ ୧୮-୨୧, ୧୧-୨୧ରେ ମାତ୍ର ୪୩ ମିନିଟ୍‌ରେ ହାରିଯାଇଛନ୍ତି। ସେହିପରି ଭାରତ ମହିଳା ଡବଲ୍ସ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପ୍ପା ଯୋଡ଼ି ମଧ୍ୟ ପ୍ରିକ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ସେମାନେ ତୃତୀୟ ସିଡ୍ ଜାପାନିଜ ଯୋଡ଼ି ନାମି ମାତସୁୟାମା ଓ ଚିହାରୁ ଶିଦାଙ୍କଠାରୁ ୧୭-୨୧, ୧୨-୨୧ରେ ହାରିଯାଇଛନ୍ତି।

# ମୋହନ ବାଗାନର ବୃହତ୍ ବିଜୟ

**ବେଙ୍ଗାଲୁରୁ,୧୧।୪**

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ୍)ରେ ବେଙ୍ଗାଲୁରୁ ଏଫ୍‌ସିକୁ ୪-୦ରେ ପରାସ୍ତ କରିଛି ମୋହନ ବାଗାନ ସୁପର ଜାଏଣ୍ଟ୍। ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମୋହନ ବାଗାନ ବୃହତ୍ ବିଜୟ ସହ ଲିଗ୍ ସିଲ୍ଡ ଦୌଡରେ ରହିଛି। ଦଳ ପକ୍ଷରୁ ହେକ୍ଟର ୟୁଷ୍ଟେ(୧୭), ମାନବୀର ସିଂ(୫୧), ଅନିରୁଦ୍ଧ ଥାପା(୫୪) ଓ ଅର୍ମାଣ୍ଡୋ ସାଦିକୁ(୫୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହ ୨୧ ମ୍ୟାଚ୍‌ରୁ ୪୫ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ମୋହନ ବାଗାନ। ପ୍ରଥମ ସ୍ଥାନରେ ଥିବା ମୁମ୍ବାଇ ସହିତ ଦଳର ଅନ୍ତିମ ମ୍ୟାଚ୍ ରହିଥିବା ବେଳେ ଏଥିରେ ବିଜୟୀ ହେବା ଦଳ ହିଁ ଲିଗ୍ ସିଲ୍ଡ ହାସଲ କରିବ। ଅନ୍ୟପକ୍ଷରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ୨୨ ମ୍ୟାଚ୍‌ରୁ ୫ ବିଜୟ ସହ ୨୨ ପଏଣ୍ଟ ହାସଲ କରି ୧୦ମ ସ୍ଥାନରେ ରହିଛି। ମ୍ୟାଚ୍‌ରେ ବେଙ୍ଗାଲୁରୁ ୫୯ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ମୋହନବାଗାନ ଆକ୍ରମଣର କୌଣସି ଉତ୍ତର ନ ଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ମୋହନ ବାଗାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ପ୍ରଥମ ୧୫ ମିନିଟରେ ୩ ଗୋଲ ସ୍କୋର କରିବା ସହ ବିଜୟୀ ହୋଇଥିଲା ମୋହନବାଗାନ।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC | OPSC
(IAS, IPS, IRS..) (OAS, OPS, ORS..)
GENERAL STUDIES
INTEGRATED COURSE
COURSE FEATURES
Comprehensive Coverage
Conceptual Clarity
Weekly Answer Writing
Doubt Session
800+ Hours Classes
Mentorship
MODULAR COURSES
Test Series
Current Affairs
CSAT
ESSAY
Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-010

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Flat for sale- ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର @14.99 lakhରେ। Mob- 8249177191, 8249079730. D-031

Free Hold G.A. plot 2400sqft. corner plot (premium site) with extra land, 40x60, 100ft. frontage at Bharatpur, Bhubaneswar near Blossom School for sale, reserve price Rs.-2.5cr. only direct buyers. Contact- 9861731197. D-068

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact- 9937161494. D-039

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ-23,60,000/-. Contact- 6370469894. D-75942

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063


CONSTRUCTION

Build your home @ 1259/- with all branded materials, Bank loan, BDA Plan. Contact- 9827152441. D-75528

EDUCATION

Medical exam Registration (Only Practitioners)- BAMS, BHMS, BUMS, D.Pharma, GNM. 9893869473. D-061




Newly open Jyoti Spa positively health benefits (Expert Therapist). 8458067955. D-76111

Relax, refresh your body, mind by expert therapist. Contact- 9938843929. D-76112

Newly opend central SPA full-body massage. Trend therapist. 8456885600. D-75729

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Newly open health benefits SPA special offer @ 999 Bapujinagar. 8018429809. D-76113

AFFIDAVIT



I Mata Santa, D/o- Masuri Santa, R/o-Village Kenduguda, P.O.- Biralaxmanpur, Dist.- Malkangiri, at present residing at Reserve Police Colony, Manoharpur, Balangir, Odisha by virtue of this affidavit vide No. 07 dtd. 23.02.2024, declare that I want to change my name from Mata Santa to Linisha Santa for all purposes. D-067

By virtue of an affidavit sworn before the Notary, Angul on 29.03.14 I, Biranchi Narayan Dash, S/o- Late Gourcharan Dash, At- Mishrapada, P.O./Dist.- Angul have changed my name to Biranchi Narayana Dash. Henceforth, I shall be known as Biranchi Narayana Dash for all purposes. D- 066

LOST

I, Sri Pawan Patnaik (30), S/o Satya Sekhar Patnaik of Aditya Nagar, Post-Koraput, Dist.- Koraput. I lost my ICSE 10th Board Certificate T/6654/028 and Sl No.- TX 80132420 some where on dtd 31.03.2024, while I am coming from Visakhapatnam to KORAPUT. If anyone find this Certificate please contact- 8328868884. D-065

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ରାଜନୀତି ବିଜ୍ଞାନରେ ଡକ୍ଟରେଟ୍



ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଗବେଷଣା କରି ବିନୀତା ପଣ୍ଡା ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କ କରକମଳରୁ ଲାଭ କରିଛନ୍ତି। ତାଙ୍କର ଗବେଷଣା ସନ୍ଦର୍ଭ "Human Rights of Women, Violation & Enforcement, A Case Study of Bargarh District in Odisha" ଥିଲା। ଡକ୍ଟର ବିନୀତା ପଣ୍ଡା ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ସୁରେଶ ଚନ୍ଦ୍ର ପଟେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ ଆଚାର୍ଯ୍ୟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନ୍ଧ୍ରପ୍ରଦେଶର ପ୍ରଫେସର ଜି.ରାମ ରେଡ୍ଡିଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ବିନୀତା ପଣ୍ଡା, ରାଉରକେଲା ଇସ୍ପାତ କାରଖାନାର ସିନିୟର ମ୍ୟାନେଜର ଇଂ. ରୋହିତ ମହାପାତ୍ରଙ୍କ ସହଧର୍ମିଣୀ ତଥା କୁଚିଣ୍ଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ମହାପାତ୍ର ଓ ଶ୍ରୀମତୀ ରୀତା ମହାପାତ୍ରଙ୍କ ପୁତ୍ରବଧୂ ଏବଂ ଅତାବିରା ନିବାସୀ ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ମୁକୁନ୍ଦ ପଣ୍ଡା ଓ ଶ୍ରୀମତୀ ମଞ୍ଜୁ ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ଅଟନ୍ତି। ସେ ତାଙ୍କର ସଫଳତାର ଶ୍ରେୟ ଭଗବାନ, ଗାଇଡ୍, ପିତାମାତା, ସ୍ୱାମୀ, ଶାଶୁ, ଶ୍ୱଶୁର, ଭାଇଭଉଣୀ ସମସ୍ତ ବନ୍ଧୁ ପ୍ରିୟଜନ ଓ ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି।
ଧ-୦୬୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତୀୟ ଫୁଟ୍‌ବଲର ଉତ୍ଥାନ ଓ ପତନ


ଅଶୋକ ମହାନ୍ତି

**ଏକଦା ଆମ ଦେଶ ଭାରତରେ ଫୁଟ୍‌ବଲର ଲୋକପ୍ରିୟତା ଶୀର୍ଷରେ ଥିଲା ଏବଂ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଇଥିଲା। କିନ୍ତୁ ସମୟ କ୍ରମେ ୭୦ ଦଶକ ପରେ ଭାରତୀୟ ଫୁଟ୍‌ବଲର ପ୍ରଦର୍ଶନ ଅନ୍ତର୍ଜାତୀୟ ସ୍ତରରେ ହ୍ରାସ ପାଇବାକୁ ଲାଗିଲା ଏବଂ ଧୀରେ ଧୀରେ ନିମ୍ନଗାମୀ ହୋଇ ସମ୍ପ୍ରତି ନୈରାଶ୍ୟଜନକ ଭାବେ ସଂଘର୍ଷ କରୁଛି....**

ଫୁଟବଲ ବିଶ୍ୱର ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଭାବେ ପରିଚିତ। ଏହି ଖେଳର ପରିଚାଳନା ପାଇଁ ବିଶ୍ୱର ସର୍ବୋଚ୍ଚ ସଂସ୍ଥା 'ଫିଫା' ସହିତ ୨୧୧ଟି ଦେଶର ଜାତୀୟ ଫୁଟବଲ ସଂଘ ଅନୁବନ୍ଧିତ ସଦସ୍ୟ ରହିଛନ୍ତି। ବିଭିନ୍ନ ବୟସ ବର୍ଗରେ ସାରା ବିଶ୍ୱରେ ୨୫ କୋଟିରୁ ଅଧିକ ଖେଳାଳି ଫୁଟବଲ ଖେଳ ସହିତ ଜଡିତ ଅଛନ୍ତି। ବିଶ୍ୱର ସର୍ବାଧିକ ଚର୍ଚ୍ଚିତ ଲୋକପ୍ରିୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଛନ୍ତି ଫୁଟବଲ୍‌ର ସୁପରଷ୍ଟାରମାନେ ଯଥା ଲିଓନେଲ ମେସି, ଖ୍ରିଷ୍ଟିଆନୋ ରୋନାଲ୍‌ଡୋ, କିଲିଆନ୍ ଏମବାପେ ଏବଂ ଆହୁରି ଅନେକ।

ଏକଦା ଆମ ଦେଶ ଭାରତରେ (୫୦ ଓ ୬୦ ଦଶକ) ମଧ୍ୟ ଫୁଟବଲର ଲୋକପ୍ରିୟତା ଶୀର୍ଷରେ ଥିଲା ଏବଂ ଭାରତୀୟ ପୁରୁଷ ଫୁଟବଲ ଦଳ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଇଥିଲା। କିନ୍ତୁ ସମୟ କ୍ରମେ ୭୦ ଦଶକ ପରେ ଭାରତୀୟ ଫୁଟବଲର ପ୍ରଦର୍ଶନ ଅନ୍ତର୍ଜାତୀୟ ସ୍ତରରେ ହ୍ରାସ ପାଇବାକୁ ଲାଗିଲା ଏବଂ ଧୀରେ ଧୀରେ ନିମ୍ନଗାମୀ ହୋଇ ସମ୍ପ୍ରତି ନୈରାଶ୍ୟଜନକ ଭାବେ ବିଶ୍ୱ ମାନ୍ୟତାର ୧୨୧ ସ୍ଥାନରେ ସଂଘର୍ଷ କରୁଛି।

ଗତ ମାର୍ଚ୍ଚ ୧୯ରେ ଭାରତର ଇମ୍ଫାଲ୍‌ଠାରେ ଅନୁଷ୍ଠିତ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ୧୫୮ ସ୍ଥାନରେ ଥିବା ଆଫଗାନିସ୍ଥାନଠାରୁ ୧୧୨ ତମ ସ୍ଥାନରେ ଥିବା ଭାରତ ୧-୨ ଗୋଲରେ ଲଜ୍ଜାଜନକ ପରାଜୟ ବରଣ କରିବା ଦେଶର ଫୁଟବଲପ୍ରେମୀଙ୍କୁ ନିରାଶ କରିଛି।

ଆସନ୍ତା ୨୦୨୬ ଜୁନ୍-ଜୁଲାଇରେ ୨୩ତମ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା ୩ଟି ଦେଶ କାନାଡା, ମେକ୍ସିକୋ ଏବଂ ଆମେରିକାରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଥର ପାଇ ୪୮ଟି ଦେଶ (ପୂର୍ବ ସଂସ୍କରଣରେ ୩୨ ଦେଶ ଥିଲା) ଭାଗ ନେଉଥିବା ବେଳେ ଭାରତୀୟ ଦଳ ଏହି ସର୍ବୋଚ୍ଚ ସମ୍ମାନଜନକ ଟୁର୍ନାମେଣ୍ଟରେ ଯୋଗ୍ୟତା ହାସଲ କରିବାର ସମ୍ଭାବନା ନାହିଁ।

**ଅନ୍ତର୍ଜାତୀୟ ଫୁଟବଲରେ ଭାରତ- ଭାରତୀୟ ଫୁଟବଲ୍‌ର ଗୌରବମୟ ଅତୀତ:** ଏସିଆ ମହାଦେଶରେ ପ୍ରଥମେ ଭାରତରେ ହିଁ ଆଧୁନିକ ଫୁଟବଲ ଖେଳର ଶୁଭାରମ୍ଭ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟର ଜନୈକ ଅଧ୍ୟାପକ ଇଂଲଣ୍ଡରୁ ଫେରିବା ସମୟରେ ଫୁଟବଲ ଖେଳର ନିୟମାବଳୀ (୧୮୭୦) ସାଙ୍ଗରେ ଆଣି କଲିକତାରେ ତାହା ପ୍ରଚଳନ କରିବା ପାଇଁ ପଦକ୍ଷେପ

**ସଂକ୍ଷିପ୍ତ ଇତିହାସ (ଭାଗ-୧)**

ନେଇଥିଲେ। ଫଳ ସ୍ୱରୂପ ୧୮୮୩ରେ କଲିକତାଠାରେ ଆଇଏଫ୍‌ଏ ଶିଲ୍ଡ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେଲା। ଏହାର ପାଞ୍ଚବର୍ଷ ପରେ ୧୮୮୮ରେ ଶିମ୍‌ଲାଠାରେ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟ ଏବଂ ୧୯୧୧ରେ ବମ୍ବେଠାରେ ରୋଭର୍ସ କପ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ୧୯୧୧ରେ ପ୍ରଥମ ଭାରତୀୟ ଦଳ ଭାବେ କଲିକତାର ମୋହନ ବାଗାନ କ୍ଲବ ଶିବଦାସ ଭାଦୁଡ଼ିଙ୍କ ନେତୃତ୍ୱରେ ଇଂରେଜମାନଙ୍କର "ଇଷ୍ଟ ୟର୍କସାୟାର ରେଜିମେଣ୍ଟ"କୁ ଆଇଏଫଏ ଶିଲ୍ଡ ଫାଇନାଲ୍‌ରେ ପରାସ୍ତ କରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। "ବେୟାରଫୁଟ୍ ଲିଜେଣ୍ଡସ" (ବୁଟ୍ ନ ପିନ୍ଧି ଖାଲି ଗୋଡ଼ରେ ଖେଳୁଥିବା ଖେଳାଳି) ଭାବେ ପ୍ରସିଦ୍ଧିଲାଭ କରିଥିବା ସମଦ୍, ଶରତ ସିଂ, ଘୋଷ୍ଟାପାଲ୍ ପ୍ରମୁଖ ଭାରତୀୟମାନେ ସେ ସମୟର ଶ୍ରେଷ୍ଠ ଖେଳାଳି ଭାବେ ସୁପରିଚିତ ଥିଲେ।

**ଅଲିମ୍ପିକ୍ସରେ ଭାରତୀୟ ଫୁଟବଲ୍**

୧୯୪୮- ଲଣ୍ଡନ ଅଲିମ୍ପିକ୍ସ: ଅନ୍ତର୍ଜାତୀୟ ଫୁଟବଲରେ ଭାରତର ଯାତ୍ରା ଆରମ୍ଭ ହୁଏ ଲଣ୍ଡନ ଅଲିମ୍ପିକ୍ସରୁ। ନାଗାଲାଣ୍ଡ ନିବାସୀ ଡା. ଟାଲିମେରେନ୍ ଆଓଙ୍କ ନେତୃତ୍ୱରେ ଭାରତୀୟ ଦଳ ଫ୍ରାନ୍ସ ବିପକ୍ଷ ମ୍ୟାଚ୍‌ରେ ଦୁଇଟି ପେନାଲ୍‌ଟିର ସଦୁପଯୋଗ କରି ନ ପାରି ଦୁର୍ଭାଗ୍ୟଜନକ ଭାବେ ୧-୨ ଗୋଲ୍‌ରେ ପରାସ୍ତ ହୋଇ ଅଲିମ୍ପିକ୍ସ ଅଭିଯାନ ଶେଷ କରିଥିଲା। ଅଧିକାଂଶ ଖେଳାଳି ବୁଟ୍ ନ ପିନ୍ଧି ପାଦରେ ଖେଳୁଥିଲେ ମଧ୍ୟ ତାଙ୍କର ଉଚ୍ଚକୋଟୀର ଦକ୍ଷତା ୟୁରୋପୀୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଭାରତ ପକ୍ଷରୁ ସୈଲେନ୍ ମାନ୍ନା ଓ ମହାବୀର ପ୍ରସାଦ ପେନାଲ୍‌ଟି ମିସ୍ କରିଥିବାବେଳେ ରମନ ଏକମାତ୍ର ଗୋଲ୍ ସ୍କୋର୍ କରିଥିଲେ।


ସୈଲେନ ମାନ୍ନା


ସୟଦ ଅବଦୁଲ ରହିମ

୧୯୫୨- ହେଲେସିଙ୍କିରେ ସୈଲେନ ମାନ୍ନାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌ରେ ୟୁଗୋସ୍ଲୋଭିଆଠାରୁ ପରାସ୍ତ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲା।

୧୯୫୬- ମେଲ୍‌ବୋର୍ନରେ କିମ୍ବଦନ୍ତୀ କୋଚ୍ ସୟଦ ଅବଦୁଲ ରହିମଙ୍କ ଦ୍ୱାରା ପ୍ରଶିକ୍ଷିତ ଭାରତୀୟ ଦଳ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ ପ୍ରଥମ ଏସୀୟ ଦଳ ଭାବେ ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ନାଭାଲ୍ ଡିସୁଜାଙ୍କ 'ହ୍ୟାଟ୍ରିକ୍' (ଆଜି ପର୍ଯ୍ୟନ୍ତ ଏକ କୀର୍ତ୍ତିମାନ) ଗୋଲ୍ ଫଳରେ ଭାରତ ଉଚ୍ଚ ମାନ୍ୟତାପ୍ରାପ୍ତ ଅଷ୍ଟ୍ରେଲିଆକୁ ୪-୧ ଗୋଲ୍‌ରେ ପରାସ୍ତ କରିଥିଲା। ସେମିଫାଇନାଲରେ ୟୁଗୋସ୍ଲୋଭିଆଠାରୁ ଏବଂ ତୃତୀୟ ସ୍ଥାନ ପାଇ ମ୍ୟାଚ୍‌ରେ ବୁଲ୍‌ଗେରିଆ (୦-୩)ଠାରୁ ପରାସ୍ତ ହୋଇ ଭାରତ ଚତୁର୍ଥ ସ୍ଥାନ ହାସଲ କରିଥିଲା। ସମର ବାନାର୍ଜୀ (ଅଧିନାୟକ), ପିଟର ଥଙ୍ଗରାଜ (ଗୋଲରକ୍ଷକ), ଏସ. ନାରାୟଣ, ଅବଦୁଲ ରହମନ, ଅଜିଜ୍, ଅବଦୁଲ ଲତିଫ, କେମ୍ପେୟା, ଏମ.ଏ. ସଲାମ, ନନ୍ଦି, ଅହମ୍ମଦ ହୁସେନ, ନୁର ମହମ୍ମଦ, କିଟୁ, ପି.କେ. ବାନାର୍ଜୀ, କ୍ରିଷ୍ଣା ପାଲ, କାନାୟାନ, ନାଭାଲ୍ ଡି ସୁଜା, ବଳରାମ ଏବଂ ଜୁଲ୍‌ଫିକରଙ୍କୁ ନେଇ ଗଠିତ ଭାରତୀୟ ଦଳକୁ ଫୁଟବଲ ବିଶେଷଜ୍ଞମାନେ ସର୍ବକାଳୀନ ଶ୍ରେଷ୍ଠ ଦଳ ଭାବେ ଅଭିହିତ କରିଥାନ୍ତି।

୧୯୬୦- ରୋମ: ପି.କେ. ବାନାର୍ଜୀଙ୍କ ନେତୃତ୍ୱରେ ଭାରତୀୟ ଦଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆଫଗାନିସ୍ଥାନ ଓ ଇଣ୍ଡୋନେସିଆ ବିପକ୍ଷରେ ବିଜୟ ହାସଲ କରି ପ୍ରଥମ ରାଉଣ୍ଡ ଗ୍ରୁପ୍ ମ୍ୟାଚ୍‌ରେ ପେରୁ (୩-୧) ଓ ହଙ୍ଗେରି (୨-୧)ଠାରୁ ପରାସ୍ତ ହୋଇ ଫ୍ରାନ୍ସ ସହିତ ଡ୍ର ରଖିବାରୁ (୧-୧) ପର ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଥିଲା। ଏହାପରେ ବିଗତ ଛଅ ଦଶକ ମଧ୍ୟରେ ଭାରତୀୟ ଦଳ ଅଲିମ୍ପିକ୍ସରେ ଖେଳିବାର ଯୋଗ୍ୟତା ହାସଲ କରିବାରେ ସଫଳ ହୋଇପାରି ନାହିଁ।

(ଆସନ୍ତା ସପ୍ତାହରେ ଦ୍ୱିତୀୟ ଭାଗ)

## ଏନ୍‌କରେଜମେଣ୍ଟ

ମନାଲିରୁ କନ୍ୟାକୁମାରୀ
ସ୍କେଟିଂ ଯାତ୍ରା
ବିସ୍ମୟ ହେଲେ ବି ସତ
ପ୍ରଫେଶନାଲ ସ୍କେଟ୍
ବୋର୍ଡର ରୀତିକ
କ୍ରାଟ୍‌ଜେଲ ଗ୍ରେଟ୍ ମିତ
ତେତିଶ ଶହ କିମି ପଥ
ଘନ କୁହୁଡ଼ି, ମେଘ
ଅନ୍ଧାରରେ ଥିଲା
ଗୁଗଲ ମ୍ୟାପ୍ ତା ଦୋସ୍ତ।

ଟ୍ରାକ୍ ଆଣ୍ଡ ଫିଲ୍ଡ ସ୍ୱର୍ଣ୍ଣ
ବିଜେତାଙ୍କୁ ୱାର୍ଲ୍ଡ
ଆଥଲେଟିକ୍ସର ଉପହାର
ପ୍ୟାରିସ ଗେମ୍ସରୁ
ମିଳିବ ଏକଚାଳିଶ
ଲକ୍ଷ ଟଙ୍କା ପୁରସ୍କାର
ସେବାଷ୍ଟିଆନ କୋ ସ୍ୱର
ଏନ୍‌କରେଜମେଣ୍ଟରେ
ଆଗକୁ ବଢ଼ଇ
ଖେଳାଳି ହେଉ କଳାକାର।

ଆଇପିଏଲ୍ ଭଳି
ମ୍ୟାଚରେ ଉଡ଼େ
ଲକ୍ଷ ନୁହେଁ କୋଟିକୋଟି
ପ୍ରୋତ୍ସାହନ ବିନା
ଏବେବି ଅନେକ
ବଣମଲ୍ଲୀ ବଣେ ଫୁଟି
ପ୍ରତିଭା ହୁଅନ୍ତି ମାଟି
ବିନା ଇନ୍‌କ୍ୱାରିରେ
ଠକ ଖାଇଯାନ୍ତି
ସରକାରୀ ଯୋଜନା ଏଠି।

-ସୁବାସ ଚନ୍ଦ୍ର ପ୍ରଧାନ

# ଭିନ୍ନ ସୋପାନରେ ସାଇନା

**ହିମାଚଳ ପ୍ରଦେଶରେ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା। ଚେସ୍‌ରେ ବହୁ ଆଗକୁ ଯିବାର ପ୍ରତିଶ୍ରୁତି ରଖିଥିବା ଏହି ଓଡ଼ିଆ ଲଳନା ଟୁର୍ନାମେଣ୍ଟର ଅନୁଭୂତି, ନିଜ ଚେସ୍ ଭବିଷ୍ୟତ ଓ ଓଡ଼ିଶାରେ ଉପଲବ୍ଧ ସୁବିଧା ସୁଯୋଗକୁ ନେଇ କହିଛନ୍ତି ମନର କଥା...**

-ପ୍ରସ୍ତୁତି ତପନ ସ୍ୱାଇଁ

ବିଶ୍ୱ ଚେସ୍‌ରେ ଭାରତର ଆଧିପତ୍ୟ ବଢ଼ିବାରେ ଲାଗିଛି। ଏକାଧିକ ବିସ୍ମୟ ପ୍ରତିଭା ଅନ୍ତର୍ଜାତୀୟ ସ୍ତରରେ ଚମକାଇଦେବାଭଳି ପ୍ରଦର୍ଶନ କରି ଭାରତୀୟ ଚେସ୍‌କୁ ରୁଦ୍ଧିମନ୍ତ କରିଛନ୍ତି। ଏକଦା ରୁଷିଆ କିମ୍ବା ଆମେରିକା ଭଳି ଦେଶ ବିଶ୍ୱ ଚେସ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ଏବେ ଭାରତ ସେହି ସ୍ଥାନ ନେବାକୁ ସକ୍ଷମ ହେଉଛି। ଟରଣ୍ଟୋରେ ଚାଲିଥିବା ମର୍ଯ୍ୟାଦାଜନକ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଭାରତରୁ ୩ ପୁରୁଷ ଓ ୨ ମହିଳାଙ୍କୁ ମିଶାଇ ମୋଟ ୫ ଖେଳାଳି ଅଂଶଗ୍ରହଣ କରିବା ଏହାର ପ୍ରମାଣ। ପାଖାପାଖି ୩୫ ବର୍ଷ ବ୍ୟବଧାନରେ ୩ ଜଣ ଭାରତୀୟ ପୁରୁଷ ଖେଳାଳି ଏଥିରେ ଭାଗ ନେଇଛନ୍ତି। ଫଳରେ ବିଶ୍ୱ ଚେସ୍‌ରେ ଭାରତ ଏବେ ନୂଆ ରୁଷିଆ ଭାବେ ଉଭା ହୋଇଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମହିଳା ଚେସ୍‌ରେ ଓଡ଼ିଶାର ଅନେକ ଖେଳାଳି ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଓ ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତଙ୍କ ବ୍ୟତୀତ ଯେଉଁ କେତେଜଣ ଖେଳାଳି ବହୁ ଆଗକୁ ଯିବାକୁ ପ୍ରତିଶ୍ରୁତିବଦ୍ଧ, ସେମାନଙ୍କ ମଧ୍ୟରେ ଆଗରେ ରହିଛନ୍ତି ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ସାଇନା ସାଲୋନିକା। ନିକଟରେ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ନିଜ କ୍ୟାରିୟରକୁ ଭିନ୍ନ ସୋପାନରେ ପହଞ୍ଚାଇଛନ୍ତି।

ହିମାଚଳ ପ୍ରଦେଶର ଧର୍ମଶାଳାରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ସାଇନା ସବୁଠାରୁ ସଫଳ ରହି ଡବଲ ସ୍ୱର୍ଣ୍ଣ ଏବଂ ରାଜ୍ୟର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ମାରକୀ ମହାନ୍ତି ବ୍ରୋଞ୍ଜ ପଦକ ଜିତି ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ସାଇନା ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି), କିରଣ ଏଲ୍‌ଆଇସି ଓ ସ୍ମାରକୀ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପିଏସ୍‌ପିବି ଦଳଗତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ସାଇନା ଚମତ୍କାର ପ୍ରଦର୍ଶନ କରି ବ୍ୟକ୍ତିଗତ ୫ମ ବୋର୍ଡରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ମୋଟ ୪ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ସାଇନା ଯଥାକ୍ରମେ ଅଦିବା ଉଲ୍ଲା, ମହିଳା ଫିଡେ ମାଷ୍ଟର ବିନ୍ଦୁ ସରିଥା କେ., ମାନ୍ୟା ଅଭିଷେକ ଡ୍ରୋଲିଆ ଓ କନିଷ୍କା ଚୌଧାରୀଙ୍କୁ ପରାସ୍ତ କରିଥିଲେ। ମା' ବବିତା ଓ ପିତା ଗଣେଶ୍ୱର ଜେନାଙ୍କ ସୁକନ୍ୟା ସାଇନା ଏବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ କଲେଜରେ ଗ୍ରାଜୁଏଶନ କରୁଛନ୍ତି। ସେ ପଢ଼ା ସହ ଖେଳକୁ ଆଗେଇ ନେବାକୁ ଲକ୍ଷ୍ୟ ରଖିଥିବା ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।



ସାଇନା ସାଲୋନିକା



ଚାମ୍ପିୟନ ପିଏସ୍‌ପିବି ଟିମ୍‌ମେଟ୍‌ଙ୍କ ସହ ସାଇନା ସାଲୋନିକା

## ଓଡ଼ିଶାରେ ଉପଲବ୍ଧ ସୁବିଧା ସୁଯୋଗ ଶ୍ରେଷ୍ଠ

**ପ୍ର:** ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ଓଭରଅଲ୍ କେମିତି ରହିଲା ?

**ଉ-** ହିମାଚଳ ପ୍ରଦେଶରେ ଟୁର୍ନାମେଣ୍ଟ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିଥିଲା। ମୋଟ ୭ ରାଉଣ୍ଡ ଖେଳ ହୋଇଥିଲା। ମୁଁ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ପକ୍ଷରୁ ପ୍ରତିନିଧିତ୍ୱ କରିଥିଲି। ଆମ ଟିମ୍‌ରେ ମୋଟ ୫ ଜଣ ଖେଳାଳି ଥିଲେ। ୭ ରାଉଣ୍ଡରୁ ମୁଁ ୪ଟି ମ୍ୟାଚ ଖେଳି ସବୁଥିରେ ବିଜୟ ହାସଲ କରିଥିଲି। ଭଲ ପ୍ରଦର୍ଶନ କରି ଆମ ଟିମ୍ ସ୍ୱର୍ଣ୍ଣ ପଦକ ପାଇଥିଲା ଏବଂ ମୁଁ ୫ମ ବୋର୍ଡରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲି। ମୁଁ ପୂର୍ବରୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ଟିମ୍ ଇଭେଣ୍ଟରେ ଖେଳିଥିଲି। ଗତ ଜାନୁୟାରୀରେ ଏଆଇୟୁ ହୋଇଥିଲା। ମୁଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ ତୃତୀୟ ହୋଇଥିଲି। ମାତ୍ର ପିଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରି ଜାତୀୟ ଟିମ୍ ଚାମ୍ପିୟନଶିପ୍‌ରେ ପଦକ ପାଇବା ଏହା ପ୍ରଥମ।

**ପ୍ର:** ଆପଣ ମୋଟ ୪ଟି ମ୍ୟାଚ ଖେଳିଥିଲେ। ଏହା ମଧ୍ୟରୁ କେଉଁ ମ୍ୟାଚଟି ଅଧିକ ସ୍ମରଣୀୟ ଥିଲା। କେଉଁ ଖେଳାଳି ଅଧିକ ଚ୍ୟାଲେଞ୍ଜ ଦେଇଥିଲେ।

**ଉ-** ମୋର ସବୁ ପ୍ରତିଦ୍ୱନ୍ଦ୍ୱୀ ଭଲ ଥିଲେ। ପ୍ରଥମ ଗେମ୍‌ରେ ଟିକେ ଅଧିକ ଚ୍ୟାଲେଞ୍ଜ ପାଇଥିଲି, ମାତ୍ର ୪ଟି ଯାକ ରାଉଣ୍ଡ ମୋ ପାଇଁ ସ୍ମୁଥ ଥିଲା ଏବଂ ମୁଁ ବିଜୟୀ ହୋଇଥିଲି। କେବେ ଚାପର ସମ୍ମୁଖୀନ ହୋଇ ନ ଥିଲି।

**ପ୍ର:** ପିଏସ୍‌ପିବିର ଟିମ୍ କମ୍ବିନେଶନ କିପରି ରହିଥିଲା। ଖେଳ ବାହାରେ ଟିମ୍‌ମେଟ୍‌ଙ୍କ ସହ କିପରି ସମୟ ଅତିବାହିତ ହୋଇଥିଲା।

**ଉ-** ଆମ ଟିମ୍ ଦେଖିବାକୁ ଗଲେ ପ୍ରଥମ ବୋର୍ଡରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ବିଶ୍ୱା ବସ୍ନାୱାଲା, ଦ୍ୱିତୀୟ ବୋର୍ଡରେ ମହିଳା ଗ୍ରାଣ୍ଡମାଷ୍ଟର ମାରି ଆନ୍ ଗୋମ୍ସ, ତୃତୀୟ ବୋର୍ଡରେ ଅନ୍ତର୍ଜାତୀୟ ମାଷ୍ଟର ନିଶା ମୋହତା, ୪ର୍ଥ ବୋର୍ଡରେ ଅନ୍ତର୍ଜାତୀୟ ମାଷ୍ଟର ସୌମ୍ୟା ସ୍ୱାମୀନାଥନ ଓ ୫ମ ବୋର୍ଡରେ ମୁଁ ଖେଳୁଥିଲି। ପ୍ରଥମ ୪ ବୋର୍ଡରେ ଖେଳିଥିବା ଖେଳାଳିମାନେ ଅଭିଜ୍ଞ ଏବଂ ପୂର୍ବରୁ ଖେଳିବାର ଅଭିଜ୍ଞତା ରଖିଥିଲେ। ତାଙ୍କୁ ଦେଖି ମୁଁ ଖେଳ ଆରମ୍ଭ କରିଥିଲି। ତାଙ୍କ ସହିତ ଟିମ୍‌ରେ ସ୍ଥାନ ପାଇବା ବହୁତ ବଡ଼କଥା। ଆମ ଟିମ୍ ବହୁତ ଭଲ ଥିଲା। ବାହାରେ ଆମେ ଏକାଠି ହେଉଥିଲୁ, ଟିମ୍ ମିଟିଂ ହେଉଥିଲା। ସମସ୍ତଙ୍କ ମଧ୍ୟରେ ଫ୍ରେଣ୍ଡଲି ବାତାବରଣ ଥିଲା। ମ୍ୟାଚ ସରିଗଲେ କ'ଣ ସମସ୍ୟା ରହିଲା ସେ ସମ୍ପର୍କରେ ଆଲୋଚନା କରୁଥିଲୁ। ଏଥିରୁ ମୋତେ ଅନେକ କିଛି ଶିଖିବାକୁ ମିଳିଲା। ମୋଟାମୋଟି କହିବାକୁ ଗଲେ ଏହି ଟୁର୍ନାମେଣ୍ଟରୁ ମୁଁ ଅନେକ ଅଭିଜ୍ଞତା ହାସଲ କଲି।

**ପ୍ର:** ଏହି ଦୁଇ ପଦକ କ୍ୟାରିୟରରେ କେତେ ସହାୟକ ହେବ।

**ଉ-** ନ୍ୟାଶନାଲ ଟିମ୍ ଚାମ୍ପିୟନଶିପ୍‌ରେ ପିଏସ୍‌ପିବିକୁ ପ୍ରତିନିଧିତ୍ୱ କରିବା ହେଉଛି ବହୁତ ବଡ଼ କଥା। ପ୍ରତିଯୋଗିତାରେ ମୁଁ ଏହାର ଅଂଶବିଶେଷ ହେବାକୁ ଯାଉଛି ବୋଲି ଜାଣିବାବେଳେ ବହୁତ ଖୁସି ଅନୁଭବ ହୋଇଥିଲା। ଟୁର୍ନାମେଣ୍ଟ ବହୁତ ସ୍ମୁଥରେ ଯାଇଥିଲା। ମୁଁ ଦଳଗତ ସହ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିବା ମଧ୍ୟ ବହୁତ ସ୍ମରଣୀୟ ରହିଥିଲା। ଆଗକୁ ଆହୁରି କଠିନ ପରିଶ୍ରମ କରିବା ପାଇଁ ଏହା ମୋତେ ପ୍ରେରଣା ଦେଇଛି।

**ପ୍ର:** ପଢ଼ା ଓ ଚେସ୍ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରୁଛନ୍ତି। କିପରି ସମର୍ଥନ ମିଳୁଛି।

**ଉ-** ମୁଁ ଏବେ ଗ୍ରାଜୁଏଶନର ଶେଷ ସେମିଷ୍ଟାର ଦେବାକୁ ଯାଉଛି। ମାତ୍ର ପିଲାଦିନରୁ ମୁଁ ଯେଉଁ ପନ୍ଥା ଅବଲମ୍ବନ କରିଆସିଛି ଏବେ ମଧ୍ୟ ସେଥିରେ ସ୍ଥିର ରହିଛି। ଅର୍ଥାତ୍ ଯେତେବେଳେ ପରୀକ୍ଷା ସମୟ ହୋଇଥାଏ ମୁଁ ଖେଳକୁ ସାଇଡ୍ କରି ପାଠ ଉପରେ ଶତ ପ୍ରତିଶତ ଫୋକସ କରିଥାଏ। ସେତେବେଳେ ଅନ୍ୟ କିଛି କଥା ଚିନ୍ତା କରି ନ ଥାଏ। ସେହିପରି ଟୁର୍ନାମେଣ୍ଟ ଆସିଲେ ମୁଁ କେବଳ ଖେଳକୁ ହିଁ ଫୋକସ କରିଥାଏ। କଲେଜରୁ ଭରପୂର ସମର୍ଥନ ମିଳି ଆସୁଛି। ତେଣୁ କିଛି ଅସୁବିଧା ହେଉନି।

**ପ୍ର:** ପରବର୍ତ୍ତୀ ଲକ୍ଷ୍ୟ କ'ଣ ରହିଛି।

**ଉ-** ଦିଲ୍ଲୀ ୟୁନିଭର୍ସିଟିରେ ମାଷ୍ଟର୍ସ କରିବାର ଯୋଜନା ରହିଛି। ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବାର ଇଚ୍ଛା ରହିଛି। ତେବେ ପଢ଼ା ସହିତ ଖେଳ ମଧ୍ୟ ଜାରି ରଖିବି।

**ପ୍ର:** ଏବେ କୋଚିଂ କିପରି ନେଉଛନ୍ତି। ଚେସ୍‌କୁ ନେଇ କ'ଣ ଟାର୍ଗେଟ ରହିଛି।

**ଉ-** ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ନର୍ମ ହାସଲ କରିବା ଏବେ ମୋର ପ୍ରଥମ ଲକ୍ଷ୍ୟ। ଦିଲ୍ଲୀରେ ରହୁଥିବାରୁ ଏବେ ଅନ୍‌ଲାଇନ୍‌ରେ ୟୁକ୍ରେନ୍‌ର ଫାରୁଖ ଆମାନାଟୋଭ ଓ ଓଡ଼ିଶାର ସ୍ୱୟମ୍ଭ ମିଶ୍ରଙ୍କଠାରୁ ମୁଁ କୋଚିଂ ନେଉଛି।

**ପ୍ର:** ଓଡ଼ିଶାରେ ଏବେ ଚେସ୍‌ର ପ୍ରଚାର ଓ ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଉଛି, ଏଥିରେ ଆପଣଙ୍କର କ'ଣ ଅନୁଭବ ରହିଛି।

**ଉ-** ପୂର୍ବରୁ ଆମ ରାଜ୍ୟରେ ଚେସ୍‌ରେ ଏତେ ସୁବିଧା ସୁଯୋଗ ନ ଥିଲା। ଏବେ ସରକାରଙ୍କ ଆନ୍ତରିକତା ଯୋଗୁ ତାହା ଉପଲବ୍ଧ ହେଉଛି। ରାଜ୍ୟକୁ ବଡ଼ ଟୁର୍ନାମେଣ୍ଟ ଆଣିବା ସହ 'ପ୍ର-ଚେ-ଷ୍ଟା' ଏକାଡେମୀ ପରି ପଦକ୍ଷେପ ଆମକୁ ମଧ୍ୟ ଉତ୍ସାହିତ କରିଛି। ପୂର୍ବରୁ ଏମିତି ଏକ ସ୍ୱତନ୍ତ୍ର ସ୍ଥାନ ନ ଥିଲା, ଯେଉଁଠି କି ଯାଇ ଆମେ ପ୍ରାକ୍ଟିସ କରିପାରିବୁ। ସରକାରଙ୍କ ପକ୍ଷରୁ ସମର୍ଥନ ମଧ୍ୟ ମିଳୁଛି। ଏବେ ଆମ ରାଜ୍ୟରେ ରହି ପିଲାମାନେ ଉଚ୍ଚସ୍ତରୀୟ କୋଚିଂର ସୁବିଧା ସୁଯୋଗ ପାଇପାରିବେ। କେଉଁଠି କୋଚିଂ ନେବେ ସେ ଟେନ୍‌ସନ ଏବେ ନାହିଁ। ତେଣୁ ଚେସ୍‌କୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ ଏହାର ସୁଯୋଗ ନେବା ଉଚିତ। ତେବେ କଠିନ ପରିଶ୍ରମ ଏବଂ ତ୍ୟାଗର କିଛି ବିକଳ୍ପ ନାହିଁ। ପରିବାରରୁ ସମର୍ଥନ ମଧ୍ୟ ଅତି ଜରୁରୀ। ଏହା ହୋଇପାରିଲେ ଆମ ରାଜ୍ୟର ପିଲାମାନେ ନିଶ୍ଚିତ ଆଗାମୀ ଦିନରେ ବହୁ ଆଗକୁ ଯାଇପାରିବେ ଏଥିରେ ଦ୍ୱିମତ ନାହିଁ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI



# ଗୁଆହାଟୀରେ ନର୍ଥଇଷ୍ଟକୁ ଭେଟିବ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୧।୪**
(ତପନ ସ୍ୱାଇଁ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ଏହାର ଶେଷ ଲିଗ୍ ମ୍ୟାଚ ଶନିବାର ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ବିପକ୍ଷରେ ଖେଳିବ। ଗୁଆହାଟୀସ୍ଥିତ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ନର୍ଥଇଷ୍ଟ ପାଇଁ ଏହା ହେବ ସିଜନର ଶେଷ ମ୍ୟାଚ।

## ଇଣ୍ଡିଆନ ସୁପର ଲିଗ୍

କାରଣ ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବାବେଳେ ନର୍ଥଇଷ୍ଟ ଏଥର ସଫଳ ହୋଇନାହିଁ। ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ କଡ଼ା ସଂଘର୍ଷ ପରେ ୧-୨ ଗୋଲରେ ହାରିଥିବା ଓଡ଼ିଶା ଏଫ୍‌ସି ଆଗାମୀ ମ୍ୟାଚରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରାଙ୍କ ସେବାରୁ ବଞ୍ଚିତ ରହିବ। କାରଣ ଆସନ୍ତା ମ୍ୟାଚ ପାଇଁ ସେ ସସପେଣ୍ଡ ଅଛନ୍ତି। ଅହମଦ ଜାହୋଉ ଦଳକୁ ଫେରିଛନ୍ତି। କଳିଙ୍ଗ ୱାରିୟର୍ସ ଦଳ ୩୯ ପଏଣ୍ଟ ସହିତ ଟେବୁଲର ୪ର୍ଥ ସ୍ଥାନରେ ରହିଛି।

ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରି ପାରିନାହିଁ। ନିକଟ ଅତୀତର ପ୍ରଦର୍ଶନ ଦେଖିବାକୁ ଗଲେ ସେ ଘରୋଇ ପରିବେଶରେ କେରଳ ବ୍ଲାଷ୍ଟର୍ସକୁ ୨-୦ରେ ହରାଇଥିଲେ ହେଁ ଚେନ୍ନାଇନ୍ ଏଫ୍‌ସି ନିକଟରୁ ୧-୨ ଗୋଲରେ ପରାଜିତ ହୋଇଛି। ୨୩ ପଏଣ୍ଟ ସହିତ ଏହି ଦଳ ୯ମ ସ୍ଥାନରେ ରହିଛି। ଆଗାମୀ ମ୍ୟାଚ ବିଶେଷ ଗୁରୁତ୍ୱ ବହନ କରୁ ନ ଥିଲେ ହେଁ ପ୍ଲେ-ଅଫ୍ ପୂର୍ବରୁ ବିଜୟ ମୋମେଣ୍ଟମ ଲକ୍ଷ୍ୟରେ ରହିବ ଓଡ଼ିଶା ଏଫ୍‌ସି। ଉଭୟ ଦଳ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ବିଜୟୀ ହୋଇଥିଲା।

ଲୋବେରାଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ଫ୍ଲୟଡ ପିଣ୍ଟୋଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ ଖେଳିବ। “ସିଜନର ଶେଷ ଲିଗ୍ ମ୍ୟାଚ ହୋଇଥିବାରୁ ଓଡ଼ିଶା ଏଫ୍‌ସି ୩ ପଏଣ୍ଟ ପାଇଁ ଖେଳିବ। ପ୍ରଭାବୀ ପ୍ରଦର୍ଶନ ଯୋଗୁ ଲିଗ୍ ଆରମ୍ଭରୁ ଏପର୍ଯ୍ୟନ୍ତ ଟପ୍-୬ରେ ରହି ଆସିଛୁ ଏବଂ ଏକ ସମୟରେ ଲିଗ୍ ଶିଲ୍ଡ ପାଇଁ ଦାବିଦାର ମଧ୍ୟ ଥିଲୁ। ଆମେ ୩ ପଏଣ୍ଟ ହାସଲ କରି ପ୍ଲେ-ଅଫ୍ ଖେଳିବାକୁ ଲକ୍ଷ୍ୟ ରଖିଛୁ। ଆମେ ଆମ ସମର୍ଥକଙ୍କ ପାଇଁ କିଛି ହାସଲ କରିବା ଲକ୍ଷ୍ୟରେ ରହିଛୁ, କାରଣ ଆମେ ଏବେ ଲିଗ୍‌ର ଯେ କୌଣସି ଦଳକୁ ଚ୍ୟାଲେଞ୍ଜ ଦେଇପାରିବା ନେଇ ଆତ୍ମବିଶ୍ୱାସରେ ରହିଛୁ” ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ସହକାରୀ କୋଚ୍ ଫ୍ଲୟଡ ପିଣ୍ଟୋ ପ୍ରକାଶ କରିଛନ୍ତି। ମୁମ୍ବାଇ ବିପକ୍ଷରେ ଦଳ ଲଢ଼େଇ କରି ପରାଜିତ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ପୂର୍ବରୁ ଏହା ଖେଳାଳିଙ୍କ ମନୋବଳ ଉପରେ ବିଶେଷ ପ୍ରଭାବ ପକାଇ ନାହିଁ ବୋଲି ସେ କହିଛନ୍ତି। ଓଡ଼ିଶା ଏଫ୍‌ସିର ଅନ୍ୟତମ ମୁଖ୍ୟ ଖେଳାଳି ଡିଏଗୋ ମରିସିଓ କହିଛନ୍ତି ଯେ, “ନର୍ଥଇଷ୍ଟ ବିପକ୍ଷ ମ୍ୟାଚ ଚ୍ୟାଲେଞ୍ଜିଂ ହେବ। ଯଦିଓ ଏହି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରି ପାରିନାହିଁ ତେବେ ନିଜ ପ୍ରଶଂସକଙ୍କ ପ୍ରତି ପ୍ରତିବଦ୍ଧତା ଏବଂ ଘରୋଇ ପରିବେଶରେ ସିଜନର ଶେଷ ମ୍ୟାଚ ଖେଳିବାକୁ ଯାଉଥିବାରୁ ଏହି ଦଳକୁ ହାଲ୍‌କାଭାବେ ନେଇ ହେବନାହିଁ।


ଫ୍ଲୟଡ ପିଣ୍ଟୋ ଓ ଡିଏଗୋ ମରିସିଓ। (ଫଟୋ: ବିକାଶ ନାୟକ)

# ପ୍ଲେ ଅଫ୍ କାର୍ଯ୍ୟସୂଚୀ ଘୋଷିତ

**ମୁମ୍ବାଇ,୧୧।୪(ପି.ଟି.):** ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍) ପକ୍ଷରୁ ଏହାର ପ୍ଲେ ଅଫ୍ ଓ ଫାଇନାଲ ମ୍ୟାଚ୍ ପାଇଁ ତାରିଖ ଗୁରୁବାର ଘୋଷଣା କରାଯାଇଛି। ଏପ୍ରିଲ୍ ୧୯ ତାରିଖରୁ ପ୍ଲେ ଅଫ୍ ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ମେ’ ୪ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲ ମ୍ୟାଚ୍ ପାଇଁ ଭେନ୍ୟୁ ଏଯାଏ ନିର୍ଦ୍ଧାରିତ ହୋଇ ନ ଥିବା ବେଳେ ଆଗାମୀ ସମୟରେ ଏହା ଘୋଷଣା କରାଯିବ ବୋଲି ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ(ଏଫ୍ଏସ୍‌ଡିଏଲ) ପକ୍ଷରୁ ଘୋଷଣା କରାଯାଇଛି। ପ୍ଲେ ଅଫ୍ ପାଇଁ ୬ ଟିମ୍ ଯୋଗ୍ୟତା ହାସଲ କରିସାରିଛନ୍ତି। ମୁମ୍ବାଇ ସିଟି ଏଫ୍‌ସି, ମୋହନ ବାଗାନ ସୁପର ଜାଏଣ୍ଟ, ଏଫ୍‌ସି ଗୋଆ, ଓଡ଼ିଶା ଏଫ୍‌ସି, କେରଳ ବ୍ଲାଷ୍ଟର୍ସ ଓ ଚେନ୍ନାଇନ୍ ଏଫ୍‌ସି ପ୍ଲେ ଅଫ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି। ମୁମ୍ବାଇ ସିଟି ଏଫ୍‌ସି ଓ ମୋହନ ବାଗାନ ଆଇଏସ୍ଏଲ୍ ସିଲ୍ଡ ଦୌଡରେ ରହିଛନ୍ତି। ପ୍ରଥମ ଦୁଇ ସ୍ଥାନରେ ଥିବା ଦଳ ସିଧାସଳଖ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୪ ଦଳ ପ୍ଲେ ଅଫ୍ ଖେଳିବା ପରେ ଦୁଇଟି ଦଳ ସେମିଫାଇନାଲ ଖେଳିବେ। ଏପ୍ରିଲ ୧୯ ଓ ୨୦ ତାରିଖରେ ଦୁଇଟି ନକ୍ଆଉଟ ମ୍ୟାଚ୍ ଖେଳାଯିବ। ୩ରୁ ୬ ନମ୍ବର ସ୍ଥାନରେ ଥିବା ଦଳ ଏଥିରେ ଖେଳିବେ। ସେହିପରି ସେମିଫାଇନାଲ ମ୍ୟାଚ୍ ଦୁଇଟି ଲେଗ୍‌ରେ ଖେଳାଯିବ। ହୋମ୍ ଓ ଆୱେ ଫର୍ମାଟରେ ଏହା ଖେଳାଯିବାକୁ ଥିବା ବେଳେ ୨୩ ଓ ୨୪ ତାରିଖରେ ପ୍ରଥମ ଚରଣ ଏବଂ ୨୮ ଓ ୨୯ ତାରିଖରେ ଦ୍ୱିତୀୟ ଚରଣର ସେମିଫାଇନାଲ ଖେଳାଯିବ। ସେହିପରି ମେ’ ୪ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

**ପ୍ଲେ ଅଫ୍ କାର୍ଯ୍ୟସୂଚୀ:**
ନକ୍ଆଉଟ- ଏପ୍ରିଲ ୧୯ ଓ ୨୦
ସେମିଫାଇନାଲ ପ୍ରଥମ ଚରଣ- ଏପ୍ରିଲ୍ ୨୩ ଓ ୨୪
ସେମିଫାଇନାଲ ଦ୍ୱିତୀୟ ଚରଣ- ଏପ୍ରିଲ୍ ୨୮ ଓ ୨୯
ଫାଇନାଲ- ମେ ୪

# ଅଗ୍ରଣୀ ବଜାୟ ରଖିଲେ ଗୁକେଶ


ମ୍ୟାଚ୍ ଅବସରରେ ଭିଦିତ ଗୁଜରାଠୀ (ବାମ)।

## କ୍ୟାଣ୍ଡିଡେଟ୍ସ ଚେସ୍

**ଟରଣ୍ଟୋ,୧୧।୪(ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଷଷ୍ଠ ରାଉଣ୍ଡ ସୁଦ୍ଧା ଯୁଗ୍ମ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଗୁରୁବାର ଆର୍. ପ୍ରଜ୍ଞାନନ୍ଦ ଓ ଭିଦିତ ଗୁଜରାଠୀ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଗୁକେଶ ଅମୀମାଂସିତ ରଖିଥିଲେ। ୧୭ ବର୍ଷୀୟ ଗୁକେଶ ଓ ରୁଷିଆର ଇଆନ ନେପୋମନିଆଚି ୪ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି।

ପ୍ରଜ୍ଞାନନ୍ଦ ଆଜରବୈଜାନର ନିଜତ ଆବାସୋଭଙ୍କୁ ପରାସ୍ତ କରିଥିବା ବେଳେ ଫ୍ରାନ୍ସର ଅଲିରେଜାଙ୍କୁ ହରାଇଥିଲେ ଭିଦିତ ଗୁଜରାଠୀ। ଶୀର୍ଷ ସ୍ଥାନ ବଜାୟ ରଖିଥିବା ଗୁକେଶ ଆମେରିକୀୟ ହିକାରୁ ନାକାମୁରାଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ଫିଡେ ପତାକା ଅଧୀନରେ ଖେଳୁଥିବା ଇଆନ ନେପୋମନିଆଚି ଆମେରିକୀୟ ଫାବିଆନୋ କାରୁଆନାଙ୍କ ସହ ଡ୍ର ରଖିଥିଲେ। ପ୍ରଜ୍ଞାନନ୍ଦ ଓ କାରୁଆନା ୩.୫ ପଏଣ୍ଟ ଲେଖାଏ ପାଇ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ନାକାମୁରା ଏବଂ ଗୁଜରାଠୀ ୩ ପଏଣ୍ଟ ସହିତ ମିଳିତ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଅଲିରେଜା ଓ ଆବାସୋଭ ୧.୫ ପଏଣ୍ଟ ସହିତ ଶେଷ ସ୍ଥାନରେ ରହିଛନ୍ତି। ଏହା ସହ ଅଲିରେଜା ଓ ଆବାସୋଭଙ୍କ ପାଇଁ ଟୁର୍ନାମେଣ୍ଟ ଶେଷ ହୋଇଛି। ଭାରତୀୟ ମହିଳା ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଆର୍. ବୈଶାଳୀ ଓ କୋନେରୁ ହମ୍ପି ନିଜ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ପ୍ରଜ୍ଞାନନ୍ଦଙ୍କ ବଡ ଭଉଣୀ ଆର୍. ବୈଶାଳୀ ରୁଷିଆର କାଟେରିନା ଲାଗ୍ନୋଙ୍କଠାରୁ ପରାଜିତ ହୋଇଥିଲେ। କୋନେରୁ ହମ୍ପି ମଧ୍ୟ ଚାଇନାର ଟିଙ୍ଗଜିଏଙ୍କ ନିକଟରୁ ପରାଜିତ ହୋଇଛନ୍ତି। ବୁଲଗେରିଆର ନୁରଗ୍ୟୁଲ ସାଲିମୋଭା ନିଜ ମ୍ୟାଚ୍‌ରେ ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚିକ୍ନାଙ୍କୁ ପରାସ୍ତ କରିଛନ୍ତି। ଚାଇନାର ଝୋଙ୍ଗୀ ଟାନ୍ ୟୁକ୍ରେନ୍‌ର ଆନା ମୁଜିଚୁକଙ୍କୁ ହରାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟାନ୍ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଆର୍. ବୈଶାଳୀ ଓ ସାଲିମୋଭା ୨.୫ ପଏଣ୍ଟ ସହ ମିଳିତ ଭାବରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ତେବେ ଅନ୍ୟତମ ଭାରତୀୟ କୋନେରୁ ହମ୍ପି ୨ ପଏଣ୍ଟ ସହିତ ଶେଷରେ ରହିଛନ୍ତି।

# ମଣ୍ଟେ କାର୍ଲୋ ମାଷ୍ଟର୍ସ: ରୁନ୍‌ଙ୍କଠାରୁ ହାରିଗଲେ ନାଗାଲ

**ମଣ୍ଟେ କାର୍ଲୋ, ୧୧।୪ (ପି.ଟି.)**

ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତର ସୁମିତ ନାଗାଲ। ବିଶ୍ୱର ୭ ନମ୍ବର ଖେଳାଳି ହୋଲଗର ରୁନ୍‌ଙ୍କଠାରୁ ସେ ୩-୬, ୬-୩, ୨-୬ରେ ହାରିଯାଇଛନ୍ତି। ମର୍ଯ୍ୟାଦାପୂର୍ଣ୍ଣ କ୍ଲେକୋର୍ଟ ଇଭେଣ୍ଟର ଏହି ମ୍ୟାଚ ଦୁଇଘଣ୍ଟା ୧୧ ମିନିଟ ଧରି ଚାଲିଥିଲା। କ୍ୱାଲିଫାୟର ବାଟ ଦେଇ ମୁଖ୍ୟ ଡ୍ରରେ ପ୍ରବେଶ କରିଥିବା ନାଗାଲ ପ୍ରଥମ ରାଉଣ୍ଡରେ ଇଟାଲୀର ମାଟେଓ ଅର୍ନାଲ୍‌ଡିଙ୍କ ବିପକ୍ଷରେ ୫-୭, ୬-୨, ୬-୪ ସେଟ୍‌ରେ ଚମକପ୍ରଦ ବିଜୟ ହାସଲ କରିଥିଲେ।

TVS
ଆପଣଙ୍କ ମନପସନ୍ଦ ପ୍ରିୟ ଗାଡ଼ି
₹3300## ପର୍ଯ୍ୟନ୍ତ ନଗଦ ରିହାତି ସହିତ
ଡାଉନ୍ ପେମେଣ୍ଟ ଆରମ୍ଭ ₹3333#
କ୍ୟାଶ୍‌ବ୍ୟାକ୍ ₹5000# ପର୍ଯ୍ୟନ୍ତ



ଏକ୍ସ-ଶୋରୁମ୍ ପ୍ରାଇସ୍ ₹77 313^ ରୁ ଆରମ୍ଭ
ଏକ୍ସ-ଶୋରୁମ୍ ପ୍ରାଇସ୍ ₹61 890** ରୁ ଆରମ୍ଭ
ଏକ୍ସ-ଶୋରୁମ୍ ପ୍ରାଇସ୍ ₹44 999* ରୁ ଆରମ୍ଭ

TVS Radeon ଦୃଢ଼ ରହ ଦୃଢ଼ ବଢ଼
TVS Sport ମାଇଲେଜ୍ କା ବାପ୍
TVS XL100

## ₹ 3 300 Cash discount on Ex-showroom price of TVS Sport ELS Variant. ₹ 2 000 Cash discount on Ex-showroom price of TVS Sport ES Variant. ₹ 2 100 Cash discount on Ex-showroom price of TVS XL100 all Variants. # Finance offer valid with select financier & it is on sole discretion of the financier. Offers cannot be clubbed. Offer valid for a limited period only.
^ Ex-showroom price of TVS Radeon BS VI Base Edition Variant in Odisha. ** Ex-showroom price of TVS Sport Self Start Electric Start Alloy Wheel Variant in Odisha.* Ex-showroom price of TVS XL100 Heavy Duty Kick Start Variant in Odisha. Accessories shown may not be part of the standard fitment. For further details, please visit https://www.tvsmotor.com. T&C Apply.

TVS 3 YEAR WARRANTY TVS CREDIT L&T Finance IDFC FIRST Bank ALWAYS YOU FIRST HDFC BANK SHRIRAM Finance

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701, Bhapur: 7389040805, Daspalla: 9938375040, Baghamari: 9437015363, Gothopatna: 8249710415, Jatani: 7077588558, 9124605556, Balugaon: 9937886712, Nirakarpur: 7735402179, 8658517804, Bhubaneshwar: 9337022334, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 8249769742, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458, Pattamundai: 9938602209, Marshaghai: 9938837705, Rajnagar: 9439650236, Garadapur: 9437527214, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 7440037801, Nischintakoili: 9337438686, Kandarpur: 9090098000, Sisua: 8018556514, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Paradeep: 9938810126.
dentsu/dha bhu/01/24